

**ବିକାଶଙ୍କ ବାୟୋପିକ୍ ନିର୍ମାଣ କରିବେ ଅମୀର**

▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-333 ◆BHUBANESWAR ◆THURSDAY ◆30 MAY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୩ ◆ଭୁବନେଶ୍ୱର ◆ଗୁରୁବାର ◆୩୦ ମେ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


ବିଜୁ ଜନତା ଦଳ

# ଓଡ଼ିଶାର ଅଧିକାର ଉପେକ୍ଷା କଲେ କେନ୍ଦ୍ର ସରକାର



## ଭାଷା ଓ ସଙ୍ଗୀତ

ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ବିକାଶ ପାଇଁ କୌଣସି ଅନୁଦାନ ଦେଲେ ନାହିଁ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତାର ଦାବିକୁ ବାରମ୍ବାର ପ୍ରତ୍ୟାଖ୍ୟାନ କଲେ ।



## ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

ବିଜେପି ନିଜ ମେନିଫେଷ୍ଟୋରେ ପ୍ରତିଶୃତି ଦେବା ପରେ ମଧ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେଲା ନାହିଁ ।




## ଭାରତ ରତ୍ନ

ଓଡ଼ିଶାରୁ କୌଣସି ବ୍ୟକ୍ତିଙ୍କୁ ଭାରତ ରତ୍ନ ଦେଲେ ନାହିଁ । ତିନୋଟି ଦେଶର ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ ବିଜୁ ପଟ୍ଟନାୟକଙ୍କୁ ବି ଭାରତ ରତ୍ନ ପାଇଁ ଯୋଗ୍ୟ ଭାବିଲେ ନାହିଁ ।



## ମହାନଦୀ ପ୍ରସଙ୍ଗ

ମହାନଦୀ ପ୍ରସଙ୍ଗରେ ଓଡ଼ିଶାକୁ ଅଣଦେଖା କରି ଛତିଶଗଡ଼କୁ ସମର୍ଥନ କଲେ କେନ୍ଦ୍ର ସରକାର । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଚାଷୀଙ୍କୁ ପାଣି ମିଳିଲା ନାହିଁ କିନ୍ତୁ ବର୍ଷା ବେଳେ ଭୋଗୁଛନ୍ତି ବନ୍ୟାର ଦୁଃଖ ।



## କୋଇଲା ରୟାଲଟି

ଓଡ଼ିଶାର କୋଇଲାରୁ କେନ୍ଦ୍ର ବର୍ଷକୁ ₹୨୭,୦୦୦ କୋଟି ଆଦାୟ କରୁଛି କିନ୍ତୁ ଗତ ୧୦ ବର୍ଷରେ ଟଙ୍କାଟିଏ ରୟାଲଟି ବଢ଼ାଇଲେ ନାହିଁ ।



## ରେଳବାଇ

ରେଳ ସେବାରୁ ଓଡ଼ିଶାରୁ ପ୍ରତି ବର୍ଷ ₹୨୦ ହଜାର କୋଟି ଆଦାୟ ସତ୍ତ୍ୱେ ବିହାର ଓ ପଶ୍ଚିମବଙ୍ଗ ତୁଳନାରେ ଓଡ଼ିଶାରେ କମ୍ ରେଳ ସଂଯୋଗ ଅଛି । ଗତ ୬ ବର୍ଷରେ ନୂଆ ରେଳ ଲାଇନଟିଏ କଲେ ନାହିଁ ବରଂ ଓଡ଼ିଶାରେ ୩୦୦ରୁ ଅଧିକ ଷ୍ଟେସନରେ ଟ୍ରେନ ରହଣି ବନ୍ଦ କଲେ ।



## ମୋବାଇଲ ନେଟୱର୍କ

ମୋବାଇଲ ନେଟୱର୍କର ପ୍ରତିଷ୍ଠା କେନ୍ଦ୍ର ସରକାରଙ୍କ ଦାୟିତ୍ୱ କିନ୍ତୁ ଓଡ଼ିଶାର ଦୁଃଖ ଯେ, ରାଜ୍ୟର ୫୦୦୦ ଗାଁ'ରେ ଆଜି ବି ମୋବାଇଲ ନେଟୱର୍କ ନାହିଁ ।



## ବ୍ୟାଙ୍କ ସେବା

ଓଡ଼ିଶାର ୬୫ ପ୍ରତିଶତରୁ ଅଧିକ ସ୍ଥାନରେ କେନ୍ଦ୍ର ସରକାର ବ୍ୟାଙ୍କ ସେବା ଦେଲେ ନାହିଁ ସେଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ଖର୍ଚ୍ଚ କରି 'ଆମ ବ୍ୟାଙ୍କ' ସେବା ଜରିଆରେ ପ୍ରତିଟି ପଞ୍ଚାୟତରେ ବ୍ୟାଙ୍କ ସେବା ଆରମ୍ଭ କରିଛନ୍ତି ।



## ଜାତୀୟ ରାଜପଥ (NH)

ଓଡ଼ିଶାରେ କୌଣସି ନୂଆ NH ନିର୍ମାଣ କଲେ ନାହିଁ । ୧୦ ବର୍ଷରେ NH-55ର ନିର୍ମାଣ କାମ ସରିଲା ନାହିଁ । ଉପକୂଳ ରାଜପଥର (COASTAL HIGHWAY) ପ୍ରତିଶୃତି କେବଳ ପ୍ରତିଶୃତି ହୋଇ ରହିଲା । ଭୁବନେଶ୍ୱର-ପୁରୀ NH ଆଜି ବି ଅବହେଳିତ ।

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ** ଲୋକସଭା ବିଧାନସଭା

PUBLISHED BY BIJU JANATA DAL, SANKHA BHAWAN , UNIT 6, BHUBANESWAR


SIDDHI VINAYAK
HIGHER SECONDARY SCHOOL
RESIDENTIAL +2 SCIENCE COLLEGE
PACHHUDIA, JUJHESTIPUR, BALASORE
SVHSS
SIDDHI VINAYAK
CONGRATULATION
District Topper
560 JEEBANJYOTI RATHA R. No.-376AA002
A1
District Topper
560 SAIKISHAN TRIPATHY R. No.-376AA004
Permanent Recognized by Govt. of Odisha & Affiliated to CHSE
A Leading Residential +2 Science College with integrated coaching for Medical & Engineering and Excellent Result Since 2010
TOTAL APPEARED 221
100% RESULTS
ABOVE 500 MARK 16
100% RESULTS
1ST DIVISION 199
2ND DIVISION 22
CHSE RESULT ABOVE 80% MARKS
539 PRIYANKA DASH R. No.-376AA125
527 SUMIT KAR R. No.-376AA101
523 MOHIT KU. MOHANTA R. No.-376AA027
521 MAUSUMI M. MAHURI R. No.-376AA147
518 HIMANSHU KU. ROUT R. No.-376AA009
517 SUMITRA PATRA R. No.-376AA126
516 BHAKTIKANTA BEHERA R. No.-376AA117
515 SATYASHIBAM BARIK R. No.-376AA211
509 BIBHUTI BHUSAN KAR R. No.-376AA008
507 DEBIDUTTA RAUT R. No.-376AA005
507 KRISHNA RANI DAS R. No.-376AA128
506 SARBANI KHILAR R. No.-376AA123
503 PRIYANKA P. DEY R. No.-376AA163
501 SURYASNATA MISHRA R. No.-376AA007
499 MONALISA DAS R. No.-376AA129
490 SMRUTIREKHA SAHOO R. No.-376AA142
490 BARSHA P. JANA R. No.-376AA152
490 JIGYANSHA JENA R. No.-376AA155
486 RAKESH KU. DAS R. No.-376AA042
485 PRABINA KU. DIKSHIT R. No.-376AA017
485 TARUN KU. PRADHAN R. No.-376AA082
485 LALKRUSHNA PURTY R. No.-376AA104
481 SHIBASHANKAR BERA R. No.-376AA038
480 HARISH KU. BEHERA R. No.-376AA055
480 MANASI GOCHHAYAT R. No.-376AA151
480 NIKITA DAS R. No.-376AA201
➢ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ପାସହାର ୧୦୦ ଶତକଡ଼ା ହୋଇଛି ।
➢ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ସଂଖ୍ୟା ୧୯୯ (୯୦%) ।
➢ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ସଂଖ୍ୟା ୨୨ (୧୦%) ।
100% Result
With Best Complements from : Sumanta Kumar Sahu (Principal), Kabir Kumar Madhual (Chairman), Sudhansu Panda (Secretary), Mousam Kumar Singh (President), all Trustees & Staff.
Admission going on for the session 2024-25
For Admission Contact - 9437976583, 9437061219, 7064489000, 7064489001, 7064489005, 7064489015

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-333 ◆BHUBANESWAR ◆THURSDAY ◆30 MAY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୩ ◆ଭୁବନେଶ୍ୱର ◆ଗୁରୁବାର ◆୩୦ ମେ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


# ରୁଦ୍ର ଏମ୍‌-୨ର ସଫଳ ପରୀକ୍ଷଣ



■ ବାଲେଶ୍ୱର, ୨୯।୫ (ସମିସ): ଚାନ୍ଦିପୁରସ୍ଥିତ ଆଇଟିଆର୍ ପରିସରରେ ଆଜି ପୂର୍ବାହ୍ନ ୧୧ଟା ୩୦ରେ ଡିଆରଡିଓ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର 'ରୁଦ୍ର ଏମ୍-୨'ର ସଫଳ ପରୀକ୍ଷଣ ହୋଇଛି। ଭାରତୀୟ ବାୟୁସେନାର ବିମାନ ସୁଖୋଇ-୩୦ ଏମ୍‌କେଆଇ ବିମାନରୁ ଏହାର ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ବେଳେ କ୍ଷେପଣାସ୍ତ୍ରର ପ୍ରତ୍ୟେକ ଗତିବିଧିକୁ ଲକ୍ଷ୍ୟ ଓ ନିୟନ୍ତ୍ରଣ କରିବା ପାଇଁ ଇଲେକ୍ଟ୍ରୋ ଅପ୍ଟିକାଲ ସିଷ୍ଟମ୍ ରାଡାର୍ ତଥା ଟେଲିମେଟ୍ରୋ ଷ୍ଟେସନ୍ ଭଳି ଟ୍ରାକିଂ ଉପକରଣର ବ୍ୟବହାର କରାଯାଇଥିଲା। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏକ ନିର୍ଦ୍ଦିଷ୍ଟ ଇନ୍ଧନ ଦ୍ୱାରା ଚାଳିତ ହେଉଥିବା ଏହି କ୍ଷେପଣାସ୍ତ୍ର ଆକାଶପଥରୁ ଭୂପୃଷ୍ଠରେ ଥିବା ଶତ୍ରୁପକ୍ଷକୁ ଧରାଶାୟୀ କରିପାରିବ। ଆଜିର ପରୀକ୍ଷଣ ବେଳେ ଡିଆର୍‌ଡିଓର ବୈଜ୍ଞାନିକ, ବରିଷ୍ଠ ଇଞ୍ଜିନିୟର୍ ଏବଂ ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ▶▶ ପ୍ରଧାନମନ୍ତ୍ରୀଙ୍କୁ ରୋକ୍‌ଠୋକ୍ ଜବାବ ଦେଲେ ମୁଖ୍ୟମନ୍ତ୍ରୀ

# ଭୋଟ ପାଇଁ ମୋଦୀଙ୍କୁ ମୋ ସ୍ୱାସ୍ଥ୍ୟ ଚିନ୍ତା

### ମୁଁ ସମ୍ପୂର୍ଣ୍ଣ ସୁସ୍ଥ; ଏତେ ଖରାରେ ବି ବୁଲିବୁଲି ନିର୍ବାଚନ ପ୍ରଚାର କରୁଛି



- **ପ୍ରଧାନମନ୍ତ୍ରୀ ଯଦି ଏତେ ଚିନ୍ତିତ ତେବେ ଥରେ ମୋତେ ଫୋନ କରିପାରିଥାନ୍ତେ**
- **ମୋର ସ୍ୱାସ୍ଥ୍ୟ ସମ୍ପର୍କରେ ଗୁଜବର ତଦନ୍ତ ପାଇଁ କମିଟି ଗଠନ କରନ୍ତୁ**
- **୧୦ ବର୍ଷ ହେଲା ଓଡ଼ିଶା ଓ ଦିଲ୍ଲୀ ବିଜେପି ନେତା ମୋ ସ୍ୱାସ୍ଥ୍ୟର ଗୁଜବ କରୁଛନ୍ତି**
- **କୋଇଲା ରାଜଭାଗ ବୃଦ୍ଧି ଓ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ପୂରଣ କରନ୍ତୁ**

■ ଭୁବନେଶ୍ୱର, ୨୯।୫ (ସମିସ): ନିର୍ବାଚନ ପ୍ରଚାର ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଚିନ୍ତାବ୍ୟକ୍ତ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୋକ୍‌ଠୋକ୍ ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୃଢ଼ ଓ ଦୃପ୍ତ ସ୍ୱରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି, ଏତେ ଗରମରେ ରାଜ୍ୟସାରା ବୁଲି ନିର୍ବାଚନ ପ୍ରଚାର କରୁଛି; ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ କେବଳ ଭୋଟ ପାଇଁ ଉଦ୍ଦିଷ୍ଟ। ଯଦି ସତରେ ମୋର ସ୍ୱାସ୍ଥ୍ୟ ପାଇଁ ପ୍ରଧାନମନ୍ତ୍ରୀ ଏତେ ଚିନ୍ତିତ ତେବେ ବନ୍ଧୁ ଭାବରେ ମୋତେ ସିଧାସଳଖ ଫୋନ୍ କରି ପଚାରି ପାରିଥାଆନ୍ତେ। ତେଣୁ ମୋର ସ୍ୱାସ୍ଥ୍ୟ ସମ୍ପର୍କରେ ତଦନ୍ତ କରିବାକୁ କମିଟି ଗଠନ କରିବା ପରିବର୍ତ୍ତେ ଯେଉଁମାନେ ମୋର ସ୍ୱାସ୍ଥ୍ୟକୁ ନେଇ ଗୁଜବ କରୁଛନ୍ତି ଏବଂ ଅପପ୍ରଚାର କରୁଛନ୍ତି, ତାହାର ତଦନ୍ତ ପାଇଁ କମିଟି ଗଠନ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପରାମର୍ଶ ଦେଇଛନ୍ତି ନବୀନ।

ମୟୂରଭଞ୍ଜରେ ଏକ ନିର୍ବାଚନ ସମାବେଶରେ ପ୍ରଧାନମନ୍ତ୍ରୀ ▶ପୃଷ୍ଠା-୧୩

**ରାଜ୍ୟବାସୀଙ୍କ ସାଥୀରେ ଅଛି, ଶେଷ ପର୍ଯ୍ୟନ୍ତ ରହିବି: ନବୀନ**

## ଉତ୍ତର ଦେବେ ରାଜ୍ୟବାସୀ

■ ଭୁବନେଶ୍ୱର, ୨୯।୫ (ସମିସ): ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ମୋ ନିଜ ପରିବାର ଭାବି ମୁଁ ସେମାନଙ୍କ ସେବା କରି ଆସୁଛି। ସୁଖ, ଦୁଃଖରେ ସବୁବେଳେ ମୁଁ ଆପଣମାନଙ୍କ ସାଥୀରେ ରହିଛି। କୋଭିଡ୍ ମୁକାବିଲା, ବନ୍ୟା ଓ ବାତ୍ୟା ଆଦି ସବୁ କ୍ଷେତ୍ରରେ ମୁଁ ରାଜ୍ୟବାସୀଙ୍କ ପଛରେ ଛିଡ଼ା ହୋଇଛି ଏବଂ ଶେଷ ପର୍ଯ୍ୟନ୍ତ ଛିଡ଼ା ହୋଇଥିବି। ମୋ ପ୍ରତି ପ୍ରତ୍ୟେକ କଟୁ ମନ୍ତବ୍ୟର ଉତ୍ତର ରାଜ୍ୟବାସୀ ଦେବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବୁଧବାର ଏକ ଭିଡ଼ିଓ ବାର୍ତ୍ତାରେ ତାଙ୍କ ପ୍ରତି ବିଜେପିର ନେତୃବର୍ଗଙ୍କ କଟୁ ମନ୍ତବ୍ୟ ଓ ଅଶାଳୀନ ଭାଷା ପ୍ରୟୋଗ ପ୍ରସଙ୍ଗ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ମିଶନ ଶକ୍ତି ମା'ମାନଙ୍କ ଅପାର ସଫଳତା ତାଙ୍କୁ ବହୁତ ଖୁସି ଦେଇଛି। ଏହାସହିତ ରାଜ୍ୟର ଯୁବପିଢ଼ିମାନେ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ୁଛନ୍ତି। ଯୁବ ଶକ୍ତି ଓଡ଼ିଶାକୁ ଆଗକୁ ନେବ ଓ ଦେଶରେ ରାଜ୍ୟକୁ ୧ ନଂ କରିବେ। କିନ୍ତୁ ଦୁଃଖର କଥା ଯେ ବାହାର ନେତାମାନେ ଓଡ଼ିଶା ଆସି ତାଙ୍କୁ ବ୍ୟକ୍ତିଗତ ଆକ୍ରମଣ କରୁଛନ୍ତି। କଟୁ କଥା ସହ ଅଭଦ୍ର ଭାଷା ବ୍ୟବହାର କରୁଛନ୍ତି। ତେବେ ସେ କେବେ କାହାକୁ ଅସମ୍ମାନ କରିନାହାନ୍ତି, କଟୁ ମନ୍ତବ୍ୟ ଦେଇ ନାହାନ୍ତି। ଓଡ଼ିଶାବାସୀ ବିଶେଷ କରି ରାଜ୍ୟର ମା' ଓ ଯୁବ ବର୍ଗମାନେ ତାଙ୍କ ପ୍ରତି ବିଜେପି ନେତାମାନେ ପ୍ରୟୋଗ କରୁଥିବା କଟୁ କଥାର ଉଚିତ ଜବାବ ଦେବେ। ଆସନ୍ତା ୧ ତାରିଖରେ ଭୋଟ୍ ଜରିଆରେ ଏହି ଜବାବ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଯଶୀପୁର, ସାରସକଣା, ବାଙ୍ଗିରିପୋଷି, ମୋରଡ଼ା ଓ ଉଦଳାରେ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର

# କାମର ହିସାବ ରଖିଲେ, ବିକାଶର ଗ୍ୟାରେଣ୍ଟି ଦେଲେ

■ ଭୁବନେଶ୍ୱର, ୨୯।୫ (ସମିସ): ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ନିଜ ପରିବାର ଭାବି ନବୀନ ପଟ୍ଟନାୟକ ସେବା କରୁଛନ୍ତି। ସେ ରାଜନୀତି କରୁନାହାନ୍ତି, ଭୋଟ ପାଇଁ କାମ କରୁନାହାନ୍ତି; ସେବା ଜରିଆରେ ସେ ଆପଣମାନଙ୍କ ଆଶୀର୍ବାଦ କାମନା କରୁଛନ୍ତି। ଆପଣମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଓ ଆପଣଙ୍କ ପିଲାଛୁଆଙ୍କ ଉନ୍ନତି ପାଇଁ ତାଙ୍କୁ ପୁଣି ଥରେ କାମ କରିବାକୁ ସୁଯୋଗ ଦିଅନ୍ତୁ ବୋଲି ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ନିବେଦନ କରିଛନ୍ତି। ବୁଧବାର ମୟୂରଭଞ୍ଜ ଲୋକସଭାକ୍ଷେତ୍ରର ଯଶୀପୁର, ସାରସକଣା, ବାଙ୍ଗିରିପୋଷି, ମୋରଡ଼ା ଓ ଉଦଳାରେ ନିର୍ବାଚନ ପ୍ରଚାର କରି ଶ୍ରୀ ପାଣ୍ଡିଆନ ବିରୋଧୀଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ ବହୁତ ନେତା ଅଛନ୍ତି, କେବଳ ନିର୍ବାଚନ ଆସିଲେ ଲୋକଙ୍କ କଥା ମନେପଡ଼େ। ସେମାନେ ଲୋକଙ୍କ ପାଖକୁ ▶ପୃଷ୍ଠା-୧୩

- **ଆପଣମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କାମ କରିବାର ସୁଯୋଗ ଦିଅନ୍ତୁ**
- **ଆଦିବାସୀ କଳା, ସଂସ୍କୃତି, ପୂଜାସ୍ଥଳୀର ସୁରକ୍ଷା ଲାଗି ଗଠନ ହୋଇଛି ଏସ୍‌ଡିସି**
- **ଏଭଳି ପଦକ୍ଷେପ ସାରା ଭାରତବର୍ଷରେ କେବଳ ନବୀନ ବାବୁ ନେଇଛନ୍ତି**
- **ଆଦିବାସୀମାନଙ୍କ ଉପରୁ ଛୋଟବଡ଼ ୫୦ ହଜାର ପୁଲିସ କେସ୍ ରଦ୍ଦ ହୋଇଛି**
- **ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀଙ୍କ ପାଇଁ 'ଲାଭ' ଯୋଜନା**



## ଲୋକକଥା



ପରାଜୟ ଭୟ ମନକୁ ଘାରିଛି
ବୋଲି ହଉଚନ୍ତି ରାମ୍ପି-ବିଦାରି,
କାହାକୁ ପିଟନ୍ତି କା ଗାଡ଼ି ଭାଙ୍ଗନ୍ତି
ଗୁଣ୍ଡାଗର୍ଦ୍ଦି ବାଟ ନେଇ ଆଦରି !
ଧନ୍ୟ ଧନ୍ୟ ଫୁଲ ଦଳ କାଣ୍ଡାରୀ,
ଓଷଦ ବିକଲେ ତାଟିଆ କାମୁଡ଼ି
ହିତାହିତ ଜ୍ଞାନ ଦେଇ ପାସୋରି !!

# ଜଳୁଛି ପଶ୍ଚିମ, ସିଝୁଛି ଉପକୂଳ

### ଆହୁରି ଦୁଇ ଦିନ ସ୍ଥିତି ଅସମ୍ଭାଳ

■ ଭୁବନେଶ୍ୱର, ୨୯।୫ (ସମିସ): ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା। ସକାଳ ୮ରୁ ପଶ୍ଚିମରେ ଅନୁଭୂତ ହେଉଛି ତାତି। ଗୁଳିଗୁଳିରେ ଉପକୂଳବାସୀ କଲବଲ ହେଉଛନ୍ତି। ଗଲା ୩ ଦିନ ହେବ ଏହି ସ୍ଥିତି ଲୋକଙ୍କୁ ଅସମ୍ଭାଳ କରିଥିବା ବେଳେ ଆହୁରି ୨ ଦିନ ପର୍ଯ୍ୟନ୍ତ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ପ୍ରାୟ ମାସେ ପରେ ରାଜ୍ୟରେ ଆଜି ପୁଣି ଥରେ ତାପମାତ୍ରା ୪୬ ଡିଗ୍ରୀ ଡେଇଁଥିବା ବେଳେ ଏକାଧିକ ସ୍ଥାନରେ ପ୍ରବଳ ତାତି ଅନୁଭୂତ ହୋଇଛି। ୪୬.୩ ସହ ବଲାଙ୍ଗିର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ୧୦ଟି ସହରରେ ତାପମାତ୍ରା ୪୪ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ବଲାଙ୍ଗିର ସମେତ ସୋନପୁରରେ ତାପମାତ୍ରା ୪୬.୨, ଟିଟିଲାଗଡ଼ ୪୬ ଓ ଝାରସୁଗୁଡ଼ାରେ ତାପମାତ୍ରା ୪୬ ଡିଗ୍ରୀ ରେକର୍ଡ ହୋଇଛି। ସମ୍ବଲପୁର, ବୌଦ୍ଧ ଓ ହୀରାକୁଦରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଛି। ଏହାକୁ ମିଶାଇ ୭ଟି ସହରର ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବା ସହ ୨୨ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ରାଜ୍ୟକୁ ବର୍ତ୍ତମାନ ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଅର୍ଥାତ୍ ରାଜସ୍ଥାନ ପଟୁ ଗରମ ପବନ ଆସୁଛି। ସେଠାରେ ଦୈନିକ ତାପମାତ୍ରା ପାଖାପାଖି ୫୦ ଡିଗ୍ରୀ ରହୁଥିବାରୁ ରାଜ୍ୟର ପଶ୍ଚିମ ଓଡ଼ିଶାରେ ମଧ୍ୟ ଏହି ଗରମ ପବନ ତାତି ବୃଦ୍ଧି କରାଯାଉଛି। ▶ପୃଷ୍ଠା-୧୩

**୧ରୁ କାଳବୈଶାଖୀ, ମିଳିବ ଆଶ୍ୱସ୍ତି**




## କେଜ୍ରିୱାଲଙ୍କୁ ଝଟ୍କା

# ଜାମିନ ଅବଧି ବୃଦ୍ଧି ଆବେଦନ ଖାରଜ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ବାଲଙ୍କୁ ଆଶ୍ୱସ୍ତି ମିଳି ପାରିନାହିଁ। ସେ ପୁଣିଥରେ ସୁପ୍ରିମକୋର୍ଟରେ ନିରାଶ ହୋଇଛନ୍ତି। ତେଣୁ ଜୁନ୍ ୨ରେ କେଜ୍ରିୱାଲ ତିହାର ଜେଲ ଫେରିବା ନିଶ୍ଚିତ ହୋଇଛି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା କେଜ୍ରିୱାଲଙ୍କୁ ଗତ ୧୦ ତାରିଖରେ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେବା ସହିତ ନିର୍ବାଚନ ପ୍ରଚାର ଲାଗି ଅନୁମତି ଦେଇଥିଲେ। ଏହାସହିତ ସେ ଜୁନ୍ ୨ରେ ଜେଲ୍ ଫେରିବାକୁ ସର୍ତ୍ତ ରଖିଥିଲେ। କିନ୍ତୁ ଏହାପୂର୍ବରୁ ନିଜର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଜାମିନ ଅବଧି ଆଉ ୭ ଦିନ ବୃଦ୍ଧି କରିବାକୁ କେଜ୍ରିୱାଲ ଆବେଦନ କରିବା ସହିତ ଏହାର ତତ୍କାଳ ଶୁଣାଣି କରିବାକୁ ନିବେଦନ କରିଥିଲେ। ହେଲେ ସୁପ୍ରିମକୋର୍ଟ ତତ୍କାଳ ଶୁଣାଣି ପାଇଁ ମନା କରି ଦେଇଥିଲା ବେଳେ ଏ ପ୍ରସଙ୍ଗରେ ପ୍ରଧାନବିଚାରପତି



ନିଷ୍ପତ୍ତି ନେବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ଶୁଣାଣି ଲାଗି କେଜ୍ରିୱାଲଙ୍କ ପିଟିସନକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରର ପଞ୍ଜିକରଣ କରିବାକୁ ବୁଧବାର ମନା କରିଦେଇଛନ୍ତି। ନିୟମିତ ଜାମିନ ପାଇଁ ତଳ କୋର୍ଟରେ ଆବେଦନ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ କହିସାରିଥିଲା ବେଳେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଶୁଣାଣି ହେବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଫଳରେ କେଜ୍ରିୱାଲଙ୍କୁ ନିରାଶ ହେବାକୁ ପଡ଼ିଛି। ଏହାବ୍ୟତୀତ ସେ ଜୁନ୍ ୨ ତାରିଖରେ ପୁଣି ଜେଲକୁ ଫେରିବା ନିଶ୍ଚିତ ହୋଇଯାଇଛି।

**ଜୁନ୍ ୨ରେ ତିହାର ଜେଲ୍ ଫେରିବେ**

### ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହେଲେ ବିଭବ

ସାଂସଦ ସ୍ୱାତୀ ମାଲିୱାଲ ଅସଦାଚରଣ ମାମଲାରେ ବର୍ତ୍ତମାନ ନ୍ୟାୟିକ ହେପାଜତରେ ରହିଥିବା ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ବିଭବ କୁମାର ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର ଜାମିନ



ଆବେଦନକୁ ତିସ୍ ହଜାରୀ କୋର୍ଟ ପୂର୍ବରୁ ଖାରଜ କରିବା ସହ ତିନି ଦିନିଆରେ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ତେବେ ନିୟମିତ ଜାମିନ ପାଇଁ ବିଭବ ବୁଧବାର ହାଇକୋର୍ଟରେ ଆବେଦନ କରିଛନ୍ତି। ହାଇକୋର୍ଟ ତାଙ୍କର ଆବେଦନ ଗ୍ରହଣ କରିଥିଲା ବେଳେ ଆସନ୍ତା ଶୁକ୍ରବାର ଏହା ଉପରେ ଶୁଣାଣି କରିବେ ବୋଲି କହିଛନ୍ତି।

## ୟୁକ୍ରେନ ସମର୍ଥକ ରାଷ୍ଟ୍ରଙ୍କୁ ପୁଟିନଙ୍କ ଧମକ

ମସ୍କୋ, ୨୯।୫ (ଏଜେନ୍ସି): ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଦେଉଥିବା ରାଷ୍ଟ୍ରଙ୍କୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଧମକ ଦେଇଛନ୍ତି। ଯେଉଁ ଦେଶ ଦେଇଥିବା ଅସ୍ତ୍ରଶସ୍ତ୍ରରୁ ୟୁକ୍ରେନ ରୁଷ୍ ଉପରେ ଆକ୍ରମଣ କରିବ ସେହି ଦେଶକୁ ଗୁରୁତର ପରିଣାମ ଭୋଗ କରିବାକୁ ପଡିବ ବୋଲି କହିଛନ୍ତି। ଏହି ଦେଶଗୁଡିକ କାହା ସହ ଖେଳୁଛନ୍ତି ଜାଣିବା ଉଚିତ। ଯଦି ୟୁକ୍ରେନ ଆକ୍ରମଣ କରେ ତେବେ ସେଥିପାଇଁ ପଶ୍ଚିମ ଦେଶରୁ ମିଳିଥିବା ଅସ୍ତ୍ରଶସ୍ତ୍ର ଦାୟୀ ରହିବ। ଏବେ ୟୁକ୍ରେନରେ ଭଡ଼ାଟିଆ ସୈନିକ ଲଢୁଛନ୍ତି। ଏଥିରୁ ଫ୍ରାନ୍ସ ଅଧିକାଂଶ ସୈନିକଙ୍କୁ ପଠାଇଛି। ରୁଷ୍ ଗଣମାଧ୍ୟମ ଅନୁଯାୟୀ ଦୁଇ



ଦିନ ତଳେ କିଛି ପଶ୍ଚିମ ଦେଶ ୟୁକ୍ରେନକୁ ମସ୍କୋ ବିରୋଧରେ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ କହିଥିଲେ। ସର୍ବପ୍ରଥମେ ଲାଟିଭିଆ ରାଷ୍ଟ୍ରପତି ଏଡଗର୍ସ ରିଙ୍କେଭିକ୍ସ ଏଥିପାଇଁ ଅନୁମତି ଦେଇଥିଲେ। ପରେ ବ୍ରିଟେନ ଏବଂ ସ୍ୱିଡେନ ପକ୍ଷରୁ ମଧ୍ୟ ସମାନ ମନ୍ତବ୍ୟ ଦିଆଯାଇଥିଲା। ଏହା ବ୍ୟତୀତ କିଛି ଦିନ ତଳେ ବ୍ରିଟେନ ୟୁକ୍ରେନକୁ ଦୀର୍ଘ ଦୂରଗାମୀ ଷ୍ଟର୍ମ ସେଡୋ ମିସାଇଲ ପଠାଇ ଥିଲା। ଏହି କ୍ଷେପଣାସ୍ତ୍ର ରୁଷ୍ ଭିତରକୁ ୨୫୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ସ୍ୱିଡେନ ମଧ୍ୟ ୟୁକ୍ରେନକୁ ସେଲ୍ଫ ଆକ୍ଟିଭ ତୋପୋ ଟେକ୍ନୋଲୋଜି ପ୍ରଦାନ କରିଥିଲା।

## ମୋଦୀ ଯଦି ଭଗବାନ ତେବେ ତାଙ୍କର ମନ୍ଦିର ହେବା ଉଚିତ: ମମତା

କୋଲକାତା,୨୯।୫(ଏଜେନ୍ସି): ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ଈଶ୍ୱର ତାଙ୍କୁ ପୃଥିବୀଙ୍କୁ ପଠାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ବୟାନକୁ ନେଇ ବିରୋଧୀ ନେତା ମୋଦୀଙ୍କୁ ନିଶାଣ କରିବାରେ ଲାଗିଛନ୍ତି। କିଛି ଦିନ ତଳେ



କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ମନ୍ତବ୍ୟକୁ ନେଇ ମୋଦୀଙ୍କୁ ନିଶାଣ କରିଥିଲା ବେଳେ ଏବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ,ଭଗବାନ ରାଜନୀତି କରନ୍ତି ନାହିଁ କିମ୍ବା ସମାଜରେ ଦଙ୍ଗା ହଙ୍ଗାମାକୁ ପ୍ରୋତ୍ସାହନ ଦିଅନ୍ତି ନାହିଁ। ଆଉ ଯଦି ମୋଦୀ ନିଜକୁ ଭଗବାନ ବୋଲି ଭାବୁଛନ୍ତି ତେବେ ତାଙ୍କ ପାଇଁ ମନ୍ଦିର ନିର୍ମାଣ କରିବା ଉଚିତ। ସେ ମନ୍ଦିରରେ ବସିବେ ଓ ଦେଶକୁ ଆଉ ହଇରାଣ ହରକତ୍ କରିବେ ନାହିଁ ବୋଲି କୋଲକାତାରେ ଏକ ରାଲିରେ କଟାକ୍ଷ କରି କହିଛନ୍ତି। ସେହିପରି ଆସନ୍ତା ୩୧ ତାରିଖରେ ମୋଦୀ କନ୍ୟାକୁମାରୀ ଯାଇ ସେଠାରେ ଧ୍ୟାନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ବେଳେ ଏହାକୁ ମଧ୍ୟ ମମତା ସମାଲୋଚନା କରିଛନ୍ତି। ଯଦି ତାଙ୍କର ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣ ହୁଏ ତେବେ ଏହା ବିରୋଧରେ ସେ ସ୍ୱର ଉତ୍ତୋଳନ କରିବେ ବୋଲି ମମତା କହିଛନ୍ତି।

## ୮ ଜଣଙ୍କୁ ହତ୍ୟା କରି ଯୁବକର ଆତ୍ମହତ୍ୟା

ଭୋପାଳ, ୨୯।୫(ଏଜେନ୍ସି): ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲ୍ଲାରେ ଜଣେ ୨୭ ବର୍ଷୀୟା ଯୁବକ ନିଜ ପରିବାରର ୮ ସଦସ୍ୟଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯୁବକ ଜଣକ ଶୋଇଥିବା ଅବସ୍ଥାରେ ପରିବାରର ଆଠଜଣଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଛି। ପୁଲିସର ସୂଚନା ଅନୁସାରେ ଛିନ୍ଦୱାଡା ଜିଲ୍ଲା ମହୁଲିଝର ଥାନା ଅନ୍ତର୍ଗତ ଆଦିବାସୀ ବେଦଲ କଛର ଗାଁରେ ଏହି ଘଟଣା ଘଟିଛି। ଯୁବକ ଜଣକ ନିଜର ବାପ, ମା, ସ୍ତ୍ରୀ, ଭାଇ, ଭାଉଜ, ତିନୋଟି ଛୋଟ ପିଲାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରି ନିଜେ ଫାଶି ଲଗେଇ ଆତ୍ମହତ୍ୟା କରିଛି। ତେବେ ଏଭଳି ଜଘନ୍ୟ କାଣ୍ଡ ପଛରେ କ'ଣ କାରଣ ରହିଛି ତାହା ସ୍ପଷ୍ଟ ହୋଇ ନାହିଁ। ପୁଲିସ ଘଟଣା ସ୍ଥଳରେ ପହଁଚି ଅନୁସନ୍ଧାନ ଆରମ୍ଭ କରିଛି। ତେବେ ସମ୍ପୃକ୍ତ ଯୁବକ ନଜର ମାନସିକ ଭାରସାମ୍ୟ ହରାଇ ଏଭଳି କାଣ୍ଡ ଭିଆଇଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ବିବାହ ପରେ ଯୁବକ ଜଣକ ମାନସିକ ଭାରସାମ୍ୟ ହରାଇ ବିଗତ କିଛି ଦିନ ହେଲା ବିକୃତ ସ୍ଥିତି ଦେଇ ଜୀବନ କାଟୁଥିଲା ବୋଲି କୁହାଯାଇଛି।

## କଂଗ୍ରେସ ସହ ମେଣ୍ଟ ସବୁଦିନିଆ ନୁହେଁ: କେଜ୍ରିୱାଲ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ବିରୋଧୀ ଇଣ୍ଡିଆ ମେଣ୍ଟରେ ଆମ ଆଦମୀ ପାର୍ଟି ସାମିଲ ରହିବା ସହିତ ଦିଲ୍ଲୀରେ କଂଗ୍ରେସ ସହିତ ମିଶି ନିର୍ବାଚନ ଲଢୁଛି। କିନ୍ତୁ ପଞ୍ଜାବରେ ଦୁଇ ଦଳ ପୃଥକ ଭାବେ ନିର୍ବାଚନ ଲଢୁଛନ୍ତି। ତେବେ ଦିଲ୍ଲୀରେ ଯେଉଁ ମେଣ୍ଟ ହୋଇଛି ତାହା ସବୁ ଦିନିଆ ନୁହେଁ ବୋଲି ଆପ୍ ସୁପ୍ରିମୋ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି। ଗଣମାଧ୍ୟମକୁ ସାକ୍ଷାତକାର ଦେଇ କେଜ୍ରିୱାଲ କହିଛନ୍ତି ଯେ କଂଗ୍ରେସ ସହ ଆପ୍ ସ୍ଥାୟୀ ବିବାହ କରି ନାହିଁ। ଏବେ ବିଜେପିକୁ ହରାଇ ଦେଶରେ ଏକଛତ୍ରବାଦ ଶାସନରୁ ମୁକ୍ତ କରିବା ପ୍ରଥମ ଲକ୍ଷ୍ୟ ରଖାଯାଇଛି। ଏହିକ୍ରମରେ ଯେଉଁଠି ଆବଶ୍ୟକତା ରହିଛି ସେଠାରେ କଂଗ୍ରେସ ସହ ମେଣ୍ଟ କରାଯାଇଛି। କିନ୍ତୁ ସବୁ ଦିନ ପାଇଁ ଏହି ମେଣ୍ଟ ରହିବ ନାହିଁ ବୋଲି ସେ କହିଛନ୍ତି।

## ● ପାକିସ୍ତାନରେ ଖାଇକୁ ଖସିଲା ବସ

# ୨୮ ମୃତ, ୨୦ ଆହତ



ଇସଲାମାବାଦ, ୨୯।୫(ଏଜେନ୍ସି)

ଦକ୍ଷିଣ ପଶ୍ଚିମ ପାକିସ୍ଥାନର ବେଲୁଚିସ୍ତାନ ପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୮ ଜଣଙ୍କ ମୃତ୍ୟୁ ହେବା ସହିତ ୨୦ ଜଣ ଗୁରୁତର ଆହତ ହୋଇଛି। ମିଳିଥିବା ସୂଚନା ଅନୁସାରେ ଏକ ଯାତ୍ରୀବାହୀ ବସ ବୋଲୁଚିସ୍ତାନ ପ୍ରଦେଶର ସହର ତୁର୍ବତ ଠାରୁ ରାଜଧାନୀ କ୍ୱୋଟା ଅଭିମୁଖେ ଯାତ୍ରା କରୁଥିଲା ବେଳେ ହଠାତ୍ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ବସ୍‌ଟି ରାସ୍ତା କଡ଼ରୁ ଖସି ଏକ ଖାଇ ମଧ୍ୟରେ ପଡ଼ିଥିଲା। ଘଟଣାସ୍ଥଳରେ ହିଁ ୨୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହିତ ସେମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଇଛି।ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗତି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।ସେ ଆହତଙ୍କ ପାଇଁ ଆଶୁ ଆରୋଗ୍ୟ କାମନା ମଧ୍ୟ କରିଛନ୍ତି।

## ଉତ୍ତର-ପଶ୍ଚିମ ଭାରତରେ ଗ୍ରୀଷ୍ମ ଲହରୀ ଜାରି

# ଦିଲ୍ଲୀ ତାପମାତ୍ରା ୫୨.୩ ଡିଗ୍ରୀ ଛୁଇଁବା ଘଟଣାକୁ କେନ୍ଦ୍ର ମନ୍ତ୍ରାଳୟର ଅସ୍ୱୀକାର

ନୂଆଦିଲ୍ଲୀ,୨୯।୫(ଏଜେନ୍ସି)

ଉତ୍ତର ଏବଂ ଉତ୍ତର ପଶ୍ଚିମ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଜାରି ରହିଛି। ରାଜସ୍ଥାନ, ମଧ୍ୟପ୍ରଦେଶ, ପଞ୍ଜାବ ଏବଂ ହରିୟାଣା ଆଦି ରାଜ୍ୟରେ ସ୍ଥିତି ଜଟିଳ ରହିଥିଲା ବେଳେ ଆଗାମୀ ଦୁଇ ଦିନ ମଧ୍ୟରେ ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି। ଆଉ ୨୪ ଘଣ୍ଟା ପରେ ଦକ୍ଷିଣ ପଶ୍ଚିମ ମୌସୁମୀ କେରଳ ଛୁଇଁବାକୁ ଯାଉଥିବାରୁ ଏହା ପ୍ରଭାବରେ ଉତ୍ତର ଏବଂ ଉତ୍ତର ପଶ୍ଚିମ ଭାଗରେ ଲୋକଙ୍କୁ ଆଶ୍ୱସ୍ତି ମିଳିବା ନେଇ ଆଶା ସଞ୍ଚାର ହୋଇଛି। ତେବେ ବୁଧବାର ଦିଲ୍ଲୀ ତାପମାତ୍ରା ସର୍ବକାଳୀନ ରେକର୍ଡ ଅତିକ୍ରମ କରିବା ସହ ୫୨.୩ ଡିଗ୍ରୀ ସେଲସିୟସରେ ପହଞ୍ଚିଥିବା କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଘଟଣା ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ଦିଲ୍ଲୀର ମଙ୍ଗେସପୁର ପାଣିପାଗ କେନ୍ଦ୍ର ଅପରାହ୍ନ ୨ଟା ୩୦ ମିନିଟରେ ଏହି ତାପମାତ୍ରା ରେକର୍ଡ କରିଥିବା କୁହାଯାଇଥିଲେ ହେଁ ଏହାକୁ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରାଳୟ ପକ୍ଷରୁ ଅସ୍ୱୀକାର



କରାଯାଇଛି। ବିଭାଗୀୟ ମନ୍ତ୍ରୀ କିରନ ରିଜିଜୁ ଏହି ବିଷୟକୁ ଖଣ୍ଡନ କରିଥିଲା ବେଳେ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ମଧ୍ୟ ଏହି ବିଷୟକୁ ସ୍ପଷ୍ଟ କରିନାହିଁ। ରେକର୍ଡ କରାଯାଇଥିବା ତାପମାତ୍ରା ବିଷୟରେ ପୁଣିଥରେ ଯାଞ୍ଚ କରାଯିବ ବୋଲି ଆଇଏମଡି ମହାନିର୍ଦ୍ଦେଶକ କହିଛନ୍ତି। ତେବେ ଇତିମଧ୍ୟରେ ଦିଲ୍ଲୀରେ ବିଜୁଳି ଚାହିଦା ସର୍ବକାଳୀନ ସର୍ବୋଚ୍ଚ ସ୍ତର ଛୁଇଁଛି। ବୁଧବାର ଦିଲ୍ଲୀରେ ବିଜୁଳିର ପିକ୍ ଡିମାଣ୍ଡ ଥିଲା ୮୩୦୨ ମେଗାୱାଟ୍ ରହିଥିଲା ବେଳେ ହାରାହାରି ପିକ୍ ଡିମାଣ୍ଡ ୨୦୨୨ରେ ୭୪୩୮ ଓ ୨୦୨୩ରେ ୭୬୯୫ ମେଗାୱାଟ୍ ଥିଲା। ୨୦୨୪ ଗ୍ରୀଷ୍ମ ଋତୁରେ ଦିଲ୍ଲୀରେ ବିଜୁଳିର ପିକ୍ ଡିମାଣ୍ଡ ୮୨୦୦ ମେଗାୱାଟ୍ ରହିବା ପୂର୍ବାକଳନ ହୋଇଥିଲା। ଅନ୍ୟପକ୍ଷରେ ବୁଧବାର ରାଜସ୍ଥାନର ଫାଲୋଡିରେ ତାପମାତ୍ରା ୫୦.୮ ଓ ଚୁରୁରେ ୫୦.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆଜି ସର୍ବୋଚ୍ଚ ତାପମାତ୍ରା ହରିୟାଣାର ଶୀର୍ଷାରେ ୫୦.୩, ଉତ୍ତରପ୍ରଦେଶର ଝାନ୍‌ସିରେ ୪୯, ମଧ୍ୟପ୍ରଦେଶର ପୃଥ୍ୱୀପୁରରେ ୪୮.୫୦ ଝାଡ଼ଖଣ୍ଡର ଡାଲଟନଗଞ୍ଜରେ ୪୭.୫, ପଞ୍ଜାବର ଭାଟିଣ୍ଡାରେ ୪୭.୨, ବିହାରର ଔରଙ୍ଗାବାଦରେ ୪୭.୭, ଛତିଶଗଡ଼ର ମୁଙ୍ଗେଲିରେ ୪୭ ଓ ଓଡ଼ିଶାର ବୌଦ୍ଧରେ ୪୫.୯ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

## ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଓଏସ୍‌ଡି ନିଲମ୍ବିତ

ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ମେଡିକାଲ କିଟ୍ କ୍ରୟରେ ହୋଇଥିବା ଅନିୟମିତତା ମାମଲାରେ ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସକ୍ସେନା ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କ ସ୍ୱତନ୍ତ୍ର ଅଧିକାରୀ (ଓଏସ୍‌ଡି) ଆର ଏନ ଦାସଙ୍କୁ ବୁଧବାର ନିଲମ୍ବିତ କରିଦେଇଛନ୍ତି। ମହାମାରୀ ସମୟରେ ୬୦ କୋଟି ଟଙ୍କାର ପିପିଇ କିଟ୍, ଗ୍ଲୋଭ୍ସ, ମାସ୍କ ଏବଂ ର୍ୟାପିଡ ଆଣ୍ଟିଜେନ ଟେଷ୍ଟ (ଆରଏଟି) କିଟ୍ କ୍ରୟ ସମ୍ବନ୍ଧିତ ଅନିୟମିତତା ମାମଲାରେ ଭିଜିଲାନ୍ସ ବିଭାଗ ତାଙ୍କୁ ୨୦୨୧ରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା।

## ଝାଡ଼ଖଣ୍ଡରେ ସେନା ଅଧିକାରୀଙ୍କ ପତ୍ନୀଙ୍କୁ ଗଣଦୁଷ୍କର୍ମ

ରାଞ୍ଚି, ୨୯।୫(ଏଜେନ୍ସି): ଝାଡଖଣ୍ଡରେ ଘଟିଛି ଏକ ଲୋମ ଟାଙ୍କୁରା ଘଟଣା। କିଛି ଦିନ ତଳେ ଜଣେ ବିଦେଶୀ ମହିଳା ପର୍ଯ୍ୟଟକଙ୍କୁ ଗଣ ଦୁଷ୍କର୍ମ କରାଯିବା ଘଟଣା ଲୋକଙ୍କୁ ମନରୁ ଯାଇ ନଥିବା ବେଳେ ଏବେ ଭାରତୀୟ ସେନାରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ପତ୍ନୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ସାମ୍ନାକୁ ଆସିଛି। ସୂଚନା ଅନୁସାରେ ରାଞ୍ଚିର ଖାରସିଡାଗ ଓପି ଅଞ୍ଚଳରେ ଯବାନଙ୍କ ପତ୍ନୀଙ୍କୁ ଚାରିଜଣ ଆକ୍ରମଣକାରୀ ଗଣଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି।

## ସରଜିଲ ଇମାମଙ୍କୁ ଜାମିନ

ନୂଆଦିଲ୍ଲୀ, ୨୯।୫(ଏଜେନ୍ସି): ଦେଶଦ୍ରୋହ ତଥା ବେଆଇନ କାର୍ଯ୍ୟାକଳାପ ଓ ସାମ୍ପ୍ରଦାୟିକ ଦଙ୍ଗା ମାମଲାରେ ଗିରଫ ହୋଇଥିବା ଛାତ୍ରନେତା ସରଜିଲ ଇମାମଙ୍କୁ ବୁଧବାର ଦିନ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୨୦୨୦ ମସିହା ଦିଲ୍ଲୀ ଦଙ୍ଗା ମାମଲାରେ ସରଜିଲ ଗିରଫ ହୋଇଥିଲେ। ତାଙ୍କ ନାମରେ ୟୁଏପିଏ ଅଧୀନରେ ମାମଲା ଥିଲା।

## ଫିଲ୍ମ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କୁ ବିଶ୍ୱବାସୀ ଜାଣିଥିଲେ

# ମୋଦୀଙ୍କ ବୟାନକୁ ନେଇ କଂଗ୍ରେସର ଭର୍ତ୍ସନା

ନୂଆଦିଲ୍ଲୀ,୨୯।୫(ଏଜେନ୍ସି)

ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ବୟାନକୁ ନେଇ କଂଗ୍ରେସ ବର୍ଷିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ମୋଦୀଙ୍କୁ ନିଶାଣ କରିବା ସହିତ ତାଙ୍କ ଶିକ୍ଷାଗତ



ସାର୍ଟିଫିକେଟକୁ ନେଇ ମଧ୍ୟ ପରୋକ୍ଷରେ କଟାକ୍ଷ କରିଛନ୍ତି। ଏବିପି ନ୍ୟୁଜ୍ ଚ୍ୟାନେଲକୁ ଏକ ସାକ୍ଷାତକାର ଦେବା ଅବସରରେ ମୋଦୀ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ଭଳି ଏକ ବିଶାଳ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ବିଶ୍ୱବାସୀ ଅଜ୍ଞାତ ରହିଥିଲେ। ୧୯୮୨ ମସିହାରେ ରିଚାର୍ଡ ଆଟେନବର୍ଗ ଗାନ୍ଧୀ ଚଳଚିତ୍ର ପ୍ରସ୍ତୁତ କରିବା ପରେ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଜାଣିବାକୁ ବିଶ୍ୱବାସୀ ସୁଯୋଗ ପାଇଥିଲେ। କିନ୍ତୁ ଏଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କ ବିଷୟରେ ୭୫ ବର୍ଷ ମଧ୍ୟରେ ବିଶ୍ୱବାସୀଙ୍କୁ ଅବଗତ କରିବା କ'ଣ ଦେଶର ଦାୟିତ୍ୱ ନଥିଲା କି ବୋଲି ମୋଦୀ ପ୍ରଶ୍ନ କରିଥିଲେ। ଯାହା ଆମର ଦାୟିତ୍ୱ ଥିଲା ତାହାକୁ ରିଚାର୍ଡ ଅଟେନବର୍ଗଙ୍କ ଭଳି ଜଣେ ଫିଲ୍ମ ନିର୍ମାତା କରିଦେଖାଇଲେ ଏବଂ ଏହାପରେ ହିଁ ମହାତ୍ମା ଗାନ୍ଧୀଙ୍କ ବିଷୟରେ ବିଶ୍ୱବାସୀ ଜାଣିବାକୁ ଉତ୍ସାହିତ ହୋଇଥିଲେ ବୋଲି ମୋଦୀ କହିଥିଲେ। ତେବେ ମୋଦୀଙ୍କ ଏଭଳି ମନ୍ତବ୍ୟକୁ ନେଇ ରାହୁଲ କଟାକ୍ଷ କରିବା ସହିତ ମୋଦୀ ଜଣେ ରାଜନୀତିକ ବିଜ୍ଞାନ ଛାତ୍ର ହୋଇଥିବାରୁ ସେ ହିଁ ପ୍ରଥମେ ଏହା ଜାଣିବା ଉଚିତ ଥିଲା ବୋଲି 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

## ପଶ୍ଚିମବଙ୍ଗରେ ସିଏଏ ଅଧିନରେ ନାଗରିକତା ପ୍ରଦାନ ଆରମ୍ଭ

ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ପଶ୍ଚିମବଙ୍ଗ, ହରିୟାଣା ଏବଂ ଉତ୍ତରାଖଣ୍ଡରେ ନୂଆ ନାଗରିକତା ସଂଶୋଧନ ଆଇନ (ସିଏଏ) ଅନୁଯାୟୀ ନାଗରିକତା ପ୍ରଦାନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଜାରି ବିବୃତ୍ତିରେ କୁହାଯାଇଛି ଯେ ସମ୍ବନ୍ଧିତ ରାଜ୍ୟର ଅଧିକାର ପ୍ରାପ୍ତ କମିଟି ଆବେଦନକାରୀଙ୍କୁ ନାଗରିକତା ପ୍ରଦାନ କରିଛି। ଏହା ପୂର୍ବରୁ ଗତ ୧୫ ତାରିଖରେ ନୂଆଦିଲ୍ଲୀରେ ପ୍ରଥମ ଥର ପାଇଁ ନୂଆ ଆଇନ ଅଧିନରେ ନାଗରିକତା ପ୍ରଦାନ କରାଯାଇଥିଲା।

## ଆଜି ବେଙ୍ଗାଲୁରୁ ପହଞ୍ଚିବେ ପ୍ରଜ୍ୱଳ; ବିମାନ ବନ୍ଦରରୁ ଗିରଫ କରିବ ପୁଲିସ

ବେଙ୍ଗାଲୁରୁ, ୨୯।୫(ଏଜେନ୍ସି)

କର୍ଣ୍ଣାଟକ ସେକ୍ସ ସ୍କାଣ୍ଡାଲର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭାନ୍ନା ଆସନ୍ତାକାଲି ବିଦେଶରୁ ଆସି ବେଙ୍ଗାଲୁରରେ ପହଞ୍ଚିବେ। ତାଙ୍କୁ ବିମାନବନ୍ଦରରୁ ହିଁ ଗିରଫ କରାଯିବ ବୋଲି ବୁଧବାର ରାଜ୍ୟ ଗୃହମନ୍ତ୍ରୀ ଜି ପରମେଶ୍ୱର କହିଛନ୍ତି। ଅନ୍ୟପକ୍ଷରେ ପ୍ରଜ୍ୱଳ ଗିରଫ ହେବାରୁ ବର୍ତ୍ତିବା ପାଇଁ ଆଗୁଆ ଜାମିନ ଆବେଦନ କରିଛନ୍ତି। ତାଙ୍କ ବିରୋଧରେ ଗିରଫ ୱାରେଣ୍ଟ ମଧ୍ୟ ଜାରି ହୋଇଛି। ଏହି ମାମଲାର ତଦନ୍ତ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ କରୁଥିବା ବେଳେ ପ୍ରଜ୍ୱଳ ଗିରଫ ହେବା ପରେ ତାଙ୍କର ବୟାନ ରେକର୍ଡ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦୁଇ ଦିନ ତଳେ ବିଦେଶରୁ ଏକ ଭିଡିଓ ଜାରି କରି ୩୧ରେ ଏସଆଇଟି ନିକଟରେ ହାଜର ହେବାକୁ ପ୍ରଜ୍ୱଳ କହିଥିଲେ।ସେପଟେ ପ୍ରଜ୍ୱଳ ଜର୍ମାନୀରୁ ଭାରତ ଫେରିବା ଫ୍ଲାଇଟ୍ ଟିକଟର ଫଟୋ ଭାଇରାଲ ହୋଇଛି। ଯେଉଁଥିରୁ ଜଣାପଡ଼ିଛି ପ୍ରଜ୍ୱଳ ଭାରତ ଫେରିବା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସେ ଗୁରୁବାର



(୩୦ ମେ)ରେ ଜର୍ମାନୀର ମ୍ୟୁନିକ୍ ବିମାନ ବନ୍ଦରରୁ ବାହାରି ଶୁକ୍ରବାର ୧୨ଟା ୩୦ରେ ବେଙ୍ଗାଲୁରୁର କେମ୍ପେଗୌଡା ବିମାନବନ୍ଦରରେ ଅବତରଣ କରିପାରନ୍ତି ବୋଲି ସୂଚନା ମିଳିଛି।

## ବ୍ରିଜ୍‌ଭୂଷଣଙ୍କ ବିଜେପି ପ୍ରାର୍ଥୀ ପୁଅ କରଣ ଭୂଷଣଙ୍କ ଗାଡ଼ି ମାଡ଼ିଗଲା

# ୨ ଯୁବକଙ୍କ ମୃତ୍ୟୁ; ମହିଳା ଗୁରୁତର

ଲକ୍ଷ୍ନୌ, ୨୯।୫ (ଏଜେନ୍ସି)

ଉତ୍ତରପ୍ରଦେଶ ଗୋଣ୍ଡାର ଛତଇପୁରବା ନିକଟରେ ବଡ଼ ଅଘଟଣ ଘଟିଛି। ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂହଙ୍କ ପୁଅ ତଥା ବିଜେପିର କେସରଗଞ୍ଜର ଲୋକସଭା ପ୍ରାର୍ଥୀ କରଣ ଭୂଷଣ ସିଂହଙ୍କ କାର୍‌କେଡ୍‌ରେ ସାମିଲ ଫର୍ଚ୍ୟୁନର ଏଠାରେ ଏକ ବାଇକକୁ ଧକ୍କା ଦେଇଛି। ପରେ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ଘର ବାହାରେ ବସିଥିବା ମହିଳାଙ୍କୁ ଗାଡ଼ ମଡ଼ାଇ ପଳାଇଛି। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୨ ବାଇକ ଆରୋହୀ ରେହାନ (୧୭) ଏବଂ ଶେହଜାଦ ଖାନ (୨୪)ଙ୍କ ମୃତ୍ୟୁ ହୋଇଛି। ରାସ୍ତା କଡ଼ରେ ବସିଥିବା ସୀତା ଦେବୀ (୬୦) ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଏହି ଏସ୍‌ୟୁଭିର ପଛ କାଚରେ 'ପୁଲିସ ଏସ୍କର୍ଟ' ବୋଲି ଲେଖାଯାଇଛି। ଏହା ଭିଆଇପି କନଭୟର ଅଂଶ ଥିଲା ବୋଲି ଜଣାପଡିଛି। ୟୁପି୩୨ଏଚ୍‌ଡବ୍ଲ୍ୟୁ୧୮୦୦



ନଂ ବିଶିଷ୍ଟ ଏହି କାର୍‌ଟି ବ୍ରିଜ୍‌ଭୂଷଣଙ୍କ ଦ୍ୱାରା ପରିଚାଳିତ ନନ୍ଦିନୀ ନଗର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁଟ ନାମରେ ପଞ୍ଜିକୃତ ହୋଇଛି। ଏହି ଘଟଣା ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ଫସିଥିବା ବ୍ରିଜ୍‌ଭୂଷଣ ଏବଂ ତାଙ୍କ ପୁଅଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ଯୌନ ଉତ୍ପୀଡ଼ନ ମାମଲାକୁ ନେଇ ବିଜେପି ବ୍ରିଜ୍‌ଭୂଷଣଙ୍କୁ ଟିକଟ ନ ଦେଇ ତାଙ୍କ ପୁଅକୁ ପ୍ରାର୍ଥୀ କରିଥିଲା। ମାତ୍ର ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ କରଣଙ୍କ କାର୍‌କେଡରେ ସାମିଲ ଥିବା ଏକ କାର୍ ଏଭଳି ଅଘଟଣ ଘଟାଇଛି।

ଏତଲାରେ ଅଭିଯୋଗକାରୀ ଚାନ୍ଦ ବେଗମ କହିଛନ୍ତି ଯେ ପ୍ରାୟ ୯ଟା ସମୟରେ ତାଙ୍କ ପୁଅ ରେହାନ ଏବଂ ପୁତୁରା ଔଷଧ ଆଣିବାକୁ ବାଇକରେ ଯାଇଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ଏସ୍‌ୟୁଭି ତାଙ୍କୁ ଧକ୍କା ଦେଇ ପଳାଇ ଥିଲା। ଏହି ମାମଲାରେ ପୁଲିସ ଡ୍ରାଇଭର ଲବକୁଶ ଶ୍ରୀବାସ୍ତବଙ୍କୁ ଗିରଫ କରି ଏସ୍‌ୟୁଭି ଜବତ କରିଛି। ତେବେ ଏହି କାର୍‌କେଡରେ କରଣ ଭୂଷଣ ଯାଉଥିଲେ କି ନାହିଁ ତାହା ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ମାତ୍ର କାର୍‌କେଡରେ କରଣ ଯାଉଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଧକ୍କା ଦେବା ସତ୍ତ୍ୱେ ଏହି କାର୍‌କେଡ ଅଟକି ନ ଥିଲା। ଏବେ ମୃତକଙ୍କ ପରିବାର ଏବଂ ସ୍ଥାନୀୟ ଜନତା ନ୍ୟାୟ ଦାବି କରିଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-333 ◆BHUBANESWAR ◆THURSDAY ◆30 MAY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୩ ◆ଭୁବନେଶ୍ୱର ◆ଗୁରୁବାର ◆୩୦ ମେ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

## ବଜ୍ରପାତରେ ଦୁଇ ମୃତ

**ବେହେରା,୨୯।୫(ସମିସ):** ଧର୍ମଗଡ଼ ବ୍ଲକ ଧଅରପୁର ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ଧଅରପୁର ପଞ୍ଚାୟତ ତେନ୍ତୁଳିପଡ଼ାର ଧନସୁନ୍ଦର ଗୋପାଳ (୨୬) ଓ କାମନ୍ତ ଚନ୍ଦନ (୨୫)। ଉଭୟ ରାଜମିସ୍ତ୍ରୀ। ଆଜି ସେମାନେ ଧଅରପୁର ଗ୍ରାମରେ କାମ କରି ଫେରୁଥିବା ବେଳେ ହଠାତ କାଳବୈଶାଖୀ ତାଣ୍ଡବ ରଚିଥିଲା। ଜୋର୍‌ରେ ବର୍ଷା ପବନ ହେବା ସହ ତୁହାକୁ ତୁହା ଘଡ଼ଘଡ଼ି ମାରିଥିଲେ। ବର୍ଷାରୁ ରକ୍ଷା ପାଇବା ପାଇଁ ସେମାନେ ଗାଁ ନିକଟ ଏକ ପୋଖରୀ ଗଛ ମୂଳରେ ବସି ରହିଥିବା ବେଳେ ସେଠାରେ ଏକ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା।

# ଦୁଇ କର୍ତ୍ତବ୍ୟନିଷ୍ଠ ଅଧିକାରୀଙ୍କ ବିରୋଧରେ ନିର୍ବାଚନ କମିସନଙ୍କ କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ: ପାଣ୍ଡିଆନ

**ଭୁବନେଶ୍ୱର, ୨୯।୫(ସମିସ):** ଓଡ଼ିଶାର ଦୁଇ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଆଇପିଏସ୍ ଅଧିକାରୀ ଡି.ଏସ୍.କୁଟେ ଓ ଆଶିଷ ସିଂହଙ୍କ ବିରୋଧରେ ନିର୍ବାଚନ କମିଶନ ନେଇଥିବା କାର୍ଯ୍ୟାନୁଷ୍ଠାନକୁ ତୀବ୍ର ସମାଲୋଚନା କରିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ସମଗ୍ର ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ଉଲ୍ଲେଖ କରି ବିଜେପି ଦ୍ୱାରା ପ୍ରଭାବିତ ହୋଇ ଦୁଇ ଅଧିକାରୀଙ୍କ



ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଦୁଇ ଆଇପିଏସ୍ ଅଫିସରଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ଆଜି ନିର୍ବାଚନ ଆୟୋଗଙ୍କ ଭୂମିକାକୁ ସମାଲୋଚନା କରି କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି ଯେ ବର୍ତ୍ତମାନ ଛତିଶଗଡ଼ରେ ମାଓ ପ୍ରଭାବ ଜାରି ରହିଛି। କିନ୍ତୁ ଓଡ଼ିଶା ମାଓ ଦମନ କରିବାରେ ବହୁ ସଫଳତା ପାଇଛି। ଉଭୟ ଅଧିକାରୀ ରାଜ୍ୟରେ ମାଓ ଦମନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ନିଜ ଜୀବନକୁ ବାଜି ଲଗାଇ ସେମାନେ ମାଓ ଦମନ କରିବାରେ ସଫଳ ହୋଇଛନ୍ତି। ଏମିତି କି ଓଡ଼ିଶାର ଏହି ଅଧିକାରୀଙ୍କୁ ଦାୟିତ୍ୱରେ କର୍ତ୍ତବ୍ୟନିଷ୍ଠତା ପାଇଁ ରାଷ୍ଟ୍ରପତି ମେଡାଲ ମଧ୍ୟ ମିଳିଛି। ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଦୁଇ ଅଧିକାରୀଙ୍କ ଉପରେ ନିର୍ବାଚନ ଆୟୋଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେପି ନେତୃବୃନ୍ଦ ଯାହା ଚାହୁଁଛନ୍ତି, ସେ ଅନୁସାରେ ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏହା କେବେ ବି ଠିକ୍ ନୁହେଁ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ମୁଖ୍ୟମନ୍ତ୍ରୀ କେବେ ବି କୌଣସି ଅଫିସରଙ୍କୁ ନିର୍ବାଚନୀ ପ୍ରକ୍ରିୟାରେ ବ୍ୟବହାର କରି ନାହାନ୍ତି। ଓଡ଼ିଶାରେ ବିଜେଡି ବହୁତ ସଶକ୍ତ, ତେଣୁ ଆମର ଏସବୁ କରିବାର କିଛି ଆବଶ୍ୟକତା ନାହିଁ। ବିଜେଡି ହାତରୁ ପରାଜୟ, ବିଜେପିର ହଜମ ହେଉନାହି, ତେଣୁ ସେମାନେ ଏପରି କରୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେପିର ଅଭିଯୋଗ ଆଧାରରେ ନିର୍ବାଚନ କମିଶନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତଥା ୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ କୁଟେଙ୍କୁ ନିଲମ୍ବନ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ମୁଖ୍ୟ ଆଶିଷ ସିଂହଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଫସର ଫାଟିଲା ବିଜେପିର ହୀନ ଚକ୍ରାନ୍ତ

## ମିଛ ଭିଡିଓ ଜାରି କରି ପାଣ୍ଡିଆନଙ୍କୁ ବଦନାମ୍ କରିବାକୁ ଷଡ଼ଯନ୍ତ୍ର ରଚିଥିଲା ବିଜେପି

**ଭୁବନେଶ୍ୱର, ୨୯।୫(ସମିସ):** ନିମ୍ନସ୍ତରର ରାଜନୀତିର ଆଜି ସବୁ ସୀମା ପାର୍ କରିଛି ବିଜେପି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନାମରେ ଏକ ଫେକ୍ ଭିଡିଓ ପ୍ରସ୍ତୁତ କରି ଏଥିରୁ ନିର୍ବାଚନୀ ଫାଇଦା ନେବାକୁ ବିଜେପି ଉଦ୍ୟମ କରିଥିବା ବେଳେ ଏହା ଫସର ଫାଟିଯାଇଛି। ବିଜେପିର ଏପରି ହୀନ ବୁଦ୍ଧି ଏବଂ ମନ୍ଦ ଉଦ୍ଦେଶ୍ୟକୁ

■ ସଠିକ୍ ଭିଡିଓ ଜାରି କରି ଷଡ଼ଯନ୍ତ୍ରରେ ପୂର୍ଣ୍ଣଚ୍ଛେଦ ଟାଣିଲା ବିଜେଡି
■ ସାଧାରଣରେ ମତ, ନିମ୍ନସ୍ତରର ରାଜନୀତିର ସବୁ ସୀମା ପାର୍ କରିଛି ବିଜେପି

ରାଜ୍ୟବ୍ୟାପୀ ସମାଲୋଚନା କରାଯାଉଥିବା ବେଳେ ଓଡ଼ିଶାରେ ତ ବିଜେପି ଏପରି ରାଜନୀତି ନଆପଣାଉ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ାରେ ଏକ ନିର୍ବାଚନୀ ସଭାରେ ଶ୍ରୀ ପାଣ୍ଡିଆନ୍ ଜାଣିଶୁଣି ମୁଖ୍ୟମନ୍ତ୍ରୀଙ୍କ ଗୋଡରେ ନିଜ ଗୋଡ ବଜାଉଥିବା ନେଇ ବିଜେପି ପକ୍ଷରୁ ଏକ ଭିଡିଓ ଜାରି କରି ଅଭିଯୋଗ କରାଯାଇଥିଲା। ଏପରି କରି ବିଜେଡିର ବରିଷ୍ଠ ନେକା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଭାବମୂର୍ତ୍ତି ମଳିନ କରିବାକୁ ଷଡ଼ଯନ୍ତ୍ର ରଚିଥିଲା ବିଜେପି। ଏପରିକି ଭିଡିଓଟି ବିଜେପି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେବା ପରେ ଏହାକୁ ବିଜେପି ନେତାଏ ଖୁବ୍ ସେୟାର କରିଥିଲେ। ବିଜେପି ସମର୍ଥିତ ଏକ ଗଣମାଧ୍ୟମ ଭିଡିଓଟିକୁ ଜୋର୍‌ସୋର୍‌ରେ ପ୍ରଚାର ପ୍ରସାର କରିବା ସହ ଶ୍ରୀ ପାଣ୍ଡିଆନଙ୍କୁ ବିବାଦ ଘେରକୁ ଟାଣିଥିଲ। ତେବେ ଏତିକିରେ ଅଟକିନଥିଲା ବିଜେପି। ବିଜେପିର ପୂର୍ବ ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ଏହି ମିଛ ଭିଡିଓକୁ ନେଇ ସାମ୍ବାଦିକ ସମ୍ମିଳନୀ କରିବାକୁ ପଛାଇନଥିଲେ। ତେବେ ଶେଷରେ ବିଜେଡି ପକ୍ଷରୁ ଏନେଇ ସଠିକ୍ ଭିଡିଓ ସାମାଜିକ ଗଣମାଧ୍ୟମରେ ଜାରି କରାଯିବା ପରେ ବିଜେପିର ଉଦ୍ୟମ ଫସର ଫାଟିଛି। ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏହି ଭିଡିଓରେ ଶ୍ରୀ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ଚେୟାର ତଳୁ ନିଜ ଯୋତାକୁ ଆଡ଼ଉ ଥିବା ଦେଖିବାକୁ ମିଳୁଛି। ସତ ଭିଡିଓଟିକୁ ଦେଖିବା ପରେ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ସାଧାରଣରେ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ନିର୍ବାଚନରେ ନିଶ୍ଚିତ ପରାଜୟ ଜାଣି ବିଜେପି ଏହି ହୀନ ଚକ୍ରାନ୍ତ କରିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**ବିଜେପିକୁ ବିଜେଡିର ସିଧା ଆହ୍ୱାନ**

# ଅଫିସରଙ୍କୁ ଛାଡ଼; ଦମ୍ ଅଛି ତ ଆମ ସହ ଲଢ଼

**ଭୁବନେଶ୍ୱର,୨୯।୫(ସମିସ):** ଉଭୟ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ନିଶ୍ଚିତ ପରାଜୟକୁ ଦେଖି ବିଜେପି ଏବେ ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରୁଛି। ବିଜେଡି ସହ ଲଢ଼ିବା ପରିବର୍ତ୍ତେ ବିଜେପି ନିର୍ବାଚନ କମିସନଙ୍କୁ ବ୍ୟବହାର କରି ଅଫିସରଙ୍କ ପଛର ପଡ଼ିଛି। ଏଥିରୁ ବିଜେଡି ସହ ଲଢ଼ିବାର ସାମର୍ଥ୍ୟ ସେମାନଙ୍କ ପାଖରେ ନଥିବା ସ୍ପଷ୍ଟ। ତେଣୁ ନିର୍ବାଚନ ସହିତ କୌଣସି ସମ୍ପର୍କ ନ ଥିବା ଅଧିକାରୀମାନଙ୍କୁ ନିଶାଣ ଛାଡ଼ି ଆମ ସହ ସିଧା ଲଢ଼େଇ କରନ୍ତୁ ବୋଲି ବିଜେପିକୁ ଆହ୍ୱାନ ଦେଇଛି ବିଜେଡି। ଶଙ୍ଖ ଭବନରେ ଦଳର ଦୁଇ ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ.ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ସୁଲତା ଦେଓ ଓ ମୁଖପାତ୍ର ଲେଲିନ୍ ମହାନ୍ତି ବିଜେପିର ନିମ୍ନରୁଚିର ରାଜନୀତିକୁ କଟୁ ସମାଲୋଚନା କରିଛନ୍ତି।

ମିଳିତ ସାମ୍ବାଦିକ ସମ୍ମିଳନୀରେ ଚାରି ନେତା କହିଛନ୍ତି ଯେ ତୃତୀୟ ପର୍ଯ୍ୟାୟ ମତଦାନ ପରେ ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କରିଛି। ୨୦୨୪ ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହ ରେକର୍ଡ କରିବେ। ଓଡ଼ିଶା ବିଜେପି ଏ ବିଷୟରେ ଅବଗତ ହେବାପରେ ମାନସିକ ଭାରସାମ୍ୟ ହରାଇଛି। ଗତକାଲି ରାତିରେ ଓଡ଼ିଶା ବିଜେପି ନେତା ପୀତାମ୍ବର ଆଚାର୍ଯ୍ୟ ଓ ଅନ୍ୟମାନେ ରାଜ୍ୟର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ ଓ ଅନ୍ୟ ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଏମ୍‌ସରେ ଡାକ୍ତରୀ ପରୀକ୍ଷା କରାଇବାର ଶ୍ରେୟ ନେବାକୁ ଚେଷ୍ଟା କରିଛନ୍ତି। ଯାହା ଭାରତୀୟ ନିର୍ବାଚନ ଆୟୋଗଙ୍କ ପ୍ରତି ସେମାନଙ୍କର ମନରେ ଥିବା କିଞ୍ଚିତ୍ ସମ୍ମାନକୁ ଦର୍ଶାଉଛି। ଓଡ଼ିଶା ବିଜେପି ନେତାଙ୍କ ଏଭଳି ବୟାନ ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଜେଡି ନେତାମାନେ କହିଛନ୍ତି।



■ ନିଶ୍ଚିତ ପରାଜୟ ଭୟରେ ଅଧିକାରୀଙ୍କୁ ବିଜେପିର ଟାର୍ଗେଟ
■ ନିର୍ବାଚନ କମିସନଙ୍କ ନା ନେଇ ଅଫିସରଙ୍କ ପଛରେ ପଡ଼ିଛି ବିଜେପି
■ ନିର୍ବାଚନରେ ସିଧାସଳଖ ଲଢିବାକୁ ବିଜେଡି ନେତାଙ୍କ ଆହ୍ୱାନ
■ ଜୀବନକୁ ବାଜି ଲଗାଇଥିବା ଅଫିସରଙ୍କୁ ନିଶାଣ ଦୁର୍ଭାଗ୍ୟଜନକ
■ ଗଣମାଧ୍ୟମ ପ୍ରତି ବି ବିଜେପି ନେତାଙ୍କ ସମ୍ମାନ ନାହିଁ
■ ନିର୍ବାଚନୀ ସଭାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧର୍ମେନ୍ଦ୍ରଙ୍କ ତାଚ୍ଛଲ୍ୟ
■ ଏଭଳି ଅହଙ୍କାରକୁ ଓଡ଼ିଶାବାସୀ କେବେ ବରଦାସ୍ତ କରନ୍ତି ନାହିଁ
■ ୩ୟ ପର୍ଯ୍ୟାୟ ନିର୍ବାଚନ ସୁଦ୍ଧା ବିଜେଡିକୁ ମିଳିଛି ସଂଖ୍ୟା ଗରିଷ୍ଠତା

ନିଜ ଜୀବନକୁ ବାଜି ଲଗାଇ ନକ୍ସଲଙ୍କ ସହ ଲଢ଼ି ରାଜ୍ୟରେ ନକ୍ସଲବାଦକୁ ରୋକିଥିବା ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଟାର୍ଗେଟ କରିଛି ଓଡ଼ିଶା ବିଜେପି। ବିଜେଡି ସହ ଲଢ଼ି ନ ପାରି ପରାଜିତ ହେଉଥିବାରୁ ଓଡ଼ିଶା ପାଇଁ ଜୀବନରେ ଅନେକ ବଳିଦାନ ଦେଇଥିବା ଜଣେ ଅଫିସରଙ୍କୁ ବିଜେପି ଟାର୍ଗେଟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିନୟ ପ୍ରଧାନଙ୍କ ଭଳି ଆଇଏଫ୍‌ଏସ୍‌ଙ୍କର ସମ୍ପୃକ୍ତି ବିଷୟରେ ମଧ୍ୟ ଆମେ ଅନେକ ଦାବିପତ୍ର ପ୍ରଦାନ କରିଥିଲୁ। ବିନୟ ପ୍ରଧାନ ଓ ତାଙ୍କ ଲିଙ୍କ୍ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏଥିରୁ ଜଣାପଡୁଛି ଯେ ଇସିଆଇକୁ ବିଜେପି ବ୍ୟବହାର କରୁଛି। ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏକ ରାଜନୈତିକ ଦଳ ଭାବରେ ବିଜେଡି ବହୁତ ଶକ୍ତିଶାଳୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବୀ ଲୋକପ୍ରିୟତା ଏହି ନିର୍ବାଚନରେ ପ୍ରତିଫଳିତ ହୋଇଛି ଏବଂ ଓଡ଼ିଶାରେ ବିଜେପି ଅତ୍ୟନ୍ତ ଦୟନୀୟ ଭାବେ ପରାଜିତ ହେଉଛି। ଏଥିରେ ହତାଶ ହୋଇ ବିଜେପି ରାଜ୍ୟର ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରିଛି। ଆମର ଅନୁରୋଧ ଯେ ପଛ ଦ୍ୱାର ଦେଇ ଯିବାକୁ ଚେଷ୍ଟା କରିବା ପରିବର୍ତ୍ତେ ବିଜେପି ଆମ ସହ ଲଢ଼େଇ କରୁ। ଓଡ଼ିଶାବାସୀ ଏହାକୁ ଦେଖୁଛନ୍ତି ଏବଂ ଚଳିତ ନିର୍ବାଚନ ଓ ଆଗାମୀ ଦିନରେ ମଧ୍ୟ ବିଜେପିକୁ ଏହାର କଡ଼ା ଜବାବ ଦେବେ ବୋଲି ସେମାନେ କହିଛନ୍ତି।

ଗତକାଲି ଯାଜପୁର ଜିଲ୍ଲା ବଡ଼ଚଣାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଧର୍ମେନ୍ଦ୍ର ପ୍ରଧାନ କିପରି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଉପରେ ଆକ୍ରମଣ କରିଥିଲେ ତାହା ମଧ୍ୟ ଆମେ ଆପଣଙ୍କୁ ଜଣାଇବାକୁ ଚାହୁଁଛୁ ବୋଲି ଏହି ୪ ନେତା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ଧମକ ଦେଇ ତାଙ୍କ ପ୍ରତି ଅତ୍ୟନ୍ତ ନିମ୍ନସ୍ତରର ଟିପ୍ପଣୀ ଦେଇଥିଲେ। ଏହା ସମାଜର ଚତୁର୍ଥ ସ୍ତମ୍ଭ ଓ ମୁକ୍ତ ଗଣମାଧ୍ୟମର ପବିତ୍ରତା ବିରୋଧୀ। ଏଭଳି ଅହଙ୍କାରକୁ ଓଡ଼ିଶାବାସୀ କେବେ ବରଦାସ୍ତ କରନ୍ତି ନାହିଁ ଓ ଶ୍ରୀ ପ୍ରଧାନ ଚଳିତ ନିର୍ବାଚନରେ ଯେତେବେଳେ ଦୟନୀୟ ଭାବେ ପରାଜୟ ବରଣ କରିବେ, ସେତେବେଳେ ସେମାନଙ୍କର ଉତ୍ତର ଜାଣିପାରିବେ। ବିଜେଡି ଚତୁର୍ଥ ସ୍ତମ୍ଭ ଏବଂ ଗଣମାଧ୍ୟମ ସହିତ ଛିଡ଼ା ହୋଇଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ଲୋକମାନେ ସେମାନଙ୍କ ବିରୋଧରେ କିଛି କରିପାରିବେ ନାହିଁ ବୋଲ ଆମେ ସେମାନଙ୍କୁ ଆଶ୍ୱାସନା ଦେଉଛୁ ବୋଲି ଡ.ପାତ୍ର, ଶ୍ରୀ ମଙ୍ଗରାଜ, ଶ୍ରୀମତୀ ଦେଓ ଓ ଡ.ମହାନ୍ତି କହିଛନ୍ତି।

**କୋଇଲା ରାଜସ୍ୱ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ପାଣ୍ଡିଆନଙ୍କ ଆକ୍ଷେପ**

# ନେବାବେଳେ ଚତୁର୍ଭୁଜ ଓ ଦେବାବେଳେ ଖାଲିହାତ

**ଭୁବନେଶ୍ୱର/ବାଲେଶ୍ୱର,୨୯।୫(ସମିସ):** କେନ୍ଦ୍ର ସରକାର ଓଡ଼ିଶାରୁ ପ୍ରତି ବର୍ଷ ଏମ୍‌ସିଏଲ୍‌ରୁ କୋଇଲା ବାବଦକୁ ୨୭ ହଜାର କୋଟି କୋଟି ଟଙ୍କା ପାଉଛନ୍ତି। ନାଲ୍‌କୋରୁ ୩ରୁ୪ ହଜାର କୋଟି ଓ ରେଳବାଇରୁ ୨୦ରୁ ୨୫ ହଜାର କୋଟି ଟଙ୍କା ନେଉଛନ୍ତି। କେବଳ ଏହାକୁ ମିଶାଇଲେ ଓଡ଼ିଶାରୁ କେନ୍ଦ୍ର ସରକାର ବର୍ଷକୁ ପାଖାପାଖି ୬୦ରୁ ୭୦ ହଜାର କୋଟି ଟଙ୍କା ପାଉଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରୁ ୭୦ ହଜାର କୋଟି ଟଙ୍କା ନେଉଥିବାବେଳେ ପ୍ରତି ବଦଳରେ ଏହାର ଏକ ଦଶମାଂଶ ଅର୍ଥାତ୍ ୫ରୁ ୬ ହଜାର କୋଟି ଟଙ୍କା ଓଡ଼ିଶାକୁ କେନ୍ଦ୍ର ପ୍ରଦାନ କରୁଛି ବୋଲି କହିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ।

ବୁଧବାର ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ବିଜେପି ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ କେନ୍ଦ୍ର ବିଜେପି ଓଡ଼ିଶାରୁ 'ନେବାବେଳେ ଚତୁର୍ଭୁଜ ଓ ଦେବା ବେଳେ ଖାଲିହାତ'। ମାତ୍ର ଏହି ବିଷୟରେ ସେମାନଙ୍କୁ ପ୍ରଶ୍ନ କଲେ, ଏହାର ଯଥାର୍ଥ ଉତ୍ତର ପରିବର୍ତ୍ତେ ସେମାନେ ଅଶାଳୀନ ଭାଷାରେ ଗାଳି କରୁଛନ୍ତି, ରତ୍ନଭଣ୍ଡାର ବା ଅନ୍ୟାନ୍ୟ ଅବାନ୍ତର କଥା କହି ଗାଳିଗୁଲଜ କରୁଛନ୍ତି। ଏହି ବିଷୟରେ ଓଡ଼ିଶା ବାସୀ ଜାଣିଛନ୍ତି ଓ ଆସନ୍ତା ୧ ତାରିଖରେ ଭୋଟ୍ ମାଧ୍ୟମରେ ଏହାର ଉତ୍ତର ଦେବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ବିଜେପିର ୧୦ ବର୍ଷର ବିଫଳତାକୁ ବର୍ଣ୍ଣନା କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ବିଜେପି ୧୦ ବର୍ଷ ହେବ ହେବ କେନ୍ଦ୍ରରେ କ୍ଷମତାସୀନ ରହିଛି। ହେଲେ ଏହି ସମୟ ମଧ୍ୟରେ ସେମାନେ ଚାଷୀମାନଙ୍କ ସମସ୍ୟାର ସମାଧାନ କରିପାରି ନାହାନ୍ତି। ୨୦୧୪ ମସିହାରେ

■ ନେଉଛନ୍ତି ୭୦ ହଜାର କୋଟି, ଦେଉଛନ୍ତି ୬ ହଜାର କୋଟି
■ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତରରେ କହୁଛନ୍ତି ଅପଶବ୍ଦ, ଅଶାଳୀନ ଭାଷା

ବିଜେପି କ୍ଷମତାକୁ ଆସିଲେ ଧାନର ଏମ୍‌ଏସ୍‌ପି ଓ ଚାଷୀଙ୍କ ଆୟ ଦୁଇଗୁଣା କରିଦେବା ନେଇ ବିଜେପି ନେତାମାନେ କହିଥିଲେ। ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଏବେ ପୁଣି ନିର୍ବାଚନ ଆସିଛି ଚାଷୀଙ୍କ କଥା ବିଜେପି ମନେ ପକାଇ ଧାନର ଏମ୍‌ଏସ୍‌ପି ୩୧୦୦ଟଙ୍କା କରିବେ ବୋଲି କହିଛନ୍ତି। ୧୦ ବର୍ଷ ମଧ୍ୟରେ ଚାଷୀଙ୍କ ପାଇଁ କୌଣସି କାମ ନ କରି ନିର୍ବାଚନ ବେଳେ ଏଭଳି କଥାଠାରୁ ଆଉ କୌଣସି ଦୁର୍ଭାଗ୍ୟଜନକ ଘଟଣା ନାହିଁ ବୋଲି ସେ କହିଛନ୍ତି।

ଶ୍ରୀ ପାଣ୍ଡିଆନ୍ ଆହୁରି କହିଛନ୍ତି ଯେ କେବଳ ଚାଷୀ ପ୍ରସଙ୍ଗ ନୁହେଁ ୨୦୧୪ରେ ବିଜେପି ଦରଦାମ ହ୍ରାସକୁ ବଡ଼ ପ୍ରସଙ୍ଗ କରି ନିର୍ବାଚନ ଲଢ଼ିଥିଲା। ଡାଲି ଦର, ପେଟ୍ରୋଲ ଦର, ଏଲପିଜି ଦର ହ୍ରାସ କରିବେ ବୋଲି କହିଥିଲେ। କିନ୍ତୁ ସରକାର ଗଠନ ପରେ ଏ ସବୁ ପ୍ରତିଶୃତିକୁ ଭୁଲିଗଲେ। ସେହିପରି ପ୍ରତି ବର୍ଷ ୨ କୋଟି ରୋଜଗାର ଦେବାକୁ ମଧ୍ୟ ବିଜେପି କହିଥିଲା। କିନ୍ତୁ ଏହି ସଂଖ୍ୟା ୨ ଲକ୍ଷ ହୋଇଛି ନାହିଁ ଶ୍ରୀ ପାଣ୍ଡିଆନ୍ ପ୍ରଶ୍ନ କରିଛନ୍ତି। ବର୍ଷକୁ ୨ କୋଟି ଚାକିରୀ ଦିଆଯାଇଥିଲେ ୧୦ ବର୍ଷରେ ଓଡ଼ିଶାରୁ ୮୦ ଲକ୍ଷ ଯୁବକ ଯୁବତୀ ନିଯୁକ୍ତି ପାଇଥାନ୍ତେ। ମାତ୍ର ଦୁର୍ଭାଗ୍ୟର କଥା ଯେ ୮୦ ଲକ୍ଷ ଦୂରର କଥା ଓଡ଼ିଶାରୁ ୮୦ ହଜାର କିମ୍ବା ୮ ହଜାର ଯୁବକ ଯୁବତୀଙ୍କୁ କେନ୍ଦ୍ର ସରକାର ଚାକିରୀ ଦେଇଛନ୍ତି କି ନାହିଁ ତାହା ଉପରେ ସନ୍ଦେହ ପ୍ରକଟ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ୍।

**'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୪'**

# 'ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହେଲେ ସଫଳତା ନିଶ୍ଚିତ'

**ଭୁବନେଶ୍ୱର, ୨୯।୫(ସମିସ):** ସଫଳତା ପାଇବା ପାଇଁ ଲକ୍ଷ୍ୟସ୍ଥଳ ସ୍ଥିର କରିବା ନିହାତି ଆବଶ୍ୟକ। ବଡ଼ ସ୍ୱପ୍ନ ଦେଖିବା ମଧ୍ୟ ଜରୁରୀ, ଯେଉଁ ସ୍ୱପ୍ନ ଶୁଆଇ ଦେବ ନାହିଁ। ଅଭିଭାବକମାନେ ନିଜ ପିଲାଙ୍କୁ ସ୍ୱପ୍ନ ଦେଖାଇବାରେ ପ୍ରମୁଖ ଭୂମିକା ନିଅନ୍ତୁ। ଦଶମ ଶ୍ରେଣୀ ଜୀବନର ଏକ ମାଇଲ୍ ଖୁଣ୍ଟ। ହେଲେ ଏହା କେବଳ ଆରମ୍ଭ ମାତ୍ର। ଆଗକୁ ଅନେକ ବାଟ ଯିବାର ଅଛି। ଜୀବନରେ ଲକ୍ଷ୍ୟ ହାସଲ ପାଇଁ ଆତ୍ମବିଶ୍ୱାସର ସହ ନିରନ୍ତର ପ୍ରୟାସ କଲେ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ। ଭୁବନେଶ୍ୱରରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୪' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଆହୁରି କହିଛନ୍ତି, ଛାତ୍ରଛାତ୍ରୀମାନେ ନିଜର ଦକ୍ଷତାକୁ ଚିହ୍ନିବା ସହ ଆଗ୍ରହ ଅନୁଯାୟୀ ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ। ସଫଳତା ପାଇବାକୁ ହେଲେ ପ୍ରଥମେ ନିଜକୁ ଶୃଙ୍ଖଳିତ କରିବାକୁ ଛାତ୍ରଛାତ୍ରୀଙ୍କୁ ଶ୍ରୀ ବିଶ୍ୱାଳ ଆହ୍ୱାନ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଗାନ୍ଧୀବାଦୀ ତଥା ସ୍ତମ୍ଭକାର ପ୍ରହ୍ଲାଦ ସିଂ ଯୋଗଦେଇ କହିଛନ୍ତି, ଗାନ୍ଧୀଙ୍କ ଭାଷାରେ ଭାଷା ହେଉଛି ଦୁଇ ପ୍ରକାର। ଗୋଟିଏ କୃତଜ୍ଞତାର ଭାଷା ଓ ଅନ୍ୟଟି କୃତଘ୍ନତାର ଭାଷା। ପିତାମାତା ଓ ସମାଜ ନିକଟରୁ ପାଇଥିବା କୃତଜ୍ଞତାର ଭାଷାକୁ ଅନୁସରଣ କଲେ ସମାଜରେ ଜଣେ ଭଲ ମଣିଷ ହୋଇପାରିବ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି, ସର୍ବଦା ସତ କହିବା ସହ ଧର୍ମର ଆଚରଣ କର। ପିତାମାତା, ଗୁରୁ ଓ ଅତିଥିଙ୍କୁ ସମ୍ମାନ କର। କଥା, କାମ ଓ ଚିନ୍ତା ପରି ତିନୋଟି ବିନ୍ଦୁକୁ ସତ୍‌ର ସରଳରେଖାରେ ରଖିପାରିଲେ ସ୍ୱତଃ ଜଣେ ଭଲ ମଣିଷ ହୋଇପାରିବ ବୋଲି ସେ କହିଛନ୍ତି।

ସେହିପରି 'ସକାଳ'ର ସମ୍ପାଦକ ଡ. ଉମାକାନ୍ତ ମିଶ୍ର କହିଛନ୍ତି, ଆଜିର ପ୍ରତିଭା ଆସନ୍ତାକାଲିର ଭବିଷ୍ୟତ। ନିଜ ପାଇଁ, ପରିବାର ପାଇଁ ଓ ସର୍ବୋପରି ସମାଜ ପାଇଁ କିଛି କରିବାକୁ ଛାତ୍ରଛାତ୍ରୀମାନେ ପ୍ରତିବଦ୍ଧ ହୁଅନ୍ତୁ। ନିଜର ଅସ୍ମିତା ସମ୍ପର୍କରେ ଅବଗତ ଓ ସଚେତନ ହୋଇ କର୍ତ୍ତବ୍ୟ ପଥ ନିର୍ଦ୍ଧାରଣ କରନ୍ତୁ।

■ ଛାତ୍ରଛାତ୍ରୀମାନେ ଗ୍ରନ୍ଥକୀଟ ହୁଅନ୍ତୁ ନାହିଁ
■ କୃତଜ୍ଞତାର ଭାଷା ଅନୁସରଣ କଲେ ଜଣେ ଭଲ ମଣିଷ ହୋଇପାରିବ
■ ରାଜ୍ୟର ୫ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ମାଟ୍ରିକ୍ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଜନ୍ମଦାତାଙ୍କ ସହ ଜନ୍ମଭୂମିର ଖ୍ୟାତି ପାଇଁ ଯତ୍ନଶୀଳ ହୁଅନ୍ତୁ। ଏହାସହ ସମୟ ସ୍ରୋତରେ ଭାସି ନଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି 'ସକାଳ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ କହିଛନ୍ତି, ଛାତ୍ରଛାତ୍ରୀମାନେ ଗ୍ରନ୍ଥକୀଟ ହୁଅନ୍ତୁ ନାହିଁ। ନିଜକୁ ବ୍ୟାପକ କରନ୍ତୁ। ଜ୍ଞାନର ପରିସୀମା ଯେତେ ପରିବ୍ୟାପ୍ତ ହେବ, ବ୍ୟକ୍ତିତ୍ୱ ସେତିକି ବିକଶିତ ହେବ। କୌଣସି କାମ କରିବା ପୂର୍ବରୁ ମନରେ ଆତ୍ମବିଶ୍ୱାସ ରଖିବା ଜରୁରୀ। ଆତ୍ମବିଶ୍ୱାସ ଥିଲେ, ସମସ୍ତ କ୍ଷେତ୍ରରେ ସଫଳତା ପାଇପାରିବେ ବୋଲି ସେ କହିଛନ୍ତି। ସେହିପରି ରୁଚି ସର୍ବଦା ପ୍ରତିଭାଙ୍କୁ ସମ୍ମାନ ଦେଇ ସୁଦୃଢ଼ ମୂଳଦୁଆ ପକାଇବାକୁ ପ୍ରାଥମିକତା ଦେଇଥାଏ ବୋଲି ରୁଚି ଫୁଡ୍ ଲାଇନ୍‌ର ବିଜନେସ୍ ଆସୋସିଏଟ୍ ଆଦିତ୍ୟ କୁମାର ଗଜେନ୍ଦ୍ର ପ୍ରକାଶ କରିଛନ୍ତି।

ଏହି ଅବସରରେ ବ୍ଲକ ଓ ଜିଲ୍ଲାସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଏବଂ ଜିଲ୍ଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଦ୍ୟାଳୟକୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ପ୍ରାୟୋଜକ ଥିବା ରୁଚି ଫୁଡ୍ ଲାଇନ୍‌ର ବିଜନେସ୍ ଆସୋସିଏଟ୍ ଆଦିତ୍ୟ କୁମାର ଗଜେନ୍ଦ୍ରଙ୍କ ସହ ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ ଭୂୟାଁଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅନ୍ୟତମ ପ୍ରାୟୋଜକ ଥିବା ଜୁପିଟର ସାଇନ୍ସ କଲେଜ୍‌ର ପ୍ରାଣୀବିଜ୍ଞାନ ଅଧ୍ୟାପିକା ବାଣୀ ପ୍ରିୟଦର୍ଶିନୀ ଓ ଜିଏମ୍ ସୌମେନ୍ଦୁ କୁମାର ମହାନ୍ତି ଏବଂ ଓମ୍‌ଫେଡ୍‌ର ମାର୍କେଟିଂ ଅଧିକାରୀ ଦୀପକ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। 'ସକାଳ' ସିଇଓ ସୁବ୍ରତ ଦାସ ଓ 'ନନ୍ଦିଘୋଷ ଟିଭି' ସିଇଓ ଜବର ସିଂ ପନୱର ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ନନ୍ଦିଘୋଷ ଟିଭି ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ 'ସକାଳ'ର ସହ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସକାଳ ଓ ନନ୍ଦିଘୋଷ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ଏକ ସମୟରେ ଭୁବନେଶ୍ୱର ସମେତ ସମ୍ବଲପୁର, ବ୍ରହ୍ମପୁର, ଜୟପୁର ଓ ଢେଙ୍କାନାଳରେ ଅନୁରୂପ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକ୍‌ସ୍ତରର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



# ‘ସକାଳ’ ଓ ‘ନନ୍ଦିଘୋଷ’ର ପ୍ରୟାସ ମାଟ୍ରିକ୍ ବିଦ୍ୟାର୍ଥୀଙ୍କୁ ଉତ୍ସାହ ଯୋଗାଇବ

- ‘ସକାଳ’-‘ନନ୍ଦିଘୋଷ’ ପରିବାରର ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୪
- ଆଗକୁ ବଢ଼ିବା ଲାଗି ସଫଳତାର ମନ୍ତ୍ର ଦେଲେ ଅତିଥି
- ଅନୁଭୂତି ବଖାଣିଲେ ମେଧାବୀ ଛାତ୍ରଛାତ୍ରୀ

ବ୍ରହ୍ମପୁର, ୨୯ ।୫(ସମିସ): ଦୈନିକ ସକାଳ ଓ ନନ୍ଦିଘୋଷ ପରିବାର ପକ୍ଷରୁ ସ୍ଥାନୀୟ ଗୁଡସ ସେଡ୍ ରୋଡ଼ ସ୍ଥିତ ଗୁରୁକୁଳ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲ ପରିସରରେ ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗତ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତାର ସହ କୃତୀତ୍ୱ ହାସଲ କରିଥିବା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ମେଧାବୀ ବିଦ୍ୟାର୍ଥିମାନଙ୍କୁ ଏଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସକାଳ ବ୍ରହ୍ମପୁର ସଂସ୍କରଣ ଅଧିନସ୍ଥ ଏହି ତିନୋଟି ଜିଲ୍ଲାର ଜିଲ୍ଲା ଟପ୍ପର, ପ୍ରତ୍ୟେକ ବ୍ଲକର ଟପ୍ପର, ପାସ୍‌ହାରରେ ସର୍ବାଗେ ଥିବା ଶ୍ରେଷ୍ଠ ସ୍କୁଲ ଓ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଟପ୍ପରଙ୍କ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ଏଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ‘ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ଦକ୍ଷିଣାଞ୍ଚଳ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ଼ କୁଳମଣି ଓଝା, ବରିଷ୍ଠ ବିଶେଷଜ୍ଞ ତଥା ରୋଲାଣ୍ଡ ଗ୍ରୁପ ଅଧକ୍ଷ ଡାକ୍ତର ସୁନୀଲ କୋଟା, ବରିଷ୍ଠ ସଂସ୍କୃତି ଗବେଷକ ତଥା ଆର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ଉଦଘୋଷକ ଡ଼ ହୃଷିକେଷ ପାଣିଗ୍ରାହୀ, ଗୁରୁକୁଳ ଇଣ୍ଟର ନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ନିମନ୍ତେ ନିଜ ଜୀବନ ସମ୍ପର୍କରେ ଆଲୋକପାତ ହୃଷିକେଶ ପାଣିଗ୍ରାହୀ କରିଥିଲେ। ସେହିପରି ଯଦି ଆଗକୁ ବଢ଼ିବାର ଅଛି ଯଦି ଜିଦ୍ ନିହାତି ଆବଶ୍ୟକ ବୋଲି କହିଥିଲେ। ‘ଦି ଲସ ଅଫ ଲାଇଫ’ ପୁସ୍ତକର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଜୀବନରେ କିଭଳି ଆଗକୁ ବଢ଼ିବ ଓ ସଫଳତା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ ଶ୍ରୀ ପାଣିଗ୍ରାହୀ। ଜୀବନରେ ଅଧବସାୟ ଜାରି ରଖିବା




ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସବୁବେଳେ ଉଦ୍ୟମ କରିବା ଉଚିତ ବୋଲି ଡ଼ ସିଦ୍ଧାର୍ଥ ପାଢ଼ୀ କହିଥିଲେ। ଛାତ୍ର ଜୀବନର ଅନୁଭୂତି ଓ ପରାକାଷ୍ଠା ଜଣେ ବିଦ୍ୟାର୍ଥୀଲାଗି ସବୁବେଳେ ସ୍ମରଣୀୟ। ପାଠ ପଢ଼ାରେ ସବୁବେଳେ ଧ୍ୟାନ ଦେଲେ ଆଗାମୀ ଜୀବନ ମଧ୍ୟ ସୁଖପ୍ରଦ ହେବ ବୋଲି ଡ଼ କୁଳମଣି ଓଝା କହିଥିଲେ। ମଞ୍ଜିରୁ ଗଛ ଓ ଗଛର ଅବଦାନ ସମ୍ପର୍କରେ କହି ବିଦ୍ୟାର୍ଥୀଙ୍କ ମୂଳଦୂଆ ଓ ବାସ୍ତବ ସ୍ୱପ୍ନ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ ଡାକ୍ତର ସୁନୀଲ କୁମାର କୋଟା। ବର୍ତ୍ତମାନ ସମୟରେ ଦେଶକୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତ୍ୟନ୍ତ ଆବଶ୍ୟକ ରହିଛି। ଏପରି ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଯଥା ସେନାବାହିନୀ, ବିଚାରପତି, ନୌସେନା ବାହିନୀ, ଇଞ୍ଜିନିୟର ଭଳି କ୍ଷେତ୍ରରେ ନିଜ ଜ୍ଞାନକୌଶଳରେ



ବ୍ୟବହାର କରି ଦେଶକୁ ଏହାକୁ ନେବାକୁ ଆବଶ୍ୟକ ରହିଛି ବୋଲି ପ୍ରଶାନ୍ତ ମହାପାତ୍ର କହିଥିଲେ। ସେହିଭଳି ଦୈନିକ ସକାଳ ଓ ନନ୍ଦିଘୋଷ ଗ୍ରୁପ୍‌ର ଏହି କାର୍ଯ୍ୟକ୍ରମ ଏକ ନିଆରା ପ୍ରୟାସ। ଏଥିଦ୍ୱାରା ବିଦ୍ୟାର୍ଥୀଙ୍କ ମଧ୍ୟରେ ଉଚ୍ଚଶିକ୍ଷା ପାଇଁ ଉତ୍ସାହ ବୃଦ୍ଧି ପାଇବ। ପ୍ରତ୍ୟେକ ମୁହୂର୍ତ୍ତରେ ମଣିଷ ପରୀକ୍ଷା ଦେଇଥାଏ। ହେଲେ ମାଟ୍ରିକ୍ ପରୀକ୍ଷାର ଅନୁଭୂତି ନିଆରା। ଜୀବନରେ ଯେତେ ସୋପାନ ଉପରକୁ ଉଠିଲେ ମଧ୍ୟ ମାଟ୍ରିକ୍ ପରୀକ୍ଷାର ସ୍ମୃତି ସବୁବେଳେ ଅନନ୍ୟ। ମାଟ୍ରିକ୍ ପରୀକ୍ଷା ବିଗତ ଦିନରେ ଜୀବନର ଏକ ବଡ଼ ପରୀକ୍ଷା ଥିଲା। ଏଥିରେ ସଫଳତା ପାଇବା ସମସ୍ତଙ୍କ ପକ୍ଷେ ନୂଆ ପ୍ରେରଣା ଓ ଉତ୍ସାହ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏ ଅବସରରେ ଗଞ୍ଜାମ ଜିଲ୍ଲା ଟପ୍ପର ଭାବେ ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ର ଆୟୁଷ ଆଶୁତୋଷ ବେହେରା, ଗଜପତି ଜିଲ୍ଲା ଟପ୍ପର ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଶୁଶୋଭନ ପାତ୍ର, କନ୍ଧମାଳ ଜିଲ୍ଲା ଟପ୍ପର ଭାବେ ହବାକ ହାଇସ୍କୁଲ ଜି ଉଦରଗିରିର ସ୍ୱୟସ ସାମଲଙ୍କୁ ସକାଳ ଓ ନନ୍ଦିଘୋଷ ପରିବାର ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିଭଳି ଜିଲ୍ଲା ଟପ୍ପର ମାନଙ୍କ ସଫଳତା ପଛରେ ଦୃଢ ଦାୟିତ୍ୱ ନେଇଥିବା ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ମଧ୍ୟ ଏଠାରେ ଟ୍ରଫି ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାର ଜିଲ୍ଲା ଟପ୍ପର ସ୍କୁଲ ଭାବେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ଅଧକ୍ଷ ଏସ ମୋହନ ରାଓ, ସର୍ବାଧିକ ପାସହାର ଥିବା ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଡ଼ ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅନୁରୂପ ଭାବେ ଗଜପତି ଓ କନ୍ଧମାଳ ଜିଲ୍ଲାର ମଧ୍ୟ ପ୍ରଦାନ କରାଯାଇଛି।

ସେହିଭଳି ସକାଳ ଓ ନନ୍ଦିଘୋଷ ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୪କାର୍ଯ୍ୟକ୍ରମ ପାଇଁ ବିଶେଷ ସହଯୋଗ କରିଥିବା ରୁଚି ମସଲା, ଓମଫେଡ଼, ବ୍ରହ୍ମପୁର ସ୍ଥିତ ସାମନ୍ତରାଏ ଏକାଡ଼େମୀ, ଗୁରୁକୁଳ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲ, ଶ୍ରୀ ଅରବିନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଜୁକେଶନ, ବେଦବ୍ୟାସ ରେଜିଡ଼େଣ୍ଟାଲ୍ ସ୍କୁଲ, ନାଳନ୍ଦା ରେସିଡ଼େନ୍ସ କଲେଜ୍ କର୍ତ୍ତୃପକ୍ଷଙ୍କୁ ଏଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ରହ୍ମପୁର ସଂସ୍କରଣ ସିନିୟର ରିପୋର୍ଟର କ୍ଷୀରସିନ୍ଧୁ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ, ବିଜ୍ଞାପନ ବିଭାଗୀୟ ମୁଖ୍ୟ ଦୀପକ କୁମାର ପଣ୍ଡା ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନି ମହାପାତ୍ର, ରବୀନ୍ଦ୍ର ଗୌଡ଼, କହ୍ନେଇ ମହାନ୍ତି, ପିଣ୍ଟୁ ବେହେରା, ସୁଶାନ୍ତ କୁମାର ପଣ୍ଡା, ଗୋପାଳ ରେଡ୍ଡୀ, ଶଙ୍କର ଭଦ୍ରା, ରାଧାକୃଷ୍ଣ ରଥ, ରବୀନ୍ଦ୍ର କୁମାର ସାହୁ, ଗଜପତି ଜିଲ୍ଲା ପ୍ରତିନିଧି ରଶ୍ମୀରଞ୍ଜନ ମିଶ୍ରଙ୍କ ସମେତ ସମେତ ତିନୋଟି ଜିଲ୍ଲାର ସମସ୍ତ କ୍ଲବ ପ୍ରତିନିଧି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ରୁଚି ସ୍ପାଇସେସର ପୁଷ୍ପରାଜ ସୁବୁଦ୍ଧି ଓ ସହଯୋଗୀ, ଓମଫେଡ଼ର କିର୍ତ୍ତୀ ପାଣିଗ୍ରାହୀ ଓ ସହଯୋଗୀ, ନାଳନ୍ଦା ଶ୍ରୀ ରେସିଡ଼େନ୍ସିଆଲ କଲେଜର କାଳୀପ୍ରସାଦ ସାହୁ, ସାମନ୍ତରାୟଏ ଏକାଡ଼େମୀର ଦୀପକ କୁମାର ପାଢ଼ୀ, ଅରବିନ୍ଦ କଲେଜର ଉମାକାନ୍ତ ପାଣ୍ଡ୍ରିଗାହୀ, ଗୁରୁକୁଳ ସ୍କୁଲର ନନ୍ଦ ବାବୁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଚୋରାମଦ କାରବାର ବଢୁଛି ପୁଲିସ ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା

ବ୍ରହ୍ମପୁର,୨୯।୫ (ସମିସ): ଗଞ୍ଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଶେଷ ହୋଇଛି, ଭୋଟ ଗଣତିକୁ ଆଉ ମାତ୍ର ଅଳ୍ପ ଦିନ। ନିର୍ବାଚନ ପରବର୍ତ୍ତୀ ହିଂସାକୁ ରୋକିବା ପାଇଁ ଗଞ୍ଜାମ ପୋଲିସ ଜିଲ୍ଲା ପକ୍ଷରୁ ରାତ୍ର ୧୦ଟା ପରେ ବିଭିନ୍ନ ଥାନା ଅଂଚଳରେ ଥିବା ଢାବା ଓ ଚାହା ଦୋକାନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଚମାଖଣ୍ଡି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ଥିବା କଲେଜ ଛକ ଓ ଅନ୍ୟକିଛି ସ୍ଥାନରେ ଦିନ ଦ୍ୱିପହରରେ ଖୁଲମଖୁଲା ଚୋରାମଦ କାରବାର ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚିନ୍ତାରେ କଲେଜ ଛାତ୍ରଛାତ୍ରୀ ଓ ଅଭିଭାବକ। କାହା ଇଙ୍ଗିତରେ ଏହି ଚୋରାମଦ କାରବାର ଚାଲିଛି, ଏହାକୁ କିଏ ଚଳାଇଛି ଓ କାହାର କାହାର ସମ୍ପୃକ୍ତି ରହିଛି ତାହାର ନିରପେକ୍ଷ ତଦନ୍ତ କରି ତୁରନ୍ତ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଏଭଳି ଘଟଣା କିଛି ନୂଆ ନୁହଁ କାରଣ ଏନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଯୋଗୁଁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। କଲେଜ ଠାରୁ ମାତ୍ର ଏକ କିଲୋମିଟର ଦୂରରେ ଜଗନ୍ନାଥପୁର ପୁଲିସ ବିଟହାଉସ ଥିଲେ ମଧ୍ୟ ମଦବିକ୍ରି ହେବା ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଖୁଲମଖୁଲା ଚାଲିଥିବା ମଦ କାରବାରକୁ ତୁରନ୍ତ ବନ୍ଦ କରିବାକୁ ଉଭୟ ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ନିକଟରେ ଦାବି ହୋଇଛି।

## ମୁକ୍ତିଲାଭ କଲା ଭକ୍ତିପୂର୍ଣ୍ଣ ଭଜନ ‘ଦୁର୍ବନ୍ଧବାସିନୀ ମା’



ବ୍ରହ୍ମପୁର, ୨୯ ।୫(ସମିସ): ବ୍ରହ୍ମପୁର ନିକଟସ୍ଥ ଦୁର୍ବନ୍ଧ ଗ୍ରାମରେ ପ୍ରତିଷ୍ଠିତ ମା’ ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ଉପଲକ୍ଷେ ରାଧାରାଣୀ ପ୍ରଡକ୍ସନ୍ ନିବେଦିତ ପ୍ରଭାତ କୁମାର ସାହୁଙ୍କ ପ୍ରଯୋଜନାରେ ଓ ଯାତ୍ରା କମିଟି ସଦସ୍ୟଙ୍କ ସହାୟତାରେ ମୁକ୍ତି ଲାଭ କରିଛି ଭଜନ ସିଡି ‘ଦୁର୍ବନ୍ଧବାସିନୀ ମା’। ବୁଢ଼ୀ ଠାକୁରାଣୀଙ୍କ ଅସ୍ଥାୟୀ ମନ୍ଦିରରେ ଏହି ଭଜନ ସିଡିର ଶୁଭ ଉନ୍ମୋଚନ ହୋଇଯାଇଛି। ମା’ ବୁଢ଼ୀ ଠାକୁରାଣୀଙ୍କ ଭକ୍ତିପୂର୍ଣ୍ଣ ଗୀତ ପ୍ରଭାତ କୁମାର ସାହୁ ରଚନା କରିଥିବା ବେଳ ସଙ୍ଗୀତ ଓ କଣ୍ଠଦାନ କରିଛନ୍ତି ସୁନାମଧନ୍ୟ କଣ୍ଠଶିଳ୍ପୀ କାଳୀ ପ୍ରସାଦ ପଣ୍ଡା। ଭଜନଟିର ଜନାଦୃତି ପାଇଁ ସୁନ୍ଦର ରୂପେ ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ନଳିନୀକାନ୍ତ ଗୌଡ। ନୃତ୍ୟଶିଳ୍ପୀ ନନ୍ଦିନୀ ମିଶ୍ର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲା ବେଳେ ଏଥିରେ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ନଳିନୀକାନ୍ତ ଗୌଡ଼, ନନ୍ଦିନୀ ମିଶ୍ର, ଆଶାରାଣୀ ସାମଲ ଓ ଆନନ୍ଦ ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ତତ୍ ସହିତ ଆଦ୍ୟାଶା ପଣ୍ଡା, ଅଂଶିତା ମହାନ୍ତି, ଈପ୍ସିତା ଆଚାର୍ଯ୍ୟ, ନକ୍ଷିତା ବିଷୋୟୀ ଓ ରତିକା ମହାପାତ୍ର ଏହି ସିଡିରେ ଚମତ୍କାର ନୃତ୍ୟ ପରିବେଷଣ କରିଛନ୍ତି। ଚିତ୍ରତ୍ତୋଳନ/ସମ୍ପାଦନା ଦାୟିତ୍ୱ ତୁଲାଇଥିଲେ ବାପି ପଟ୍ଟନାୟକ ଓ ସନ୍ଦୀପ୍। ବିଶେଷକରି ସତ୍ୟ ମହାରଣା, ସୁଜୟତାରାଣୀ ପଣ୍ଡା, ତପସ୍ୱିନୀ ସାହୁ, ସନ୍ତୋଷ ମହାନ୍ତି, ସୁଧାଂଶୁ ସାହୁ ପ୍ରମୁଖ ଦୁର୍ବନ୍ଧ ଗ୍ରାମର ଠାକୁରାଣୀ ଯାତ୍ରା କମିଟି ସଦସ୍ୟମାନେ ଏହି ଭଜନ ସିଡି ପ୍ରସ୍ତୁତିରେ ସହଯୋଗ କରିଥିଲେ। ଯାତ୍ରା କମିଟି ସଦସ୍ୟମାନଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଇ ସଙ୍ଗୀତ ଭିଜୁଆଲକୁ ଭୁରି ଭୁରି ପ୍ରଶଂସା କରି ନିର୍ଦ୍ଦେଶକ, ଗୀତିକାର, ନୃତ୍ୟ ନିର୍ଦ୍ଦେଶିକା, ଚିତ୍ରତ୍ତୋଳନ ଓ ସମ୍ପାଦନା ଦାୟିତ୍ୱ ବହନ କରିଥିବା ବ୍ୟକ୍ତିମାନଙ୍କୁ ଉପଢୌକନ ଓ ପୁଷ୍ପସ୍ତବକ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ।

## ନିଶା ବିସ୍କୁଟ ଦେଇ ପିଲା ଚୋରି ଉଦ୍ୟମ, ମହିଳା ଗିରଫ

ବ୍ରହ୍ମପୁର,୨୯।୫ (ସମିସ): ସ୍ଥାନୀୟ ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡା ଖ୍ରୀଷ୍ଟିଆନ ସାହିରେ ନିଶା ବିସ୍କୁଟ ଦେଇ ଶିଶୁଙ୍କୁ ଚୋରି କରିବା ଉଦ୍ୟମ ଅଭିଯୋଗରେ ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ମହିଳା ଜଣକ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ଛକ କେଉଟ ସାହିର ବର୍ଷା ବେହେରା(୨୮)। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ସନ୍ଧ୍ୟା ସାଢେ ୭ଟା ସମୟରେ ଖ୍ରୀଷ୍ଟିଆନ ସାହିରେ ଜଣେ ମହିଳା ଏକ ଅଖାରେ କିଛି ଭାରି ସାମଗ୍ରୀ ଧରି ସାହି ଶେଷମୁଣ୍ଡରେ ବସିଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଉକ୍ତ ଅଖା ଭିତରେ କିଛି ଗୋଟେ ହଲଚଲ ହେଉଥିବା ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ଉପୁଜିଥିଲା। ଲୋକମାନେ



ମହିଳାଙ୍କ ନିକଟକୁ ଯାଇ ପଚରାଉଚରା କରିଥିଲେ। ଅଖା ଖୋଲି ଦେଖିବା ବେଳେ ତା’ ଭିତରୁ ୯ ବର୍ଷର ଶିଶୁଟିକୁ ଉଦ୍ଧାର କରାଯାଇଥିଲା। ତେବେ ସେହି ସମୟରେ ଶିଶୁଟି ଅର୍ଦ୍ଧଚେତା ଅବସ୍ଥାରେ ରହିଥିଲେ। ଉକ୍ତ ଶିଶୁଟି ସେହି ସାହିର ମିଲି ମଲ୍ଲିକଙ୍କ ପୁଅ ବୋଲି ଲୋକମାନେ ଜାଣିବାକୁ ପାଇଥିଲେ। ସେପଟେ ମହିଳା ଜଣକ ଅପରିଚିତ ଥିବାରୁ ଲୋକମାନେ ତାଙ୍କୁ ଅଟକ ରଖିଥିଲେ। ଅଖା ଭିତରକୁ ଶିଶୁଟି କିପରି ଆସିଲା ବୋଲି ପଚାରିବାରେ ମହିଳା ଜଣଙ୍କ କୌଣସି ପ୍ରକାର ସଠିକ ଉତ୍ତର ଦେଇ ପାରିନଥିଲେ। ସେ ଶିଶୁଟିକୁ କୌଣସି ପ୍ରକାର ନିଶା ଦେଇ ଚୋରି କରି ନେଇଯିବାକୁ ବସିଥିବା ଅନୁମାନ କରି ସ୍ଥାନୀୟ ଲୋକେ ସମ୍ପୃକ୍ତ ମହିଳାଙ୍କୁ କାବୁ କରି ନିମଖଣ୍ଡି ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ବର୍ଷା ବେହେରା ନାମ୍ନୀ ଙ୍କୁ କାବୁ କରି ଥାନାକୁ ନେଇଥିଲା। ଘଟଣାକୁ ନେଇ ସାହିର ମିଲି ମଲ୍ଲିକ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ ମହିଳାଙ୍କ ଅଖା ବ୍ୟାଗରୁ ଉଦ୍ଧାର ହୋଇଥିବା ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ପୁଲିସ ଦ୍ୱାରା ଗିରଫ ମହିଳା ବର୍ଷା। ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ସାହିକୁ ଯାଇ ଶିଶୁଟି ଖେଳୁଥିବା ବେଳେ ତାକୁ ପାଖକୁ ଡାକି ଏକ ବିସ୍କୁଟ ଖାଇବାକୁ ଦେଇଥିଲେ। ବିସ୍କୁଟ ଖାଇବାର କିଛି ସମୟ ପରେ ଶିଶୁଟି ଅଚେତ ହୋଇପଡିଥିଲେ। ପରେ ବର୍ଷା। ନିଜ ସାଙ୍ଗରେ ଆଣିଥିବା ଏକ ଅଖାରେ ଶିଶୁଟିକୁ ଭର୍ତ୍ତି କରି ଦେଇଥିଲେ। ଲୋଚାପଡାରେ ପିଲା ଚୋରି ଉଦ୍ୟମ କରାଯାଇଥିବା ଖବର ପ୍ରସାରିତ ହେବାପରେ ପୁଲିସ ଘଟଣାର ତଦନ୍ତ କରି ବର୍ଷାଙ୍କୁ ଗିରଫ କରିଥିବା ଏସଆଇ ଅଭିଷେକ ପାଣ୍ଡବ ସୂଚନା ଦେଇଛନ୍ତି।

## ଯୁବକକୁ ମାଡ଼ମାରିବା ଘଟଣା, କିନ୍ନର ଗିରଫ

ବ୍ରହ୍ମପୁର, ୨୯ ।୫(ସମିସ): ଡେଙ୍ଗାପଦରଠାରେ ଚାଲିଥିବା ଯାତ୍ରାରେ ଜଣେ ଯୁବକକୁ ଆକ୍ରମଣ କରିଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ କିନ୍ନରକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ମନ୍ଦିର ସ୍ଥିତ ରାଇପୁର ଗ୍ରାମର ଲକି ପ୍ରଧାନ(୨୩)। ଗିରଫ ଲକି ଜଣେ କିନ୍ନର ବୋଲି ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେଲା ସ୍ଥାନୀୟ ଡେଙ୍ଗାପଦର ଗ୍ରାମରେ ଯାତ୍ରା ଚାଲିଥିଲା। ଏହି ଯାତ୍ରାରେ ରାମାୟଣ ନାଚ ଚାଲିଥିବା ବେଳେ ଦିଗପହଣ୍ଡି ବରପଲ୍ଲୀ ଗ୍ରାମର ରାଜୀବ ସ୍ୱାଇଁଙ୍କ ସହ କିଛି କିନ୍ନରଙ୍କ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ପରେ କିନ୍ନର ଲକି ଅଶୀଳ ଭାଷାରେ ଗାଳି ଗୁଲଜ କରିବା



ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ରାଜୀବଙ୍କ ପେଟକୁ ଲାତ ମାରିଥିଲା। ନାତ ମାରିବା ଫଳରେ ରାଜୀବ ଛାତରୁ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ରାଜୀବକୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରଯାଇଥିବା ନେଇ ରାଜୀବଙ୍କ ଭାଇ ସୁମନ ସ୍ୱାଇଁ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ବର୍ତ୍ତମାନ ରାଜୀବଙ୍କ ଚିକିତ୍ସା ଜାରି ରହିଥିବା ବେଳେ ପୁଲିସ ବୁଧବାର କିନ୍ନର ଲକି ପ୍ରଧାନକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏସଆଇ ତଥା ତଦନ୍ତ ଅଧିକାରୀ ପ୍ରଣତି ନାୟକ ସୂଚନା ଦେଇଛନ୍ତି।

### ନିରୁଦ୍ଦିଷ୍ଟ



ଦୁର୍ଯ୍ୟୋଧନ ବେହେରା

ପିତା: ନାଥ ବେହେରା, ଜନ୍ମ ତାରିଖ: ୧୯.୦୬.୧୯୫୦, ଘର: ଅବଦଲପୁର, କଣ୍ଡିଆହାଟ, ଥାନା: ରାଜକନିକା, କେନ୍ଦ୍ରାପଡ଼ା, ଗଲା ବେଳର ପୋଷାକ: ଧୋତି ଓ ନୀଳ ଶାର୍ଟ, ହାତରେ ଥିଲା: ହେଲମେଟ, ନିରୁଦ୍ଦିଷ୍ଟ ଦିନ: ୨୭ ମେ, ସୋମବାର, ମାନସିକ ବିକୃତି ଥିଲା, ଡମଣା, ପଟିଆ, ଚନ୍ଦ୍ରଶେଖରପୁର, ନାଳାଦ୍ରି ବିହାର ଓ ଶୈଳଶ୍ରୀବିହାର ଅଞ୍ଚଳରେ ଥିବାର ସମ୍ଭାବନା। ଯୋଗାଯୋଗ : ନିରଞ୍ଜନ ବେହେରା

9438046359
8763423693

## ଦୁର୍ଦ୍ଦାନ୍ତ ଅପରାଧୀ ଟୁନା ଦାସ ହତ୍ୟାକାଣ୍ଡ ଘଟଣା

# ବାପା ଓ ପୁଅଙ୍କ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ

ବ୍ରହ୍ମପୁର,୨୯।୫ (ସମିସ): ସ୍ଥାନୀୟ ହାଉସିଂ ବୋର୍ଡ ସ୍ଥିତ ଫାଷ୍ଟ ପାର୍କ ନିକଟରେ ଥିବା ଏକ ଟାଟୁ ଦୋକନ ଭିତରେ ଦୁର୍ଦ୍ଦାନ୍ତ ଅପରାଧୀ ତଥା ଖଲାସୀ ସାହିର ଟୁନା ଦାସକୁ ନିର୍ମମ ଭାବେ ହାଣି ହତ୍ୟା କରିଥିଲେ ଦୁର୍ବୃତ୍ତ। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଏହି ଘଟଣାରେ 4ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ଘଟଣାରେ 2ଜଣଙ୍କୁ ଥାନାରେ ଅଟକ ରଖି ପୁଲିସ ଜେରା କରୁଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ ଏକ ଟିମ ଗଠନ କରିଛନ୍ତି। ଏହି ଟିମ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଖୁବଶୀଘ୍ର ସଫଳତା ପାଇବ ବୋଲି ସେ ଆଶା କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ମୃତ ଟୁନା ଜଣେ ଦୁର୍ଦ୍ଦାନ୍ତ ଅପରାଧୀ। ଟୁନାଙ୍କ ନାମରେ ଏକାଧିକ ସଙ୍ଗିନ ଅପରାଧିକ ମାମଲା ରହିଛି। କିଛିବର୍ଷ ପୂର୍ବେ କୌଣସି କାରଣକୁ ନେଇ ମାଛବନ୍ଧ ସାହିର ମୋହନ ରାଓ ଓ ତାଙ୍କ ବାପାଙ୍କୁ ଟୁନା ଦାସ ମରଣାନ୍ତକ ଆକ୍ରମଣ କରିଥିଲା। ଆକ୍ରମଣରେ ମୋହନ ଓ ତାଙ୍କ ବାପା ଗୁରୁତର ଆହତ ହୋଇଥିଲେ। ସେହି ଘଟଣାର ପ୍ରତିଶୋଧ ନେବା ପାଇଁ ମୋହନ ପୂର୍ବରୁ ଟୁନାକୁ ଆକ୍ରମଣ କରିବା ନେଇ ଯୋଜନା କରିଥିଲା। ନିର୍ବାଚନ ହେତୁ ଟୁନାକୁ ସହର ଛାଡି ବାହାରକୁ ଯିବାକୁ ପୁଲିସ ତାଗିଦ କରିଥିଲା। ହେଲେ ଟୁନା ବାହାରକୁ ନଯାଇ ବ୍ରହ୍ମପୁର ସହର ଓ ଉପକଣ୍ଠରେ ହିଁ ରହିଥିଲା। ଗତ ମଙ୍ଗଳବାର ଟୁନା ହାଉସିଂ ବୋର୍ଡ ଅଞ୍ଚଳରେ ଥିବା ମୋହନଙ୍କୁ ସୂଚନା ମିଳିଥିଲା। ଖବର ପାଇ ମୋହନ ନିଜ ସହଯୋଗୀଙ୍କ ସହାୟତାରେ ସଂଘବଦ୍ଧ ଭାବେ ଟୁନାକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଟୁନାର ଗୋଟିଏ ହାତ ଘଟଣାସ୍ଥଳରେ ଛିଣ୍ଡିଯାଇଥିବା ବେଳେ ଅନ୍ୟ ଏକ ହାତରେ ମଧ୍ୟ ଗଭୀର କ୍ଷତ ହୋଇଥିଲା। ଏପରିକି ଟୁନାର ମୁଣ୍ଡକୁ ମଧ୍ୟ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣିଥିବାରୁ ମୁଣ୍ଡରେ ଗଭୀର କ୍ଷତ ହୋଇ ଉଭୟ ହାତ ଓ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣା ଭିଆଇବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଟୁନାକୁ ଉଦ୍ଧାର କରି ମେଡ଼ିକାଲ ସ୍ଥାନାନ୍ତର କରିବା ସମୟରେ ଟୁନାର ମୃତ୍ୟୁ ହୋଇଥିଲା। ମେଡ଼ିକାଲରେ ଟୁନାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟୁନାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଛି। ପ୍ରକାଶ ଥାଉକି ଗତବର୍ଷ ଏପ୍ରିଲ 24ତାରିଖ ରାତିରେ ଟୁନା ଓ ତାର ଭାଇ ରଘୁନାଥ ଏବଂ ଅନ୍ୟ ଦୁଇଜଣ ସହଯୋଗୀ ବିଜିପୁର ଅମ୍ବିକା ନଗରର ଏନ. କିରଣ କୁମାରଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ କିରଣ ମଧ୍ୟ ଟୁନା ଦାସଙ୍କ ଉପରକୁ ବୋମାମାଡ଼ କରିଥିଲା। ଉକ୍ତ ଘଟଣାରେ ଟୁନା ଓ ତାର ଭାଇଙ୍କ ସମେତ ଅନ୍ୟ ସହଯୋଗୀମାନେ ଗିରଫ ହୋଇଥିଲେ।

■ ଦୁଇଜଣଙ୍କୁ ଅଟକ ରଖି ଜେରା କରୁଛି ପୁଲିସ !

## ପରଳ ଚକ୍ଷୁ ପରୀକ୍ଷା ଶିବିର

ବ୍ରହ୍ମପୁର, ୨୯ ।୫(ସମିସ): ସ୍ଥାନୀୟ ରେଲୱେ ଇନଷ୍ଟିଚ୍ୟୁଟ ପରିସରରେ ଇଷ୍ଟକୋଷ ରେଲୱେ ଶ୍ରମିକ ୟୁନିଅନର ବ୍ରହ୍ମପୁର ଶାଖା ପକ୍ଷରୁ ଏକ ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହା ସହ ଉତ୍ତମ ଚିକିତ୍ସା ନିମନ୍ତେ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଶିବିରରେ ମୋଟ ୧୩୦ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ସଞ୍ଜୀବ କୁମାର ମହାରଣା, ସଭାପତି ଭି. କିଶୋରକୁମାର, ଯୁଗ୍ମସମ୍ପାଦକ ବି. ତିରୁପତି ରାଓ, କୋଷାଧକ୍ଷ ଏମ. ତାର୍କେଶ ରାଓଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ଯୌତୁକ ଜନିତ ହତ୍ୟା ଅଭିଯୋଗ, ସ୍ୱାମୀ କୋର୍ଟ ଚାଲାଣ

**ଗଞ୍ଜାମ,୨୯।୫ (ସମିସ):** ଯୌତୁକ ଯେ ଜଣେ ନିରୀହ ନବବଧୂର ସୁନ୍ଦର ସ୍ୱପ୍ନ ତଥା ଭବିଷତକୁ ଧୂଳିସାତ କରିଦେଇଥାଏ । ତାର ଉଦାହାରଣ ରମ୍ଭା ଥାନା ଇଲାକାରେ ଦେଖିବାକୁ ମିଳିଛି । ଅଧିକ ଯୌତୁକ ଦେଇ ନ ପାରିବାରୁ ଯୌତୁକ ଜୁଇରେ ଜଳିଗଲେ ନବବଧୂଟିଏ । ବିବାହର ଦେଢ଼ ବର୍ଷ ନ ପୁରୁଣୁ ଜଳିଗଲା ଚିତା । ଏମିତି ଏକ ଦୁଃଖଦ ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ୟୁ ଡି ଏସ ପୁର ପଞ୍ଚାୟତର ବେଣିଗୌରୀ ଗ୍ରାମରେ । ମୃତ ନବବଧୂ ଜଣକ ହେଲେ ପୁରୁଷୋତ୍ତମପୁର ଥାନା ନିମାପଲି ଗ୍ରାମରରେ କେ. ନମିତା ପାତ୍ର । ଭଉଣୀଙ୍କୁ ଅଧିକ ଯୌତୁକ ପାଇଁ ନିର୍ଯ୍ୟାତନା ଦିଆଯାଉଥିଲା ଏବଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ରମ୍ଭା ଥାନାରେ ଏତଲା ଦେଇଛନ୍ତି ମୃତକ ଭାଇ ପି. ରମେଶ ପାତ୍ର । ଏତଲାକୁ ଭିତ୍ତି କରି ଏହି ଘଟଣାରେ କେଶ ନ ୩୪୪/୨୪ରେ ମାମଲା ରୁଜୁ କରାଯିବା ସହ ବୁଧବାର ଦିନ ସ୍ୱାମୀ କେ ସନ୍ତୋଷ ପାତ୍ରଙ୍କୁ ରମ୍ଭା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୁଟିଆଙ୍କ ସୂଚନା ଅନୁଯାଇ ନିମାପଲି ଗ୍ରାମର ଅନିତା ଗତ 14 ମାସ ତଳେ ବେନିଗାରୀ ଗ୍ରାମର ସନ୍ତୋଷଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିଭାହ ପରଠାରୁ ଅଧିକ ଯୌତୁକ ଦାବି କରି ଆସୁଥିଲେ ନମିତାଙ୍କ ଶାଶୁ ଘର ଲୋକ । ଜଣେ ମହିଳାଙ୍କ ମୃତ୍ୟ ଘଟିଥିବା ଖବର ପହଂଚିବା ପରେ ପୋଲିସ ଘଟଣା ସ୍ଥଳରେ ପହଂଚି ମୃତ ଦେହ ଜବତ କରାଯାଇଥିଲା । କେମିତି ମୃତ୍ୟ ଘଟିଛି ତଦନ୍ତ ଚାଲିଛି ତଦନ୍ତ ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ରମ୍ଭା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଆଜି ଶବ ବ୍ୟବଛେଦ ପରେ ମୃତକ ଙ୍କ ଜୁଇ ଜଳିଛି । ଏଭଳି ଘଟଣା ସମଗ୍ର ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟି ଥିବା ବେଳେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ଯୁବତୀଙ୍କୁ ଗର୍ଭବତୀ ମାମଲା, ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨୯।୫(ସମିସ):** ଗଞ୍ଜାମ ଜିଲା କେ.ନୂଆଗାଁ ପୁଲିସ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଏକ ଗ୍ରାମର ବାଇନାଥ ସାହୁ ନାମକ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ବୁଧବାର ଗିରଫ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଛି । ଅବିବାହିତା ଯୁବତୀଙ୍କୁ ଦ୍ୱିତୀୟ ସ୍ତ୍ରୀର ମର୍ଯ୍ୟାଦା ଦେବାକୁ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ବାଇନାଥ ଯୁବତୀଙ୍କ ସହ ଅନୈତିକ ଶାରୀରିକ ସମ୍ପର୍କ ରଖିଆସୁଥିଲେ । କିଛି ଦିନ ହେଲା ଯୁବତୀଙ୍କ ହାତ ଗୋଡ ଫୁଲିଯିବା ସହ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କ ବାପା ଯୁବତୀଙ୍କୁ ନେଇ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ନୀରିକ୍ଷା କରାଇଥିଲେ । ସେହି ସମୟରେ ଯୁବତୀ ଜଣକ ୬ ମାସର ଗର୍ଭବତୀ ଥିବା ପରିବାର ଲୋକେ ଡାକ୍ତରଙ୍କ ଠାରୁ ଜାଣିବାକୁ ପାଇଥିଲେ । ଏହାପରେ ଯୁବତୀଙ୍କ ବାପା ରାଗରେ ଯୁବତୀଙ୍କୁ ଘରୁ ବାହାରି ଯିବାକୁ କହିଥିବା ବେଳେ ଯୁବତୀ ଜଣକ ଅନ୍ୟ ଉପାୟ ନ ପାଇ ନ୍ୟାୟ ଦାବିରେ ଅଭିଯୁକ୍ତଙ୍କ ଘର ଆଗରେ ଧାରଣା ଦେଇଥିଲେ । ପରେ ସେ କେ. ନୂଆଗାଁ ଥାନାରେ ଏତଲା ଦେବାପରେ ଥାନା ମାମଲା ନଂ. ୧୮୭/୨୪ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ପ୍ରକାଶ ଥାଉକି ଅଭିଯୁକ୍ତ ବାଇନାଥ ରାଜମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ସେ ବିବାହିତ ଏବଂ ତାଙ୍କର ସ୍ତ୍ରୀ ଓ ପୁଅଝିଅ ମଧ୍ୟ ଅଛନ୍ତି ।

# ରାସ୍ତାରେ ଯାଉଥିବା ବେଳେ ଆକସ୍ମିକ ମୃତ୍ୟୁ



**ଭଞ୍ଜନଗର, ୨୯।୫ (ସମିସ)** : ଭଞ୍ଜନଗର ଥାନା ଅନ୍ତର୍ଗତ ଦଦରା ଲୁଣ୍ଡା ନିକଟରେ ଜଣେ ବ୍ୟକ୍ତି ସ୍କୁଟିରେ ଯାଉଥିବା ବେଳେ ହାଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ପଡ଼ି ଯାଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଭଞ୍ଜନଗର ଡାକ୍ତରଖାନା ଅଣା ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଭଞ୍ଜନଗର ଲଣ୍ଡେଇ ସାହିର ଶଙ୍କର ଗୌଡ଼(୫୫) ଫୁଲବାଣୀ ଜଗନ୍ନାଥ ମନ୍ଦିର ନିକଟରେ ଦୋକାନ କରିଛନ୍ତି । ସେ ଆଜି ପଥରା ଗ୍ରାମରେ ନିଜ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟା ରେ ଯୋଗଦେଇ ଫୁଲବାଣୀ ଫେରୁଥିଲେ । ଦଦରା ଲୁଣ୍ଡା ଠାରେ ଅସୁସ୍ଥତା କାରଣରୁ ଗାଡ଼ି ରଖି ପଡ଼ି ଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ । ହୃଦଘାତ କାରଣରୁ ଶଙ୍କରଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି ।

## ମା' ରାମାୟଣାମ୍ମାଙ୍କ ଐତିହାସିକ ଯାତ୍ରା

# ନଗର ପରିକ୍ରମା ସହ ରାଜଭୋଗ ଗ୍ରହଣ





**ଛତ୍ରପୁର,୨୯।୫(ସମିସ)**

ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ଗତ ୨୭ ତାରିଖ ଠାରୁ ଆରମ୍ଭ ହୋଇଯାଇଛି । ଏହି ଅବସରରେ ବୁଧବାର ମା' ରାମାୟଣାମ୍ମା ଠାକୁରାଣୀ ତାଙ୍କ ବାପ ଘର ତଥା ଅସ୍ଥାୟୀ ମଣ୍ଡପରୁ ଏକ ବିରାଟ ପଟୁଆରରେ ବାହାରି ରିକାପଲ୍ଲୀ ସ୍ଥିତ ସ୍ୱର୍ଗତ ପ୍ରତିଷ୍ଠିତ ବ୍ୟକ୍ତି ୱାଇ. କାମରାଜୁଙ୍କ ଘରକୁ ଯାଇ ରାଜଭୋଗ ଗ୍ରହଣ କରିଛନ୍ତି । ମଙ୍ଗଳବାର ମା' ରାମାୟଣାମ୍ମା ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ମା' ଙ୍କ ଘଟ ଆଗରେ କାଳୀ ନୃତ୍ୟ, ବିଭିନ୍ନ ଦେବାଦେବୀ, କଣ୍ଡେଇ ନାଚ ସହ ବାଘ ଓ ଷଣ୍ଢ ନୃତ୍ୟ, ଧୁମ ଧଡକା, ସିଙ୍ଗ ବାଜା ଏବଂ ବିଭିନ୍ନ ବାଜ୍ୟ ବାଜଣା ବେଶ୍ ମନଲୋଭା ହୋଇଛି । ମା'ଙ୍କ ଏହି ଘଟ ଦର୍ଶନ କରିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଂଚଳର ବହୁ ଭକ୍ତ ମାନେ ଭିଡ ଜମାଇଥିଲେ । ମା'ଙ୍କ ଏହି ଯାତ୍ରାକୁ ସୁରୁଖୁରରେ ସମ୍ପାଦନ କରିବା ପାଇଁ ଛତ୍ରପୁର ପୁଲିସ, ସେବାୟତ, କମିଟି ମେମ୍ବର ମାନେ ମା'ଙ୍କ ଘଟ ପରିକ୍ରମା ସମୟରେ ଉପସ୍ଥିତ ଥିଲେ । ଏହା ବ୍ୟତୀତ ପିଲାଙ୍କ ମନୋରଞ୍ଜନ ପାଇଁ ଆସନ୍ତା ୧୨ ତାରିଖରୁ ରାମଦୋଳି, ମୀନା ବଜାର ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି । ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟି ମ୍ୟାନେଜର ସି.ଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ସମରେନ୍ଦ୍ର ସେନାପତି, କେସିଅର ପି. ରାଜୁ ରେଡ୍ଡୀ ଏବଂ ସମସ୍ତ କମିଟି ମେମ୍ବର, ସ୍ୱେଚ୍ଛାସେବୀ ମାନେ ସହଯୋଗ କରୁଛନ୍ତି ।

# ଖିଲିଗଣ୍ଡା ଗ୍ରାମବାସୀଙ୍କୁ ଝରର କୂଅ ଭରସା





**ପାରଳାଖେମୁଣ୍ଡି,୨୯।୫(ସମିସ):** ଗ୍ରୀଷ୍ମ ପ୍ରକୋପରେ ଶୁଖିଯାଇଛି ଜଳ ଉତ୍ସ । ଏବେ ପାଣି ପାଇଁ ହାହାକାର ଜାରି ରହିଛି । ପାଣି ମୁନ୍ଦାଏ ପାଇଁ ଝରର ଅପେକ୍ଷାରେ ଛୋଟ ଏକ କୂପରେ ଘେରି ରହୁଛନ୍ତି ଲୋକେ । ଏପରି ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଏସ.କରଡାସିଂ ପଞ୍ଚାୟତ ଅନ୍ତର୍ଗତ ଖିଲିଗଣ୍ଡା ଗ୍ରାମରେ । ଗ୍ରାମରେ ୧୧୫ ପରିବାରରେ ୫୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି । ଗ୍ରାମର ସମସ୍ତ ଜଳ ଉତ୍ସ ଶୁଖିଯିବା ଯୋଗୁଁ ନିକଟରେ ଥିବା ଏକ ଛୋଟିଆ ଝରରେ ଥିବା କୂଅଁ ସଦୃଶ୍ୟ ଚୁଆଁରୁ ପାଣି ଆଣୁଛନ୍ତି ଲୋକେ । ସେଠାରେ ସାମାନ୍ୟ ଜଳ ଥିବା ଦେଖି ଛଅ ଫୁଟର କୂପ ଖୋଳିଥିଲେ ଗ୍ରାମବାସୀ । ବଡି ଭୋରରୁ ଜଳ ଝରିବାକୁ ଅପେକ୍ଷା କରନ୍ତି । ରାତି ଥାଉଣୁ ସେଠାରୁ ପାଣି ବାହାର କରି ଭାଗ ବାଣ୍ଟି ନେଇଥାନ୍ତି ଗ୍ରାମବାସୀ । ପିଇବା ପାଣି ସଂଗ୍ରହ କରିବାକୁ କୌଣସି ପରିବାର ଆସି ନ ପାରିଲେ ସଂଗ୍ରହ କରିଥିବା ପରିବାର ଉଧାରି ଦିଅନ୍ତି । ପ୍ରତ୍ୟେକ ପରିବାର ପିଛା କେବଳ ୫ ଲିଟର ପାଣି ହିଁ ନେବାକୁ ଗ୍ରାମବାସୀ ନିୟମ କରିଛନ୍ତି । ଗାଧୁଆ ଓ ଲୁଗା ସଫା କରିବା ସମ୍ଭବପର ହୋଇ ପାରୁ ନ ଥିବାର ଗ୍ରାମବାସୀ ଜଣାଇଛନ୍ତି । ଏପରିକି ସପ୍ତାହକୁ ଥରେ ସ୍ନାନପାଇଁ ପାଣି ମିଳୁଥିବା ଲୋକେ ଅଭିଯୋଗ କରିଛନ୍ତି । ସବୁ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ଆଖପାଖର ସମସ୍ତ ଜଳସ୍ରୋତ ଶୁଖି ଯିବା ଫଳରେ ଏପରି ସ୍ଥିତି ଉପୁଜିଥିବା କହିଛନ୍ତି ଲୋକେ । ଏକମାତ୍ର ଝରରୁ ବହୁ କଷ୍ଟରେ ସଂଗ୍ରହ ହେଉଥିବା ପାଣିକୁ ଭାଗବାଣ୍ଟି ବ୍ୟବହାର କରୁଥିବା ଏବଂ ଆବଶ୍ୟକ ହେଲେ ପଡୋଶୀ ଠାରୁ ଉଧାରି ନେଇ ପାଣି ବ୍ୟବହାର କରୁଥିବା କହିଛନ୍ତି ଗ୍ରାମବାସୀ । ସେହି ଝରରୁ ମଧ୍ୟ କୌଣସି ପୁରୁଷ ଲୋକେ କୂଅଁ ଭିତରକୁ ଯାଇ ପାଣି ସଂଗ୍ରହ କରି ନ ଦେଲେ ପାଣି ଗୋଳିଆ ହେବା ସହ ପାନୀୟ ଅଯୋଗ୍ୟ ହୋଇଯାଉଛି ବୋଲି ଗ୍ରାମବାସୀ କହିଛନ୍ତି । ପାଣି ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ସ୍ତରରେ ଜଣାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବହୁ କଷ୍ଟରେ ଜୀବନ ବିତାଉଛନ୍ତି ଲୋକେ । ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗଭୀର ନଳକୂପ ଖୋଳି ସୋଲାର ସିଷ୍ଟମ ମାଧ୍ୟମରେ ଜଳ ଯୋଗାଣ କରିବାକୁ ଗ୍ରାମର ଈଶ୍ୱର ଶବର, ଭୀମ ଶବର, ମାଉଲି ଶବର, ଏଲ. ଶବର ଓ ବିରୁକୁ ଶବର ଦାବି କରିଛନ୍ତି ।

# ଜୟନ୍ତିପୁର ଗ୍ରାମରେ ଜ୍ୱର ଆତଙ୍କ

**ପାତ୍ରପୁର, ୨୯।୫ (ସମିସ):** ପାତ୍ରପୁର ବ୍ଲକ ଜୟନ୍ତିପୁର ଗ୍ରାମର ଗତ ୨୦ ଦିନ ହେଲା ଜ୍ୱର ଆତଙ୍କ ଲାଗିରହିଥିବା ଜଣାପଡ଼ିଛି । ଗ୍ରାମର କୁରା ପାଢ଼ୀଙ୍କ ଡେ଼ଙ୍ଗୁ ସସପେକ୍ଟ କରାଯାଇ ରକ୍ତ ନମୁନା ପଠାଯାଇଛି । ସେହିଭଳି ପୁର୍ବରୁ ପର୍ଶୁରାମ ସାହୁ, ଭେଙ୍କେଟେଶ୍ୱର ସାହୁଙ୍କ ସହ ୫ ବର୍ଷର ଝିଅ ସ୍ମୃତିରାଣୀ ପାଢ଼ୀଙ୍କୁ ଜ୍ୱର ହୋଇଥିବା ଜଣାପଡିଛି । ଜ୍ୱରରେ ଗତ ୨୦ ଦିନ ମଧ୍ୟରେ ୫୦ରୁ ଉର୍ଦ୍ଧ ବ୍ୟକ୍ତି ଆକ୍ରାନ୍ତ ହୋଇ ଚିକିତ୍ସା ହୋଇଥିବା ଖବର ମିଳିଛି ।

# ଜଗଦଲପୁରରେ ଠାକୁରାଣୀ ଯାତ୍ରା ଆରମ୍ଭ | ଅସ୍ଥାୟୀ ମଣ୍ଡପକୁ ବିଜେ କଲେ ମା'

**କୁକୁଡ଼ାଖଣ୍ଡି,୨୯।୫(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଲପୁର ଗ୍ରାମରେ ଆଦିଶକ୍ତି ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜି ୨୯ ତାରିଖ ବୁଧବାର ଦିନ ଏହି ଯାତ୍ରା ଆୟୋଜିତ ବେଳେ ମା' ବୁଢ଼ୀ ସାଆନ୍ତାଣି ଗ୍ରାମର ଶୁଣ୍ଡିସାହି ବାପଘରକୁ ଆଗମନ ହୋଇ ଜୁନ ୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୯ ଦିନ ଧରି ଅସ୍ଥାୟୀ ମଣ୍ଡପରେ ପୂଜା ପାଇବେ । ଠାକୁରାଣୀ ଯାତ୍ରା ବୁଧବାର ଅପରାହ୍ନ ସମୟରେ ଆରମ୍ଭ ହୋଇଥିବା ବେଳେ ମା' ଠାକୁରାଣୀଙ୍କ ବାପଘର ଦେଶୀ ବେହେରା ଓ ତାଙ୍କ ପତ୍ନୀ ସମେତ ଗ୍ରାମବାସୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଥମେ ମା'ଙ୍କ ନିଜସ୍ୱ ମନ୍ଦିରକୁ ଯାଇ ମା'ଙ୍କୁ ଆମନ୍ତ୍ରଣ ପାଇଁ ଦେଶୀ ବେହେରା ଘରରୁ ଟାଙ୍ଗୁଡ଼ିରେ ଫୁଲ ଓ ଦୀପ ନେଇ ବିରାଟ ପଟୁଆରରେ ମାଁ ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କ ମସ୍ତକରୁ ଫୁଲ ଖସିବା ପରେ ସେହି ଆଜ୍ଞାମାଳକୁ ଶୋଭାଯାତ୍ରାରେ ଦେଶୀ ବେହେରା ସାହିରେ ଅସ୍ଥାୟୀ ମଣ୍ଡପକୁ ବିଜେ କଲେ ମା' ସାଆନ୍ତାଣୀଙ୍କ ବ୍ରହ୍ମପୁର ବୁଡି ଠାକୁରାଣୀ ମୁଖ୍ୟ ପୂଜକ ଭାଗିରଥି ଗନ୍ତାୟତ ଆମନ୍ତ୍ରଣ କରିଥିଲେ । ଏଥିରେ ଜଗଦଲପୁର ଗ୍ରାମରେ ଠାକୁରାଣୀ ଯାତ୍ରା ପରିଚାଳନା କମିଟିର ସମାଜସେବୀ ପଞ୍ଚାନନ ସାହୁ, ଉମାକାନ୍ତ ସାହୁ, ହରିଶ୍ଚନ୍ଦ୍ର ସାହୁ, ବଦ୍ରୀନାଥ ସାହୁ, ଉଦୟ ନାଥ ସାହୁ, ନିରଞ୍ଜନ ସାହୁ, ଶିଶିର କୁମାର ସାହୁ, ମୃତ୍ୟୁଞ୍ଜୟ ସାହୁ, ସଞ୍ଜୟ ସାହୁ, ରାଧାମୋହନ ପାତ୍ର, ଶରତ ଚନ୍ଦ୍ର ପାଢି, ମନ୍ଦିର ପୂଜକ ସୀମାଞ୍ଚଳ ଡାକୁଆ, ଗୋପାଳ ଦାସ, ସୀମା ଡାକୁଆ, ବିଶ୍ୱନାଥ ପାତ୍ର, ନୀଳାଞ୍ଚଳ ବେହେରା, ମୁନା ସେଠୀ, ସିଏଚ୍ କାଶୀନାଥ ପାତ୍ର ଓ ରାଜୁ ଦାସଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସେଠାରେ ପ୍ରତିଦିନ ପୂଜାପାଠ ଓ ନୀତିକାନ୍ତି ସମ୍ପନ୍ନ ହେବା ସହ ଘଟ ପଟୁଆର ଦୈନିକ ଗ୍ରାମ ପରିକ୍ରମା କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି ।



ଏହି ବର୍ଷଠାରୁ ଆରମ୍ଭ ଯାତ୍ରା ପ୍ରତି ଦୁଇ ବର୍ଷକୁ ଥରେ ଅନୁଷ୍ଠିତ ହେବ । ଅସ୍ଥାୟୀ ପୀଠରେ ଭକ୍ତ ମାନେ ମା'ଙ୍କେ ଦର୍ଶନ ସହ ସନ୍ଧ୍ୟା ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଠାକୁରାଣୀ ମନ୍ଦିର କମିଟି ସଭାପତି ତଥା ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଭାରତୀ ନାୟକଙ୍କ ସମେତ ଗ୍ରାମର ବହୁ ଭକ୍ତବୃନ୍ଦ ସହଯୋଗ କରିଥିଲେ ।

# ୨ କିମି ଦୂର ଚୁଆଁର ଦୂଷିତ ପାଣି ଉପରେ ନିର୍ଭର ନିରୀହ ଜୀବନ





ସବୁ ନଳକୂପ ଅଚଳ

**ମୋହନା,୨୯।୫(ସମିସ):** ସାରା ରାଜ୍ୟରେ ଏବେ ପ୍ରଚଣ୍ଡ ରୌଦ୍ରତାପ । ପ୍ରଚଣ୍ଡ ଖରା ଯୋଗୁଁ ଲୋକେ ବାହାରକୁ ବାହାରିବା କଷ୍ଟସାଧ ହେଉଥିବା ବେଳେ ପାଣି ଟୋପାଏ ପାଇଁ ଉହଳ ବିକଳ ହେଉଛନ୍ତି ଗାଁ ଲୋକେ । ଏଭଳି ସମସ୍ୟା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ କର୍ଚ୍ଚବାଡ଼ି ପଞ୍ଚାୟତ ରାକେଶପଙ୍କା ଗାଁରେ । ଗାଁରେ ପ୍ରାୟ ୧୦ ନଳକୂପ ଥିବାବେଳେ ସବୁତକ ଅଚଳ ହୋଇପଡିଛି । ବାଧହୋଇ ଗ୍ରାମବାସୀ ଗାଁ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବା ଏକ ନାଳରେ ଚୁଆଁ ଖୋଳି ପାଣି ଆଣୁଛନ୍ତି । ଗାଁର ପାଣି ସମସ୍ୟା ନେଇ ବାରମ୍ବାର ଗୁହାରି କଲେ ମଧ୍ୟ କେହି ଶୁଣୁନଥିବା କହିଛନ୍ତି ଗାଁ ଲୋକେ । ରାକେଶପଙ୍କା ଗାଁରେ ପ୍ରାୟ ୧୫୦ରୁ ଅଧିକ କୁଇ ଆଦିବାସୀ ପରିବାର ଅଛନ୍ତି । ପିଇବା ପାଣି ସମସ୍ୟା ଦୀର୍ଘ ଦିନ ହେଲା ଲାଗିରହିଛି । ଗୋଟିଏ ନଳକୂପ ଚାଲୁଥିବା ବେଳେ ସେଥିରେ ମଧ୍ୟ ଗତ କିଛିଦିନ ହେଲା ପାଣି ବାହାରୁନି । ଏଭଳି କି ଲୋକେ ଗାଧୋଇବା ପାଇଁ ପୋଖରୀ ବି ନାହିଁ । ପ୍ରଚଣ୍ଡ ଖରାରେ ଗାଁ ନିକଟରେ ଥିବା ନଦୀ, ନାଳ ଶୁଖିଯାଇଛି । ଏଭଳି ପରିସ୍ଥିତିରେ ଗାଁ ଲୋକେ ବାଧ ହୋଇ ଗାଁ ଠାରୁ ଦୁଇ କିମି ଦୂରରେ ଥିବା ଏକ ନାଳରେ ଚୁଆଁ ଖୋଳି ପାଣି ଆଣୁଛନ୍ତି । ସେହି ପାଣି ଗୋଳିଆ ଥିବା ସହ କାଠିକୁଟା ଥିବା ସତ୍ତ୍ୱେ ସେହି ପାଣିକୁ ରୋଷେଇ କରିବା ସହ ପିଉଥିବା କହିଛନ୍ତି । ଫଳରେ ଗାଁର ପ୍ରାୟ ୧୦ ରୁ ଅଧିକ ଲୋକ ଓ ଛୋଟ ପିଲା ରୋଗରେ ପଡ଼ିଥିବା କହିଛନ୍ତି । ପାନୀୟ ଜଳ ସମସ୍ୟା ଦୂର ପାଇଁ ସ୍ଥାନୀୟ ୱାର୍ଡ ସଭ୍ୟ ଠାରୁ ଆରମ୍ଭ କରି ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କେହି ହେଲେ ଗୁହାରି ଶୁଣୁନଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ । ତେଣୁ ବାଧହୋଇ ଗାଁ ଲୋକେ ବୁଧବାର ମୋହନା ବିଡ଼ିଓଙ୍କୁ ଗୁହାରି ଜଣାଇବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ । ହେଲେ ବିଡ଼ିଓଙ୍କୁ ନ ପାଇ ନିରାଶ ହୋଇ ଗାଁକୁ ଫେରିଥିଲେ । ଦୁଇ ଦିନ ମଧ୍ୟରେ ଗାଁର ପାଣି ସମସ୍ୟା ଦୂର ନ ହେଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି ଗାଁ ଲୋକେ । ଏସମ୍ପର୍କରେ ମୋହନା ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଅରୁଣ ଜେନା ଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।



# ସଂପାଦକୀୟ

ଅଭିବ୍ୟକ୍ତିର ସ୍ୱାଧୀନତା ବିନା ସାଧାରଣ ଜନତାଙ୍କ ସ୍ୱାଧୀନତା ମୂଲ୍ୟହୀନ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍



ସକାଳ
THE SAKALA

## ଶେଷ ପର୍ଯ୍ୟାୟ ନିର୍ବାଚନ ରଣନୀତି

## ଅଶିଷ୍ଟ ଆକ୍ଷେପ ବନାମ ବିକାଶ ରେକର୍ଡ

ଦୀର୍ଘ ସାତପର୍ଯ୍ୟାୟ ବିଶିଷ୍ଟ ସାଧାରଣ ନିର୍ବାଚନ ୨୦୨୪ର ଶେଷ ପର୍ଯ୍ୟାୟ ପାଇଁ ଆଜି(ଗୁରୁବାର) ସନ୍ଧ୍ୟାରୁ ପ୍ରଚାର ଶେଷ ହେଉଛି। ଜୁନ୍ ୧ ତାରିଖରେ ମତଦାନ ସହିତ ଜୁନ୍ ୪ ତାରିଖରେ ଫଳାଫଳ ଘୋଷଣା ହେବ। ଏହାପରେ ଉଭୟ କେନ୍ଦ୍ର ଓ ଓଡ଼ିଶା ସମେତ ବିଧାନସଭା ନିର୍ବାଚନ ହୋଇଥିବା ରାଜ୍ୟରେ ସରକାର ଗଠନ ସହିତ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏଥର ପ୍ରଚଣ୍ଡ ନିଦାଘରେ ପ୍ରାୟ ଅଢ଼େଇ ମାସ ଧରି ନିର୍ବାଚନ ପ୍ରକ୍ରିୟା ଚାଲିଛି। ଶେଷ ପର୍ଯ୍ୟାୟ ନିର୍ବାଚନ ବେଳକୁ ଓଡ଼ିଶାର ତାପମାତ୍ରା ୪୭ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଦିଲ୍ଲୀ ଓ ଉତ୍ତର-ପଶ୍ଚିମ ଭାରତରେ ଏହା ୫୦ ଡିଗ୍ରୀ ଟପିଛି। ଏଥିରେ ଭୋଟର ଓ ପ୍ରାର୍ଥୀଙ୍କ ଅବସ୍ଥା କ'ଣ ହୋଇଥିବ ତାହା ଅନୁମାନସାପେକ୍ଷ। ଆଗରୁ ଆମେ ଏହି ସ୍ତମ୍ଭରେ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକର ଅବ୍ୟବସ୍ଥା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧାସୁଯୋଗର ଅଭାବ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଭୋଟ ହାର ବଢ଼ାଇବାକୁ ଆୟୋଗ ଭୋଟରଙ୍କୁ ଆହ୍ୱାନ ଦେଉଥିବା ବେଳେ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକର ଦୁରବସ୍ଥା ଏବଂ ମୌଳିକ ସୁବିଧାସୁଯୋଗ ନ ଯୋଗାଇ ଦେବା ଦୁର୍ଭାଗ୍ୟଜନକ। ଆଶା କରିବା ନିର୍ବାଚନ ଆୟୋଗ ଆଗାମୀ ଦିନରେ ଭୋଟ ଗ୍ରହଣର ଋତୁ ଓ ମତଦାନ କେନ୍ଦ୍ରର ସ୍ଥିତି ଉପରେ ବିଶେଷ ଧ୍ୟାନ ଦେବେ। ଫେବୃଆରୀ-ମାର୍ଚ୍ଚ ତ ସାଧାରଣ ନିର୍ବାଚନ ପାଇଁ ପାଗଦୃଷ୍ଟିରୁ ଅତି ଭଲ। ଆହୁରି ମଧ୍ୟ ବହୁପର୍ଯ୍ୟାୟ ଭିତ୍ତିକ ତଥା ଦୀର୍ଘ ନିର୍ବାଚନ ନ କରି ଏହାକୁ ଦୁଇ ବା ତିନି ପର୍ଯ୍ୟାୟ ଭିତରେ ସୀମିତ ରଖିଲେ ଦେଶର ଅର୍ଥନୀତି ଉପରେ ଏହାର କୁପ୍ରଭାବ ପଡ଼ିବ ନାହିଁ ଏବଂ ରାଜନୈତିକ ଦଳମାନଙ୍କର ଖର୍ଚ୍ଚ ମଧ୍ୟ ଯଥେଷ୍ଟ କମିବ। ତେବେ ନିର୍ବାଚନ ପ୍ରକ୍ରିୟାରେ ଯେକୌଣସି ସଂଶୋଧନ ପାଇଁ ସମ୍ପୃକ୍ତ ଆଇନ ଓ ନିର୍ଦ୍ଦେଶାବଳୀର ଅନୁପାଳନ ମଧ୍ୟ ଆବଶ୍ୟକ।

ଏଥର ନିର୍ବାଚନରେ ଆମେ ଆଉ ଏକ କଥା ଦେଖିଲୁ। ତାହା ହେଉଛି ରାଜନୈତିକ ଦଳ ଓ ନେତାମାନଙ୍କର ଶାଳୀନତାର ଅଭାବ। ପ୍ରସଙ୍ଗକୁ ଅପ୍ରସଙ୍ଗ କରିବା, ନିରାଧାର ଓ ଅସତ୍ୟ କଥାକୁ ବାରମ୍ବାର ପ୍ରଚାର କରି ଲୋକଙ୍କୁ ବିଭ୍ରାନ୍ତ କରିବା ବହୁପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ଯୋଗୁଁ ସହଜ ହୋଇଛି। ଓଡ଼ିଶା କଥା ଦେଖାଯାଉ। ଚାରିପର୍ଯ୍ୟାୟର ବିଧାନସଭା ଓ ଲୋକସଭା ନିର୍ବାଚନ ପ୍ରଚାର ବେଳେ ଯଥେଷ୍ଟ ସମୟ ପାଇ ବିଜେପିର କେନ୍ଦ୍ର ତଥା ବିଭିନ୍ନ ରଜ୍ୟର ନେତାମାନେ ଯେଉଁସଂଖ୍ୟାରେ ଓଡ଼ିଶାରେ ବିଜେଡିର ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟମାନ ଦେଲେ ତାହା ଅତୀବ ଦୁର୍ଭାଗ୍ୟଜନକ। ବରିଷ୍ଠ ଓ ବହୁ ଅଭିଜ୍ଞ ରାଜନେତା ପ୍ରଧାନମନ୍ତ୍ରୀ ମୋଦୀ ଓ ତାଙ୍କ ଦଳର ନେତାମାନେ ପ୍ରଚାରରେ ବିକାଶ ଓ ଅନ୍ୟ ଉପଯୁକ୍ତ ପ୍ରସଙ୍ଗ ଛାଡ଼ି ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ନେଇ ଯେଭଳି ଅଶିଷ୍ଟ ଟିପ୍ପଣୀ କରିଛନ୍ତି ତାହା ଅପେକ୍ଷିତ ନଥିଲା। ବିଜେଡି ଅପଶବ୍ଦ ପ୍ରୟୋଗ କରେ ନାହିଁ ଏବଂ ଅଶାଳୀନ ମନ୍ତବ୍ୟ ଠାରୁ ଦୂରରେ ରହେ। ଏହା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରେ ଏକ ନୈତିକ ସଂସ୍କାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥାପି ଅତ୍ୟନ୍ତ ଶାଳୀନତାର ସହିତ ବିଭିନ୍ନ କଟୁ ଓ ଅସତ୍ୟ ବକ୍ତବ୍ୟର ଉତ୍ତର ଦେଇଛନ୍ତି। ସେ କହିଛନ୍ତି ବିଜେପି ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛି ଏବଂ ମୋ ସ୍ୱାସ୍ଥ୍ୟ ନେଇ ଯେଉଁ ଅପପ୍ରଚାର କରାଇଛି ତାହା କାମ ଦେବ ନାହିଁ। ପ୍ରତିଥର ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ଅପପ୍ରଚାର କରନ୍ତି ଏବଂ ତାଙ୍କ ଶାସନ ଶୈଳୀକୁ ସମାଲୋଚନା କରିଥା'ନ୍ତି। ହେଲେ ଏତେସବୁ ଅପପ୍ରଚାର ସତ୍ତ୍ୱେ ବିରୋଧୀ ଓଡ଼ିଶାରେ ଗତ ୨୫ ବର୍ଷ ଧରି ନିରାଶ ହୋଇ ଆସୁଛନ୍ତି। ତେବେ ବିରୋଧୀଙ୍କ ଅନବରତ ସମାଲୋଚନା ସତ୍ତ୍ୱେ ନବୀନବାବୁ ଓ ତାଙ୍କ ଦଳ ପୁନର୍ବାର ଏଥର ବିପୁଳ ବିଜୟ ହାସଲ ପଥରେ ଅଗ୍ରସର ହେଉଛି ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ବିଜେଡିର ନେତୃତ୍ୱ ସୁଦୃଢ଼। ଏହାର ତୃଣମୂଳ ସଂଗଠନ ଅତି ମଜଭୂତ ଓ ବ୍ୟାପକ। ଦଳର ସଦସ୍ୟ ସଂଖ୍ୟା ଏକକୋଟିରୁ ଅଧିକ। ପ୍ରତି ଗାଁ ଓ ପଡ଼ାରେ ଦଳର ସଂଗଠନ ରହିଛି। ମହିଳା, କର୍ମଜୀବୀ, ଚାଷୀ, ମୂଲିଆ, ସାଧାରଣ ଜନତା ଓ ମଧ୍ୟବିତ୍ତ ବିଜେଡିର ସବୁଠାରୁ ବଡ଼ ସମର୍ଥକ। ବିଭିନ୍ନ ସରକାରୀ ଯୋଜନାରେ ଲୋକେ ବହୁବର୍ଷ ଧରି ଉପକୃତ ହେଉଛନ୍ତି। ବିରୋଧୀ ଦଳ ନେତାଙ୍କ ଦ୍ୱାରା ସାମୟିକ କଟୁ ମନ୍ତବ୍ୟ ମୁଖ୍ୟମନ୍ତ୍ରୀଙ୍କ ଜନପ୍ରିୟତାକୁ ଖଣ୍ଡନ କରିପାରିବା ଅସମ୍ଭବ।

ବହୁମୁଖୀ ବିକାଶ, ସାମାଜିକ ନ୍ୟାୟଭିତ୍ତିକ ସମାବେଶୀ ଜନମଙ୍ଗଳ ପ୍ରକଳ୍ପ, ଓଡ଼ିଆ ଅସ୍ମିତାର ଗୌରବ ମଣ୍ଡନ କାର୍ଯ୍ୟକ୍ରମ, ଯୁବ ବିକାଶ ପାଇଁ ଅନନ୍ୟ ସ୍ୱତନ୍ତ୍ର ବଜେଟ୍ ପରିକଳ୍ପନା ଭଳି ନଅସୂତ୍ରୀ ନିର୍ବାଚନ ଇସ୍ତାହାରକୁ ନେଇ ଶାସକ ବିଜେଡି ଦଳ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯେଉଁ ନିର୍ବାଚନ ଅଭିଯାନ ରାଜ୍ୟବ୍ୟାପୀ କରିସାରିଛନ୍ତି ତାହାର କାଟ କରିବା ପାଇଁ ଯେଉଁଭଳି ସୁଚିନ୍ତିତ କାର୍ଯ୍ୟକ୍ରମ ଲୋକଙ୍କ ଆଗରେ ରଖିବା କଥା ତାହା ବିରୋଧୀ ଦଳମାନଙ୍କ ପକ୍ଷରୁ ହୋଇପାରିନାହିଁ ବୋଲି ସମୀକ୍ଷକମାନଙ୍କ ମତ। ସର୍ବୋପରି ଗୋଟିଏ ସଫଳ ପ୍ରାଦେଶିକ ଦଳର ସରକାରକୁ ମୁକାବିଲା କରିବା ପାଇଁ ସତ୍ତାବିରୋଧୀ ଜନମତର ଯେଭଳି ଲହରି ସୃଷ୍ଟି କରିବା ଆବଶ୍ୟକ, ସେପରି କିଛି ଜଣାପଡୁନାହିଁ ବୋଲି ପର୍ଯ୍ୟବେକ୍ଷକଙ୍କ ମତ। ନବୀନ ବାବୁ ଐତିହାସିକ ଷଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପାଇଁ ଆବଶ୍ୟକୀୟ ନିର୍ବାଚନ ଫଳାଫଳ ହେବ ଏବଂ ରାଜ୍ୟ ବିକାଶର ଆସନ୍ତା ପର୍ଯ୍ୟାୟ ସାଢ଼େ ଚାରିକୋଟି ଓଡ଼ିଆଙ୍କ ଆଶା ଆକାଂକ୍ଷା ମୁତାବକ ହେବ ବୋଲି ସମୀକ୍ଷକଙ୍କ ଦୃଢ଼ ମତ।

# "ଅଜ୍ଞାନତାର ପରାକାଷ୍ଠା"

*ଗତବର୍ଷ ଅକ୍ଟୋବର ୭ ତାରିଖରେ ପାଲେଷ୍ଟାଇନ୍‌ର ଗାଜା ଅଞ୍ଚଳରେ ଶାସକ ହମାସ୍ ପକ୍ଷରୁ ସୀମାବର୍ତ୍ତୀ ଇସ୍ରାଏଲ୍ ଅଞ୍ଚଳରେ ଅପ୍ରତ୍ୟାଶିତ ଆକ୍ରମଣ ଓ ଗଣ ନରସଂହାରର ପ୍ରତିକ୍ରିୟାରେ ଇସ୍ରାଏଲ୍ ସେନା ପକ୍ଷରୁ ଲଗାତାର ଆକ୍ରମଣ ଜାରି ରହି ପ୍ରାୟ ୩୦ ହଜାର ଗାଜାବାସୀଙ୍କ ମୃତ୍ୟୁ ବିରୋଧରେ ଆମେରିକା ସମେତ ଅନେକ ପଶ୍ଚିମ ଦେଶରେ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କର ପ୍ରତିବାଦ ଘଟଣା ସାମ୍ନାକୁ ଆସିଛି। ସେଠାରେ ଛାତ୍ର ଓ ଅଧ୍ୟାପକମାନେ ଗାଜାରେ ନରସଂହାରକୁ ନିନ୍ଦା କରିବା ସହ ଇସ୍ରାଏଲ୍ ଆକ୍ରମଣକୁ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ଏହିଭଳି ଛାତ୍ର ପ୍ରତିବାଦର କାର୍ଯ୍ୟକ୍ରମ ଖ୍ୟାତନାମା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିପୁଳ ସଂଖ୍ୟାରେ ଛାତ୍ର ଓ ଅଧ୍ୟାପକମାନଙ୍କର ଲିଖିତ ପ୍ରତିବାଦ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଇସ୍ରାଏଲ୍ ବିରୋଧୀ ପ୍ରଦର୍ଶନର ନିନ୍ଦା କରି ୧୩ ଜଣ ଗ୍ରାଜୁଏଟ୍ ଛାତ୍ରଙ୍କୁ ସ୍ନାତକ ଡିଗ୍ରୀ ଦେବାକୁ ବାରଣ କରିଥିଲେ। ନିକଟରେ ହାର୍ଭାର୍ଡର ସମାବର୍ତ୍ତନ ଉତ୍ସବରେ ଡିଗ୍ରୀପ୍ରାପ୍ତ ଛାତ୍ରମାନଙ୍କ ପକ୍ଷରୁ ଦକ୍ଷିଣ-ଏସିଆ ମୂଳ ଅଣଶ୍ୱେତାଙ୍ଗ ଛାତ୍ରୀ ଶ୍ରୁତି କୁମାରଙ୍କୁ ପାରମ୍ପରିକ ଛାତ୍ର ପ୍ରତିନିଧି ଅଭିଭାଷଣ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଛାତ୍ରୀଜଣକ "ଅଜ୍ଞାନତାର ପରାକାଷ୍ଠା" ନାମକ ବିଷୟରେ ଭାଷଣ ଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ଭାଷଣ ଦେବା ଛଳରେ ଛାତ୍ରୀ ଶ୍ରୁତି କୁମାର ୧୩ ଜଣ ଗ୍ରାଜୁଏଟ୍ ଛାତ୍ରଙ୍କ ସ୍ନାତକ ଡିଗ୍ରୀ ବାତିଲ୍‌ର ଘୋର ବିରୋଧ କରି ତାଙ୍କ ଧାର୍ଯ୍ୟ ଭାଷଣ ସୀମାର ବାହାରକୁ ଯାଇ ହାର୍ଭାର୍ଡର ଏତାଦୃଶ ଆଚରଣକୁ ନିନ୍ଦା କରିଥିଲେ। ଅଶ୍ୱେତ ଛାତ୍ର ଶ୍ରୁତିକୁମାରଙ୍କର ଏହି ଓଜସ୍ୱିନୀ ଭାଷଣ ସମ୍ପ୍ରତି ବିଶ୍ୱସାରା ଜୋରସୋରରେ ପ୍ରସାରିତ ହେବାକୁ ଲାଗିଛି। ତାଙ୍କ ଭାଷଣର ଇଣ୍ଟରନେଟ୍‌ରେ ଉପଲବ୍ଧ ଭିଡିଓ ରେକର୍ଡିଂର ଅବଲମ୍ବନରେ ତାହାର ଓଡ଼ିଆ ଭାଷାନ୍ତର ନିମ୍ନରେ ଦିଆଗଲା।*

ଆଜି ଆମେ ଯାହା ଜାଣିଛେ ସେହି ଭିତ୍ତିରେ ଆମକୁ ସମ୍ବର୍ଦ୍ଧିତ କରାଯାଉଛି। ପ୍ରକୃତରେ ଆମ ଜୀବନର ବହୁ ପର୍ଯ୍ୟାୟରେ ଆମକୁ ଯେଉଁସବୁ ପୁରସ୍କାର, ସମ୍ବର୍ଦ୍ଧନା ଓ ସମ୍ମାନ ମିଳିଥାଏ ଏବଂ ଯାହାକି ଆମେ ପିଲାଦିନୁ ଆମ ଘରକୁ ସଜାଇ ରଖିବାରେ ବ୍ୟବହାର କରିଥାଉ, ସେଥିରୁ ଆମକୁ ସଫଳତାର ଏକ ଅବଧାରଣା ଶିଖିବାକୁ ମିଳିଥାଏ। ଆମର ଜ୍ଞାନର ସୀମା କେତେ ଏବଂ ସେହି ସୀମିତ ଜ୍ଞାନ ଉପରେ ନିର୍ଭର କରି ଆମେ ଆଗକୁ ଯାଇଥାଉ। ସେହିପ୍ରକ୍ରିୟାରେ ଆମେ ଆଜି ଏଠାରେ ଆସି ପହଞ୍ଚିଛୁ। କିନ୍ତୁ ଆଜି ମୁଁ ଏହାର ବିପରୀତ ବିଷୟରେ ଆପଣମାନଙ୍କୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କରିବି, ଯାହାକି ମୁଁ ଆମର ୨୦୨୪ ଶ୍ରେଣୀର ବନ୍ଧୁମାନଙ୍କଠାରୁ ଶିଖିଛି। ତାହା ହେଉଛି 'ଅଜ୍ଞାନତାର ପରାକାଷ୍ଠା'।

ଆମେରିକାର ବିସ୍ତୀର୍ଣ୍ଣ ସମତଳ ଭୂମି ବିଶିଷ୍ଟ ରାଜ୍ୟ ନେବ୍ରାସ୍କାରେ ଅସଂଖ୍ୟ ଗୋପାଳନ ଫାର୍ମ ତଥା ମକା କ୍ଷେତ ମଧ୍ୟରେ ମୁଁ ପିଲାଟି ଦିନରୁ ବଢ଼ି ଆସିଛି। ଗୋଟିଏ ଦକ୍ଷିଣ-ଏସୀୟ ଦେଶରୁ ବହିରାଗତ ପ୍ରବାସୀ ପରିବାରର ବଡ଼ ଝିଅ ଭାବେ ମୁଁ ମୋ ପରିବାରରେ ଆମେରିକୀୟ କଲେଜ୍‌ରେ ନାମ ଲେଖାଇଥିବା ପ୍ରଥମ ସଦସ୍ୟ। ଏ ବିଷୟରେ ଅନେକ କଥା ମୋତେ ଆଗରୁ ଜଣା ନଥିଲା। କଲେଜ୍‌ରେ ନାମ ଲେଖା ପୂର୍ବରୁ ମୁଁ ମୋ ପିତାମାତାଙ୍କୁ ପଚାରିଥିଲି ଯେ କଲେଜ୍‌ରେ ନାମ ଲେଖାଇବା ପାଇଁ କିଭଳି ଆବେଦନ କରାଯାଏ? ସେତେବେଳେ ସେମାନେ କହିଥିଲେ ଆମକୁ ଏ କଥା ଜଣା ନାହିଁ।

"ମୋତେ ଜଣାନାହିଁ", ଏହି ବାକ୍ୟଟି ଶୁଣିଲା ପରେ ମୋତେ ବହୁ ଅସହାୟ ଲାଗୁଥିଲା। ସତେଯେପରି ଅନେକ ପ୍ରଶ୍ନର ଉତ୍ତର ମିଳୁନାହିଁ ଏବଂ ସେଥିନିମନ୍ତେ ସମାଧାନର ଉପାୟ ମଧ୍ୟ ମିଳୁନାହିଁ। ଏଭଳି ସ୍ଥିତିରେ ହାର ମାନିବା ଛଡ଼ା ସତେଯେମିତି ଆଉ କିଛି ବିକଳ୍ପ ନଥିଲା।

ନେବ୍ରାସ୍କା ରାଜ୍ୟରୁ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏ ପର୍ଯ୍ୟନ୍ତ ମୁଁ ମୋର ଅସହାୟତାବୋଧକୁ ବାରମ୍ବାର ତର୍ଜମା କରିବାକୁ ଚେଷ୍ଟା କରିଛି। ମୋର ଅଜ୍ଞାନତାର ସୀମା କେତେ ଏହା ନୂଆ କରି ଆବିଷ୍କାର କରିବା ପରେ ଏହି "ମୁଁ କିଛି ଜାଣି ନାହିଁ" ଅବଧାରଣା ଭିତରେ ମୋର ଏକ ନୂତନ ଶକ୍ତି ଅନୁଭୂତ ହେଲା। ସତରେ "ବିଜ୍ଞାନର ଇତିହାସ" ନାମକ ବିଶ୍ୱବିଦ୍ୟାଳୟରେ ଏକ ପାଠ୍ୟକ୍ରମ ଥାଇପାରେ ଏ ବିଷୟରେ ମୁଁ ଅଜ୍ଞ ଥିଲି। କିନ୍ତୁ ଆଜି ମୁଁ ନିଜକୁ ସେହି ବିଷୟରେ ଜଣେ ସଦ୍ୟ ସ୍ନାତକ ଡିଗ୍ରୀଧାରୀ ରୂପେ ପରିଚିତ! ମହାବିଦ୍ୟାଳୟରେ ନୂଆ କରି ନାମ ଲେଖାଇବା ପରେ ପରେ ଜୀବନରେ ପ୍ରଥମ ଥର ପାଇଁ ଜଣେ ଅଶ୍ୱେତ ପ୍ରଫେସରଙ୍କ ପାଖରେ ପଢ଼ିବାର ସୁଯୋଗ ମିଳିଲା। ସେହି ବିଜ୍ଞାନ-ଇତିହାସର ଅଧ୍ୟାପକ ମୋତେ ବୁଝାଇ ଥିଲେ ଯେ ଇତିହାସ ଏମିତି ଏକ ବିଷୟ, ଯେଉଁଥିରେ ଜ୍ଞାତସାରରେ ଥିବା ତଥ୍ୟକୁ ଯେତିକି ଗୁରୁତ୍ୱ ଦିଆଯାଏ, ଅଜ୍ଞାତ ତଥ୍ୟକୁ ମଧ୍ୟ ସେତିକି ଗୁରୁତ୍ୱ ଦିଆଯାଏ। ବିଜ୍ଞାନର ଇତିହାସ ପାଠ୍ୟକ୍ରମରେ ଆମେ ସଦାବେଳେ ସେହି ତଥ୍ୟ ଉପରେ ଜୋର ଦେଇଥାଉ, ଯାହା ଅଜ୍ଞାତ ଥାଏ। କେଉଁ କେଉଁ ଦସ୍ତାବିଜ୍‌ଗୁଡ଼ିକ ସଂଗ୍ରହାଳୟରେ ନାହିଁ ଏବଂ କେଉଁମାନଙ୍କର ମତାମତ ଇତିହାସରେ ଉଲ୍ଲିଖିତ ହୋଇପାରିନାହିଁ। ସେଇଠି ମୁଁ ଶିଖିଲି ଯେ ନିରବତା ବହୁ ସମୟରେ ଉଚ୍ଚସ୍ୱରରେ କଥା କହେ



ଏବଂ ଏଥିରେ 'ଶୂନ୍ୟତା' ବହୁ କମ୍ ଦେଖିବାକୁ ମିଳେ। ଆମ ପାଇଁ ଯାହା ଅଜ୍ଞାତ, ବେଳେବେଳେ ତାହା ବହୁତ ଶକ୍ତିଶାଳୀ କାହାଣୀ ବଖାଣି ଥାଏ।

ଏ ସବୁ ବିଷୟ ମୁଁ କେବଳ ମହାବିଦ୍ୟାଳୟର ଶ୍ରେଣୀ ଭିତରେ ଶିଖି ନଥିଲି, ବରଂ ୨୦୨୪ ବ୍ୟାଚର ଆମର ସାଙ୍ଗସାଥୀ ମଧ୍ୟରେ ଥାଇ ଜାଣିପାରିଥିଲି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଆମର ସାମୂହିକ ଶିକ୍ଷାଯାତ୍ରା ବିଷୟରେ ଅନୁଶୀଳନ କରି ମୁଁ ଜାଣିଛି ଯେ ବହୁତ ସମୟରେ ଅନିଶ୍ଚିତତାର ମୁହୂର୍ତ୍ତମାନଙ୍କଠାରୁ ଏଭଳି କିଛି ବୃହତ୍ତର ଜିନିଷ ଜାଣିହୁଏ, ଯାହା ଆମେ କେବେ କଳ୍ପନା ବି କରି ନଥିବା। ତେଣୁ ମୁଁ କହିପାରିବି ଯେ ଆମର ଏହି ବର୍ଷର ଶ୍ରେଣୀସାଥୀମାନେ ଅନିଶ୍ଚିତତା ଓ ଅଜ୍ଞାନତା ବିଷୟରେ ଆଶାତୀତ ଭାବରେ ବହୁତ କିଛି ଅନୁଭୂତି ସାଉଁଟିପାରିଛୁ।

ମହାବିଦ୍ୟାଳୟର ପ୍ରଥମ ବର୍ଷରେ କୋଭିଡ୍ ମହାମାରୀ ସମୟରେ ଆମ ସହିତ ଆନେନବର୍ଗ ନଥିଲେ ଯେ ପ୍ରତିଘଣ୍ଟାରେ ଶହେଜଣ ବ୍ୟକ୍ତିଙ୍କୁ ସାକ୍ଷାତ କରି ଆସିସାରିଲା ପରେ ତାଙ୍କ ମଧ୍ୟରୁ କେବଳ ପାଞ୍ଚଜଣଙ୍କ ନାଁ ଆମର ମନେ ରହିବ। ଆମେ ସତରେ ଜାଣି ନଥିଲୁ ଯେ କୋଭିଡ୍ ଭଳି ବୈଶ୍ୱିକ ମହାମାରୀ ସମୟରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ ଆମର ଅଭିଜ୍ଞତା କିଭଳି ହେବ। ଏହାକୁ ଆମେ କିପରି ସାମ୍ନା କଲୁ? ଆମକୁ ପରିସ୍ଥିତିର ମୁକାବିଲା ଅଗତ୍ୟା କରିବାକୁ ପଡ଼ିଲା ଏବଂ ସେହି ଅନୁଭୂତିରୁ ଶିକ୍ଷା ମିଳିଲା କିପରି ଅନିଶ୍ଚିତତା ଭିତରେ ଆଗକୁ ଚାଲିବାକୁ ହୁଏ, ଲୋକମାନଙ୍କ ସହିତ ଚଳପ୍ରଚଳ ହେବାକୁ ପଡ଼େ ଏବଂ ବନ୍ଧୁତ୍ୱ ସମ୍ପର୍କ ପାଇଁ ସଂଖ୍ୟାତ୍ମକ ପ୍ରକ୍ରିୟା ବଦଳରେ ଗୁଣାତ୍ମକ ସମ୍ପର୍କର ଉପଯୋଗିତା କିପରି ବୁଝିବାକୁ ହୁଏ। ମହାବିଦ୍ୟାଳୟର ପ୍ରଥମ ବର୍ଷରେ ହିଁ 'ରୋ ବନାମ ୱେଡ' ମାମଲାର ନିଷ୍ପତ୍ତିକୁ ରଦ୍ଦ କରିଦିଆଗଲା ଏବଂ ଆଜି ମଧ୍ୟ ଆମ ଦେଶର ଅନେକ ଅଞ୍ଚଳରେ ଅନିଶ୍ଚିତତାର ଏକ ବାତାବରଣ ସ୍ପଷ୍ଟ ଭାବେ ଚାରିଆଡ଼େ ଖେଳିଯାଇଛି। ଯାହାଫଳରେ ପ୍ରଜନନ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ମିଳିବାରେ ଅସୁବିଧା ହେଉଛି। ଆମ ପାଠପଢ଼ାର ଦ୍ୱିତୀୟବର୍ଷ ବେଳକୁ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟକୁ ସୁପ୍ରିମକୋର୍ଟର ଏଭଳି ଏକ ନିର୍ଦ୍ଦେଶ ମିଳିଲା ସାମାଜିକ ନ୍ୟାୟ ପାଇଁ ସ୍ଥାନ ସଂରକ୍ଷଣ ରଦ୍ଦ କରି ଦିଆଗଲା। ଏ ସବୁରୁ ସ୍ପଷ୍ଟ ବୁଝି ହେଉଛି ଯେ ଆମେ ସବୁ ଏକ ଅଜଣା ସମୁଦ୍ରରେ ଭାସିଚାଲିଛେ।

ଏହାପରେ ବର୍ତ୍ତମାନ ମୁଁ ଆସୁଛି ଆମ ସ୍ନାତକ ପାଠପଢ଼ାର ଶେଷବର୍ଷକୁ, ଯେଉଁବର୍ଷ କି ଆମ ଶିକ୍ଷାନୁଷ୍ଠାନ ପରିସରରେ ବିଶାଳ ଅନିଶ୍ଚିତତାର ପରିବେଶ ସୃଷ୍ଟି ହୋଇଥିଲା। ଶୀତ ଋତୁର ପ୍ରାରମ୍ଭରେ ମୋ ନାଁ ଏବଂ ବ୍ୟକ୍ତିଗତ ପରିଚୟ ଯୋଗୁଁ ମୋତେ ଅନେକ ଅଶ୍ୱେତ ଛାତ୍ରବନ୍ଧୁମାନଙ୍କ ସମେତ ଖୋଲାଖୋଲି ଭାବେ ଭୀଷଣ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ମୋ ଭଳି ବହୁ ଅଶ୍ୱେତ ଛାତ୍ରମାନେ ସମାଲୋଚନାର ଶରବ୍ୟ ହେବା ଫଳରେ ଆମର ଭବିଷ୍ୟତର କର୍ମନିଯୁକ୍ତି ଅନିଶ୍ଚିତ ହୋଇଯାଇଥିଲା, ଆମର ନିରାପତ୍ତା ଏବଂ ସ୍ୱାଚ୍ଛନ୍ଦ୍ୟ ଜୀବନରେ ପ୍ରଶ୍ନ ଚିହ୍ନ ଲାଗିଥିଲା। ଚଳିତ ସେମିଷ୍ଟାରରେ ଆମ କ୍ୟାମ୍ପସ୍‌ରେ ଅଭିବ୍ୟକ୍ତିର ସ୍ୱାଧୀନତା ତଥା ପୀଡ଼ିତମାନଙ୍କ ପାଇଁ ଐକ୍ୟ ପ୍ରଦର୍ଶନକୁ ଦଣ୍ଡନୀୟ ବୋଲି ଘୋଷଣା କରାଯାଇଛି, ଯାହାଫଳରେ ଆମ ସ୍ନାତକ ପାଠ୍ୟକ୍ରମ ମଧ୍ୟ ଅନିଶ୍ଚିତ ହୋଇଯାଇଥିଲା। ଆଜି ଯେତେବେଳେ ମୁଁ ଏଠାରେ ଆପଣଙ୍କ ସାମ୍ନାରେ ଠିଆ ହୋଇଛି, ଆମ ଶିକ୍ଷାବର୍ଷର କେତେକ ଛାତ୍ରବନ୍ଧୁଙ୍କ କଥା ନିଶ୍ଚୟ ମନେ ପକାଇବି। ଆମ ଶ୍ରେଣୀର ସେହି ତେରଜଣ ଅଣ୍ଡରଗ୍ରାଜୁଏଟ୍, ଯେଉଁମାନେ ସ୍ନାତକ ଡିଗ୍ରୀ ପାଇପାରିବେ ନାହିଁ। ଆମ ବିଶ୍ୱବିଦ୍ୟାଳୟ ପରିସରରେ ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଅହିଂସକ ଅସହଯୋଗର ଅଧିକାର ପ୍ରତି ଅସହିଷ୍ଣୁତା ଦେଖି ମୁଁ ଗଭୀର ଭାବରେ ମର୍ମାହତ। ୧୫୦୦ରୁ ଅଧିକ ଛାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଦରଖାସ୍ତ କରିଥିଲେ। ସେହିଭଳି ୫୦୦ ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ପ୍ରତିବାଦର ସ୍ୱର ଉଠାଇଥିଲେ। ଏ ସବୁଥିରେ ସମସ୍ତେ ବହୁସଂଖ୍ୟାରେ ଛାତ୍ରମାନଙ୍କ ଉପରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଅଭୂତପୂର୍ବ ଦଣ୍ଡାଦେଶକୁ ବିରୋଧ କରିଥିଲେ। ଜଣେ ଆମେରିକୀୟ ବ୍ୟକ୍ତି ଭାବରେ ତଥା ହାର୍ଭାର୍ଡର ଗ୍ରାଜୁଏଟ୍ ଭାବରେ ଏ ସବୁ ଯାହା ଘଟିଯାଉଛି ତାହା ହେଲା, ସ୍ୱାଧୀନତା ଓ ନାଗରିକ ଅଧିକାର। ଛାତ୍ରମାନେ ପ୍ରତିବାଦ କଲେ ଏବଂ ଅଧ୍ୟାପକମାନେ ମଧ୍ୟ ସ୍ୱର ଉଠାଇଲେ। ହାର୍ଭାର୍ଡ! ତୁମେ ଶୁଣିପାରୁଛ ତ?

ସମ୍ପ୍ରତି ମଧ୍ୟ-ପ୍ରାଚ୍ୟର ଗାଜା ଭୂଖଣ୍ଡରେ ଘଟଣା ପ୍ରବାହକୁ ନେଇ ଆମ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ବହୁ ଅସହମତି ତଥା ତୀକ୍ଷ୍ଣ ବିଭେଦର ପରିସ୍ଥିତି ଉପୁଜିଛି। ବିଶ୍ୱର ବିଭିନ୍ନ ଆଗୁଆ ଶିକ୍ଷାୟତନଗୁଡ଼ିକରେ ଏ ବିଷୟକୁ ନେଇ ଅଶାନ୍ତି, ଅନିଶ୍ଚିତତା, ଯନ୍ତ୍ରଣାଦାୟକ ପରିସ୍ଥିତି ମୁଁ ଦେଖିପାରୁଛି। ବର୍ତ୍ତମାନ ଏଭଳି ଏକ ବିଶେଷ ମୁହୂର୍ତ୍ତରେ 'ଅଜ୍ଞାନତାର ଶକ୍ତି' ଅବଧାରଣା ବଳବତ୍ତର ହେବା ଦେଖାଯାଉଛି। ଆମେ ହୁଏତ ଜାଣିନାହୁଁ ଯେ ଗୋଟିଏ ବିଶେଷଗୋଷ୍ଠୀଙ୍କ ଉପରେ ଜାତିଗତ ପରିଚୟକୁ ଭିତ୍ତି କରି ଆକ୍ରମଣ ହେଲେ କିଭଳି ଅଭିଜ୍ଞତା ହୁଏ? ହୁଏତ ଆମେ ଜାଣିନାହୁଁ ଯେ ହିଂସା ଓ ମୃତ୍ୟୁ ପରିସ୍ଥିତି ସହ ସାମ୍ନାସାମ୍ନି ହେଲେ କିଭଳି ହୀନସ୍ତା ହେବାକୁ ହୁଏ? କିନ୍ତୁ ଆମେ ଏ ସବୁ ଜାଣିବା ଆବଶ୍ୟକ ମଧ୍ୟ ନୁହେଁ। ସେଭଳି ପରିସ୍ଥିତିରେ ରହିଥିବା ଗୋଷ୍ଠୀଙ୍କ ସହ ନିଜର ଐକ୍ୟବଦ୍ଧତା ଜଣାଇବା ପାଇଁ ଆମେ ସେଠାକାର ଘଟଣାକ୍ରମ ଜାଣିବା ଆବଶ୍ୟକ ନୁହେଁ। କାରଣ ସେ ବିଷୟରେ ଅଜ୍ଞାନତା ଆମକୁ ଏକ ନୈତିକ ମଞ୍ଚ ପ୍ରଦାନ କରିଥାଏ। ଏହାଦ୍ୱାରା ସମ-ଭାବନା ଓ ଐକ୍ୟ ପ୍ରଦର୍ଶନ ପାଇଁ ତଥା ସେହି ଭାଷଣ ପରିସ୍ଥିତି ବିଷୟରେ ଜାଣିବା ପାଇଁ ଆମ ଭିତରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। ଯେହେତୁ ମୁଁ ଜାଣେ ନାହିଁ, ସେଥିପାଇଁ ମୁଁ ପ୍ରଶ୍ନ ଉଠାଇବି ଏବଂ ଘଟଣାକ୍ରମ ବିଷୟରେ ବୁଝିବାକୁ ଚେଷ୍ଟା କରିବି। ମୋ ମତରେ ଏହା ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳିଥାଏ, ବିଶେଷକରି ଏହିଭଳି ଅନିଶ୍ଚିତ ସମୟରେ, ଯେତେବେଳେ ଆମେ ଉକ୍ତ ସମସ୍ୟା ବିଷୟରେ ସମୀକ୍ଷା କରିବାକୁ ଆଗେଇ ଆସୁ। ଯଦିବା ଆମ ପାଖରେ ସମାଧାନର ଉପାୟ ନଥାଏ। ଆମେ କ'ଣ ଅନ୍ୟ ଗୋଟିଏ ଦେଶର ନାଗରିକଙ୍କର ମାନବୀୟ ପରିସ୍ଥିତି ଦେଖିପାରିବାନି? ସେ ଦେଶ ସହ ଆମର ସହମତି ନଥିଲେ ମଧ୍ୟ ସେଠାର ଜନସାଧାରଣଙ୍କ ପୀଡ଼ା ଆମେ କ'ଣ ଅନୁଭବ କରିବାରେ ଅସମର୍ଥ?

ଆଜି ଆମର ସ୍ନାତକ ପାଠ୍ୟକ୍ରମର ଉଦ୍‌ଯାପନ ସମୟରେ ଆମର ଯାହା ଜ୍ଞାନ ଉପଲବ୍ଧ ହୋଇଛି, ଆମର ବାସ୍ତବବାଦୀ ଜ୍ଞାନର ଗୁରୁତ୍ୱ ସେତେ କିଛି ହୋଇ ନ ପାରେ। କାରଣ ଆଜିର ସତ୍ୟ ହେଉଛି ଆମେ ଯାହା ଜାଣିନାହୁଁ ଏବଂ ସେଭଳି ଅଜ୍ଞାନତା ମଧ୍ୟରେ ଆମେ ଆଗକୁ କିପରି ବଢ଼ୁଛେ ତାହା ହିଁ ଆମକୁ ଅନ୍ୟମାନଙ୍କଠାରୁ ଅଲଗା କରି ଚିହ୍ନାଇବ। ଅନିଶ୍ଚିତତା ସବୁବେଳେ ଅସ୍ୱସ୍ତିକର ହୋଇଥାଏ। ମୁଁ କିନ୍ତୁ ଆଜି ଆପଣମାନଙ୍କୁ ଉତ୍ସାହିତ କରିବି ଯେ ଏଭଳି ଅସ୍ୱସ୍ତିକର ପରିସ୍ଥିତିର ମୂଳକୁ ଯାଇ ଗଭୀର ଅନୁଶୀଳନ କରନ୍ତୁ। ଏଭଳି କଲାବେଳେ ନିଜର ମାନସିକତାରେ ଜଣେ ନୂତନ ଶିକ୍ଷାର୍ଥୀର ଉତ୍ସାହ ରଖନ୍ତୁ ତଥା ନିଜର ଅଜ୍ଞାନତା ବିଷୟରେ ଏକ ନୈତିକ ମୂଲ୍ୟବୋଧର ଅନୁଭୂତି ରଖନ୍ତୁ। ପ୍ରସିଦ୍ଧ ଲେଖିକା ଏମିଲି ଡିକିନ୍‌ସନ୍ କହିଥିଲେ, "ପ୍ରଭାତ କେବେ ଆସିବ ନ ଜାଣି ମଧ୍ୟ ମୁଁ ସମସ୍ତ ଦ୍ୱାର ଖୋଲା ରଖିବି।"

ଧନ୍ୟବାଦ ଏବଂ ଅଭିନନ୍ଦନ, ୨୦୨୪ ଶ୍ରେଣୀର ବନ୍ଧୁ।

# ଭୟାବହ ବନାଗ୍ନି



ବୈଷ୍ଣବ ମେହେର
ସିନାପାଲି, ମୋ: ୯୭୭୭୫୩୯୩୫

ଜଙ୍ଗଲରେ ନିଆଁ ଲାଗିବା ସହ 'ମାକରବିହା'ର ସଂପର୍କ କ'ଣ, ତାହା ଗବେଷଣା ସାପେକ୍ଷ। ବିଶେଷତଃ, ଫାଲଗୁନ ଚୈତ୍ର ମାସରେ ଜଙ୍ଗଲରେ ମହୁଲ ପାଚିଥାଏ। ଜଙ୍ଗଲ ତଳି ଅଞ୍ଚଳର ଲୋକଙ୍କ ଜୀବିକାର ମୁଖ୍ୟ ଆଧାର ହେଉଛି ଏହି ମହୁଲ ସଂଗ୍ରହ। ଭୋରରୁ ଲୋକେ ମହୁଲ ସଂଗ୍ରହ ପାଇଁ ଘରୁ ବାହାରି ଯାଇ ମଧ୍ୟାହ୍ନ ବେଳକୁ ଟୋକେଇ ଭର୍ତ୍ତି ମହୁଲ ଧରି ଘରକୁ ଫେରନ୍ତି। ମହୁଲକୁ ଖରାରେ ଶୁଖାଇଲା ପରେ ତାକୁ ବିକ୍ରି କରି କିଛି ଅର୍ଥ ରୋଜଗାର କରନ୍ତି। ଠିକ୍ ଏହି ମହୁଲ ଗୋଟା ସମୟରେ ହିଁ ପତ୍ରଝଡ଼ା ହୋଇଥାଏ। ମହୁଲପତ୍ର ଗଛ ତଳେ ପଡ଼ି ଗଦା ହୋଇଯାଉଥିବାରୁ ମହୁଲ ଫୁଲ ଗୋଟାଇବାରେ ଅସୁବିଧା ହୋଇଥାଏ। ଫଳରେ ମହୁଲଗଛ ତଳକୁ ସଫା ରଖିବା ପାଇଁ ମହୁଲ ଗୋଟାଳିମାନେ ଝଡ଼ାପତ୍ରରେ ନିଆଁ ଲଗାଇ ଦେଇଥା'ନ୍ତି। ପ୍ରାୟତଃ ଏହି ନିଆଁ ଜଙ୍ଗଲକୁ ବ୍ୟାପି ଥାଏ। ସନ୍ଧ୍ୟା ପରେ ଦୂରରୁ ଦେଖିଲେ ସତେଯେମିତି ପାହାଡ଼ରେ କେହି ଧାଡ଼ିଧାଡ଼ି ରଙ୍ଗୀନ ଆଲୋକମାଳା ଲଗାଇ ଦେଇଥିବା ଭଳି ପ୍ରତୀୟମାନ ହୁଏ। ବିଶେଷ ଭାବରେ ଏହି ଆଲୋକମାଳା ଛୋଟ ଛୁଆଙ୍କ ମନରେ କୌତୁହଳ ସୃଷ୍ଟି କରୁଥିବା ବେଳେ ବୟସ୍କମାନେ ମଜାରେ ଜଙ୍ଗଲରେ 'ମାକରବିହା'(ମାଙ୍କଡ଼ ବିବାହ) ଚାଲିଥିବା କହନ୍ତି। ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ଏହି 'ମାକରବିହା' ଶବ୍ଦ ବହୁଳ ଭାବରେ ପ୍ରଚଳିତ।

'ମାକରବିହା' ବା ବନାଗ୍ନି ଯୋଗୁଁ କିନ୍ତୁ ମଣିଷ



ସମାଜର ଅକଳନୀୟ କ୍ଷତି ହୋଇଚାଲିଛି। ୨୦୦୧ ରୁ ୨୦୨୨ ମଧ୍ୟରେ ବନାଗ୍ନିରେ ଆମ ଦେଶର ପ୍ରାୟ ୩୮, ୧୦୦ ହେକ୍ଟର ମୂଲ୍ୟବାନ ଜଙ୍ଗଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ସେହି ଅବଧି ମଧ୍ୟରେ ଓଡ଼ିଶାରେ ନିଆଁଲାଗି ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଛି। ଏକ ହିସାବ ଅନୁଯାୟୀ ଓଡ଼ିଶାରେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ଏହି କାରଣରୁ ଧ୍ୱଂସ ପାଇଥାଏ। ଗତ ଦଶବର୍ଷର ଜଙ୍ଗଲ କ୍ଷୟ ପରିସଂଖ୍ୟାନ ଅଧ୍ୟୟନ ଅନୁଯାୟୀ ଆମ ରାଜ୍ୟରେ ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଯେତିକି ଜଙ୍ଗଲ ନଷ୍ଟ ହୋଇଛି ତାହାର ଚାରିଗୁଣରୁ ଅଧିକ ଜଙ୍ଗଲ ନିଆଁରେ ପୋଡ଼ିଯାଇଛି। ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଆବଶ୍ୟକ ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଥା'ନ୍ତି। ତେବେ ଗତ ଦଶବର୍ଷ ମଧ୍ୟରେ ଏହିସବୁ କାର୍ଯ୍ୟ ପାଇଁ ପାଖାପାଖି କୋଡ଼ିଏ ହଜାର ହେକ୍ଟର ଜଙ୍ଗଲ କଟାଯାଇଥିବା ବେଳେ ଏହା ବଦଳରେ ଆଇନ ଅନୁଯାୟୀ କ୍ଷତିପୂରଣ ବନୀକରଣ ଯୋଜନାରେ ପ୍ରାୟ ୨୩ ହଜାର ହେକ୍ଟର ଜମିରେ ୧୦୬ କୋଟିରୁ ଅଧିକ ଅର୍ଥ ବ୍ୟୟ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି। ଅପରପକ୍ଷେ ବନାଗ୍ନି ଯୋଗୁଁ ଗତ ଦଶବର୍ଷରେ ଓଡ଼ିଶାରେ ୮୭ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପ୍ରଭାବିତ ହୋଇଥିବା କୁହାଯାଇଛି।

ବିଶେଷକରି, ଖରାଦିନ ଆରମ୍ଭରୁ ଆମ ରାଜ୍ୟର ମୋଟ ୫୨ଟି ଜଙ୍ଗଲ ମଣ୍ଡଳର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ନଷ୍ଟ ହେବା ସହ ବହୁ ଜୀବଜନ୍ତୁ ଏବଂ ମୂଲ୍ୟବାନ ଔଷଧୀୟ ଗୁଳ୍ମ ସବୁ ଜଳିପୋଡ଼ି ଧ୍ୱଂସ ପାଇଯାଉଛି। ଏହାଦ୍ୱାରା ପରିବେଶ ମଧ୍ୟ ଗଭୀର ଭାବରେ ଆକ୍ରାନ୍ତ ହୋଇ ଆଖପାଖ ଅଞ୍ଚଳର ତାତିକୁ ଅସହ୍ୟ କରୁଛି। ଆଶ୍ୱାସନାର ବିଷୟ ଯେ ଜଙ୍ଗଲ ନିକଟରେ ରହୁଥିବା ଜନବସତିର ଲୋକମାନେ ଏବେ ଜଙ୍ଗଲ ନିଆଁର କୁପ୍ରଭାବ ବିଷୟରେ ଅବଗତ ହୋଇ ଏନେଇ ଅନେକାଂଶରେ ସଚେତନ ହେବାରେ ଲାଗିଲେଣି। ଫଳରେ ଜଙ୍ଗଲ ପାଖ ଗାଁ ଗୁଡ଼ିକରେ ଜଙ୍ଗଲ ସୁରକ୍ଷା ସମିତିମାନ ଗଠନ କରାଯାଇ ସେମାନଙ୍କୁ ଜଙ୍ଗଲ ରକ୍ଷଣାବେକ୍ଷଣର ଦାୟିତ୍ୱ ଦିଆଯାଇପାରୁଛି। ତେଣୁ ଉଭୟ ବନବିଭାଗ ଓ ସମିତିଗୁଡ଼ିକ ପରସ୍ପର ତାଳମେଳ ରଖି କାମ କଲେ ଅନେକାଂଶରେ ଜଙ୍ଗଲ ନିଆଁକୁ ରୋକା ଯାଇପାରିବ।

ଜଙ୍ଗଲ ବିନା ଜୀବନ ଅସମ୍ଭବ। ତେବେ ଅବାଧ ଜଙ୍ଗଲ କ୍ଷୟର ଧାରାକୁ ଦେଖିଲେ ସାରା ସୃଷ୍ଟିକୁ ସୁରକ୍ଷା ଦେଉଥିବା ଜଙ୍ଗଲ ଯେ ନିଜେ ଅସୁରକ୍ଷିତ, ତା'ହା ସ୍ପଷ୍ଟ ପ୍ରତୀୟମାନ ହେଉଛି। ସଂପ୍ରତି ଜଙ୍ଗଲ ଧ୍ୱଂସକୁ ରୋକା ନଗଲେ ବିଶ୍ୱର ସବୁଜ ଆସ୍ତରଣ ଆଉ କିଛି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବା ଅସମ୍ଭବ ନୁହେଁ। ଏପରିସ୍ଥଳେ ବର୍ତ୍ତମାନର ମଣିଷର ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ଜଙ୍ଗଲ ସୁରକ୍ଷା।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଛାୟାଗୀତି

# ଜୀବନଧର୍ମୀ ଲୋକଗୀତ



ସୂର୍ଯ୍ୟ ଦେଓ

କିଶୋରୀ ଗୀତିକାର ମେଳରୁ ଏବେ ଆସନ୍ତୁ ଯିବା ଜୀବନଧର୍ମୀ ଲୋକଗୀତିକାକୁ । ଆଗରୁ କହିଛି, ଓଡ଼ିଆ ଗୀତ ଯାହା ଆସିଛି ଲୋକାୟତରୁ ତାହାର ମହତ୍ତ୍ୱ ହେଉଛି ବିଷୟବସ୍ତୁର ସାରଲ୍ୟ, ଜୀବନ, ସମାଜ ଓ ରାଜନୀତିର ଗଭୀରତର ଅନୁଶୀଳନ କରିବା ଲୋକ ଚରିତ୍ର ନୁହେଁ । ଲୋକେ ଘଟଣା ଓ ଦୁର୍ଘଟଣାକୁ ବିଧି ବା ଭାଗ୍ୟ କହି ନିରବ ରହନ୍ତି । ଅଧିକାଂଶ ଜୀବନଧର୍ମୀ ଲୋକଗୀତରେ ଏହି ଭାବରେ ଛାୟାକୁ ଲକ୍ଷ୍ୟ କରାଯାଇପାରେ । ହଁ, ଏଥିରେ ନିରୀହ ପରାମର୍ଶ ମଧ୍ୟ ଥାଏ । ଆଉ ଏମିତି ଜୀବନ ଗୀତିକାକୁ ଓଡ଼ିଆ ସିନେଗୀତି ଧାରା ତାହାର ପ୍ରଥମ ଫର୍ଦ୍ଦରେ କେମିତି ଅକ୍ତିଆର କରିଛି, ଦେଖାଯାଉ । ଉଦାହରଣ ନିଅନ୍ତୁ : ଏକ : "ବାରୁଣୀ ଗଗନେ ଘାରିଛି ଅନ୍ଧାର, ଲିଭିଯାଏ ନାଲିସୂରଜର ଧାର / କଥା ମାନ ରାଇ / ମାନ କଥା ଥରେ / ଘର କଥା ଏ ନିତିଦିନ / ମନେ ଭରି ଅଭିମାନ / ଯାଏ ଛାଡ଼ି ବୃନ୍ଦାବନ ।" (ସିନେମା : ଲକ୍ଷ୍ମୀ, ୧୯୬୨) ଦୁଇ : "ବାଆ କଲେ ବସା ଦୋହଲୁଥାଏ ଲୋ / ବାଇଆର କିବା ଯାଏ ଅବା ଆସେ / ହେଲେ ଏ ବାଇଆ ମଣିଷଟା ତ ରକତ ମଣିଷ ଝୁଣି ଝୁଣି ଖାଏ, ଅଦିନ ବଉଦ ଅଦିନ କୁହୁଡ଼ି ପଲକେ ଉଭାଇ ଯାଏ ।" (ସିନେମା : ସ୍ତ୍ରୀ, ୧୯୬୮) ଏବଂ ତିନି : "ନ କର ନ କର ମନ ତିଳେ ଭାବନା, ଭାବିଲେ କି ଯିବ ଚାଲି ଶୋକ ଯାତନା ।" (ସିନେମା : ସଂସାର, ୧୯୭୩) ସଂଯୋଗ ଦେଖନ୍ତୁ ଏହି ତିନିଟି ଗୀତର ଗୀତିକାର ସାରଦା ପ୍ରସନ୍ନ ନାୟକ । ସଂଗୀତକାର ଯଥାକ୍ରମେ ବାଳକୃଷ୍ଣ ଦାଶ, ଭୁବନେଶ୍ୱର ମିଶ୍ର ଓ ଅକ୍ଷୟ ମହାନ୍ତି । ଗାୟକ : ତରୁଣ ବାନାର୍ଜୀ, ଅକ୍ଷୟ ମହାନ୍ତି ଓ ପ୍ରଣବ ପଟ୍ଟନାୟକ । ଭାବକୁ ଅନୁସରଣ ଓ ପରିସ୍ଫୁଟନ କରୁଛି ଗାୟନର ସ୍ୱର । ଯେହେତୁ ସ୍ୱର ସଂଯୋଜନାରେ ବାହାଦୁରି ଦେଖାଇବାର କ୍ଷେତ୍ର ଲୋକଗୀତ ନୁହେଁ, ଏଣୁ ଭାବ ପ୍ରକାଶ ପାଇଁ ଏକଦମ ସରଳ ଓ ସ୍ୱଚ୍ଛ ସ୍ୱରକୁ ବ୍ୟବହାର କରାଯାଉଛି । ହଁ, ଲୋକଗୀତରେ 'ଆଳାପନା' ବା 'ଲହର' ମୁଖ୍ୟ ବୋଲି ଆମେ ଆଗରୁ ଚର୍ଚ୍ଚା କରିଥିଲୁ । ଏହି ତିନିଟି ଗୀତରେ ସେହି ଲହରକୁ ଆପଣ ପାଇବେ । ଘଟଣା, ଦୁର୍ଘଟଣାର ବିଧି ବା ଭାଗ୍ୟ ବୋଲି ତିନି ଗୀତରେ ନିଶ୍ଚୟ ଶୁଣିବେ । ଅବଶ୍ୟ ଆମେ ଯେଉଁ ସମୟରେ ଚର୍ଚ୍ଚା କରୁଛୁ, ସେହି ସମୟ ମଧ୍ୟରେ ଜୀବନଧର୍ମୀ ସିନେ ଗୀତରେ ଲୋକଛାଞ୍ଚର ପ୍ରୟୋଗରେ ପରୀକ୍ଷା ମଧ୍ୟ ହୋଇଛି । ସିଧାସଳଖ ଲୋକଗୀତି ଧର୍ମକୁ ସିନେମାରେ ନଉତାରି ଟିକେ ପରିବର୍ତ୍ତନ ମଧ୍ୟ କରାଯାଇଛି । ଏହି ପରିବର୍ତ୍ତନର ରେଖା ଆଜି ମଧ୍ୟ ଝିଲମିଲ୍ କରେ । ଯେମିତିକି ସ୍ଥାନ-କାଳ-ପାତ୍ରର ସମସ୍ତ ଜୀବନଶକ୍ତି ସଞ୍ଚିତ ହୋଇଯାଇଛି ଶବ୍ଦ ସଂପୁଟରେ, ଆଉ ମଧ୍ୟ ସ୍ୱର ଧାରାରେ । ସେଇ ଗୀତକୁ ମନେପକାନ୍ତୁ : "ଏ' ତ କଳିକାଳ ରୀତି ବିପରୀତ ଭାଇରେ/ ଆଣୁ ରଣଚଣ୍ଡୀ ଘରେ ହାତ ଧରି ବାହା ହୋଇରେ , ଶଶୁର ଶାଶୂର ସେବା ସେ ତା'ହେଲା ପାପରେ / ଦେଖିତୁ ବାବାଜୀ ସାଜି ହରି ନାମ ଜପରେ । ନହେଲେ ତୁ ଠେଙ୍ଗା ଧର / ଆଉ ବାଟ ନାହିଁ ନାହିଁରେ" ଏହି ପଂକ୍ତିର ଶେଷ ଦୁଇପଦକୁ ଲକ୍ଷ୍ୟ କରନ୍ତୁ - 'ନହେଲେ ତୁ ଠେଙ୍ଗାଧର...' ଏହା ବିଦ୍ରୋହ ଓ ବିକ୍ଷୋଭର ସ୍ୱର । ଆଗରୁ କହିଛି ବିଦ୍ରୋହ ଓ ବିକ୍ଷୋଭ, ଲୋକଗୀତରେ ନଥାଏ । 'ଅମଡ଼ାବାଟ'ର (୧୯୬୪) ଏଇ ଯେଉଁ ଗୀତ କଥା ଆଲୋଚନାର ପରିଧିକୁ ଆସୁଛି ସେଥିରେ ଲୋକଗୀତିର ଉପାଦାନ ରହିଛି, କିନ୍ତୁ ଏଥିରେ ପରୀକ୍ଷା ନିରୀକ୍ଷା କରାଯାଇଛି । ଆଉ ଏହି ଗୀତର ରଚନାକୁ ନେଇ ନାରାୟଣ ପ୍ରସାଦ ସିଂହ ପରୀକ୍ଷା କରିଛନ୍ତି । ଲୋକଗୀତରେ ବିଦ୍ରୋହର ସ୍ୱର ରୋପିଛନ୍ତି । ଏହାର ଗାୟକ : ଅକ୍ଷୟ ମହାନ୍ତି ଓ ସଂଗୀତକାର : ବାଳକୃଷ୍ଣ ଦାଶ । ■



ଅମଡ଼ା ବାଟରେ ଉମାକାନ୍ତ ଓ ଗୀତା

ଟେଲିଭିଜନ ଦୁନିଆ

## ପ୍ରିୟା-ବିଷ୍ଣୁଙ୍କ ମଧ୍ୟରେ ଦୂରତ୍ୱ



ଧାରାବାହିକ 'ସୁନା ଝିଅ'ର କାହାଣୀ ଏବେ ଏକ ଭିନ୍ନ ମୋଡ଼ରେ ପହଞ୍ଚିଛି । ଗୋଟିଏ ପଟେ ବିଷ୍ଣୁ ଘରକୁ ପ୍ରିୟା ଓ ତା' ଝିଅ ଅଂଶୁ ଫେରି ଥିଲେ । କିନ୍ତୁ ବିଷ୍ଣୁର ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା । କିନ୍ତୁ ଅଂଶୁର ଡାକରେ ବିଷ୍ଣୁ ସୁସ୍ଥ ହୋଇଛି । କେବଳ ସେତିକି ନୁହେଁ, ବିଷ୍ଣୁ ଜାଣିପାରିଛି ଅଂଶୁ ତା' ନିଜ ଝିଅ ବୋଲି । ଏହିପରି ଦୀର୍ଘ ୬ବର୍ଷ ପରେ ବାପ ଓ ଝିଅଙ୍କ ମିଳନ ଘଟିଛି । ଗୋଟେ ପଟେ ବାପ-ଝିଅ ଏକାଠି ହୋଇଥିବା ଦେଖି ପୂରା ପରିବାର ଖୁସି ଥିବାବେଳେ ବିଷ୍ଣୁ କିନ୍ତୁ ପ୍ରିୟା ଉପରେ ରାଗିଛି । କ'ଣ ପାଇଁ ଦୀର୍ଘ ୬ବର୍ଷ କାଳ ନିଜ ଝିଅଠାରୁ ତା'କୁ ଦୂରେଇ ରଖିଥିଲା, ତା'ର ଉତ୍ତର ଦେବାକୁ କହିଛି । ଝିଅଠାରୁ ଦୂରେଇ ଦେବା ରାଗରେ ବିଷ୍ଣୁ ପ୍ରିୟାକୁ ନିଜ ଘରୁ ବାହାରି ଯିବାକୁ କହିଥିଲେ ବି ଝିଅର ଖୁସି ପାଇଁ ପ୍ରିୟା ସହ ବିଷ୍ଣୁ ରହିଛି । କିନ୍ତୁ ଏହା ସତ୍ତ୍ୱେ ବି ବିଷ୍ଣୁ ଓ ପ୍ରିୟା ସମ୍ପର୍କରେ ପୂର୍ବପରି ଭଲପାଇବା ନାହିଁ । ଅବଶ୍ୟ ଅଂଶୁ ତା' ବାପା ମା'ଙ୍କୁ ଏକାଠି କରିବାକୁ ସବୁପ୍ରକାର ପ୍ରୟାସ କରି ଚାଲିଛି । ତେବେ ଅଂଶୁ କ'ଣ ପ୍ରିୟା-ବିଷ୍ଣୁଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ଏଡ଼ାଇବାରେ ସଫଳ ହେଉଛି କି ନାହିଁ, ଆଗକୁ ଜଣାପଡ଼ିବ । ■

## 'କଳିଙ୍ଗ କନ୍ୟା' ମଞ୍ଚରେ ପରିବେଶ ସଚେତନତା ବାର୍ତ୍ତା

ରଜକୁ ନେଇ ତରଙ୍ଗ ଚ୍ୟାନେଲ ନୂଆ ରିଆଲିଟି ଶୋ' 'କଳିଙ୍ଗ କନ୍ୟା'କୁ ପରିଚିତ କରାଇଛି । ଏଇ ଶନିବାର 'କଳିଙ୍ଗ କନ୍ୟା' ମଞ୍ଚରେ ପ୍ରତିଯୋଗୀମାନେ ପରିବେଶ ସଚେତନତାର ସୁନ୍ଦର ବାର୍ତ୍ତା ଦେବେ । ଏହାର ପ୍ରମୋ ଭିଡିଓରୁ ଜଣାପଡ଼ିଛି । ଗୀତ, ନାଚ ତଥା ବିଭିନ୍ନ ପ୍ରକାର କାହାଣୀ ମାଧ୍ୟମରେ ସେମାନେ ମନୋରଞ୍ଜନ କରିବେ । ଶୋ'ରେ ବିଚାରକ ଭାବେ ଅନୁ ଚୌଧୁରୀ, ଉଷସୀ ମିଶ୍ରଙ୍କୁ ଦେଖିବାକୁ ମିଳିବ । ତା'ସହ କାର୍ଯ୍ୟକ୍ରମକୁ ପରିଚାଳନ କରୁଛନ୍ତି ଶୁଭମ୍ । ଅନ୍ୟପକ୍ଷରେ ଏହି ଶୋ' ପ୍ରତିଯୋଗୀଙ୍କ ସୁନ୍ଦରତା ନୁହେଁ, ଆତ୍ମବିଶ୍ୱାସକୁ ଗୁରୁତ୍ୱ ଦେବ । ସେହି ଆଧାରରେ 'କଳିଙ୍ଗ କନ୍ୟା'ଙ୍କୁ ମନୋନୀତ କରାଯିବ । ■

## ରକ୍ତ ସମ୍ପର୍କ



ଜୁନ୍ ୨ ତାରିଖ ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଚ୍ୟାନେଲରେ ଟେଲିଭିଜନ ପ୍ରିମିୟର୍ ହେବ ନୂଆ ଓଡ଼ିଆ ସିନେମା 'ରକ୍ତ ସମ୍ପର୍କ ।' ମୁଖ୍ୟ ଚରିତ୍ରରେ ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ଅଭିନେତ୍ରୀ ସ୍ମିତା ମହାନ୍ତି ଅଛନ୍ତି । ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏବଂ ଅଜୟ କୁମାର ରାଉତଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀ ଲେଖିଛନ୍ତି ଦେବୀଦତ୍ତ ମହାନ୍ତି । ସଂଗୀତରେ ଅଛନ୍ତି ଶରତ ନାୟକ । ସିନେମାର ଅନ୍ୟାନ୍ୟ ଚରିତ୍ରରେ ବିକ୍ରମ ମହାନ୍ତି, ରାଜେଶ, ଏଲି ପାଢ଼ୀ, ଅଙ୍କିତ କୁମାର, ମନସ୍ୱିନୀ, ସୁଦୀପ୍ତାଙ୍କୁ ଦେଖିବାକୁ ମିଳିବ । ତେବେ ଭିନ୍ନ ଏକ ପାରିବାରିକ କାହାଣୀ ଉପରେ ଆଧାରିତ ଏହି ସିନେମାକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି । ■



ଧଡ଼କ୍-୨ର

ବଲିଉଡ୍‌ର ଲୋକପ୍ରିୟ ଫିଲ୍ମ 'ଧଡକ୍'ର ସଫଳତା ପରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ଏହାର ସିକ୍ୱେଲ୍ । କରଣ ଜୋହର ତାଙ୍କ ଆଗାମୀ ରୋମାଣ୍ଟିକ୍ ଇମୋସନାଲ୍ ଡ୍ରାମା ଫିଲ୍ମ ଧଡକ୍-୨ର ପ୍ରଥମ କ୍ଲାସିକାଲ୍ ମୋସନ୍ ପୋଷ୍ଟର୍ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ତେବେ ଏହି ସିନେମାର ମୁଖ୍ୟ ଚରିତ୍ରରେ ସିଦ୍ଧାନ୍ତ ଚର୍ତୁବେଦୀ ଏବଂ ତ୍ରିପ୍ତି ଡିମରି ନଜର ଆସିବେ । ଏ ଦୁହେଁ ପ୍ରଥମଥର ପାଇଁ ସ୍କ୍ରିନ୍ ସେୟାର୍ କରିବେ । ସେହିପରି ଫିଲ୍ମର ମୋସନ୍ ପୋଷ୍ଟର୍ ସମସ୍ତଙ୍କୁ ପସନ୍ଦ ଆସିଛି । ଅନ୍ୟପଟେ ନଭେମ୍ବର ୨୨ରେ ଏହା ପ୍ରେକ୍ଷାଳୟକୁ ଆସିବା ଚର୍ଚ୍ଚା ହେଉଛି । ତେବେ 'ଧଡକ୍'ରେ ଈଶାନ୍ ଏବଂ ଜାହ୍ନବୀ କପୁର ନଜର ଆସିଥିଲେ । ■



## ଦୀପିକାଙ୍କ ଗାଉନ୍ ନିଲାମ

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ । ନିକଟରେ ସେ ତାଙ୍କର ହଳଦିଆ ରଙ୍ଗ ମ୍ୟାଟରନିଟି ଗାଉନ୍ ବିକ୍ରି କରିଛନ୍ତି । ଏହି ହଳଦିଆ ଗାଉନକୁ ଦୀପିକା 82°E ବିୟୁଟି ବ୍ରାଣ୍ଡ କାର୍ଯ୍ୟକ୍ରମରେ ପିନ୍ଧିଥିଲେ । ଯାହାକୁ ଏବେ ନିଲାମ କରାଯାଇଛି । ତେବେ ଗାଉନ୍ ନିଲାମ ସମ୍ପର୍କିତ ସୂଚନା ଦୀପିକା ତାଙ୍କ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ । ଏହି କଥା ସାମ୍ନାକୁ ଆସିବା ପରେ ମାତ୍ର ୨୦ ମିନିଟ୍ ପରେ ତାଙ୍କ ଗାଉନ ବିକ୍ରି ହୋଇଥିଲା । ଏପରିକି ଏହା ୩୪ ହଜାର ଟଙ୍କାରେ ବିକ୍ରି ହୋଇଥିବା ଜଣାପଡ଼ିଛି । ସେହିପରି ନିଲାମ ଅର୍ଥରାଶିକୁ ସେ ଦାନରେ ଦେବେ । ଦୀପିକା 'ଦ ଲିଭ୍ ଲଭ୍ ଲାଫ୍ ଫାଉଣ୍ଡେସନ'କୁ ସମର୍ଥନ କରିଥାନ୍ତି । ସେଥିପାଇଁ ଦୀପିକା ଗାଉନକୁ ନିଲାମ କରିଥିବା କହିଛନ୍ତି । ■



## ବିପାଶା ଲେଖିବେ ଆତ୍ମଜୀବନୀ

ବଲିଉଡ୍ ଅଭିନେତ୍ରୀ ବିପାଶା ବସୁ ଦୀର୍ଘ ଦିନ ହେବ ଫିଲ୍ମଠାରୁ ଦୂରେଇ ରହିଯାଇଛନ୍ତି । ଏବେ ସେ ତାଙ୍କ ଜୀବନର ନୂଆ ଏକ ଅଧ୍ୟାୟ ଆରମ୍ଭ କରିବା ଯୋଜନା କରିଛନ୍ତି । ତାହା ହେଉଛି ଲେଖନୀ । ସେ ତାଙ୍କ ଆତ୍ମଜୀବନୀରେ ନିଜ ଜୀବନର ପ୍ରତିଟି ଘଟଣା, ଦୁର୍ଘଟଣା ବାବଦରେ ଉଲ୍ଲେଖ କରିବେ । ଏହା ମାଧ୍ୟମରେ ସେ ନିଜକୁ ଚିହ୍ନିବେ ଏବଂ ଅନ୍ତରର ଶାନ୍ତିକୁ ଉପଲବ୍ଧି କରିବେ । ସେହିପରି ଏହା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ କହିଛନ୍ତି । ଅବଶ୍ୟ ଏବେ ସେ ବହି ଲେଖିବା ପାଇଁ ଖୁବ୍ ଉତ୍ସାହିତ ଅଛନ୍ତି । ■

ପରଦା ପଛର କାହାଣୀ



## ରାତି ଅଧରେ ପ୍ରସ୍ତୁତ ହୋଇଥିଲା ୧୫ ମିଟରର ଶାଢ଼ି



### 'ଦେବଦାସ'ର କ୍ଲାଇମାକ୍ସ ଦୃଶ୍ୟରେ ବଦଳିଥିଲା ଐଶ୍ୱର୍ଯ୍ୟାଙ୍କ ପୋଷାକ

ବଲିଉଡ୍‌ର ପ୍ରଖ୍ୟାତ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି ତାଙ୍କ ଫିଲ୍ମଗୁଡ଼ିକ ଭବ୍ୟ ସେଟ୍ ନିର୍ମାଣ ପାଇଁ ଚର୍ଚ୍ଚାରେ ଥାଆନ୍ତି । ନିକଟରେ ସଞ୍ଜୟ ତାଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି: ଦ ଡାଏମଣ୍ଡ ବଜାର' ବଜାର ପାଇଁ ଚର୍ଚ୍ଚାରେ ଅଛନ୍ତି । ଏହା ପୂର୍ବରୁ ସେ ବଲିଉଡ୍‌କୁ ଅନେକ ଐତିହାସିକ ଫିଲ୍ମ ଦେଇଛନ୍ତି । ସଞ୍ଜୟ ସବୁଠୁ ଯେଉଁ ଫିଲ୍ମ ନେଇ ଅଧିକ ଚର୍ଚ୍ଚିତ, ତାହା ହେଉଛି 'ଦେବଦାସ' । ୨୨ ବର୍ଷ ତଳେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର ଗୀତ, ନାଚ, ସଂଳାପ ଓ କଷ୍ଟ୍ୟୁମ୍‌କୁ ନେଇ ଆଜି ବି ଚର୍ଚ୍ଚା ହୁଏ । ଏଥିରେ ଶାହାରୁଖ୍ ଖାନ୍, ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ମାଧୁରୀ ଦୀକ୍ଷିତ ଲିଡ୍ ରୋଲରେ ନଜର ଆସିଥିଲେ । ଏକଦା ଏକ ସାକ୍ଷାତକାରରେ 'ଦେବଦାସ'ର କ୍ଲାଇମାକ୍ସ ସିନ୍‌କୁ ନେଇ ଡିଜାଇନର୍ ନୀତା ଲୁଲ୍ଲା ଏକ ରୋଚକ ତଥ୍ୟ ପ୍ରକାଶ କରିଥିଲେ । ଏହି ଦୃଶ୍ୟରେ ଦେବଦାସ(ଶାହାରୁଖ୍ ଖାନ୍)ଙ୍କୁ ଶେଷ ଥର ଦେଖିବା ପାଇଁ ପାରୋ(ଐଶ୍ୱର୍ଯ୍ୟା ରାୟ ବଚ୍ଚନ) ଦୌଡ଼ୁଥିବେ । ନୀତା କହିଥିଲେ ଯେ, 'ଦେବଦାସ'ର ଶେଷ ଦୃଶ୍ୟ ପାଇଁ ଭଁସାଲୀ ସାର୍ ଐଶ୍ୱର୍ଯ୍ୟାଙ୍କ ପୋଷାକ ଶେଷ ମୁହୂର୍ତ୍ତରେ ବଦଳାଇ ଦେଇଥିଲେ । ତେବ ସୁଟିଂ ଦିନ ସଂଧ୍ୟାରେ ନୀତାଙ୍କୁ ସେ ଐଶ୍ୱର୍ଯ୍ୟାଙ୍କ ପାଇଁ ୧୫ ମିଟର ଲମ୍ବା ନାଲି ଓ ଧଳା ମିଶ୍ରିତ ସିଲ୍କ ଶାଢ଼ି ଯୋଗାଡ଼ କରିବାକୁ କହିଥିଲେ । ସଞ୍ଜୟ କହିଥିଲେ ଯେ, ଐଶ୍ୱର୍ଯ୍ୟା ଶିଡ଼ି ଉପରୁ ତଳକୁ ଦୌଡ଼ି ଆସୁଥିବାର ମୁଁ କଳ୍ପନା କରିଛି । ଏହି ସମୟରେ ତାଙ୍କ ଶାଢ଼ିର ଆଞ୍ଚଲରେ ନିଆଁ ଲାଗିଥିବ । ଏଥିପାଇଁ ୧୫ ମିଟର ସିଲ୍କ ଶାଢ଼ିର ଆବଶ୍ୟକତା ରହିଛି । ତେବେ ଏଭଳି ମୋର ଦୁଇଟି ଶାଢ଼ିର ଆବଶ୍ୟକତା ଅଛି । ଯଦି ଗୋଟିଏ ଜଳିଯାଏ, ତେବେ ଅନ୍ୟଟି ଯେମିତି ଆମ ପାଖରେ ରହିବ । ଏହାପରେ ନୀତା ଜଣେ ଦୋକାନୀକୁ ରାତିରେ ଫୋନ୍ କରି ତାଙ୍କ ଦୋକାନରୁ ରାତି ସାଢ଼େ ୧୨ଟାରେ କପଡ଼ା ନେଇଥିଲେ । ତାଙ୍କ ଟିମ୍ ରାତି ସାରା ଶାଢ଼ିର ଡିଜାଇନ୍‌ରେ ଲାଗିଥିଲା । ସକାଳ ୬ଟାରେ ଶାଢ଼ି ପ୍ରସ୍ତୁତ ହେବା ପରେ ନୀତା ଏହାକୁ ସକାଳ ସାଢ଼େ ୯ ଟାରେ ନେଇ ସେଟ୍‌ରେ ପହଞ୍ଚିଥିଲେ । ଏହାପରେ ସୁଟିଂ ଆରମ୍ଭ ହୋଇଥିଲା । 'ଦେବଦାସ' ସଞ୍ଜୟଙ୍କ ନିର୍ଦ୍ଦେଶିତ ତୃତୀୟ ଚଳଚ୍ଚିତ୍ର ଥିଲା । ଏହା ସେତେବେଳେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା । ■



# ଅଦୃଶ୍ୟ ଠକଙ୍କ ଉତ୍ପାତ



ସାଧାରଣଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅଦୃଶ୍ୟ ଅପରାଧୀ ଟଙ୍କା ଲୁଟି ନେଉଛନ୍ତି । ରାଜଧାନୀରୁ ବର୍ଷତମାମ୍ ଚାଲିଛି ସାଇବର୍ ଠକେଇ । ଠକଙ୍କ କାରସାଦୀ ଦେଖି ଲୋକେ ବିଚଳିତ ହୋଇଗଲେଣି । ପୁରୁଣା ଓ ନୂଆ ଢାଞ୍ଚାରେ ଜମାଖାତାରୁ ଚଳୁକରି ନେଉଛନ୍ତି କୋଟି କୋଟି ଟଙ୍କା । ଠକେଇର ମାଧ୍ୟମ ସାଜିଛି ସୋସିଆଲ ମିଡିଆ ଫେକ୍ ଆଇଡି ଫେକ୍ ଓ ଟେଲିଗ୍ରାମ୍ । କେତେବେଳେ ବିଦ୍ୟୁତ୍ ବିଲ୍ ପୈଠ ତ କେତେବେଳେ ଲୋନ୍ ଆପ୍, ପୁଣି ଆଉ କେତେବେଳେ ଫୁଙ୍ଗୁଳା ଦେହ ଦେଖାଇ ଟଙ୍କା ଠକେଇ ହୋଇଛି । ୟୁପିଆଇ, କ୍ରେଡିଟ ଓ ଡେବିଡ୍ କାର୍ଡ ସମ୍ବନ୍ଧୀୟ ଠକେଇ ନିତିଦିନିଆ ଘଟଣା । କିନ୍ତୁ ଏବେ ମିଛ ନିଯୁକ୍ତି, ଟଙ୍କା ନିବେଶ, ଟ୍ରେଡିଂ ସ୍କାମ୍ ଓ ଡିଜିଟାଲ ଗିରଫର ଭୟ ଦେଖାଇ ଅଧିକ ମାତ୍ରାରେ ସାଇବର ଠକେଇ କରାଯାଉଛି । ଏହିଭଳି ଗତ ୪୦ ମାସରେ ୬୮ କୋଟି ଠକି ନେଇଛନ୍ତି ସାଇବର୍ ଠକ । ରାଜଧାନୀରେ ଉତ୍ପାତ କରୁଥିବା ସାଇବର୍ ଠକଙ୍କ ସମ୍ପର୍କର ଭୁବନେଶ୍ୱରରୁ **ପ୍ରସନ୍ଜିତ୍**ଙ୍କ ରିପୋର୍ଟ



ପୁଲିସର ତଥ୍ୟ ଅନୁଯାୟୀ, ୨୦୨୪ରେ ରାଜଧାନୀରୁ ୧୭. ୭୫ କୋଟି ଟଙ୍କା ଠକେଇ ହୋଇଛି । ଏଥିସହ ୧୫୧୫ଟି ଅଭିଯୋଗରେ ୧୦୦ଟି ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି । ଏହି ମାମଲାଗୁଡ଼ିକର ତଦନ୍ତ କରାଯାଇ ମାତ୍ର ୯ଟି ମାମଲାରେ ସମ୍ପୃକ୍ତି ରହିଥିବା ସାଇବର୍ ଅପରାଧୀଙ୍କୁ ଚିହ୍ନଟ କରାଯାଇଛି । ସେହିପରି ସାଇବର୍ ଠକେଇ ହୋଇଥିବା ୨୦ ଲକ୍ଷ ଟଙ୍କା ଫେରସ୍ତ ହୋଇପାରି ନ ଥିବା ବେଳେ ୪୦ ପ୍ରତିଶତ ଅର୍ଥାତ୍ ୭.୧୫ କୋଟି ବ୍ଲକ କରିଛି ସାଇବର ଥାନା ପୁଲିସ । ଅନୁରୂପ ଭାବେ ୨୦୨୩ରେ ୩୦ କୋଟି ଟଙ୍କା ସାଇବର ଠକେଇ ହୋଇଥିଲା । ଏସଂକ୍ରାନ୍ତୀୟ ୧୩୨ଟି ମାମଲା ରୁଜୁ କରାଯାଇ ଠକେଇ ଶିକାର ହୋଇଥିବା ବ୍ୟକ୍ତିଙ୍କ ୧୪ କୋଟି ଟଙ୍କା ଫେରସ୍ତ କରାଯାଇଛି । ୨୦୨୨ରେ ୧୩ କୋଟି ୧୦ ଲକ୍ଷ ୪୦ହଜାର ୯୭୨ ଟଙ୍କା ଠକେଇ ହୋଇଛି । ସେଥିରୁ ୨ କୋଟି ୬୯ ଲକ୍ଷ ୫ ହଜାର ୧୨୩ ଟଙ୍କା ଫେରସ୍ତ ହୋଇଛି । ଠକେଇ ସଂକ୍ରାନ୍ତୀୟ ୧୩୨ଟି ମାମଲା ରୁଜୁ ହୋଇଛି । ସେଭଳି ୨୦୨୧ରେ ୮କୋଟି ୬ଲକ୍ଷ ୮୧ହଜାର ୭୮୩ ଟଙ୍କା ଠକେଇ ହୋଇଥିଲା । ସେଇବର୍ଷ ୫୩ଟି ବିଭିନ୍ନ ଠକେଇ ଓ ଅପରାଧଜନିତ ମାମଲା ରୁଜୁ ହୋଇଥିଲା ।

ବର୍ଷକୁ ବର୍ଷ ରାଜଧାନୀରେ ସାଇବର୍ ଠକେଇର ପରିମାଣ ବଢ଼ିଚାଲିଛି । ଗଲା ୩ବର୍ଷ ହେବ ବର୍ଷ ପିଛା ପ୍ରାୟ ଦୁ'ଗୁଣା ଲେଖାଏଁ ସାଇବର୍ ଠକେଇ ବୃଦ୍ଧି ହେଉଛି । ଠକେଇର ଶିକାର ବ୍ୟକ୍ତି ତୁରନ୍ତ ଅଭିଯୋଗ କରୁ ନ ଥିବାରୁ ଟଙ୍କା ଫେରସ୍ତ କରିବା ପୁଲିସ ପାଇଁ ଆହ୍ୱାନ ହୋଇଛି । ଏଥିସହ ସାଇବର୍ ଥାନାରେ କର୍ମଚାରୀଙ୍କ କ୍ଷମତା ବଢ଼ାଇବା ସହ ତଦନ୍ତକୁ ସୁଦୃଢ଼ କରିବା ଦିଗରେ ଉଦ୍ୟମ କରାଯାଉଛି । ଆଗରୁ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ୟୁପିଆଇ, କ୍ରେଡିଟ୍ କାର୍ଡ/ଡେବିଡ୍ କାର୍ଡ ଆଳରେ ଠକେଇ ହେଉଥିଲା । କିନ୍ତୁ ଏବେ ମିଛ ନିଯୁକ୍ତି, ଟଙ୍କା ନିବେଶ, ଟ୍ରେଡିଂ ସ୍କାମ୍ ଓ ଡିଜିଟାଲ୍ ଗିରଫର ଭୟ ଦେଖାଇ ଅଧିକ ମାତ୍ରାରେ ସାଇବର୍ ଠକେଇ ହେଉଛି । ସାଇବର ଠକେଇ ସଂକ୍ରାନ୍ତୀୟ ସଚେତନତା, ଅନୁସନ୍ଧାନ, ଅପରାଧୀଙ୍କୁ ଚିହ୍ନଟ ଓ ଶିକ୍ଷା ଦେବା କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବାକୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି । ଏହାକୁ ରୋକିବାକୁ ୧୧ କୁଶଳୀ ଇଞ୍ଜିନିୟରିଂ ଛାତ୍ରଙ୍କୁ ମନୋନୀତ କରାଯାଇଛି । ସାଇବର ଅପରାଧ କ୍ଷେତ୍ରରେ କାମ କରୁଥିବା ସାଇବର ଏକ୍ସପର୍ଟ, ସାଇବର କନ୍‌ସଲଟାଣ୍ଟ, ସାଇବର୍ ହ୍ୟାକର୍ ଓ ସାଇବର ସିକ୍ୟୁରିଟିରେ ଅଭିଜ୍ଞତା ଥିବା ବଡ଼ ବଡ଼ କର୍ପୋରେଟ ହାଉସ୍ ଅଭିଜ୍ଞମାନେ ତାଲିମ ଦେବେ । ମନୋନୀତ ହୋଇଥିବା ଛାତ୍ରଙ୍କୁ କ୍ରିପ୍ଟୋଗ୍ରାଫି, ସାଇବର ଫରେନସିକ ସାଇନ୍ସ, ସାଇବର ସ୍ପେସ ହ୍ୟାକ୍, ଆଇପି ଆଡ୍ରେସ ଟ୍ରାକ, ଡାଟା ଥେଫ୍ଟ ଆଣ୍ଡ ସିକ୍ୟୁରିଟି, ଡାଟା ସିକ୍ୟୁରିଟି, ନେଟ୍‌ୱର୍କ ସୁରକ୍ଷା, କ୍ଲାଉଡ୍ ସିକ୍ୟୁରିଟି, ଡିଜାଷ୍ଟର ରିକଭରି, ଆପ ସିକ୍ୟୁରିଟି, ମାଲୱେର, ରାନସମ ୱେବର ଭଳି ଅନେକ ଟେକ୍ନିକାଲ ଦିଗରେ ପ୍ରଶିକ୍ଷଣ ଦିଆଯାଉଛି ।



## ୩ ରାଜ୍ୟ ପୁଲିସକୁ ନେଇ ସ୍ୱତନ୍ତ୍ର ଟିମ୍

କେବଳ ଓଡ଼ିଶାରେ ନୁହେଁ, ସାରା ଭାରତବର୍ଷରେ ସାଇବର ଠକେଇ ମାମଲା ଚିନ୍ତାଜନକ । ଝାଡ଼ଖଣ୍ଡ ରାଜସ୍ଥାନ ସହ ଗୁଜରାଟ, ବିହାର, ଦିଲ୍ଲୀ, ପଶ୍ଚିମବଙ୍ଗ, ପଞ୍ଜାବ, ଗୁରୁଗାଁଓ ଓ ବେଙ୍ଗାଲୁରୁରୁ ଅଧିକ କଲ୍ ଆସୁଛି । ଗତ ଦୁଇବର୍ଷର ସାଇବର ଠକେଇର ତଥ୍ୟ ଦେଖିଲେ ରାଜସ୍ଥାନ, ଗୁଜୁରାଟ, ଦିଲ୍ଲୀରୁ ଅଧିକ ଠକେଇ ଟଙ୍କା ଯାଇଛି । ଏହି ସମସ୍ତ ରାଜ୍ୟଗୁଡିକ ଦାରିଦ୍ର୍ୟ, ନିରକ୍ଷରତାରେ ପଛୁଆ ଥିବା ବେଳେ ସାଇବର ଠକେଇ କରି ବିକାଶିତ ଆଡକୁ ଗତି କରୁଛି । ଝାଡ଼ଖଣ୍ଡର ଜମତରା, ତିନ୍ ପାହାଡ଼ ଓ ଦିଲ୍ଲୀର ନୁହ ଏବଂ ପଶ୍ଚିମବଙ୍ଗର କିଛି ଜିଲ୍ଲା ମାନଚିତ୍ରରେ ବିକାଶ କରିଚାଲିଛି । ଗାଁ ଯୁବପିଢ଼ି ଠାରୁ ମହିଳା ଜଙ୍ଗଲ ଓ ପର୍ବତ ଭଳି ନିକାଞ୍ଚନ ଅଞ୍ଚଳରେ ମୋବାଇଲ ବୁଥ୍ ସେଣ୍ଟର ଖୋଲି ପୂରା ନେଟ୍‌ୱାର୍କ ଚଳାଇଛନ୍ତି । ଏହାକୁ ରୋକିବାକୁ ଗୁଜୁରାଟ, ଝାଡଖଣ୍ଡ ଏବଂ ଓଡ଼ିଶା ପୁଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଛି । ରାଜ୍ୟର ସାଇବର କ୍ଷେତ୍ରରେ ତଦନ୍ତ କରୁଥିବା ଅଧିକାରୀଙ୍କୁ ନେଇ ମିଳିତ ସମନ୍ୱୟରେ ବୈଠକ କରାଯାଇଥିଲା । ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି । ଆବଶ୍ୟକତା ଅନୁଯାୟୀ ଏହି ସବୁ ରାଜ୍ୟ ପୁଲିସ ମିଳିତ ଭାବେ ତଦନ୍ତ କରି ଅପରାଧୀଙ୍କୁ ସାବାଡ଼ କରିବା ପାଇଁ କାର୍ଯ୍ୟ ପନ୍ଥା ଗ୍ରହଣ କରୁଛନ୍ତି ।



## ସପ୍ତାହର ୭ ଅପରାଧ

### ■ ପକୁଡ଼ି ମାଗିବାରୁ ଝିଅକୁ ମାରି ପୋଡ଼ିଦେଲା ମାଆ

ଅଧିକ ପକୁଡ଼ି ମାଗିବାରୁ ବୁଧବାର ଝିଅକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଛି ମାଆ ତ୍ରିବେଣୀ ମାଝି । ହତ୍ୟା ପରେ ପ୍ରମାଣ ଲୁଚାଇବା ପାଇଁ ମୃତଦେହକୁ ପୋଡ଼ି ଦେବା ସହ ଦରପୋଡ଼ା ଶବକୁ ନାଳରେ ଫିଙ୍ଗି ଦେଇଛି । ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲାରେ । ପୁଲିସ ତ୍ରିବେଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### ■ ଯୁବକଙ୍କ ଗଳାକାଟି ହତ୍ୟା



ଶୁକ୍ରବାର ବିଳମ୍ବିତ ରାତିରେ କଟକ କମିସନରେଟ୍ ପୁଲିସ ଅନ୍ତର୍ଗତ କନ୍ଦରପୁର ଥାନା ଦେଓପୁର ଗ୍ରାମରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି । ମୃତ ଯୁବକ ହେଲେ ସରୋଜ କୁମାର ଭୋଇ, ସେ ରାତି ୧୨ରେ ଘରୁ ବାହାରି ଆଉ ଫେରି ନ ଥିଲେ । ହେଲେ ଘର ଠାରୁ ଦୂରରେ ଏକ ଗହୀରରୁ ତାଙ୍କ ମୃତଦେହ ମିଳିଥିଲା ।

### ■ ସୁନାବେଡ଼ା ଅଭୟାରଣ୍ୟରେ ତୀରମାରି ହତ୍ୟା

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଶନିବାର ନୂଆପଡ଼ା ଜିଲ୍ଲା କୋମନାଥାନାସ୍ଥିତ ସୁନାବେଡ଼ା ଅଭୟରଣ୍ୟର ଦାଥୁନାମା ଗାଁରେ ଖଡ଼ାଙ୍ଗ ଗାଁର ରାମଚନ ପହରିଆଙ୍କୁ ତୀର ମାରି ହତ୍ୟା କରାଯାଇଛି । ଏହି ମାମଲାରେ ସେହି ଗାଁର ଜଲାରାମ ପହରିଆଙ୍କୁ ପୁଲିସ ଗିରଫ କରିଛି ।

### ■ ପତ୍ନୀଙ୍କ ମୁଣ୍ଡକୁ ଛେଚି ହତ୍ୟା; ସ୍ୱାମୀ ଗିରଫ



ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ଶନିବାର କଳ୍ପନା ସାହୁଙ୍କୁ ତାଙ୍କ ସ୍ୱାମୀ ଦେବରାଜ ମୋଟା ଲୁହା ଖଣ୍ଡରେ ଛେଚି ହତ୍ୟା କରିଛନ୍ତି । ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ମୃତଦେହ ଜବତ କରିବା ସହ ସ୍ୱାମୀ ଦେବରାଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

### ■ ଖଣ୍ଡାରେ ହାଣି ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍



ରବିବାର ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଧୋଡ୍ରା ପଞ୍ଚାୟତ ଭିମାଗୁଡ଼ା ଗ୍ରାମ ନିକଟରେ ଭିମାଗୁଡ଼ାଗ୍ରାମର ସୁନା ବ୍ୟବସାୟୀ ଚନ୍ଦନ କୁମାର ସୋନିଙ୍କୁ ୪ଜଣ ଦୁର୍ବୃତ୍ତ ମୁଖାପିନ୍ଧି ବାଇକ୍‌ରେ ଆସି ଖଣ୍ଡାରେ ହାଣି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଲୁଟି ନେଇଛନ୍ତି । ଲୁଟ୍ର ଶିକାର ହୋଇଥିବା ସୁନା ବ୍ୟବସାୟୀ ହେଲେ ଭିମାଗୁଡ଼ାଗ୍ରାମର ଚନ୍ଦନ କୁମାର ସୋନି ।

### ■ ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍



ମଙ୍ଗଳବାର ୫ ବର୍ଷୀୟା ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କଟକସ୍ଥିତ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ରାଜେନ୍ଦ୍ର ଜେନାଙ୍କୁ ୨୦ ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ ଶୁଣାଇଛନ୍ତି ଅଦାଲତ । ପ୍ରକାଶ ଥାଉ କି ୨୦୨୩ ଫେବୃଆରୀ ୮ରେ ମାହାଙ୍ଗା ଅଞ୍ଚଳର ଜୈନିକ ନାବାଳିକାଙ୍କୁ ଚକଲେଟ୍ ଦେଇ ରାଜେନ୍ଦ୍ର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା ।

### ■ ଦୁଇ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଜେଲ୍



ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ କଟକ ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ସ୍ରୋତସ୍ୱିନୀ କର ମଙ୍ଗଳବାର ୨ ଜଣଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ୨ ଜଣ ହେଲେ ଉତ୍ତରପ୍ରଦେଶ ବାଘାପାଟ ଜିଲ୍ଲା ଡାଉଲା ଅଞ୍ଚଳର କୁଳଦୀପ ରାଣା ଓ ସଚିନ କୁମାର । ଏଥିସହ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦଣ୍ଡାଦେଶ ଶୁଣାଣି କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଶୁଣାଇଛନ୍ତି ।



# ପାଇଖାନାରେ ପତ୍ନୀ !

## ସ୍ତ୍ରୀକୁ ନିର୍ମମ ହତ୍ୟା କରି ପାଇଖାନା ଟାଙ୍କିରେ ପକେଇ ଥାନାରେ କରିଥିଲା ନିଖୋଜ ଅଭିଯୋଗ

**କୋରାପୁଟରୁ ସୁବୋଧ କୁମାର ଚେଟ୍ଟୀ ଓ ଗୁପ୍ତେଶ୍ୱର କୁଳଦିପିଆଙ୍କ ରିପୋର୍ଟ**



ସାତ ଘେରା ନେଇ ଅଗ୍ନିକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହେବା ପରେ ଦୁଇ ଜଣଙ୍କ ମଧ୍ୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଆରମ୍ଭ ହୁଏ । ବୈଦିକ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହେବା ପରେ ଉଭୟେ ପରସ୍ପରର ସୁଖ ଦୁଃଖର ସାଥୀ ହୋଇ ଜୀବନ ବିତେଇବାକୁ ଶପଥ ନେଇ ଥାଆନ୍ତି । କିନ୍ତୁ ଏଭଳି କିଛି ନର ରୂପୀ ରାକ୍ଷସ ଅଛନ୍ତି ଯିଏ ସାମାନ୍ୟ କଥାକୁ ନେଇ ଅତି ବର୍ବର ଭାବେ ସ୍ତ୍ରୀକୁ ହତ୍ୟା କରିପାରେ । ହତ୍ୟା ପରେ ମୃତଦେହ ଘରର ପାଇଖାନା ଟାଙ୍କିରେ ପକେଇ ନିଖୋଜ ଥିବା ପୁଲିସ ନିକଟରେ ଅଭିଯୋଗ କରି ଘଟଣା ଚପାଇ ଦେବାକୁ ଅପଚେଷ୍ଟା କରେ, ହେଲେ ପାପ କେବେ ଲୁଚି ଯାଏନି । ପରିଣାମ ଏଭଳି ହୁଏ ପତ୍ନୀଙ୍କୁ ହତ୍ୟା କରିବା ଅଭିଯୋଗରେ ସ୍ୱାମୀ ଗିରଫ ହୋଇ ଜେଲ୍ ଯାଏ । ୨୦୨୨ ମେ ୧୮ ତାରିଖରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଥିଲା କୋରାପୁଟ ଜିଲ୍ଲା କାକିରୀଗୁମ୍ମା ଥାନା ଡେବରାଗୁଡ଼ା ଗ୍ରାମରେ । ଏଭଳି ଏକ ମର୍ମନ୍ତୁଦ ହତ୍ୟାକାଣ୍ଡ ସମ୍ପର୍କରେ ସୁବୋଧ ଚେଟ୍ଟୀଙ୍କ ଉପସ୍ଥାପନା ।

ସୂଚନା ଅନୁଯାୟୀ ଡେବରାଗୁଡ଼ା ଗ୍ରାମର ଦଶରଥ ସାହୁ (୪୮) ଓ ସ୍ତ୍ରୀ ଗୌରୀ ସାହୁ (୪୦) ଙ୍କ ଦାମ୍ପତ୍ୟ ଜୀବନ ସ୍ୱାଭାବିକ ଚାଲିଥିଲା । କିନ୍ତୁ କେବେକେବେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେଉଥିଲା । ୨୦୨୨ ମେ ୧୮ ତାରିଖ ଦିନ ଦଶରଥ ସ୍ତ୍ରୀ ଗୌରୀ ସହ ଗୌଡ଼ଗୁଡ଼ାରେ ଥିବା ନିଜ ଘରକୁ ଆସିଥିଲା । ତିନି ମାସ କାଳ ଝିଅ ସହିତ ଯୋଗାଯୋଗ ନ ହେବାରୁ ଗୌରୀର ବାପା ମା କାକିରିଗୁମ୍ମା ଝିଅ ଘରକୁ ଆସିଥିଲେ । ଶାଶୂ ଶ୍ୱଶୁର ଘରକୁ ଅଚାନକ ଆସିବାରୁ ଦଶରଥ ସ୍ତ୍ରୀ ନିଖୋଜ ଥିବା ନେଇ ୨୦୨୨ ମସିହା ଅଗଷ୍ଟ ୧୬ ତାରିଖରେ କାକୀରିଗୁମ୍ମା ଥାନାରେ ଅଭିଯୋଗ କରିଥିଲା । ଅନ୍ୟ ପକ୍ଷରେ ଝିଅକୁ ଦୀର୍ଘ ସମୟ ପରେ ମଧ ଦେଖି ନ ପାରି ଝିଅ ସମ୍ପର୍କରେ ପଚାରିବାରୁ ମୁଣ୍ଡ ଦୋଷ ଯୋଗୁଁ ତିନି ମାସ ପୂର୍ବରୁ ଗୌରୀ କେଉଁ ଆଡ଼େ ଚାଲି ଯାଇଥିବା କହିଥିଲା ଦଶରଥ । ତେବେ ଜ୍ୱାଇଁର ଆଚରଣ ସନ୍ଦେହଜନକ ହେବାକୁ ଝିଅକୁ ଦଶରଥ ହତ୍ୟା କରିଥିବା ନେଇ ସେପ୍ଟେମ୍ବର ୩ ତାରିଖରେ କାକିରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ ଗୌରୀର ବାପା ଡମ୍ବରୁ ସାହୁ । ପୁଲିସ ଡମ୍ବରୁଙ୍କ ଏତଲା ଗ୍ରହଣ କରି ଏକ ମାମଲା ରୁଜୁ କରିବା ସହ ତତ୍କାଳୀନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ କରିଥିଲା । ପୁଲିସ ଦଶରଥଙ୍କୁ ଥାନାକୁ ଡ଼ାକି ଜେରା କରିବା ପରେ ସେ ସ୍ତ୍ରୀ ଗୌରୀକୁ ୨୦୨୨ ମେ ୧୮ ରେ ହତ୍ୟା କରି ପାଇଖାନା ଟାଙ୍କିରେ ମୃତଦେହ ଫିଙ୍ଗିଥିବା କଥା ଜଣାପଡ଼ିଥିଲା । ଅଭିଯୁକ୍ତ ମୁହଁରୁ ସତ ଉଗାରିବା ପରେ କୋରାପୁଟ ପୁଲିସ ମୁଖ୍ୟାଳୟରୁ ସାଇଣ୍ଟିଫିକ୍ ଟିମ ଓ ସଫେଇ କର୍ମଚାରୀ ଆସି ମେସିନ୍ ଦ୍ୱାରା ପାଇଖାନା ଟାଙ୍କି ଭାଙ୍ଗି ଆଖାରେ ବାନ୍ଧି ଫିଙ୍ଗା ଯାଇଥିବା ପରିତ୍ୟକ୍ତ ମୃତଦେହ ଜବତ କରିଥିଲା । ହତ୍ୟାକାରୀ ଦଶରଥ ବିରୁଦ୍ଧରେ ହତ୍ୟା ଓ ଅନ୍ୟାନ୍ୟ ଦଫାରେ ମାମଲା ରୁଜୁକରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିଲେ ପୁଲିସ ।

ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ବର୍ବରତା ଥିଲା । ଅଭିଯୁକ୍ତ ଜଣକ ବହୁତ୍ ଚାଲାକ୍ ଥିଲା ତେଣୁ ହତ୍ୟା କରି ପାଇଖାନା ଟାଙ୍କିରେ ପକାଇବାର ତିନି ମାସ ପରେ ଥାନାରେ ନିଖୋଜ ହୋଇଥିବା ବିଷୟ ଅଭିଯୋଗ କରିଥିଲା । ମୃତଦେହ ପାଇଖାନା ଟାଙ୍କିରୁ ବାହାର କରିବା ବେଳକୁ ଆଉ କିଛି ନଥିଲା, ତେଣୁ ଏହି ଘଟଣାରେ ସାଇଣ୍ଟିଫିକ ଦଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ।

– ଉଲ୍ଲାସ ଚନ୍ଦ୍ର ରାଉତ
ତତ୍କାଳୀନ ଥାନା ଅଧିକାରୀ, କାକିରୀଗୁମ୍ମା

# କେନ୍ଦ୍ର ବିଜେପି ସରକାର ଓଡ଼ିଶା ପ୍ରଗତିରେ ପ୍ରତିବନ୍ଧକ: ବିଜେଡି

- ରେଳ ସାନ୍ଦ୍ରତା କ୍ଷେତ୍ରରେ ପୂର୍ବଭାରତ ରାଜ୍ୟମାନଙ୍କ ଭିତରେ ଓଡ଼ିଶା ସର୍ବନିମ୍ନ
- ୭ ଜିଲ୍ଲାବାସୀ ଏବେ ବି ରେଳ ସେବାରୁ ବଞ୍ଚିତ
- ୫ଟି ଜନଜାତି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କଲେନି
- ପ୍ରସ୍ତାବିତ ଉପକୂଳ ରାଜପଥ ପ୍ରକଳ୍ପ ଏବେ ବି ଦିବାସ୍ୱପ୍ନ



**ଭୁବନେଶ୍ୱର, ୨୯ ।୫ (ସମିସ):** ରେଳବାଇ କ୍ଷେତ୍ରରେ କ୍ରମାଗତ ଭାବେ ଓଡ଼ିଶା ଅବହେଳାର ଶିକାର ହୋଇଆସୁଛି । ସ୍ୱାଧୀନତାର ୭୬ବର୍ଷ ପରେ ବି କେନ୍ଦ୍ରରେ ଥିବା ସରକାରମାନଙ୍କଠାରୁ ଓଡ଼ିଶାକୁ ତା'ର ହକ୍ ମିଳିପାରିନାହିଁ । ଓଡ଼ିଶାର ରେଳପଥ ସାନ୍ଦ୍ରତା ଯେ କେବଳ ଜାତୀୟ ହାରାହାରି ସାନ୍ଦ୍ରତାଠାରୁ କମ୍, ତାହା ନୁହେଁ; ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟଠାରୁ ମଧ୍ୟ ଯଥେଷ୍ଟ ପଛରେ ରହିଛି । ପୂର୍ବ ଭାରତର ବିକାଶ କଥା ନେଇ ବାରମ୍ବାର ଡିଣ୍ଡିମ ପିଟାଯାଉଥିବା ବେଳେ ଓଡ଼ିଶା ପୂର୍ବ ଭାରତର ରାଜ୍ୟମାନଙ୍କ ତୁଳନାରେ ରେଳ ସାନ୍ଦ୍ରତା କ୍ଷେତ୍ରରେ ସବୁଠାରୁ ତଳେ ରହିଛି । ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟସଭା ସାଂସଦ ମମତା ମହନ୍ତ ରେଳବାଇ ସମେତ ବିଭିନ୍ନ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ।

ରେଳ ସାନ୍ଦ୍ରତା ଉପରେ ପୂର୍ବ ଭାରତର ରାଜ୍ୟଗୁଡ଼ିକ ତଥ୍ୟ ଦେଇ ଶ୍ରୀମତୀ ମହାନ୍ତ କହିଥିଲେ, ଆସାମର ରେଳ ସାନ୍ଦ୍ରତା ୩୧.୫୧୯ ମିଟର ପ୍ରତି ବର୍ଗକିଲୋମିଟର ରହିଥିଲା ବେଳେ ବିହାରର ୩୯.୬୧୭, ଝାଡ଼ଖଣ୍ଡର ୩୦.୦୩୮ ଓ ପଶ୍ଚିମବଙ୍ଗର ୩୧.୧୪୦ ମିଟର ପ୍ରତି ବର୍ଗକିଲୋମିଟର ରହିଛି । ଏହି ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ରେଳ ସାନ୍ଦ୍ରତା ୧୬.୫୧୯ ମିଟର ପ୍ରତି ବର୍ଗକିଲୋମିଟର ଅର୍ଥାତ୍ ସର୍ବନିମ୍ନ ରହିଛି ।

ଅପରପକ୍ଷେ, ଗତ ୧୦ ବର୍ଷ ଭିତରେ ଭାରତୀୟ ରେଳବାଇ ଓଡ଼ିଶାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଛି । ଏତେ ସବୁ ପରେ ଆଜି ବି ରାଜ୍ୟର ୭ଟି ଜିଲ୍ଲା ରେଳସେବାରୁ ବଞ୍ଚିତ ହୋଇ ରହିଛି । ଓଡ଼ିଶାରେ ରେଳବାଇର କୌଣସି ନୂଆ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଏବଂ ୫୦ ପ୍ରତିଶ୍ରୁତ ଅର୍ଥ ପ୍ରଦାନ କରୁଥିଲେ ହେଁ ଏଯାଏ ଅନେକ ରେଳ ପ୍ରକଳ୍ପର ନିର୍ମାଣ କାମ ଶେଷ ହୋଇ ପାରୁନାହିଁ । ଓଡ଼ିଶାରେ ଅନେକ ରେଳ ପ୍ରକଳ୍ପ ଯଥା ପାରାଦୀପ-ହରିଦାସପୁର, ବୁଢାମରା-ଚାକୁଲିଆ, ବାଙ୍ଗିରିପୋଷି-ଗୋରୁମହିଷାଣୀ, ବାଦାମପାହାଡ଼-କେଉଁଝର, ତାଳଚେର-ବିମଳାଗଡ଼, ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି, ଖୋର୍ଦ୍ଧା-ବଲାଙ୍ଗୀର ଇତ୍ୟାଦି ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି । ସେହିପରି ବାଙ୍ଗିରିପୋଷି-ରୁପସା ରେଳ ଲାଇନ ସିଙ୍ଗଲ ଲାଇନ୍ ଥିବା ଫଳରେ ଯାତ୍ରା ବିଳମ୍ବ ହେଉଛି ଏବଂ ଗୁଡ୍ସ ଟ୍ରେନ ବାରିପଦା ଓ ବାଙ୍ଗିରିପୋଷି ଯାଇପାରୁନାହିଁ । ନୂଆଗାଁ ଷ୍ଟେସନ୍‌ଠାରୁ ଠାକୁରତୋଟା ଷ୍ଟେସନ ବାଇପାସ ଲିଙ୍କ ନିର୍ମାଣ ସକାଶେ ବାରମ୍ବାର ଦାବି ହେଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି । ଫଳସ୍ୱରୂପ ବାରିପଦାରୁ କୋଲକାତା ଟ୍ରେନ୍ ସିଧା ଯାତାୟାତ କରିପାରୁନାହିଁ । ସପ୍ତାହକୁ ଥରେ ଚଳାଚଳ କରୁଥିବା ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଟ୍ରେନ୍‌କୁ ପ୍ରତ୍ୟେକ ଦିନ ଚାଲୁ କରିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି । ସପ୍ତାହକୁ ଚାରି ଦିନ ଚାଲୁଥିବା ଭଞ୍ଜପୁର-ଶାଳିମାର ଟ୍ରେନ୍‌କୁ ସପ୍ତାହରେ ୭ଦିନ ଚାଲିବାକୁ ଦାବି ହୋଇଆସୁଛି । ଶାଳିମାର ବଦଳରେ ହାୱଡ଼ାକୁ ସଂଯୋଗୀକରଣ ହେଲେ ରେଳଯାତ୍ରୀ ଅଧିକ ଉପକୃତ ହେବେ । ବାରମ୍ବାର ଦାବି କରିବା ସତ୍ତ୍ୱେ ବାଙ୍ଗିରିପୋଷି ଘାଟି ଜାତୀୟ ରାଜପଥକୁ ପ୍ରଶସ୍ତୀକରଣ ନକରିବାରୁ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିକଳ୍ପ ବାଇପାସ ରାସ୍ତା ନିର୍ମାଣ କରାଯାଉଛି । ସେହିପରି ମୟୂରଭଞ୍ଜସ୍ଥିତ ବମ୍ବେ ଛକରେ ଦୀର୍ଘ ଦିନ ଧରି ଫ୍ଲାଏଓଭର୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ଫଳରେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି ।

**ବେଆଇନ ଖଣ୍ଡଲାଇଟ ପଥର ଖଣି ପାଇଁ ପରିବେଶ ପ୍ରଦୂଷିତ**

## ୪ ଜଣିଆ ଯାଞ୍ଚ କମିଟି ରିପୋର୍ଟ ଦେବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**କଟକ, ୨୯ ।୫(ସମିସ):** ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନରଣଗଡ଼ସ୍ଥିତ ବେଆଇନ ଖଣ୍ଡଲାଇଟ ପଥର ଖଣି ପାଇଁ ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷିତ ହେଉଥିବା ପ୍ରସଙ୍ଗକୁ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନଥିବା ଅଭିଯୋଗ ସଂକ୍ରାନ୍ତରେ ଅନୁଧ୍ୟାନ ନିମନ୍ତେ ଏକ ୪ ଜଣିଆ ଯାଞ୍ଚ କମିଟି ଗଠନ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି । ନୀଳମଣି ମହାପାତ୍ରଙ୍କ ଆବେଦନର ଶୁଣାଣି କରି ଏନଜିଟି ପୂର୍ବାଞ୍ଚଳ ବେଞ୍ଚର ବିଚାର ବିଭାଗୀୟ ସଦସ୍ୟ ଜଷ୍ଟିସ ଏସ.ସିଂହ ଓ ବିଶେଷଜ୍ଞ ସଦସ୍ୟ ଅରୁଣ କୁମାର ବର୍ମା ଏପରି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ଜଣେ ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ, ଏସଇଆଇଏଏର ଜଣେ ବରିଷ୍ଠ ବୈଜ୍ଞାନିକ ଓ ଖୋର୍ଦ୍ଧା ଜିଲ୍ଲାପାଳ ଅବା ଜଣେ ଏଡିଏମ୍ ପାହ୍ୟା ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯିବ । କମିଟି ଘଟଣାସ୍ଥଳ ପରିଦର୍ଶନ କରି ୪ସପ୍ତାହ ଭିତରେ ରିପୋର୍ଟ ସହ ସତ୍ୟପାଠ ଦେବ । ଜିଲ୍ଲାପାଳ ଏହି କମିଟିର ନୋଡାଲ ଅଧିକାରୀ ଭାବେ ରହିବେ ଓ କମିଟି ତରଫରୁ ଏହି ରିପୋର୍ଟକୁ ସେ ଦାଖଲ କରିବେ ବୋଲି ଏନଜିଟି କହିଛନ୍ତି । ମାମଲାରେ ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି ହୋଇଛି । ଏହି ପ୍ରସଂଗରେ ଆସନ୍ତା ୪ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ପଞ୍ଚାୟତର ଭୋଗପୁର ଗ୍ରାମ ସଂଲଗ୍ନ ରହିଛି ଏହି ପଥର ଖଣି । ୧୧.୪୫ ଏକର ପରିମିତ ଏହି ଖଣିର ୨୦୦ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ୩ଗୋଟି ବିଦ୍ୟାଳୟ ମଧ୍ୟ ରହିଛି । ନିୟମିତ ପଥର ଖନନ ଦ୍ୱାରା ଉଚ୍ଚ ଶବ୍ଦ ସୃଷ୍ଟି ହେବା ସହ ବାୟୁ ପ୍ରଦୂଷଣ ହେଉଥିବା ନେଇ ଆବେଦନକାରୀ ଅଭିଯୋଗ କରିଛନ୍ତି । ଜନବସତି ଅଞ୍ଚଳରେ ଏହି ଖଣି ଖନନ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ହେବା ସହ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପାଣି ମାମଲା ପରିଚାଳନା କରୁଛନ୍ତି । ଅଗଷ୍ଟ ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି ।

## ଧରାପଡ଼ିଲେ ୧୫ ମାଓବାଦୀ

**ବୋମା ଖଞ୍ଜୁଥିବା ବେଳେ ମାଡ଼ିବସିଲେ ଯବାନ**



**ମାଲକାନଗିରି, ୨୯।୫ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡ଼ା ଜିଲ୍ଲାରେ ଆଇଡି ବୋମା ଖଞ୍ଜୁଥିବା ବେଳେ ୧୫ଜଣ ମାଓବାଦୀ ଧରାପଡ଼ିଛନ୍ତି । ସମସ୍ତଙ୍କୁ ଗିରଫ କରାଯାଇଛି । ସୂଚନାନୁଯାୟୀ, ସୁରକ୍ଷା ବାହିନୀ ଗୁମଲନାର ନିକଟ ଗିରସାପାରା ପାହାଡ଼ ଉପରେ ସର୍ଚ୍ଚ ଅପରେସନ୍ କରୁଥିବା ବେଳେ କିଛି ମାଓବାଦୀ ଆଇଡି ବୋମା ଖଞ୍ଜୁଥିଲେ । ଏହି ସମୟରେ ଘଟଣାସ୍ଥଳରେ ସୁରକ୍ଷାକର୍ମୀମାନେ ପହଞ୍ଚି ଯିବାରୁ ମାଓବାଦୀମାନେ ଫେରାର୍ ହେବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଯବାନମାନେ ମାଡ଼ି ବସିଥିଲେ । ସେମାନଙ୍କ ନିକଟରୁ ଆଇଡି ବୋମା, ଗୁଳିବ୍ୟାଗ୍, ମାଓ ପୋଷାକ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ ହୋଇଛି ।

## ଜଙ୍ଗଲରୁ ଶକ୍ତିଶାଳୀ ଆଇଇଡି ବିସ୍ଫୋରକ ଠାବ



ନିଷ୍କ୍ରିୟ କଲା ବୋମା ନିଷ୍କ୍ରିୟକାରୀ ଦଳ

**ଫୁଲବାଣୀ/ ଫିରିଙ୍ଗିଆ, ୨୯।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଗୋଛାପଡ଼ା ଥାନା ଅନ୍ତର୍ଗତ ପାହିରେଜ୍ଞୁ ତିଳକପାଙ୍ଗା ଗାଁ ନିକଟ ଜଙ୍ଗଲରୁ ବିଏସ୍ଏଫ୍ ଯବାନମାନେ ବୁଧବାର ଏକ ଜୀବନ୍ତ ଆଇଇଡି ବିସ୍ଫୋରକ ଜବତ କରିଛନ୍ତି । ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ଜଙ୍ଗଲରେ ଏହି ବିସ୍ଫୋରକ ଖଞ୍ଜିଥିଲେ । ସର୍ଚ୍ଚ ଅପରେସନ୍ ବେଳେ ପାହିରେଜ୍ଞୁ ୯୯ ବିଏସଏଫ୍ ବାହିନୀ ଏହାକୁ ଠାବ କରିଥିଲା । ଖବର ପାଇ ବୋମା ନିଷ୍କ୍ରିୟକାରୀ ଦଳ ସେଠାରେ ପହଞ୍ଚି ମାଟି ତଳୁ ଏହି ଆଇଇଡିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ନିଷ୍କ୍ରିୟ କରିଥିଲା । ବିଏସ୍ଏଫ୍‌ର ଗୁଇନ୍ଦା ସୂଚନା ପାଇଁ ଏକ ବଡ଼ଧରଣର ବିପଦରୁ ସୁରକ୍ଷାକର୍ମୀ ରକ୍ଷା ପାଇଥିବା କୁହାଯାଉଛି । ଏହି ଅଞ୍ଚଳରେ ମାଓ ଦମନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ବିଏସଏଫର ବରିଷ୍ଠ ଅଧିକାରୀ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି ।

## ପୁଲିସ୍ ଗୁଳିରେ ଦୁଇ ମାଓବାଦୀ ମୃତ

**ମାଲକାନଗିରି, ୨୯।୫ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ୍ ଗୁଳିରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି । ମୃତ ଦୁଇ ମାଓବାଦୀଙ୍କ ମଧ୍ୟରୁ ଜଣେ ମାଓନେତ୍ରୀ ମହିଳା ବୋଲି ଚିହ୍ନଟ ହୋଇଛି । ଏଥିସହ ଘଟଣାସ୍ଥଳରୁ ଦୁଇଟି ବନ୍ଧୁକ, ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ ହୋଇଛି । ଏ ସଂପର୍କରେ ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି । ସୂଚନାନୁଯାୟୀ, ମଦେଡ ଥାନା ବଦେପାରା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀମାନଙ୍କ ବୈଠକ ଚାଲିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବିଜାପୁରର ଡିଆରଜି ଓ ଏସଟିଏଫ୍ ବାହିନୀ ସର୍ଚ୍ଚ ଅପରେସନ୍ କରିଥିଲେ । ଏହି ସମୟରେ ମାଓବାଦୀମାନେ ପୁଲିସ୍ ଉପରକୁ ଅତର୍କିତ ଗୁଳିଚାଳନା କରିଥିଲେ । ତେବେ ଯବାନଙ୍କ ପାଲଟା ଆକ୍ରମଣରେ ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ଘଟିବାରୁ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ ।

TOLET
Two Shoprooms (10'x10')
Near Biju Patnaik College, Jayadev Vihar, Main Road, Bhubaneswar.
9938511622

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-ANGL-SKND-WORKS-382, ତା. 22.05.2024 ରିଖ
କାର୍ଯ୍ୟର ନାମ: 36 ମାସ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅନୁଗୁଳ-ସୁକିନ୍ଦା BG ଲିଙ୍କ ସେକ୍ସନରେ ସଂକେତ ଏବଂ ଦୂରସଂଚାର ଗିଅର (gears) ଏବଂ ଆସେଟ୍ (assets) ର ରକ୍ଷଣାବେକ୍ଷଣ ଏବଂ ପରିଚାଳନ ।
ଟେଣ୍ଡର ମୂଲ୍ୟ(₹): 12,69,20,336.38, EMD (₹): 7,84,600/- ।
ବିଡ୍ ଆରମ୍ଭ ହେବା ତାରିଖ: ତା.30.05.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.06.2024 ରିଖ 1100 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ହାତରେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm) ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିପରି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ଭାବେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡରର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-160/P/24-25

## ଅବଶିଷ୍ଟାଂଶ...

### ଭୋଟ ପାଇଁ...

ମୋଦୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ରାଜ୍ୟରେ ଯଦି ବିଜେପି ସରକାର ଗଠନ କରେ, ତେବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟର ଯାଞ୍ଚ ପାଇଁ ଏକ କମିଟି ଗଠନ କରିବେ ବୋଲି କହିଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଏହି ମନ୍ତବ୍ୟରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନବୀନ ନିବାସରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ କଠୋର ଶବ୍ଦରେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ହେଉଥିବା ପ୍ରଚାରକୁ ଗୁଜବ ବୋଲି ଉଲ୍ଲେଖ କରି ଯେଉଁମାନେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର କରୁଛନ୍ତି ସେ ସମ୍ପର୍କରେ ତଦନ୍ତ ନିମନ୍ତେ କମିଟି ଗଠନ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ବର୍ତ୍ତମାନ ଶେଷ ପର୍ଯ୍ୟାୟ ନିର୍ବାଚନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଏପରି ମନ୍ତବ୍ୟର କାରଣ ସଂକ୍ରାନ୍ତ ସାମ୍ବାଦିକମାନଙ୍କ ପ୍ରଶ୍ନରେ ନବୀନ କହିଛନ୍ତି ଯେ ବର୍ତ୍ତମାନ ନିର୍ବାଚନ ସମୟ ଚାଲିଛି । କେବଳ ଭୋଟ ପାଇଁ ପ୍ରଧାନମନ୍ତ୍ରୀ ଏପରି ଟିପ୍ପଣୀ ଦେଉଛନ୍ତି । ମୁହଁରେ ସ୍ମିତହାସ୍ୟ ସହ ସାମ୍ବାଦିକଙ୍କ ପ୍ରତିଟି ପ୍ରଶ୍ନର ଅତି ସ୍ପଷ୍ଟ ଭାବରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ।

ସେ ପୁଣି କହିଛନ୍ତି ଯେ ଦିଲ୍ଲୀ ଏବଂ ଓଡ଼ିଶା ବିଜେପିର ବହୁ ନେତା ଗତ ୧୦ ବର୍ଷ ଧରି ମୋ ସ୍ୱାସ୍ଥ୍ୟକୁ ନେଇ ଗୁଜବ କରି ଚାଲିଛନ୍ତି । ମୁଁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛି ଏବଂ ଗତ ଏକମାସ ଧରି ରାଜ୍ୟବ୍ୟାପୀ ପ୍ରଚାର କରୁଛି ବୋଲି ବନ୍ଧୁ ପ୍ରଧାନମନ୍ତ୍ରୀଙ୍କୁ ଆଶ୍ୱସ୍ତ କରିବାକୁ ଚାହେଁ । ମୋ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଗୁଜବ ଉପରେ ଧ୍ୟାନ ନ ଦେଇ ପ୍ରଧାନମନ୍ତ୍ରୀ ରାଜ୍ୟର କୋଇଲା ରାଜଭାଗ ବୃଦ୍ଧି ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପୂରଣ ଦିଗରେ ଧ୍ୟାନ ଦିଅନ୍ତୁ । ବିଗତ ବହୁ ବର୍ଷ ଧରି ଏହି ଦାବି କେନ୍ଦ୍ର ସରକାରଙ୍କ ନିକଟରେ ପଡ଼ି ରହିଛି । ଆପଣ ଉପରୋକ୍ତ ଦାବି ପୂରଣ କଲେ ଏଥିରୁ ଓଡ଼ିଶାବାସୀ ବେଶ୍ ଉପକୃତ ହୋଇପାରିବେ ବୋଲି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପରାମର୍ଶ ଦେଇଛନ୍ତି ନବୀନ ।

ସୂଚନାଯୋଗ୍ୟ ଯେ ଗତ ୧୦ ବର୍ଷ ଧରି ପ୍ରତ୍ୟେକ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟକୁ ନେଇ ରାଜ୍ୟ ବିଜେପିଠାରୁ ଜାତୀୟ ବିଜେପିର ଶୀର୍ଷ ନେତାଏ ଅପପ୍ରଚାର କରି ଚାଲିଛନ୍ତି । ବିଜେପି ନେତାମାନଙ୍କ ଏପରି ଅପପ୍ରଚାରର ଜବାବ ରାଜ୍ୟବାସୀ ଭୋଟ ମାଧ୍ୟମରେ ପ୍ରତ୍ୟୁତ୍ତର ଦେଇଛନ୍ତି । ପ୍ରତିଟି ନିର୍ବାଚନରେ ବିଜେଡିକୁ ବିପୁଳ ବିଜୟ ମିଳିଥିବା ବେଳେ ବିଜେପି ମୁହଁମାଡ଼ି ତଳେ ପଡ଼ିଛି । ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏହି କଡ଼ା ଉତ୍ତର ପରେ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ବିଜେପି ନେତାଏ ନିଜର ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ରାଜନୈତିକ ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି । ରାଜନୀତିରେ ପ୍ରସଙ୍ଗ ପରିବର୍ତ୍ତେ ଅପ୍ରସଙ୍ଗକୁ ଆଧାର କରିବା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର ବିଜେପି ପାଇଁ ଘାତକ ହୋଇପାରେ ବୋଲି ମଧ୍ୟ ରାଜନୈତିକ ପଣ୍ଡିତମାନେ ମତବ୍ୟକ୍ତ କରିଛନ୍ତି ।

### କାମର ହିସାବ...

ଆସନ୍ତି, ବହୁତ ପ୍ରତିଶ୍ରୁତି ଦିଅନ୍ତି । ଭୋଟ ପରେ ଆଉ ଦେଖାଦିଅନ୍ତି ନାହିଁ । ଆପଣମାନେ ସେମାନଙ୍କୁ ଜାଣି ରଖନ୍ତୁ । ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ସବୁବେଳେ ଆପଣଙ୍କ ପାଖକୁ ଆସୁଛି । ବିଜେଡି ଓ ନବୀନ ବାବୁଙ୍କ ଛଡ଼ା ଆଉ କେହି କାମର ହିସାବ ଦିଅନ୍ତି ନାହିଁ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ସେ ଆହୁରି କହିଥିଲେ, ବିରୋଧୀ ନେତାମାନେ ଆସୁଛନ୍ତି । ସେମାନେ ଭାବୁଛନ୍ତି, ଆଦିବାସୀ ଭାଇଭଉଣୀମାନେ କାହିଁକି ନବୀନ ବାବୁଙ୍କୁ ଏତେ ଭଲ ପାଉଛନ୍ତି । ଆଦିବାସୀ ଭାଇଭଉଣୀମାନଙ୍କୁ ବିରୋଧୀମାନେ କେବଳ ଭୋଟ ପାଇଁ ବ୍ୟବହାର କରନ୍ତି । କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ଆଦିବାସୀ ଭାଇଭଉଣୀମାନଙ୍କୁ ତାଙ୍କ ହୃଦୟର ସବୁଠାରୁ ଭଲ ଜାଗାରେ ରଖିଛନ୍ତି । ସେମାନଙ୍କୁ ସେ ବହୁତ ଭଲ ପାଆନ୍ତି । ସେମାନଙ୍କ ବିକାଶ ପାଇଁ କାମ କରୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ମତବ୍ୟକ୍ତ କରିଥିଲେ ।

ଆଦିବାସୀଙ୍କ ଉନ୍ନତି, ସମୃଦ୍ଧି ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇ କହିଲେ ଯେ ଆଦିବାସୀ କଳା, ସଂସ୍କୃତି, ପୂଜାସ୍ଥଳୀ ଓ ଜାହିରାର ସୁରକ୍ଷା ଲାଗି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ମୁଖ୍ୟମନ୍ତ୍ରୀ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି । ଏଗୁଡ଼ିକ ହେଉଛି ଆଦିବାସୀଙ୍କ ପରିଚୟ । ଏଭଳି ପଦକ୍ଷେପ ସାରା ଭାରତବର୍ଷରେ କେବଳ ନବୀନ ବାବୁ କରିଛନ୍ତି । ଅନ୍ୟ କୌଣସି ରାଜ୍ୟ କିମ୍ବା ଦଳ କରିନାହାନ୍ତି । ଆଦିବାସୀମାନଙ୍କ ଉପରୁ ଛୋଟ ବଡ଼ ୫୦ ହଜାର ପୁଲିସ କେଶ ରଦ୍ଦ କରିଛନ୍ତି । ଏହାଦ୍ୱାରା ଆଦିବାସୀମାନେ ଶାନ୍ତିରେ ରହିବେ, ବାରମ୍ବାର ଥାନାକୁ ଦୌଡ଼ିବାକୁ ପଡ଼ିବ ନାହିଁ । ସେ ପଚାରିଲେ ୫୦-୬୦ ବର୍ଷ ମଧ୍ୟରେ କୌଣସି ସରକାର ଆଦିବାସୀମାନଙ୍କ କଳା, ସଂସ୍କତି ଓ ଭାଷାର ଉନ୍ନତି ପାଇଁ କିଛି କରିଛନ୍ତି କି ? କେବଳ ନବୀନ ପଟ୍ଟନାୟକ କରିଛନ୍ତି । ସେହିପରି ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ 'ଲାଭ' ଯୋଜନା କରିଛନ୍ତି । ଏଥିରେ ଜଙ୍ଗଲଜାତ ଦ୍ରବ୍ୟ ଯଥା - ଶାଳମଞ୍ଜି, ଶାଳପତ୍ର, ମହୁଲ ଇତ୍ୟାଦିର ଉଚିତ ମୂଲ୍ୟ ସେମାନେ ପାଉଛନ୍ତି । ସେମାନେ ଆଉ ଠକାମିରେ ପଡୁନାହାନ୍ତି । ସାରା ଭାରତବର୍ଷରେ ଆଦିବାସୀ ପିଲାଙ୍କ ପାଇଁ ସବୁଠାରୁ ଅଧିକ ହଷ୍ଟେଲ ଓଡ଼ିଶାରେ କରାଯାଇଛି । ହଜାର ହଜାର ହଷ୍ଟେଲରେ ଲକ୍ଷ ଲକ୍ଷ ପିଲା ମାଗଣାରେ ରହି ପାଠ ପଢୁଛନ୍ତି । ଅନ୍ୱେଷା, ଆକାଂକ୍ଷା ଯୋଜନା ମାଧ୍ୟମରେ ସେମାନଙ୍କୁ ଉଚ୍ଚଶିକ୍ଷିତ କରାଯାଉଛି । କେବଳ ସେମାନଙ୍କର ଉନ୍ନତି ପାଇଁ ଏ ସବୁ କରାଯାଇଛି ।

ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ସମ୍ମାନ ଦିଅନ୍ତି ବୋଲି ପ୍ରକାଶ କରି ସେ କହିଲେ ଯେ ଆପଣମାନଙ୍କ କଲ୍ୟାଣ ପାଇଁ ଆନ୍ତରିକତାର ସହ କାମ କରନ୍ତି । ଆପଣମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମ କରୁଛନ୍ତି । ଆପଣଙ୍କ ମୁହଁରେ ହସ ଆଣିବା ପାଇଁ ଦିନରାତି କାମ କରୁଛନ୍ତି । ଆଦିବାସୀ ପିଲାମାନେ ଆଗରୁ ଯେଉଁ ସ୍କଲାରସିପ ପାଉଥିଲେ, ତାକୁ ମଧ୍ୟ ପାଇବେ । ଡବଲ ଇଞ୍ଜିନ ସରକାର ଗୋଟିଏ ବି ସ୍କଲାରସିପ ଦେଉନାହାନ୍ତି । କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ଡବଲ ସ୍କଲାରସିପ ଦଉଛନ୍ତି । ସେ କହିଲେ ଯେ କୋଭିଡ ହେଉ କି ବନ୍ୟାବାତ୍ୟା ହେଉ ମୁଖ୍ୟମନ୍ତ୍ରୀ ସବୁବେଳେ ଓଡ଼ିଶାବାସୀଙ୍କ ସହିତ ଅଛନ୍ତି, ଓଡ଼ିଶାବାସୀଙ୍କ ପାଇଁ କାମ କରୁଛନ୍ତି । ଆପଣମାନଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକ ଜୁନ ୯ ତାରିଖରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ସମସ୍ତଙ୍କୁ ବିଜୁଳି ବିଲ୍‌ରୁ ମୁକ୍ତ କରିବେ । ଦ୍ୱିତୀୟ ଦସ୍ତଖତରେ ବିଏସ୍‌କେୱାଇରେ ସମସ୍ତଙ୍କୁ ସାମିଲ କରିବେ । ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିବେ । ମିଶନ ଶକ୍ତି ମା'ମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଶକ୍ତି, ମୁଖ୍ୟମନ୍ତ୍ରୀ ହେଉଛନ୍ତି ମିଶନଶକ୍ତି ମା'ମାନଙ୍କ ଶକ୍ତି । ଚତୁର୍ଥ ଦସ୍ତଖତରେ କଲେଜ ପିଲାମାନଙ୍କ ନୂଆ-ଓ ସ୍କଲାରସିପ୍ ବୃଦ୍ଧି ହେବ । ପୁଅ ପିଲା ପାଇବେ ୧୨ ହଜାର, ଝିଅ ପାଇବେ ୧୪ ହଜାର ଟଙ୍କା । ଏଥି ସହିତ ଜନଜାତି ଛାତ୍ରବୃତ୍ତି ମଧ୍ୟ ମିଳିବ । ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ଡବଲ ଛାତ୍ରବୃତ୍ତି କରିଛନ୍ତି ।

ଯଶୀପୁରରେ ଶ୍ରୀ ପାଣ୍ଡିଆନ ଲୋକଙ୍କୁ ସରକାର କରିଥିବା ବିକାଶ କାମର ଗୋଟି ଗୋଟି କରି ହିସାବ ଦେଇ କହିଲେ ଯେ, ଆପଣ ଯାହାକୁ ଗତଥର ନିର୍ବାଚିତ କରିଥିଲେ, ସେ କେବେ ଆପଣଙ୍କ ପାଖକୁ ଆସି ତାଙ୍କ କାମର ହିସାବ ଦେଇଛନ୍ତି ? କିନ୍ତୁ ଆମ ମୁଖ୍ୟମନ୍ତ୍ରୀ କାମର ହିସାବ ଦିଅନ୍ତି । ସୁଦାମ ବାବୁ ଓ ଚକ୍ରଧର ବାବୁଙ୍କୁ ଆଶୀର୍ବାଦ କରନ୍ତୁ, ଆପଣମାନଙ୍କ ଲାଗି ଓ ଆପଣଙ୍କ ସମାଜ ପାଇଁ ସେମାନେ ବହୁତ କାମ କରିବେ । ସାରସକଣାରେ କର୍ମୀ, ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟମାନଙ୍କୁ ଅନୁରୋଧ କରି କହିଲେ ଆଉ ଦୁଇଦିନ ଲାଗିପଡ଼ନ୍ତୁ, ଶଙ୍ଖଚିହ୍ନ ପ୍ରତି ସମ୍ମାନ ଆଣନ୍ତୁ, ଅଞ୍ଚଳରେ ଉନ୍ନତି ଆଣନ୍ତୁ । ଯାହା ବି କାମ ଦରକାର ଆମେ କରିବୁ, ଆପଣମାନଙ୍କର ସାଥୀ ହୋଇ ରହିବୁ । ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ବହୁତ ପରିଶ୍ରମ କରୁଛନ୍ତି, ୫ ବର୍ଷରେ ଥରେ ସୁଯୋଗ ଆସିଛି ତାଙ୍କୁ ଆଶୀର୍ବାଦ କରିବା ପାଇଁ, ସୁଦାମ ବାବୁ ଓ ଦେବାଶିଷ ବାବୁଙ୍କୁ ଆଶୀର୍ବାଦ କରନ୍ତୁ । ଗତଥର ଆପଣ ଯାହାକୁ ବିଧାୟକ କରିଥିଲେ, ସେ ଆପଣଙ୍କ ପାଇଁ କଣ କାମ କରିଛନ୍ତି ଟିକିଏ ଚିନ୍ତା କରନ୍ତୁ, ସେ ଆପଣମାନଙ୍କୁ ଦେଖିଲେ ଚିହ୍ନିପାରିବେ କି ? ମୁଁ ପୂର୍ବରୁ ଏଠାକୁ ଦୁଇ ଥର ଆସିଛି, ଯାହା ବି ଦରଖାସ୍ତ ନେଇଥିଲି ପ୍ରାୟ ସବୁ କାମ ହୋଇଛି ।

ବାଙ୍ଗିରିପୋଷିରେ ଶ୍ରୀ ପାଣ୍ଡିଆନ୍ କହିଲେ ଯେ କହିଲେ ସୁଦାମ ବାବୁ ଆପଣଙ୍କ ସୁଖଦୁଃଖରେ ବହୁତ ଦିନ ହେଲା ଅଛନ୍ତି । ଆନ୍ତରିକତାର ସହ ସେ ଆପଣମାନଙ୍କ ପାଇଁ କାମ କରନ୍ତି । ୨୦ ବର୍ଷ ପୂର୍ବରୁ ମୟୂରଭଞ୍ଜରେ ଜିଲ୍ଲାପାଳ ଥିବାବେଳଠୁ ମୁଁ ତାଙ୍କୁ ଜାଣିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ ଆଦାୟ କରିବାରେ ସେ ଏକ ନମ୍ବର, ଆପଣମାନେ ତାଙ୍କୁ ଏକ ନମ୍ବର ସାଂସଦ କରନ୍ତୁ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତ ଅଗଷ୍ଟ ମାସରେ ମୁଁ ଏଠାକୁ ଆସିଥିଲି ଆପଣମାନେ ଯାହା ବି ଦରଖାସ୍ତ ଦେଇଥିଲେ ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ତା'ର ହିସାବ ଦେବାକୁ ଆସିଛି । ଉଦଳାରେ ମଧ୍ୟ ଶ୍ରୀ ପାଣ୍ଡିଆନ ସରକାରୀ କାମର ହିସାବ ଦେବା ସହ ଲୋକସଭା ପ୍ରାର୍ଥୀ ସୁଦାମ ବାବୁ ଓ ବିଧାନସଭା ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜିତାଇ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ଅନୁରୋଧ କରିଥିଲେ ।

### ଜଳୁଛି ପଶ୍ଚିମ...

ବାସ୍ତବିକତା ତାପମାତ୍ରା ତୁଳନାରେ ତାତି ଯଥେଷ୍ଟ ଅଧିକ ଅନୁଭୂତ ହେଉଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଏହାକୁ 'ଫିଲ୍ ଲାଇକ୍ ଟେମ୍ପରେଚର' (ଅନୁଭବର ତାତି) କୁହାଯାଉଛି । ବୁଧବାର ପୁରୀରେ ଦ୍ୱିପ୍ରହର ସମୟରେ ତାପମାତ୍ରା ୩୪ ଡିଗ୍ରୀ ରହିଥିବା ବେଳେ ଏହି ସମୟରେ ଏଠାରେ ଆର୍ଦ୍ରତା ୭୯ ପ୍ରତିଶତ ରହିଥିଲା । ଏହାଦ୍ୱାରା ଏଠାରେ ଅତ୍ୟଧିକ ଗୁଳୁଗୁଳି ସହ ୫୨ ଡିଗ୍ରୀ ତାପମାତ୍ରା ଭଳି ସ୍ଥିତି ଅନୁଭୂତ ହୋଇଥିଲା । ସେହିପରି ଚାନ୍ଦବାଲିରେ ୩୭ ଡିଗ୍ରୀ ତାପମାତ୍ରା ସହ ୬୯ ପ୍ରତିଶତ ଆର୍ଦ୍ରତା ଯୋଗୁଁ ଏଠାରେ ୫୯ ଡିଗ୍ରୀ ଭଳି ସ୍ଥିତି ଅନୁଭୂତ ହୋଇଥିଲା । ସେହିପରି ଭୁବନେଶ୍ୱରରେ ଆଜି ସର୍ବାଧିକ ୬୨ ଡିଗ୍ରୀ ଭଳି ସ୍ଥିତି ଅନୁଭୂତ ହୋଇଥିଲା । ପାଣିପାଗ କେନ୍ଦ୍ର କହିଛି ଯେ ଏହି ସ୍ଥିତି ଆହୁରି ୨ ଦିନ ପର୍ଯ୍ୟନ୍ତ ଜାରି ରହିବ । ୧ ତାରିଖରୁ କାଳବୈଶାଖୀ ଜନିତ ବର୍ଷା ଓ ପବନ ଯୋଗୁଁ ସ୍ଥିତିରେ ପରିବର୍ତ୍ତନ ଆସିବ । ତେବେ ୨ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ପାଇଁ ଗ୍ରୀଷ୍ମ ଲହରୀ ସାଙ୍ଗକୁ ଉଷ୍ମ ଆର୍ଦ୍ର ପାଣିପାଗ ଜନିତ ଆଲର୍ଟ ଜାରି କରାଯାଇଛି । ଦିନ ଭଳି ରାତିରେ ବି ଗ୍ରୀଷ୍ମ ସ୍ଥିତି ଅନୁଭୂତ ହେବାକୁ ଥିବାରୁ ବହୁ ଜିଲ୍ଲା ପାଇଁ ଉଷ୍ମ ରାତ୍ରୀ ଆଲର୍ଟ ଜାରି ହୋଇଛି । ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁଯାୟୀ ଗୁରୁବାର ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ ବଲାଙ୍ଗିରରେ ଭୀଷଣ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି ।

ସେହିପରି କେନ୍ଦୁଝର, ଅନୁଗୁଳ, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡିରେ ଗ୍ରୀଷ୍ମ ଲହରି ସ୍ଥିତି ସୃଷ୍ଟି ହେବାକୁ ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି । ଏହାସହିତ କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଓ ବରଗଡ଼ରେ ଉଷ୍ମ ରାତ୍ରୀ ସ୍ଥିତି ନେଇ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି । ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ଢେଙ୍କାନାଳ ଆଦି ଜିଲ୍ଲାଗୁଡ଼ିକରେ ପ୍ରବଳ ଗୁଳୁଗୁଳି ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ଆଲର୍ଟ ଜାରି କାରଯାଇଛି ।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

T.N No. TPWODL/IA/O/SITC/ 09    Date. 30.05.2024

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Supply, Erection, Installation, Testing & commissioning of 2 Nos. 33/11 KV PSS on "Turnkey Contract basis" for TPWODL.**

Interested bidders to submit Tender Participation Fee and Authorization Letter through email on or before **07th Jun 2024, 15:00Hrs,** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Chief-Contracts and Stores

NOTICE

Sh. Umesh Chandra Mishra, S/o Late Gokulananda Mishra, At/Po: Dehurianandpur, Dham Nagar, Dist. : Bhadrak, Odisha pin-755006 booked flat no : 401, Block-A, at Tulasi Vihar Phase-II, Puri from Mahodadhi Developers Pvt Ltd., Bhubaneswar vide sale agreement executed on 2nd August 2016 taking bank loan from Vijay Bank which is now known as Bank of Baroda, OGNB Branch, Bhubaneswar. The Bank has sent notice to register the flat else close the loan to allottee with copy to Promoter. The Promoter sent three notices to deposit balance and get the flat registered on Dt. 17.06.2019, Dt. 15.02.2022 and Dt. 23.06.2022 by registered post but all letters returned unserved with remark door is locked. Hence this notice is published and allowed 15 days' time before cancellation and closure of Bank Loan by Mahodadhi Developer Pvt Ltd.

D-61
ମତଦାନ ପାଇଁ ଜିଲ୍ଲାପାଳଙ୍କ ନିବେଦନ

ସାଧାରଣ ନିର୍ବାଚନ-୨୦୨୪ ଅବସରରେ ଭଦ୍ରକ ଜିଲ୍ଲାର ୧ଟି ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ଜୁନ୍ ୧ ତାରିଖରେ ମତଦାନ କରାଯିବ । ଏହି ଶୁଭ ଅବସରରେ ଜିଲ୍ଲାର ସମସ୍ତ ଭୋଟରମାନଙ୍କୁ ଅଭିନନ୍ଦନ ଜଣାଉଛି । ସକାଳ ୭ ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଏହି ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସଦ୍ୟ ପ୍ରକାଶିତ ଭୋଟର ତାଲିକାରେ ନାମ ଥିବା ଜିଲ୍ଲାର ସମସ୍ତ ମତଦାତା ନିଶ୍ଚିତ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ, ଭଦ୍ରକ ହିସାବରେ ମୁଁ ସମସ୍ତ ଭୋଟରମାନଙ୍କୁ ନିବେଦନ କରୁଅଛି । ମତଦାନ ଭୋଟରମାନଙ୍କର ସାମ୍ବିଧାନିକ ଅଧିକାର । ସମସ୍ତ ଭୋଟର ନିଜ ନିଜ ବୁଥକୁ ଯାଇ ଶାନ୍ତି ଶୃଙ୍ଖଳାର ସହିତ ମତଦାନ କରନ୍ତୁ । ଆମ ଦେଶର ଗର୍ବ, ନିର୍ବାଚନର ପର୍ବରେ ସାମିଲ ହୁଅନ୍ତୁ ।

"ଜୁନ୍ ଏକ କୁ ମନେରଖିବା, ନିଜର ଭୋଟ ନିଶ୍ଚୟ ଦେବା"
ସ୍ୱା/-
ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ, ଭଦ୍ରକ
OIPR - 12128/11/0009/2425

# କନ୍ଧମାଳରେ ମାଣ୍ଡିଆ ସଂଗ୍ରହ ହ୍ରାସ

ବାଲିଗୁଡ଼ା, ୨୯ ।୫(ସମିସ)





ମାଣ୍ଡିଆ ଏବେ ସମସ୍ତଙ୍କର ପ୍ରିୟ। ଅଫିସରଙ୍କ ଠାରୁ ଆରମ୍ଭ କରି ଚାଷୀଙ୍କ ପର୍ଯ୍ୟନ୍ତ ଏବଂ ଧନୀଙ୍କ ଠାରୁ ଆରମ୍ଭ କରି ଗରିବ ପର୍ଯ୍ୟନ୍ତ ସମସ୍ତେ ଏବେ ମାଣ୍ଡିଆ ଖାଉଛନ୍ତି। କେବଳ ଖାଇବା ପ୍ରଣାଳୀ ଅଲଗା ରହିଛି ବୋଲି କୁହାଯାଇଛି। ଧନୀ ଲୋକେ ମାଣ୍ଡିଆ ସୁପ ଖାଉଥିବା ବେଳେ ଗରିବ ଲୋକେ ମାଣ୍ଡିଆ ଜାଉ ଖାଉଛନ୍ତି। ମାଣ୍ଡିଆ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ପ୍ରମାଣିତ ହେବା ପରେ ଏବେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଚାର ପ୍ରସାର ପାଇଁ ଏବେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। କନ୍ଧମାଳ ଜିଲ୍ଲାରେ ମିଲଟ ମିଶନ ନାମରେ ଗ୍ରାମାଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ମାଣ୍ଡିଆ ଚାଷର ଉନ୍ନତି କରଣ ନିମନ୍ତେ କାମ କରିବାକୁ ଦାୟିତ୍ୱ ଦିଆଯାଇଛି। ପ୍ରଶାସନିକ ତଥ୍ୟ ପ୍ରକାରେ ପ୍ରତିବର୍ଷ ଜିଲ୍ଲାରେ ମାଣ୍ଡିଆ ଚାଷ ବଢ଼ିବାରେ ଲାଗିଛି। ମାଣ୍ଡିଆ ଚାଷୀ ଉପକୃତ ହେବା ନିମନ୍ତେ ମଣ୍ଡିରେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ମାଣ୍ଡିଆ କ୍ରୟ କରାଯାଉଛି। କିନ୍ତୁ ଏହା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲପାଳ ଚଳିତ ବର୍ଷ ବାରମ୍ବାର ବୈଠକ ଡକାଇ ମିଲଟ୍ ମିଶନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହା ସତ୍ତ୍ୱେ ପୂର୍ବ ବର୍ଷ ତୁଳନାରେ ମଣ୍ଡିକୁ ମାଣ୍ଡିଆ ଆସିପାରି ନ ଥିବା ଜଣାପଡ଼ିଛି। ଚଳିତବର୍ଷ ୩୬ ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ୧୮ ହଜାର କ୍ୱିଣ୍ଟାଲ ମାଣ୍ଡିଆ ମଣ୍ଡିରେ ସଂଗୃହୀତ ହୋଇଥିବା ସୂଚନା ମିଳିଛି। ଅଣ ଜଳସେଚିତ ଜମିରେ ଅଧିକ ମାଣ୍ଡିଆ ଚାଷ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ୪୦ ହଜାର କ୍ୱିଣ୍ଟାଲ ମାଣ୍ଡିଆ ଅମଳ ହେବ ବୋଲି କୁହାଯାଇଥିଲରା। ହେଲେ ଚାଷୀ ନି ପାଖରେ କିଛି ରଖି ବଳକା ମାଣ୍ଡିଆକୁ ମଣ୍ଡିରେ ବିକ୍ରି କରୁଥିବାରୁ ସଂଗ୍ରହ ଲକ୍ଷ୍ୟ ୩୬ ହଜାର ଲକ୍ଷ ରଖାଯାଇଥିଲା। କିନ୍ତୁ ତାହା ପୂରଣ ହୋଇ ନ ଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ବାରମ୍ବାର ସମୀକ୍ଷା ଯୋଗୁଁ ଜିଲ୍ଲାରେ ମାଣ୍ଡିଆ ରିସାଇକ୍ଲିଂକୁ ରୋକାଯାଇପାରିଛି। କାରଣ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲ ମାସରୁ ପିଡିଏସ୍ ମାଧ୍ୟମରେ ଏକ ଟଙ୍କାରେ ୩ କିଲୋ ମାଣ୍ଡିଆ ମୁଣ୍ଡପିଛା ଖାଉଟିଙ୍କୁ ପ୍ରଦାନ କରା ଯାଉଥିଲା। ଏଥିରେ ଦୁର୍ନୀତି ଖୋର ବେପାରୀଙ୍କ ଲାଭ ହେଉଥିଲା। ଚଳିତବର୍ଷ ଏଥିରେ ରୋକ ଲଗାଇଛନ୍ତି ଜିଲ୍ଲାପାଳ। ମାଣ୍ଡିଆ ଆଦାୟକୁ ଦୃଷ୍ଟିରେ ରଖି ପିଡିଏସ୍‌ରେ ମାଣ୍ଡିଆ ଦେବାରେ ଟିକିଏ ବିଳମ୍ବ କରାଯାଇଛି। ଫଳରେ ପିଡିଏସ ମାଣ୍ଡିଆ ବଜାରରେ ମିଳୁନାହିଁ। ଏଥିର ପରିଣାମ ସ୍ୱରୂପ ୩୬ ହଜାର କ୍ୱିଣ୍ଟାଲ ବଦଳରେ ୧୮ ହଜାର କ୍ୱିଣ୍ଟାଲ ମାଣ୍ଡିଆ ମଣ୍ଡିରୁ ସଂଗ୍ରହ ହୋଇଛି। ଦାରିଙ୍ଗବାଡି ଏବଂ ବାଲିଗୁଡ଼ା ବ୍ଲକର କିଛି ଅଞ୍ଚଳରେ ମାଣ୍ଡିଆ ସଂଗ୍ରହ ନେଇ ଭିନ୍ନ ତଥ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ବଣିକ ସଂଘ ସଭାପତି ଶ୍ୟାମ ପାତ୍ର ଜିଲ୍ଲାରେ ମାଣ୍ଡିଆଳ ନେଇ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏଥିରେ ଜଡିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

● ପାରଳାଖେମୁଣ୍ଡି ବିଧାନସଭା ଆସନ

# ଭୋଟ ଗଣନା ପାଇଁ ରିଟର୍ଣ୍ଣିଂ ଅଫିସରଙ୍କ ବୈଠକ



**ପାରଳାଖେମୁଣ୍ଡି, ୨୯।୫(ସମିସ):** ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜୁନ୍ ୪ ତାରିଖରେ ହେବାକୁ ଥିବା ମତଗଣନାକୁ ନେଇ ବିଭିନ୍ନ ପ୍ରାର୍ଥୀଙ୍କ କାଉଣ୍ଟିଂ ଓ ଜେନେରାଲ ଏଜେଣ୍ଟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାନସଭା ଆସନର ମତଗଣନା ସକାଶେ ରିଟର୍ଣ୍ଣିଂ ଅଫିସର ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଓ ସେମାନଙ୍କର ଏଜେଣ୍ଟ ଉପସ୍ଥିତଥିଲେ। ଜୁନ୍ ୪ତାରିଖରେ ହେବାକୁ ଥିବା ମତଗଣନା ନିମନ୍ତେ ନିର୍ବାଚନ କମିଶନରଙ୍କ ତରଫରୁ ଜାରି କରାଯାଇଥିବା ବିଭିନ୍ନ ମାର୍ଗଦର୍ଶିକା ବିଷୟରେ ଉପସ୍ଥିତ ପ୍ରାର୍ଥୀ ଏବଂ ସେମାନଙ୍କ ଏଜେଣ୍ଟଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଜେଡି ପ୍ରାର୍ଥୀ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଅଲ୍‌ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ ପ୍ରାର୍ଥୀ ପାଇଲା ମୂରଲୀ କ୍ରିଷ୍ଣା, ବିଜେପି ପ୍ରାର୍ଥୀଙ୍କ ଜେନେରେଲ ଏଜେଣ୍ଟ ଏମ୍. ପୃଥ୍ୱୀରାଜ, କଂଗ୍ରେସ ପ୍ରାର୍ଥୀଙ୍କ ଜେନେରାଲ ଏଜେଣ୍ଟ ବସନ୍ତ କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ।

# ଜି.ଉଦୟଗିରି ହବାକ୍ ହାଇସ୍କୁଲ ପୁରସ୍କୃତ

**ଜି.ଉଦୟଗିରି, ୨୯ ।୫(ସମିସ):** କନ୍ଧମାଳ ଜିଲ୍ଲାର ଶ୍ରେଷ୍ଠ ହାଇସ୍କୁଲ ଭାବେ ଜି .ଉଦୟଗିରି ହବାକ ହାଇସ୍କୁଲକୁ ବ୍ରହ୍ମପୁରରେ ସକାଳ ଓ ନନ୍ଦଘୋଷ ଟିଭି ତରଫରୁ ଆୟୋଜିତ ମାଟ୍ରିକ ଉତ୍କର୍ଷ ସମ୍ମାନ ସମାରୋହରେ ପୁରସ୍କୃତ କରାଯାଇଛି। ଏହାକୁ ବିଦ୍ୟାଳୟ ଶିକ୍ଷୟତ୍ରୀ ମମତା ରାଣୀ ରାଉତ ଅତିଥଙ୍କ ଠାରୁ ଗ୍ରହଣ କରିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ତିନି ଜଣ ଏ ୱାନରେ ପାସ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ସ୍ୱୟାସ ସାମଲ ୬୦୦ ରୁ ୫୫୮ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିଭଳି ଭାବେ ୯୧.୦୫ ପ୍ରତିଶତ ଆୟୁସ କୁମାର ରଥ ଦ୍ୱିତୀୟ ଏବଂ ୯୦ ପ୍ରତିଶତ ରଖି ଓମ ପ୍ରକାଶ ପଣ୍ଡା ହବାକ ହାଇସ୍କୁଲରେ ତୃତୀୟ ସ୍ଥାନରେ ରହିଛନ୍ତି। ହାଇସ୍କୁଲର ମୋଟ ୧୧୪ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୧୧୧ ଜଣ ଅର୍ଥାତ ଶତକଡା ୯୭.୭୦ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଇଂରେଜ ଅମଳରୁ ଏହି ସ୍କୁଲରେ ଅନେକ ସଫଳତା ଲାଭ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ବେଳେ ଏବେ ମଧ ଏହି ଧାରା ବଜାଏ ରହିଛି। ବହୁ ପୂରାତନ ଏହି ଶିକ୍ଷାନୁଷ୍ଠାନ ରୂପରେଖ ବଦଳିବା ସହିତ ଏକ ସ୍ୱଚ୍ଛ, ସୁନ୍ଦର, ଉତ୍ତମ ବାତାବରଣ ରେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ରହିଛି। ଯାହା ଛାତ୍ରମାନଙ୍କୁ ଶିକ୍ଷା ଗ୍ରହଣରେ ସହାୟକ ହୋଇଥିବା ବେଳେ ସଫଳତାର ଚାବିକାଠି ହୋଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀଙ୍କ କଠିନ ପରିଶ୍ରମ ଉତ୍ତମ ଶିକ୍ଷାଦାନ କରିବାରେ ପ୍ରମୁଖ ଭୂମିକା ନେଇଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ହବାକ ହାଇସ୍କୁଲକୁ ଜିଲ୍ଲା ଶ୍ରେଷ୍ଠ ହାଇସ୍କୁଲ ଭାବେ ସମ୍ମାନୀତ କରାଯାଇ ଥିବାରୁ ସେ ସକାଳ ଓ ନନ୍ଦଘୋଷ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ବାସଗୃହ ମିଳୁନି**

# ଝାଟିମାଟି କୁଡ଼ିଆରେ ଦିନ କାଟୁଛନ୍ତି ଯୋଗ୍ୟ ହିତାଧିକାରୀ



**ଫିରିଙ୍ଗିଆ, ୨୯।୫(ସମିସ):** କେନ୍ଦ୍ର ଏବଂ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରି ପକ୍କା ଘରସବୁ ଦେଉଛନ୍ତି। ହେଲେ ଯେଉଁମାନେ ପ୍ରକୃତ ହିତାଧିକାରୀ ସେମାନେ ଏବେ ବି ଭଙ୍ଗା କୁଡ଼ିଆ ଓ ବିପଦ ସଂକୁଳ ଘରେ କାଳ କାଟୁଥିବା ବେଳେ ମଧ୍ୟବିତ ଶ୍ରେଣୀର ଲୋକେ ଏହି ଯୋଜନାର ଭରପୁର ଫାଇଦା ଉଠାଉଥିବା ଦେଖିବାକୁ ମିଳୁଛି। ଗରିବ ଅସହାୟ ଲୋକେ ପଞ୍ଚାୟତ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଇଁ ଧାଇଁ ହତାଶ ହୋଇପଡୁଛନ୍ତି କିନ୍ତୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଦିଆଯାଉନାହିଁ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୋଏରମାଣ୍ଡୁ ପଞ୍ଚାୟତ ଅନ୍ତର୍ଗତ ଗ୍ଲୋଟ ଗ୍ରାମର ଦିନ କହଁର(୬୩) ଶ୍ରମିକ ଭାବେ କାମ କରି ପରିବାର ଚଳାଉଛନ୍ତି। ପରିବାରରେ ୬ ସଦସ୍ୟ ରହିଛନ୍ତି। ସ୍ୱାମୀ ସ୍ତ୍ରୀ ସାଙ୍ଗକୁ ଚାରି ଝିଅ। ଦମ୍ପତିଙ୍କୁ ଘାରିଛି ଏବେ ଝିଅଙ୍କ ବିବାହ ଚିନ୍ତା। ଏପରି ପରିସ୍ଥିତିରେ ସେମାନେ ଘର ତୋଳିବେ ବା କେମିତି? ଦିନ ତମାମ ଖଟି ଖଟି ଯାହା କିଛି ବି ରୋଜଗାର କରନ୍ତି ସେଥିରେ ସେମାନଙ୍କ ପେଟ ପାଇଁ ଦାନା ଯୋଗାଡ଼ ହୋଇପାରୁନି। ଘର କଥା ପୁଣି ଚିନ୍ତା କରିବେ କେତେବେଳେ? ବର୍ଷ ବର୍ଷ ଧରି ୬ ପ୍ରାଣୀ ଭଙ୍ଗାରୁଜା କୁଡ଼ିଆ ଘରେ ଦିନ କାଟୁଛନ୍ତି। ସରକାର ଗରିବ ଲୋକଙ୍କୁ ପକ୍କା ଘର ଦେଉଥିବା ଖବର ପାଇବା ପରେ ମନରେ ସେ ଆଶା ବାନ୍ଧିଥିଲେ ପକ୍କା ଘର ମିଳିବ ବୋଲି। ହେଲେ ପକ୍କାଘର ସେମାନଙ୍କ ପାଇଁ ଦିବାସ୍ୱପ୍ନ ସଦୃଶ୍ୟ ହୋଇଛି। ସରପଞ୍ଚ ଠାରୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ଦରଖାସ୍ତ କରି ଥକି ଗଲେଣି ଦିନ କହଁର। କିଏ ହେଲେ ଦିନଙ୍କ ଦୁର୍ଦଶାକୁ ଦେଖି ପାରୁ ନ ଥିବା ଅଭିଯୋଗ ହେଉଛି। କର୍ତ୍ତୃପକ୍ଷ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କଲେ ଫିରିଙ୍ଗିଆ ବ୍ଲକରେ ଏହି ଯୋଜନା ସଫଳ ହେବ ବୋଲି କୁହାଯାଉଛି।

# ପାଞ୍ଚ ପଞ୍ଚାୟତରେ ଋତୁସ୍ରାବ ସଚେତନତା ସପ୍ତାହ



**ଫିରିଙ୍ଗିଆ, ୨୯।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛପଡ଼ା ଥାନା ଅର୍ନ୍ତଗତ ବାଲନ୍ଦାପଡ଼ା, ଲୁଇସିଂ, ପାହିରାଜୁ, କୋଇରୀମାଣ୍ଡୁ ଓ ପକାରୀ ପଞ୍ଚାୟତର ୨୫ ଗ୍ରାମରେ ଚଳିତ ମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଋତୁସ୍ରାବ ସଚେତନତା ସପ୍ତାହ ସ୍ୱାତୀ ଅନୁଷ୍ଠାନର ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟସ୍ତରରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଋତୁସ୍ରାବ ସମ୍ପର୍କରେ ରହିଥିବା ଅନ୍ଧବିଶ୍ୱାସ, କୁପ୍ରଥା ଓ ପରିଚ୍ଛନ୍ନତା ବିଷୟରେ ଆଲୋଚନା, ନାଟକ, ସଭା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଗ୍ରାମସ୍ତରରେ କିଶୋରୀ ଝିଅ ନିଜର ଅନୁଭୂତି କହିବା ସହିତ, ସମାଜରେ ହେଉଥିବା ଭେଦଭାବ ଉପରେ ଆଲୋକପାତ କରିଥିଲେ। କିଶୋରି ଝିଅ ଋତୁସ୍ରାବ ବିଷୟକୁ ନେଇ ଗୀତ, ଚିତ୍ର ଓ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଝିଅଙ୍କୁ ସାନିଟାରି ପ୍ୟାଡ ପ୍ରଦାନ କରାଯିବା ସହିତ, ଏହାର ବ୍ୟବହାର ଓ ସ୍ୱଚ୍ଛତା ଉପରେ ସଚେତନ କରାଯାଇଥିଲା। ବିଭିନ୍ନ ଗ୍ରାମର ୩୦୦ଜଣ କିଶୋରୀ ବାଳିକା କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇ ବାଳିକାଙ୍କୁ ସଚେତନ କରିଥିଲେ। କିଶୋରୀ ବାଳିକା ଲୌହ ବଟିକା ଖାଇ ରକ୍ତହୀନତା ରୁ କିପରି ମୁକ୍ତ ହେବେ ସେଥିପ୍ରତି ସଚେତନ କରାଯାଇଥିଲା। ଏହି ଗ୍ରାମ୍ୟସ୍ତରର କାର୍ଯ୍ୟକ୍ରମକୁ ସ୍ୱାତୀର କ୍ଷେତ୍ର କର୍ମୀ ମାନସ ରଞ୍ଜନ ପ୍ରଧାନ, ବିନ୍ଧ୍ୟାରାଣୀ ପ୍ରଧାନ, ରଶ୍ମିତା ଘିବାଲା, ଅନୁପମା କହଁର, ଅପରାଜିତା ଜାନି, ମାଣିକ ବେହେରା ଓ ଗୌତମ ମଲ୍ଲିକ ଏବଂ ବାଲନ୍ଦାପଡ଼ା ମା ଗୃହ ର ସଦସ୍ୟା ପରିଚାଳନା କରିଥିବା ବେଳେ, ବରିଷ୍ଠ କର୍ମୀ ପ୍ରଦୀପ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ସ୍ୱାତୀର ସମ୍ପାଦକ ହରିଶଙ୍କର ରାଉତ ମାର୍ଗଦର୍ଶନ ଦେଇଥିଲେ।

# କାଳବୈଶାଖୀରେ ଉଡ଼ିଲା ଅଙ୍ଗନବାଡ଼ି କେନ୍ଦ୍ର, ୧୩ ପରିବାରର ଛାତ



**ଦାରିଙ୍ଗବାଡି, ୨୯।୫(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କାଟିଙ୍ଗିଆ ପଞ୍ଚାୟତ ମିଞ୍ଜାପଙ୍କା ଗ୍ରାମରେ କାଳ ବୈଶାଖ ଝଡ଼ରେ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ସହ ୧୩ ପରିବାରର ଝାଟିମାଟି ଘରର ଟିଣ ଓ ଆଜବେଷ୍ଟସ ଛପର ଉଡ଼ିଯାଇଛି। ଦେଢ଼ ଘଣ୍ଟାରୁ ଅଧିକ ସମୟ ଧରି ଝଡ଼ ତୋଫାନ ବର୍ଷା ହେବା ଯୋଗୁଁ ଘରର ଛାତ ଉଡ଼ି ଘର ଭିତରେ ପାଣି ଜମି ଆବଶ୍ୟକ କାଗଜପତ୍ର, ଆସବାବପତ୍ର ସହିତ ଧାନ ଚାଉଳ ନଷ୍ଟ ହୋଇଥିବା ଜଣାପଡ଼ିଛି। କାଳବୈଶାଖୀ ଝଡ଼ ବର୍ଷାରେ କ୍ଷତି ହୋଇଥିବା ସଦସ୍ୟ ମାନେ ହେଲେ ଅଙ୍ଗନବାଡ଼ି କେନ୍ଦ୍ର କର୍ମୀ ନିର୍ମଳା ବଳିୟାରସିଂ, ସୁକାନ୍ତି ବେହେରା, ଯଜ୍ଞଦତ୍ତ ମଲିକ, ଜତିନ୍ଦ୍ର ସଭା, ବିନୟ ନାୟକ, କାନ୍ତି ସଭାସୁନ୍ଦର, ଲିସା ମଲିକ, କୁନି ମଲିକ, ଶାଗର ମଲିକ, ଜାଗା ମଲିକ, ଫଗୁ ମଲିକ, ମୁଟା ମଲିକ, ପୂର୍ଣ୍ଣିମା ଉଠାନସିଂ ଓ କାମେଶ୍ୱର ମଲିକ। ଏହା ସହିତ ଜିଓ ଟାୱାରର ଦୁଇଟି ସୋଲାର ପ୍ଲେଟ ମଧ ଉଡି ଯାଇଛି। କାଳ ବୈଶାଖୀ ଝଡ ବର୍ଷା ଅପରାହ୍ଣ ତିନିଟା ଚାଳିଶି ମିନିଟରେ ହୋଇଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ରାଜସ୍ୱ ନିରୀକ୍ଷକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ହେଲେ ଯୋଗାଯୋଗା ହୋଇ ପାରି ନଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୦ ଟଙ୍କିଆ ଥଣ୍ଡା ପାନୀୟରେ କଣ୍ଡୋମ୍

**ମୋହନା, ୨୯।୫(ସମିସ):** ଦଶ ଟଙ୍କିଆ ଥଣ୍ଡା ପାନୀୟରେ ବାହାରିଲା କଣ୍ଡୋମ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନାରେ। ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ ଗଜପତି ଜିଲ୍ଲାରେ ମଧ ଅସହ୍ୟ ଗରମ ଅନୁଭୂତ ହେଉଛି। ସାଧାରଣ ଜନତା ହୁଅନ୍ତୁ କିମ୍ବା ଯାତ୍ରୀ ସମସ୍ତେ ତୃଷା ମେଣ୍ଟାଇବା ପାଇଁ ଥଣ୍ଡା ପାନୀୟ ପିଇବାକୁ ବାଧ ହେଉଛନ୍ତି। ଗଜପତି ଜିଲ୍ଲାର ମୋହନା ବଜାର ଓ ସାହି ଗୁଡ଼ିକରେ ଥିବା ଦୋକାନରେ ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟ ବିକ୍ରୀ ହେଉଛି। ବିଭିନ୍ନ ସମୟରେ ଥଣ୍ଡା ପାନୀୟ ବୋତଲ ଭିତରୁ କାଠିକୁଟା, ପୋକ ମାଛି ପଡ଼ିଥିବାର ନଜିର ରହିଛି। କିନ୍ତୁ ଜଣାଶୁଣା କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ୧୦ଟଙ୍କିଆ ମୃଦୁ ପାନୀୟ ଗ୍ଲୋକୋ ବୋତଲ ମଧ୍ୟରୁ କଣ୍ଡୋମ ବାହାରିବା ସ୍ଥାନୀୟ ଲୋକଙ୍କୁ ବିସ୍ମିତ କରିଛି। ମୋହନା ଖ୍ରୀଷ୍ଟିଆ। ।ନ ସାହିର ଏକ ଦୋକାନରୁ ଦୁଇ ତିନି ଜଣ ଥଣ୍ଡାପାନୀୟ ପ୍ୟାକେଟ୍ କିଣି ପିଇବା ସମୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସଙ୍ଗେ ସଙ୍ଗେ ଦୋକାନୀ ମୋହନାର ଜନୈକ ଡ଼ିଲରଙ୍କୁ ଡାକି ସମସ୍ତ ବୋତଲ ଫେରାଇ ଦେଇଥିବା କହିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହି ବାସିନ୍ଦା ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜି.ଉଦୟଗିରିରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା



**ଜି.ଉଦୟଗିରି, ୨୯ ।୫ (ସମିସ):** ଅସହ୍ୟ ତାତିରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ପଡୁଥିବା ବେଳେ ଜି. ଉଦୟଗିରିରେ ଘଡଘଡି ସହିତ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ଗ୍ରୀଷ୍ମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅସହ୍ୟ ଖରାରେ



ଜୀବନ ଜୀବିକା ପ୍ରଭାବିତ ହେଉଥିବା ବେଳେ ବର୍ଷା ଆଣିଛି ସମ୍ଭାବନା। କିନ୍ତୁ ଘଡ଼ଘଡ଼ି ଯୋଗୁ ଲୋକେ ଭୟଭୀତ ହୋଇଯାଇଥିଲେ। ବହୁ ବିଦ୍ୟୁତ ଉପକରଣ କାମ କରୁ ନ ଥିବା ନଜରକୁ ଆସିଛି। କୁର୍ମୀଙ୍ଗିଆରେ ବହୁତ ବଡ ବଡ ଗଛ ପଡ଼ିବା ସହିତ ବହୁ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। କାଳବୈଶାଖୀ ଯୋଗୁଁ ବର୍ଷାପବନ ହୋଇଥିଲା।

# ଦାରିଙ୍ଗବାଡ଼ିରେ ବ୍ଲକ୍‌ସ୍ତରୀୟ କିନ୍ନର ସମ୍ମିଳନୀ



**ଦାରିଙ୍ଗବାଡ଼ି, ୨୯।୫(ସମିସ):** କନ୍ଧମାଳ କିନ୍ନର ସଂଘ ସଭାପତି ନମିତା ପରିଡ଼ାଙ୍କ ନେତୃତ୍ୱରେ ବ୍ଲକ କିନ୍ନର ସଂଘର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସମିତିସଭ୍ୟା ରେଣୁକା ପ୍ରଧାନ, ବ୍ଲକ ମହିଳା ସମ୍ପାଦିକା ସୋନାଲି ପ୍ରଧାନ, କୋଷାଧ୍ୟକ୍ଷ ବିମଳା ପ୍ରଧାନ, ପୂର୍ବତନ ସମିତିସଭ୍ୟା ଟୁନି ମୁଖି, ମହିଳା ଉପଦେଷ୍ଟା ଲକ୍ଷ୍ମୀ ପ୍ରଧାନ, ସନ୍ଧ୍ୟାରାଣୀ ରଣଷଣ୍ଢ, ମହିଳା ଉପଦେଷ୍ଟା ନାମଜିନି ପ୍ରଧାନ ଉପସ୍ଥିତ ରହି କିହ୍ନର ସମାଜ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କିହ୍ନର ସଂଘର ସ୍ୱପ୍ନା ସିଂ, ଝୁମ୍‌କା କିନ୍ନର, ମନୀଷା କିନ୍ନର, ପାଏଲ କିନ୍ନର, ଜିନା କିନ୍ନର, ଟାନିଶା କିନ୍ନର, ଦିବ୍ୟାନସି କିନ୍ନର, ଲିନା କିନ୍ନରଙ୍କ ସମେତ କିନ୍ନର ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ କିହ୍ନର ସଂଘ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ତିନି ମାସକୁ ଥରେ ସଂଘ ପକ୍ଷରୁ ସମ୍ମିଳନୀ ଆୟୋଜିତ ହେବ। ସେଥିରେ କିନ୍ନର ସଂଘରେ ରହିଥିବା ସମସ୍ତ ସମସ୍ୟା ସମ୍ପର୍କରେଜିଲ୍ଲା ସଭାନେତ୍ରୀ ନମିତା ପରିଡ଼ାଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ହୋଇଥିଲା। କାର୍ଯ୍ୟକ୍ରମକୁ ନମିତା ପରିଡ଼ା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳ: ୧, ୬୨, ୫୬୫ ଭୋଟର ଦେଇନାହାନ୍ତି ଭୋଟ୍

ଫିରିଙ୍ଗିଆ, ୨୯।୫(ସମିସ)



କନ୍ଧମାଳ ଜିଲ୍ଲାରେ ଗତ ୨୦ ତାରିଖ ଦିନ ଶାନ୍ତି ଶୃଙ୍ଖଳାର ସହିତ ଭୋଟ ଗ୍ରହଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ମୋଟ ୫ ଲକ୍ଷ ୭୨ ହଜାର ୬୩୯ ଜଣ ଭୋଟରଙ୍କ ମଧ୍ୟରୁ ୪ ଲକ୍ଷ ୧୦ ହଜାର ୭୪ ଜଣ ଭୋଟ ଦେଇଥିବା ବେଳେ ୧ ଲକ୍ଷ ୬୨ ହଜାର ୫୬୫ ଜଣ ମତାଧିକାର ସାବ୍ୟସ୍ତ କରିନାହାନ୍ତି। ଏହାକୁ ନେଇ ତିନି ଦଳମଧ୍ୟରେ ଚିନ୍ତାର କାରଣ ହୋଇଛି। ତଥ୍ୟ ପ୍ରକାରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ମୋଟ ୧ ଲକ୍ଷ ୯୯ ହଜାର ୪୪ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୪୫ ହଜାର ୧୨୪ ଜଣ ସେମାନଙ୍କର ମତଦାନ କରିଛନ୍ତି। ମୋଟ ଭୋଟରଙ୍କ ମଧ୍ୟରୁ ୫୩ ହଜାର ୯୨୦ ଜଣ ଭୋଟ ଦେଇନାହାନ୍ତି। ସେହିଭଳି ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ୨ଲକ୍ଷ ୮ ହଜାର ୧୮୩ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୪୪ ହଜାର ୩୬୩ ଜଣ ଭୋଟ ଦେଇଛନ୍ତି। ମୋଟ ଭୋଟରଙ୍କ ମଧ୍ୟରୁ ୬୩ ହଜାର ୮୨୦ଜଣ ଭୋଟର ଭୋଟ ଦେଇନାହାନ୍ତି। ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ମୋଟ ୧ ଲକ୍ଷ ୬୫ ହଜାର ୪୧୨ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୨୦ ହଜାର ୮୮୭ ଜଣ ଭୋଟ ଦେଇଛନ୍ତି। ମୋଟ ଭୋଟରଙ୍କ ମଧ୍ୟରୁ ୪୪ ହଜାର ୮୨୫ ଜଣ ସେମାନଙ୍କର ମତଦାନ କରିନାହାନ୍ତି।

କନ୍ଧମାଳ ଜିଲ୍ଲାର ତିନୋଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ୪ ବ୍ଲକ ମଧ୍ୟରୁ ବାଲିଗୁଡ଼ା ବ୍ଲକରେ ୩୧ ହଜାର ୧୧୩ ଜଣ ଭୋଟ ଦେଇଥିବା ବେଳେ ବାଲିଗୁଡ଼ା ଏନ୍‌ଏସିରେ ୧୦ ହଜାର ୫୯ ଜଣ, କେ.ନୂଆଗାଁ ବ୍ଲକରେ ୩୦ ହଜାର ୮୭୨ ଜଣ, ତୁମୁଡ଼ିବନ୍ଧ ବ୍ଲକରେ ୨୩ ହଜାର ୧୧୧ ଏବଂ କୋଟଗଡ଼ ବ୍ଲକରେ ୨୫ ହଜାର ୪୩୨ ଜଣ ଭୋଟ ହେଇଛନ୍ତି। ସେହିଭଳି ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ୪ ବ୍ଲକ ମଧ୍ୟରୁ ଟିକାବାଲି ବ୍ଲକରେ ୩୦ ହଜାର ୬୧୧ ଜଣ ଭୋଟ ଦେଇଥିବା ବେଳେ ଜି.ଉଦୟଗିରି ବ୍ଲକରେ ୧୮ ହଜାର ୭୫୯ ଜଣ ଓ ଜି.ଉଦୟଗିରି ଏନ୍‌ଏସିରେ ୫ ହଜାର ୪୪ ଜଣ, ରାଇକିଆ ବ୍ଲକରେ ୨୮ ହଜାର ୯୪୩ ଜଣ ଏବଂ ଦାରିଙ୍ଗବାଡ଼ି ବ୍ଲକରେ ୬୧ ହଜାର ୬ ଜଣ ଭୋଟ ଦେଇଛନ୍ତି। ସେହିଭଳି ଫୁଲବାଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ ବ୍ଲକ ମଧ୍ୟରୁ ଫିରିଙ୍ଗିଆ ବ୍ଲକରେ ୪୮ ହଜାର ୨୮୮ ଜଣ ଭୋଟ ପ୍ରଦାନ କରିଥିବା ବେଳେ ଖଜୁରିପଡ଼ା ବ୍ଲକରେ ୩୦ ହଜାର ୨୨୬ ଜଣ, ଚକାପାଦ ବ୍ଲକରେ ୨୬ ହଜାର ୭୪୪ ଜଣ, ଫୁଲବାଣୀ ବ୍ଲକରେ ୨୩ ହଜାର ୪୪୩ ଜଣ ଏବଂ ଫୁଲବାଣୀ ପୌର ପରିଷଦରେ ୧୬ ହଜାର ୪୨୩ ଜଣ ମତଦାନ କରିଥିବା ପ୍ରକାଶ। ତେବେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳିରେ ତିନି ଦଳ ମଧ୍ୟରେ ମୁହାଁମୁହିଁ ଲଢେଇ ନେଇ ଆଲୋଚନାର ଜୋର ଧରିଥିବା ବେଳେ ଏବେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳିରେ ବହୁ ସଂଖ୍ୟରେ ମତଦାନ କମିଥିବାଯୋଗୁଁ ଏହାକୁ ନେଇ ମଧ୍ୟ ସବୁ ଦଳ ଚିନ୍ତାରେ ରହିଛନ୍ତି।

## ସୋମନାଥ ବିଜ୍ଞାନ କଲେଜର ସଫଳତା




**ଧରାକୋଟ,୨୯ ।୫(ସମିସ):** ସ୍ଥାନୀୟ ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପରୀକ୍ଷାରେ ବିଜ୍ଞାନ ବିଭାଗର ଛାତ୍ର ପବିତ୍ର ପ୍ରଧାନ ୫୦୪ ଓ କଳା ବିଭାଗର ଛାତ୍ରୀ ପୂଜା ସାହୁ ୫୦୪ ନମ୍ବର ରଖି ବ୍ଲକ ସ୍ତରରେ ଟପ୍ପର ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ସଫଳତା କାମନା କରାଯାଇଛି। ପ୍ରକାଶଯୋଗ୍ୟ ଚଳିତ ଫଳାଫଳରେ ବିଜ୍ଞାନରେ ୫୭ ଜଣ ଓ କଳାରେ ୨୦୩ ଜଣ ପରୀକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି।

## କୃଷ୍ଣସାର ମୃଗର ମୃତଦେହ ଉଦ୍ଧାର



**ଆସିକା,୨୯ ।୫(ସମିସ):** ଆସିକା ବନ ବିଭାଗ ଅଧିନସ୍ତ ନାରାୟଣପୁର ନାଳ ନିକଟରୁ ଏକ ପାଞ୍ଚ ବର୍ଷର କୃଷ୍ଣସାର ମୃଗର ମୃତଦେହ ଉଦ୍ଧାର ହୋଇଛି। ମୃଗଟି ପାଣି ପିଇବା ଲାଗି ରାସ୍ତା ପାର ହୋଇ ନାଳ ନିକଟରେ ପାଣି ପିଉଥିବା ବେଳେ ହଟାତ ତଳେ ପଡି ମୃତ ହୋଇଥିବା ଅନୁମାନ କରାଯାଉଛି। ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ କୃଷ୍ଣସାର ମୃଗକୁ ଉଦ୍ଧାର କରି ବ୍ୟବଛେଦ ପରେ ଜଙ୍ଗଲରେ ପୋତି ଦେଇଛି। ଗତ କିଛି ଦିନ ଧରି ପ୍ରଚଣ୍ଡ ଖରା ଯୋଗୁ ବନ୍ୟଜନ୍ତୁ ମାନେ ଅସ୍ତବ୍ୟସ୍ତ ହେଉଥିବାବେଳେ ସେମାନଙ୍କ ପିଇବା ଲାଗି ମଧ୍ୟ ପାଣି ନାହିଁ। ତେଣୁ ପାଣି ଅନ୍ୱେଷଣରେ ଆସି ମୃତ୍ୟୁମୁଖରେ ପଡୁଥିବା ଜଣାପଡିଛି।

## ଜି.ଲାବନ୍ୟା +୨ ବାଣିଜ୍ୟରେ ବ୍ଲକ୍ ଟପ୍ପର



**ଛତ୍ରପୁର,୨୯ ।୫(ସମିସ):** ଗତ ରବିବାର ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇଛି। ଏହି ଅବସରରେ ଛତ୍ରପୁର ବ୍ଲକ ଜିଏନ ପଲାମ୍ବା ଗ୍ରାମର ଛାତ୍ରୀ ଜି.ଲାବନ୍ୟା ବାଣିଜ୍ୟ ବିଭାଗରେ ଛତ୍ରପୁର ବ୍ଲକ ଟପ୍ପର ହୋଇଛନ୍ତି। ସେ ୫୦୯ ମାର୍କ ରଖି ଟପ୍ପର ହୋଇଥିବା ଜଣାପଡିଛି। ସିନ୍ଦୁରାପଲ୍ଲୀ ସ୍ଥିତ ସେଣ୍ଟ ଜୁଡ୍ କଲେଜରେ ସେ ପାଠପଢି ଏହି ସଫଳତା ହାସଲ କରିବାସହ ଗୌରବ ଆଣିପାରିଛନ୍ତି। ଆଗାମୀ ଦିନରେ ସେ ବିକମ୍ ପାଠ ପଢିବା ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ କଲେଜ ସମସ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କ ସମେତ ପରିବାର ସଦସ୍ୟଙ୍କ ଆଶିର୍ବାଦ ବୋଲି କହିଛନ୍ତି।

● ଅସହ୍ୟ ଗୁଳୁଗୁଳିରେ ଛଟପଟ ଜନଜୀବନ

## ଦାଉ ସାଧୁଛି ବିଦ୍ୟୁତ୍ ବିଭାଗ

**ବେଲଗୁଣ୍ଠା,୨୯ ।୫(ସମିସ):** ସପ୍ତାହେ ପୂର୍ବରୁ ବେଲଗୁଣ୍ଠା ଅଞ୍ଚଳରୁ ବର୍ଷା ଉଭାନ୍ ହୋଇଯାଇଥିବାବେଳେ ଏହି ଅଞ୍ଚଳର ଲୋକେ ଅସହ୍ୟ ଗୁଳୁଗୁଳିରେ ଛଟପଟ ହେଉଛନ୍ତି। ଅଞ୍ଚଳରେ ପ୍ରାୟ ସପ୍ତାହେ ଧରି ଏହି ଅବସ୍ଥା ଜାରି ରହିଛି ଓ ସପ୍ତାହର ପ୍ରଥମ ଚାରିଦିନ ଆକାଶ ମେଘୁଆ ରହିଥିଲେ ମଧ୍ୟ ବର୍ଷାର ଦେଖା ନଥିଲା। ଫଳରେ ଗୁଳୁଗୁଳି ଜାରି ରହିଥିଲା ଓ ଏବେ ତିନିଦିନ ହେବ ଖରା ବଢ଼ିବା ସହିତ ତାପମାତ୍ରା ୪୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଛି। ଯାହା ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। କିଛି ଦିନ ହେବ ରାତିରେ ମଧ୍ୟ ତାପମାତ୍ରା କମିବାର ନାଆଁ ଧରୁନି। ଫଳରେ ଲୋକଙ୍କ ପାଇଁ ଦିନର ଯନ୍ତ୍ରଣା ଠାରୁ ରାତିର ଯନ୍ତ୍ରଣା ବଢ଼ି ଯାଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ଶୋଇ ନପାରି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଛୋଟ ଶିଶୁ ଏବଂ ବୟସ୍କ ବ୍ୟକ୍ତିଙ୍କ କଷ୍ଟ କହିଲେ ନ ସରେ। ସକାଳୁ ସକାଳୁ ହିଁ ତାତି ବଢ଼ି ଯାଉଛି ଓ ପ୍ରବଳ ଗୁଳୁଗୁଳିକୁ ସାଥି ଦେଉଛି ଆଘୋଷିତ ବିଦ୍ୟୁତ୍ କାଟ। ବୁଧବାର ବେଲଗୁଣ୍ଠା ବ୍ଲକର ବିଭିନ୍ନ ଅଞ୍ଚଳରେ ଭୋର୍ ୫:୩୦ରେ ବିଦ୍ୟୁତ୍ କାଟ ହୋଇଥିଲା। ଫଳରେ ଲୋକେ ଗରମରେ ହନ୍ତସନ୍ତ ହୋଇଥିଲେ। ବ୍ଲକର ବହୁ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନଥିବା ବେଳେ କିଛି ଗ୍ରାମରେ ଲୋକେ ନଦୀ ନାଳର ଚୁଆ ନିକଟରେ ପାଣି ପାଇଁ ଉଭୟ ପୁରୁଷ ମହିଳା ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି।

# ମାନସିକଧାରୀଙ୍କ ବେଶ ଓ ମେଢ଼ ମୁଖ୍ୟ ଆକର୍ଷଣ

ରମ୍ଭା ଚନ୍ଦନ ଯାତ୍ରା



**ରମ୍ଭା,୨୯ ।୫(ସମିସ):** ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଐତିହାସିକ ରମ୍ଭା ଚନ୍ଦନ ଯାତ୍ରା ଷଷ୍ଠ ଦିନରେ ପହଁଚିଛି। ଖରା ତାତି ଓ ଗୁଳୁଗୁଳିକୁ ଭ୍ରୁକ୍ଷେପ ନ କରି ଚିରା ଚରିତ ପ୍ରଥା ଅନୁସାରେ ଯାତ୍ରା ଚାଲୁ ରହିଛି। ଦିନବେଳା ଖାଁ ଖାଁ ଦିଶୁଥିବା ବେଳେ ଅପରାହ୍ନ ୫ ଘଣ୍ଟିଆ ପରେ ଯାତ୍ରା ଦର୍ଶକଙ୍କ ଗହଳି ଚହଳି ପରିମାଣ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବୃଦ୍ଧି ପାଉଛି। ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ମଦନ ମୋହନଙ୍କୁ ସବାରୀରେ ବସାଇ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ସାହି ବସ୍ତି ପରିଭ୍ରମଣ କରାଯାଉଛି। ଯାତ୍ରାରେ ପଥପ୍ରାନ୍ତ ନାଟକ ଭଳି ବିଭିନ୍ନ ସ୍ୱେଚ୍ଛାସେବୀ, ବୈଶ୍ୟ ସଂଘ, ସମାଜସେବୀ ମାନେ ଖାଦ୍ୟ ସାମଗ୍ରୀ ମଲେଇ ଆନୁସାଙ୍ଗିକ ସାମଗ୍ରୀର ବଣ୍ଟନ କରୁଛନ୍ତି। ସେହିପରି ବିଭିନ୍ନ ମାନସିକଧାରୀ, ବାଘ ନାଚ, ବାଡ଼ି ଖେଳ, କିନ୍ନର ମାନଙ୍କ ପଦାର୍ପଣ, ଠାକୁରଙ୍କ ପରିଭ୍ରମଣ, ଘଣ୍ଟ ମୃଦଙ୍ଗ ବାଦ୍ୟର ତାଳେ ତାଳେ ଦର୍ଶକଙ୍କ ଭିଡ଼ ଯାତ୍ରାକୁ ଦ୍ୱିଗଣିତ କରୁଛି। ଏତଦ ବ୍ୟତୀତ ମିନା ବଜାର, ରାମଦୋଳି, ସୁସଜ୍ଜିତ ମେଢ଼, ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ଦର୍ଶକଙ୍କ ଦର୍ଶନ ଲାଖି ରହିଥିବା ଜଣାପଡିଛି। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ରାସ୍ତା କଡ଼ରେ ଭାରତଲୀଳା, ଘୁଡୁଖୀ, ଗୋଟି ପୁଅ ନାଚ, ରେକର୍ଡ ଡ୍ୟାନ୍ସ ପରିବେଷଣ ହେଉଛି।

# ନଳକୂଅ ଅଚଳକୁ ନେଇ ଅସନ୍ତୋଷ



**ବେଲଗୁଣ୍ଠା,୨୯ ।୫(ସମିସ):** ସାରା ରାଜ୍ୟରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣି ଟିକେ ପାଇଁ ଲୋକଙ୍କ ଠାରୁ ଆରମ୍ଭ କରି ପଶୁ ପକ୍ଷୀ ମାନେ ହନ୍ତସନ୍ତ ହେଉଛନ୍ତି। ପୋଖରୀ, କୂଅ ପାଣି ଶୁଖି ଯାଇଥିବାବେଳେ ଭୂପୃଷ୍ଠ ଜଳସ୍ତର ମଧ୍ୟ କମି ଯାଇଛି। ଫଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏଭଳି ସ୍ଥିତିରେ ଗାଁ ମାନଙ୍କ ଯେଉଁ କେତୋଟି ନଳକୂଅ ଜଳ ଯୋଗାଉଛି ସେଗୁଡ଼ିକ ମଧ୍ୟ ଅଚଳ ହୋଇପଡୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ବିଭାଗୀୟ କର୍ମଚାରୀ ଶୁଣୁନାହାନ୍ତି। ଫଳରେ ପାନୀୟ ଜଳ ସମସ୍ୟାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହି କ୍ରମରେ ବେଲଗୁଣ୍ଠା ବ୍ଲକ ଗୋବରା ପଞ୍ଚାୟତରେ ଦେଖାଦେଇଛି। ଗୋବରା ଠାରୁ ନୂଆପଡ଼ା ଯିବାର ମୁଖ୍ୟ ସଡ଼କ ନିକଟରେ ଥିବା ଏକ ନଳକୂପ ଯାହା ଅଞ୍ଚଳର ପାଣି ସମସ୍ୟା ସମାଧାନ କରିବା ସହ ମିଠା ପାଣି ବାହାରୁ ଥିଲା । ବର୍ତ୍ତମାନ ପ୍ରଚଣ୍ଡ ଖରାର ତାପ ଥିବା ସତ୍ତ୍ୱେ ଏହି ନଳକୂପଟି ସମସ୍ତଙ୍କର ସାହାରା ପାଲଟିଥିଲା। କିନ୍ତୁ କିଛି ମାସ ପୂର୍ବେ ଏହି ନଳକୂପଟି ଅଚଳ ହୋଇ ପଡ଼ିଛି। ଏନେଇ ଗ୍ରାମବାସୀ ଲିଖିତ ମାଧ୍ୟମରେ ବିଭାଗକୁ ଅବଗତ କରାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ତାର ସୁଫଳ ମିଳିନାହିଁ। ପ୍ରକାଶ ଥାଉକି ଉକ୍ତ ନଳକୂପ ପାଣି ଅତ୍ୟନ୍ତ ମଧୁର ଥିବା ହେତୁ ଅଞ୍ଚଳର ବହୁ ଲୋକ ଏହା ଉପରେ ନିର୍ଭର କରୁଛନ୍ତି କିନ୍ତୁ ନଳକୂପଟି ଅଚଳ ହୋଇଯିବା ଯୋଗୁଁ ନାନା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ବିଭାଗୀୟ କର୍ମଚାରୀ ମାନେ ଅଚଳ ନଳକୂପଟିକୁ ମରାମତି କରିବାକୁ ଦାବି ହେଉଛି।

■ ଗଞ୍ଜାମ ପୁଲିସର ସ୍ୱତନ୍ତ୍ର ଡ୍ରାଇଭ୍

## ସପ୍ତାହରେ ଶତାଧିକ ଅସାମାଜିକ ଯୁବକ ଗିରଫ

**ଛତ୍ରପୁର,୨୯ ।୫(ସମିସ):** ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି । ଗଞ୍ଜାମ ଏସପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ମାନଙ୍କରେ ପେଶାଦାର ଅପରାଧି, ବିଭିନ୍ନ ଅପରାଧି ମାମଲାରେ ଜଡିତ ହୋଇ ଫେରାର ଘଟଣାର ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହିକ୍ରମରେ ଏକ ସପ୍ତାହ ମଧ୍ୟରେ ଶତାଧିକ ଅସାମାଜିକ ବ୍ୟକ୍ତି ମାନଙ୍କୁ ବିଭିନ୍ନ ଥାନା ପକ୍ଷରୁ ଗିରଫ କରାଯାଇଛି। ଜିଲାରେ ଶାନ୍ତି ବଜାୟ ରଖିବା ଲକ୍ଷ୍ୟରେ ଏହା କରାଯାଉଛି ବୋଲି ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଏହାସହ ଗତ ଦୁଇ ଦିନ ମଧ୍ୟରେ ବିଭିନ୍ନ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ୧୪ଜଣ ଆସାମାଜିକ ଯୁବକଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ । କୋଦଳା ପୁଲିସ ପକ୍ଷରୁ ଦୁଇ ଜଣକୁ, ବୁଗୁଡା ପୁଲିସ ପକ୍ଷରୁ ଛଅ ଜଣ, ଶେରଗଡ ପୁଲିସ ପକ୍ଷରୁ ଜଣକୁ, ରମ୍ଭା ପୁଲିସ ପକ୍ଷରୁ ଦୁଇ ଜଣ, ଖଲ୍ଲିକୋଟ ପୁଲିସ ପକ୍ଷରୁ ତିନିଜଣଙ୍କୁ ଗିରଫ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇବ ଜାରି ରହିବ ବୋଲି ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଯଦି କୌଣସି ଅସାମାଜିକ ବ୍ୟକ୍ତି କିମ୍ବା ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବାର ସୂଚନା ରହିଛି ସେ ସଂପର୍କରେ ସୂଚନା ଦେବାପାଇଁ ୯୪୩୮୯୧୬୭୨୦ରେ ପଠାଇବାକୁ ଅନୁରୋଧ କରାଯାଇଛି । ଅନ୍ୟପକ୍ଷରେ ନିର୍ବାଚନ ପରେ ପରବର୍ତ୍ତୀ ହିଂସା ଘଟୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖ ପ୍ରର୍ଯ୍ୟନ୍ତ ରାତ୍ର ୮ଟା ପରେ ଚା ଦୋକାନୀ, ହୋଟେଲ ଓ ଢାବା ଗୁଡିକ ବନ୍ଦ ରଖିବାକୁ ନିର୍ଦେଶ ଦେଇଛନ୍ତି ଗଞ୍ଜାମ ଏସପି।

## କେଏସ୍ୟୁବି କଲେଜ +୨ ଛାତ୍ରଛାତ୍ରୀଙ୍କ ସଫଳତା

**ଭଞ୍ଜନଗର,୨୯ ।୫(ସମିସ):** ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀମାନେ ଭଲ ମାର୍କ ରଖି ସଫଳତା ହାସଲ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୨୯୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୧୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୬୨ଜଣ, ଦ୍ୱିତୀୟ ଶ୍ରେଣୀରେ ୭୩ଜଣ, ତୃତୀୟ ଶ୍ରେଣୀରେ ୫୧ଜଣ ଓ ୮୯ଜଣ ଫେଲ ହୋଇଛନ୍ତି। ମାନସ ରଞ୍ଜନ ଭୂୟାଁ ୫୦୯ନମ୍ବର (୮୪.୮୩%) ରଖି ଟପ୍ପର ହୋଇଥିବା ବେଳେ ସାଇ ପ୍ରସାଦ ସାହୁ ୫୦୬ନମ୍ବର (୮୪.୩୩%) ରଖି ଦ୍ୱିତୀୟ ଓ କାଶୀନାଥ ସାହୁ ୪୯୨ନମ୍ବର (୮୨%) ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୪୧ଜଣଙ୍କ ମଧ୍ୟରେ ୯୦.୨୪ପ୍ରତିଶତ ହାରରେ ୨୦ଜଣ ପ୍ରଥମ, ୬ଜଣ ଦ୍ୱିତୀୟ,୧୧ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଥିବା ବେଳେ ୪ଜଣ ଫେଲ ହୋଇଛନ୍ତି। ୫୨୧ନମ୍ବର ରଖି ବିକାଶ ସେଠୀ ଟପ୍ପର ହୋଇଥିବାବେଳେ ୪୮୮ନମ୍ବର ରଖି ବୈଷ୍ଣବୀ ଦ୍ୱିତୀୟ ଓ ୪୬୮ ରଖି ସିଏଚ ଗୋପାଳକୃଷ୍ଣ ସୁବୁଦ୍ଧି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୩୬୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୩.୨୭ପ୍ରତିଶତ ପାସ ହାରରେ ୩୬ଜଣ ପ୍ରଥମ,୪୩ଜଣ ଦ୍ୱିତୀୟ,୧୮୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ୯୭ଜଣ ଫେଲ ହୋଇଛନ୍ତି। ୪୯୦ନମ୍ବର ରଖି ସାରଥୀ ନାୟକ ଟପ୍ପର, ୪୭୫ନମ୍ବର ରଖି ପ୍ରିୟ ଦର୍ଶିନୀ ସ୍ୱାଇଁ ଓ ଦୀପକ କୁମାର ସାହୁ ଯୁଗ୍ମ ଦ୍ୱିତୀୟ ଓ ୪୭୩ରଖି ଶୃତି ବିଷୋୟୀ ତୃତୀୟ ସ୍ଥାନରେ ରହିଛନ୍ତି। ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସଙ୍କ ସମେତ ସମେତ ଅଧ୍ୟାପକ ଅଧ୍ୟାପିକା ଖୁସି ବ୍ୟକ୍ତ କରିଛନ୍ତି।

# ମତ୍ସ୍ୟଜୀବୀଙ୍କ ଶହୀଦ ଦିବସ ପାଳିତ



**ରମ୍ଭା,୨୯ ।୫(ସମିସ):** ୧୯୯୯ରେ ସୋରାନଘୋଡ଼ା ଦୌଡ ପେଣ୍ଟରେ ଚିଲିକା ବଞ୍ଚାଅ ମତ୍ସ୍ୟଜୀବୀ ବଞ୍ଚାଅ ଆହ୍ୱାନରେ ଶାସକ ଓ ପ୍ରଶାସକ ଅମାନୁଷିକ ଗୁଳି କାଣ୍ଡରେ ୫ ଜଣ ମତ୍ସ୍ୟଜୀବୀ ଶହୀଦ ହୋଇଥିଲେ। ସେମାନେ ହେଲେ ବାଞ୍ଛାନିଧି ବେହେରା, ଦିଗମ୍ବର ବେହେରା, ସୁଦର୍ଶନ ବେହେରା, ପ୍ରମିଳା ବେହେରା ଓ ଲିଙ୍ଗରାଜ ବେହେରା। ଆଜିର ଦିନରେ ମନେ ପକାଇ ଚନ୍ଦ୍ରାପୁଟ ଠାରେ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ଗଣପରିଷଦ ଆନୁକୂଲ୍ୟରେ୨୫ ତମ ଶହିଦ ଦିବସ ପାଳନ କରାଯାଇଥିଲା। ଅନୁଷ୍ଠିତ ସଭାରେ ଚିଲିକାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ମତ୍ସ୍ୟଜୀବୀଙ୍କ ମୌଳିକ ଅଧିକାର ପାଇଁ ଜୀବନ ଦେବୁ ବୋଲି ମତ୍ସ୍ୟଜୀବୀ ନେତା ତଥା ସଂଘ ସମ୍ପାଦକ ଭୀମସେନ ବେହେରା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଭଞ୍ଜକିଶୋର ବେହେରା ଉପଦେଷ୍ଟା ମଣ୍ଡଳୀ ଗୋବିନ୍ଦ ଜାଲି, ସେନାପତି ବେହେରା, ନାରାୟଣ ବେହେରା, ଧର୍ମାନନ୍ଦ କେଇ, ଦୁଃଖିଶ୍ୟାମ୍ ବେହେରା, ପ୍ରକାଶ ବେହେରା, ଗାଜଲ୍ ବେହେରା, ଗୋଲେଖ ବେହେରା ପ୍ରମୁଖ ଶହିଦ ପରିବାର, ସଙ୍ଗଠନ ଓ ଚିଲିକା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦେବକୀ ବେହେରା, ବାନମ୍ବର୍ କେଇ, ଅମନ ମଣ୍ଡଳ, ପ୍ରଦୀପ ଦାସ, ମୋହନ ବେହେରା, ରଙ୍କନାଥ ଜାଲି, ଲକ୍ଷ୍ମୀଧର ବେହେରାଙ୍କ ସମେତ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ।

● ଚିକେନ ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା

## ମୁଖ୍ୟ ଅଭିଯୁକ୍ତ ସୁନୀଲ ଗିରଫ

**ଗଞ୍ଜାମ,୨୯ ।୫(ସମିସ):** ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ହୁମ୍ମା ଫାଣ୍ଡି ଅଧିନସ୍ତ ପାଲୁର ଜଙ୍କସନର ଚିକେନ ବ୍ୟବସାୟୀ ଦୀପକ କୁମାର ନାୟକଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ସୁନୀଲ କୁମାର ନାୟକ ବୁଧବାର ପୁଲିସ ଗିରଫ କରିଛି। ତାଙ୍କ ଘର ବେଲପଡା ବୋଲି ହୁମ୍ମା ଫାଣ୍ଡି ପୁଲିସ କହିଛି। ଆକ୍ରମଣ ପର ଠାରୁ ସେ ଫେରାର ଥିଲା। ହୁମ୍ମା ଫାଣ୍ଡି ଅଧିକାରୀ ବିମଳ କଅଁର ତାଙ୍କୁ ଛତ୍ରପୁରରୁ ଗିରଫ କରିଛନ୍ତି। ଏହି ମାମଲାରେ ପୂର୍ବରୁ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ମିଶାଇ ଗିରଫ ସଂଖ୍ୟା ତିନିରେ ପହଁଚିଛି। ପ୍ରକାଶ ଯୋଗ୍ୟ ପାଲୁରୁ ଜଙ୍କସନରେ ପ୍ରାୟ ଛଅ ଜଣରୁ ଉର୍ଦ୍ଧ୍ୱ ଯୁବକ ଚିକେନ ଦୋକାନ ଠାରେ ପହଞ୍ଚି ଛୁରୀରେ ଦୀପକଙ୍କୁ ଆକ୍ରମଣ କରିଥିଲେ। ଦୋକାନ ଉପସ୍ଥିତ ଥିବା ଦୀପକଙ୍କ ବାପା ଓ ଭାଇ ପ୍ରତିବାଦ କରିବାରୁ ତାଙ୍କୁ ମଧ ମାଉଜର ଦେଖାଇ ସେଠାରୁ ଅଭିଯୁକ୍ତ ମାନେ ଚମ୍ପଟ ମାରିଥିଲେ। ଘଟଣା ପରେ ଉତ୍ତ୍ୟକ୍ତ ଲୋକ ମାନେ ହୁମ୍ମା ଫାଣ୍ଡି ଘେରାଓ କରିଥିଲେ। ସେହି ଦିନ ହିଁ ପୁଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ ଅନ୍ୟ ମୁଖ୍ୟ ଅଭିଯୁକ୍ତ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା।

ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା

## ମତ୍ସ୍ୟଜୀବୀଙ୍କ ଝିଅ ବ୍ଲକ୍ ଟପ୍ପର



**ଗଞ୍ଜାମ,୨୯ ।୫(ସମିସ):** ଜଣେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଝିଅ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ଗଞ୍ଜାମ ବ୍ଲକ ଟପ୍ପର ହୋଇଛନ୍ତି। ସେ ହେଲେ ପାଲିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡିଆରପି କଲୋନୀର ସିଏଚ ପୋଟନ୍ଦୁ ଓ ପାଇଣ୍ଡିଙ୍କ କନିଷ୍ଠ କନ୍ୟା ସି ଏଚ. ପ୍ରଭାଶିନୀ। ସେ ୬୦୦ ମାର୍କରୁ ୭୬ ପ୍ରତିଶତ ଅର୍ଥାତ ୪୬୦ ମାର୍କ ରଖିଛନ୍ତି। ସୁବଳୟା ଗୋପାଳକୃଷ୍ଣ ବିଜ୍ଞାନ ମହାବିଦ୍ୟାଳୟର ସେ ଛାତ୍ରୀ। ଏଥିପୂର୍ବରୁ ସେ ଦଶମ ଶ୍ରେଣୀ ପରୀକ୍ଷାରେ ମଧ୍ୟ ୬୦୦ରୁ ୪୭୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। କଲେଜ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାଙ୍କ ସହଯୋଗ ଓ ପିତା ମାତା, ଗୁରୁଜନ ମାନଙ୍କ ଆଶୀର୍ବାଦ ଏବଂ କଠିନ ପରିଶ୍ରମ ପାଇଁ ଏହି ସଫଳତା ପାଇଥିବା ସେ କହିଛନ୍ତି।

# ରାମଚରିତ ମାନସ କାର୍ଯ୍ୟକ୍ରମ



**ଛତ୍ରପୁର,୨୯ ।୫(ସମିସ):** ସ୍ଥାନୀୟ ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି ଗ୍ରାମରେ ନବଦିନ ବ୍ୟାପୀ ରାମଚରିତ ମାନସ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦ ଜଣ ସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସାମାଜିକ ବିଶୃଙ୍ଖଳାକୁ ରୋକିବା ଦିଗରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଦର୍ଶନ ଓ ତ୍ୟାଗ ଅବିସ୍ମରଣୀୟ ବୋଲି ସାଧୁସନ୍ଥମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ କଞ୍ଚୁରୁ ମଠ ମହନ୍ତ ତଥା ବ୍ରହ୍ମପୁର ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରିହର ଦାଶ ଅଧ୍ୟକ୍ଷତା କରିଥିଲେ। ଭାଗବତ ଭାସ୍କର ପଣ୍ଡିତ ଜଗନ୍ନାଥ ପଣ୍ଡା ନବଦିନର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ସନ୍ଥ ମଦନ ଗୋପାଳ ମହାରାଜ, ସନ୍ଥ ରାମକୃଷ୍ଣ ଦାଶ ମହାରଜା, ପରମାନନ୍ଦ ଦାଶ ମହାରାଜ, ରାଧାକାନ୍ତ ଦାଶ ମହାରାଜ, ସୁନ୍ଦର ରାମଦାଶ ମହାରାଜ, ଚିନ୍ମୟ ମିଶନର ପ୍ରଚାରକ ସ୍ୱାମୀ ଓଁକାରନନ୍ଦ ସରସ୍ୱତୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାମୀ ସଦାନନ୍ଦ ମହାରାଜ (ଜଟଣୀ) ପ୍ରବଚନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଥିବା ସାଧୁସନ୍ଥମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ନବୀନର ସଂପାଦକ ରବି ରଥ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚ ଜଣ ବିଶିଷ୍ଟ ଆଧ୍ୟାତ୍ମିକବାଦୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ଆଦିକନ୍ଦ ପାଣିଗ୍ରାହୀ (ଛତ୍ରପୁର), ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ(ଛତ୍ରପୁର), ଜି. ରଘୁନାଥ ରେଡ୍ଡୀ (କରାତଳି), ରାମକୃଷ୍ଣ ନାହାକ (ଦୁଆନପଲ୍ଲୀ) ଏବଂ ସୀମାଞ୍ଚଳ ଆଚାର୍ଯ୍ୟଙ୍କୁ ମରଣୋତ୍ତର ସମ୍ମାନ ତା'ଙ୍କ ପତ୍ନୀ ପ୍ରତିମା ଆଚାର୍ଯ୍ୟ ଗ୍ରହଣ କରିଥିଲେ। ମନୋଜ କୁମାର ପଣ୍ଡା ଓ ସତ୍ୟନାରାୟଣ ଆଚାର୍ଯ୍ୟ, ଶମ୍ଭୁନାଥ ପଣ୍ଡା, ରଞ୍ଜିତା ପଣ୍ଡାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁମାରୀ ସ୍ୱପ୍ନାରାଣୀ ଆଚାର୍ଯ୍ୟଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ବେଶ୍ ଚିତ୍ତାକର୍ଷକ ଥିଲା। ଉଦଯାପନୀ ଦିବସରେ ବଡ଼କୋଦଣ୍ଡାର ହାଡ଼ିବନ୍ଧୁ ବିଷୋୟୀଙ୍କ ଦ୍ୱାରା ମା' ବ୍ୟାଘ୍ରଦେବୀ କଣ୍ଢେଇ ଅପେରା ମାଧ୍ୟମରେ ସଂପୂର୍ଣ୍ଣ ରାମାୟଣ ପରିବେଷଣ ହେବ।

ଗଞ୍ଜେଇ ଜବତ

## ମହିଳାଙ୍କ ସମେତ ଦୁଇ ଗିରଫ



**ବ୍ରହ୍ମପୁର,୨୯ ।୫(ସମିସ):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗାଙ୍ଗପୁର ଥାନା ପୁଲିସ ଗଞ୍ଜେଇ ସହ ଜଣେ ମହିଳା ସମେତ ଜଣେ ଯୁବକଙ୍କୁ ଗିରଫ କରିଛି। ଦୁଇ ଅଭିଯୁକ୍ତ କାର ଯୋଗେ ଗଞ୍ଜେଇ ଚାଲାଣ କରୁଥିବାବେଳେ ପୁଲିସ ସେମାନଙ୍କୁ ଧରିଥିଲା। ପୂର୍ବରୁ ଗାଙ୍ଗପୁର ରାସ୍ତା ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୁଲିସ ନିକଟରେ ସୂଚନା ରହିଥିଲା। ତେଣୁ ପୁଲିସ ଟିମ୍ ଗାଙ୍ଗପୁର ରାସ୍ତାରେ ଜଗି ରହିଥିଲେ। କାର ଯୋଗେ ଚାଲାଣ ହେଉଥିବାବେଳେ ପୁଲିସ ଟିମ କାର ସହ ଗଞ୍ଜେଇ ଜବତ କରିଥିଲେ। ଜବତ ଗଞ୍ଜେଇର ଓଜନ ୭୨ କେଜି ୫ଶହ ଗ୍ରାମ ହେବ ବୋଲି ପୁଲିସ କହିଛି।

## ଉକାମ୍ବାଠାରେ ମା' ଗ୍ରାମଦେବୀଙ୍କ ଘଟପର୍ବ ଉଦ୍‌ଯାପିତ



**ରାମନାଗୁଡ଼ା,୨୯।୫(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଉକାମ୍ବାଠାରେ ୯ଦିନ ଧରି ଅନୁଷ୍ଠିତ ହୋଇଥିବା ମା' ଗ୍ରାମଦେବୀଙ୍କ ଘଟପର୍ବ ଉଦଯାପିତ ହୋଇଯାଇଛି। ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପର୍ବରେ ଚଳିତ ବର୍ଷ ଧୁମଧାମରେ ପାଳିତ ହେବା ସହ ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ ସାଙ୍ଗକୁ ମୀନାବଜାର, ଭଳିକି ଭଳି ଖାଦ୍ୟ, ଉଠା ଦୋକାନୀଙ୍କ ପସରା ଓ ବିଭିନ୍ନ ବେଶରେ ନୃତ୍ୟ ଏହି ପର୍ବକୁ ଅଧିକ ଆକର୍ଷଣୀୟ କରିଥିଲା। କେଉଁ ଦିନ ମା'ଙ୍କ ଘୁମୁରା ନାଚରେ ଆଗମନ ତ କେଉଁ ଦିନ ବେଜୁ ନାଚ ଓ ଡାମ୍ପ ନୃତ୍ୟରେ ମଣ୍ଡପରେ ମା'ଙ୍କ ସାଜସଜ୍ଜା ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଥିଲା। ଆନୁଷ୍ଠାନିକ ଭାବେ ବୁଧବାର ଏହି ପର୍ବ ଶେଷ ହେବା ସହ ଉଦଯାପନୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପର୍ବକୁ ଏମ୍ ରାଜୁ, ଅନନ୍ତ ପଣ୍ଡା, ସିଏଚ୍ ରାମାରାଓ, ଗାଙ୍ଗାରାଓ, ପି. ରମେଶ, ପି. ଶ୍ରୀନୁ, ପି. ତିରୁମାଲା, ପି. ମୁରଲୀ, ଏନ୍. ସିମାଦ୍ରୀ, କେ. ଅନନ୍ତ, ଏମ୍ ଯୋଗୀ, ଆର୍ ଶ୍ରୀନୁ ପ୍ରମୁଖ ପରିଚାଳନା କରିଥିଲେ।

## ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଚୋରି; ଜଣେ ଅଟକ

**କୁନ୍ଦୁରା,୨୯।୫(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ବିଳମ୍ବିତ ରାତିରେ ଚୋରି ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଗତ କିଛି ଦିନ ପୂର୍ବରୁ ମଧ ଦୁର୍ବୃତ୍ତମାନେ ସମାନ ଭାବରେ ଚୋରି କରି ସଫଳ ହୋଇଛନ୍ତି। ଏହାକୁ ମିଶାଇ ତିନି ଥର ଚୋରି ହୋଇଥିବାବେଳେ ପୁଲିସ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇ ତଦନ୍ତ ଆରମ୍ଭ ହୋଇଛି। ସକାଳୁ ପୁରୋହିତ ଆଳତି ନିମନ୍ତେ ଆସିଥିବାବେଳେ ହୁଣ୍ଡି ଭାଙ୍ଗି ଥିବା ଦେଖି ମନ୍ଦିର ପରିଚାଳନା କମିଟିକୁ ଖବର ଦେବା ପରେ କମିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଥିବା ଥାନା ଅଧିକାରୀ ଚିତ୍ତ ରଞ୍ଜନ ପ୍ରଧାନୀ କହିଛନ୍ତି।

## ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

**ମୁନିଗୁଡ଼ା,୨୯।୫(ସମିସ):** ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା ଫଳାଫଳରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁଣି ଥରେ ବାଜିମାତ୍ କରିଛି। ଏହି ଅନୁଷ୍ଠାନର ଛାତ୍ରୀ ରିନା ଜାକେଶିକା ସର୍ବମୋଟ ୪୮୯ ମାର୍କ ପାଇ ଅନୁସୂଚିତ



ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟ ମଧ୍ୟରେ ରାୟଗଡ଼ା ଜିଲ୍ଲାରେ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଜ୍ଞାନ କଲେଜର ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ଜିଲ୍ଲାର ସମସ୍ତ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟୁଛି।ଏହି ଅନୁଷ୍ଠାନର ସର୍ବମୋଟ ୧୧୮ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା ଦେଇଥିବାବେଳେ ୧୧୭ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇପାରିଛନ୍ତି। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୫୪ ଜଣ ଓ ତୃତୀୟ ଶ୍ରେଣୀରେ ୧୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ପାସହାର ୯୯.୧୫ ପ୍ରତିଶତ ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଅମ୍ବାଦଳାର ଏହି +୨ ଅନୁଷ୍ଠାନଟି ବିଗତ ୩ ବର୍ଷ ଧରି ରାୟଗଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆସୁଛି। ଏହି ସଫଳତା ପାଇଁ ଅନୁଷ୍ଠାନର ସମସ୍ତ ଅଧ୍ୟାପକଅଧ୍ୟାପିକାଙ୍କ ପାଇଁ ପ୍ରଶଂସାର ସୁଅ ଛୁଟୁଥିବାବେଳେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

### ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

# ଖୋଲିବ କୋରାପୁଟ ବିଇଡି କଲେଜ

**କୋରାପୁଟ, ୨୯।୫(ସମିସ):** ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷାର ଉନ୍ନତି ପାଇଁ ଅଶି ଦଶକରେ କୋରାପୁଟରେ ପ୍ରତିଷ୍ଠିତ ସରକାରୀ ବିଇଡି କଲେଜ ୪ ବର୍ଷ ବନ୍ଦ ଥିବାବେଳେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଚଳିତ ଶିକ୍ଷା ବର୍ଷରୁ ପୁନର୍ବାର କାର୍ଯ୍ୟକ୍ଷମ ହେବ। ଅଧ୍ୟାପକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଅଭାବ କାରଣରୁ ୪ ବର୍ଷ ପୂର୍ବେ ଏନସିଟିଇ, ନୂଆଦିଲ୍ଲୀ ଦ୍ୱାରା ଅନୁବନ୍ଧିତ ହୋଇପାରି ନ ଥିଲା। ତେଣୁ ଏନସିଟିଇ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିଥିଲେ। ବିଗତ ବର୍ଷମାନଙ୍କରେ କୋରାପୁଟ ବିଇଡି କଲେଜ ବ୍ୟତୀତ



ରାଜ୍ୟରେ ଅନ୍ୟ ଜିଲ୍ଲାରେ ବିଇଡି ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା। ତେଣୁ ସାଧରଣରେ ଅସନ୍ତୋଷ ଦେଖାଦେଇଥିଲା। କୋରାପୁଟରେ ବିଇଡି କଲେଜର ଗୁରୁତ୍ୱ ଉପଲବ୍ଧି କରି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କଲେଜ ଅଧ୍ୟକ୍ଷ ଡ. ଦେବେନ୍ଦ୍ର କୁମାର ସେଠୀ ଏବଂ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ତନ୍ତୀ ଦିଲ୍ଲୀ ଗସ୍ତ କରି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ଏକ ରିଟ୍ ପିଟିସନ୍ ଦାୟର କରିଥିଲେ। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଦିଲ୍ଲୀ ଏନସିଟିଇ କୋରାପୁଟ ବିଇଡି କଲେଜରେ ଚଳିତ ବର୍ଷ ୧୦୦ଟି ସିଟ୍ ଅନୁମୋଦନ କରି ନାମ ଲେଖାଇବାକୁ ଅନୁମତି ପ୍ରଦାନ କରିଛନ୍ତି।

ବିଗତ ଦିନରେ କୋରାପୁଟ ସହରର ଯୁବ ସମାଜ ବାରମ୍ବାର ଉଚ୍ଚଶିକ୍ଷା ବିଭାଗରେ ଦାବି ଉପସ୍ଥାପନା କରିଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଥିବାବେଳେ ଚଳିତ ବର୍ଷ କୋରାପୁଟ ସରକାରୀ ଡିଏଭି ବିଇଡି କଲେଜକୁ ଦିଲ୍ଲୀ ଏନସିଟିଇ ମାନ୍ୟତା ପ୍ରଦାନ କରିଛନ୍ତି। ୨୦୨୪-୨୫ ଶିକ୍ଷା ବର୍ଷରେ ବିଇଡି ପାଠ୍ୟକ୍ରମରେ ୧୦୦ଟି ସିଟରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ କୋରାପୁଟବାସୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ବର୍ତ୍ତମାନ କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ବ୍ୟବସ୍ଥା ରହିଛି। ଯାହାକି ଛାତ୍ରଛାତ୍ରୀଙ୍କୁ କଲେଜ ପରିସରରେ ରହି ପାଠ ପଢ଼ିବାରେ ସୁବିଧା ହେବ ବୋଲି ଆଲୋଚନା ହେଉଛି।

## ଗାଡ଼ି ସହ ୪୦ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**ନନ୍ଦପୁର,୨୯।୫(ସମିସ):** ସୀମାନ୍ତ ପାଡୁଆ ଅଞ୍ଚଳରୁ ମଙ୍ଗଳବାର ପାଟ୍ରୋଲିଂ ସମୟରେ ବାଇଲଗୁଡ଼ା ଛକରେ ଏକ ଗାଡ଼ି ସହ ୪୦ କିଲୋ ଗଞ୍ଜେଇ ଜବତ କରିଛି ପୁଲିସ। ସୂଚିତ ଯେ, ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଡୁଆ ଥାନା ଅନ୍ତର୍ଗତ ସୀମାନ୍ତ ପେଦା ବାଇଲ ଅଞ୍ଚଳରୁ ଦ୍ରୁତ ଗତିରେ ଏକ ଧଳା ଗାଡ଼ି ଆସୁଥିବା ନେଇ ପୁଲିସ ସନ୍ଦେହ କରି ଗାଡ଼ିକୁ ପିଛା କରି ବାଇଲଗୁଡ଼ା ଛକରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିବାବେଳେ ଗାଡ଼ି ଭିତରୁ ୪୦ କିଲୋ ଗଞ୍ଜେଇ ମିଳିଥିଲା। ପରେ ଥାନାକୁ ଆଣି ଓଜନ ପରେ ଡ୍ରାଇଭରକୁ କୋର୍ଟ ଚାଲାଣ କରିଛି ପୁଲିସ। ବ୍ୟବସାୟୀ ଜଣକ ସୁବୁଲ ସ୍ୱାମାନ ଏବଂ ତାଙ୍କ ଘର କେରଳ ରାଜ୍ୟ ମଲପୁରମ୍ ଜିଲ୍ଲା ପୁଥର ପଲ୍ଲିକା ଗ୍ରାମରେ ବୋଲି ସୂଚନା ଦେଇଛନ୍ତି ପାଡୁଆ



ଆଇଆଇସି ଅଶୋକ କୁମାର ବିଶୋଇ। ଏହି ମାମଲାରେ ତଦନ୍ତଭାର ଏସଆଇ ହିମାଂଶୁ ବେହିଆଙ୍କୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ରାଜର୍ଷି ବିକ୍ରମ ୱାକର୍ସ କ୍ଲବର ବୈଠକ




**କୋରାପୁଟ, ୨୯।୫(ସମିସ):** ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପଠାରେ ରାଜର୍ଷି ବିକ୍ରମ ୱାକର୍ସ କ୍ଲବର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗ୍ରାମାଞ୍ଚଳମାନଙ୍କରେ ୱାକର୍ସ କ୍ଲବ ପ୍ରତିଷ୍ଠା କରିବା ସହ ମାସର ଗୋଟିଏ ଦିନ ଆଖପାଖ ଗ୍ରାମକୁ ଯାଇ ଲୋକମାନଙ୍କୁ ଚାଲିବା ପାଇଁ ପ୍ରବର୍ତ୍ତାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏରିଆ ଉପସଭାପତି ଅଭିମନ୍ୟୁ ନାୟକଙ୍କ ପ୍ରେରିତ ବାର୍ତ୍ତା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ, ସଭ୍ୟ ଡମ୍ବରୁଧର ନାୟକ, ଅକ୍ରୁର ବାରିକ, ଭି. ରାବଣା, ଘନଶ୍ୟାମ ରଥଙ୍କ ସହ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ।

## ବୋରିଗୁମ୍ମାରେ ପୁଣି ବାଇକ୍ ଚୋରି

**ବୋରିଗୁମ୍ମା,୨୯।୫(ସମିସ):** ବୋରିଗୁମ୍ମାରେ କିଛି ଦିନ ବ୍ୟବଧାନରେ ପୁଣି ବାଇକ ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି। କିଛି ଦିନ ହେବ ସ୍ଥାନୀୟ ଶିବ ମନ୍ଦିର ସମ୍ମୁଖରୁ ଦିନ ଦ୍ୱିପହରେ ବାଇକ ଚୋରି ହେବା ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ପୁଣି ମଙ୍ଗଳବାର ରାତି ୮ଟାରେ ବୋରିଗୁମ୍ମା ହାଟପଦା ନିକଟସ୍ଥ ଠାକୁରାଣୀ ମନ୍ଦିର ପାର୍ଶ୍ୱରେ ମନୋଜ କୁମାର ପଣ୍ଡା ନାମକ ବ୍ୟକ୍ତିଙ୍କ ଘର ସମ୍ମୁଖରୁ କେହି ଦୁର୍ବୃତ୍ତ ତାଙ୍କର ହିରୋହଣ୍ଡା ସ୍ପ୍ଲେଣ୍ଡରକୁ ଚୋରି କରି ନେଇଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କୁ ମଧ ବୁଝାବୁଝି କରିବା ପରେ କିଛି ସୂଚନା ନ ପାଇ ବାଧ ହୋଇ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୨ ମାଟ୍ରିକ୍ ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲା ଓର୍କେଲ ପୁଲିସ



**ବାଲିମେଳା,୨୯।୫(ସମିସ):** ମାଲକାନଗିରି ଜିଲ୍ଲାରେ ଚଳିତ ବର୍ଷ ଦଶମ ପରୀକ୍ଷାରେ ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଜିଲ୍ଲାରେ ଟପ୍ପର ହୋଇ ବାଲିମେଳା ପାଇଁ ଗୌରବ ଆଣିଥିବା ୨ କୃତୀ ଛାତ୍ରଙ୍କୁ ମଙ୍ଗଳବାର ସନ୍ଧ୍ୟା ସମୟରେ ଓର୍କେଲ ପୁଲିସ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ସର୍ବୋଚ୍ଚ ମାର୍କ ରଖି ଟପ୍ପର ହୋଇଥିବା ୨ ଛାତ୍ର ହେଲେ ଚିନ୍ମୟ ପ୍ରସାଦ ପଣ୍ଡା ଓ ମହେଶ ରଞ୍ଜନ ବେହେରା। ତେବେ ଏହି ସମ୍ବର୍ଦ୍ଧନା ସଭାରେ ୨ କୃତୀ ଛାତ୍ରଙ୍କ ବାପା-ମାଆ ସହ ଥାନାର ସମସ୍ତ ଷ୍ଟାଫ୍ ଏବଂ ଥାନାଧିକାରୀ ଧୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ। ୨ ଛାତ୍ରଙ୍କୁ ଓର୍କେଲ ଥାନା ପକ୍ଷରୁ ଢେରସାରା ଶୁଭେଚ୍ଛା ଜ୍ଞାପନ ସହ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସମସ୍ତେ କାମନା କରିଥିଲେ। ପ୍ରଥମେ ଥାନାଧିକାରୀ ଶ୍ରୀ ପଟ୍ଟନାୟକ ୨ କୃତୀ ଛାତ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରିବା ସହ ସେମାନଙ୍କ ଉଚ୍ଚ ଅଧ୍ୟୟନ ନିମନ୍ତେ ପରିବାର ବର୍ଗ ସହ ଆଲୋଚନା କରିଥିଲେ। ଏଥିସହିତ ଭବିଷ୍ୟତରେ କିପରି ଜଣେ ଜଣେ ଉତ୍ତମ ନାଗରିକ ହେବା ସହ ଭଲ ପାଠପଢ଼ି ଭଲ ମଣିଷଟିଏ ହେବେ ସେନେଇ ଥାନାଧିକାରୀ ଶ୍ରୀ ପଟ୍ଟନାୟକ ଗୁରୁମନ୍ତ୍ର ଦେଇଥିଲେ।

## ଏନ୍‌ସିସି ସିଏଟିସି ଶିବିରରେ ବିଏସ୍‌ଏଫ୍‌ର ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ



**ଜୟପୁର,୨୯।୫(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ବାର୍ଷିକ ତାଲିମ ଶିବିର (ସିଏଟିସି)ରେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ପକ୍ଷରୁ ଦେଶର ସେନାବାହିନୀ ଏବଂ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ବ୍ୟବହୃତ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ଉପସ୍ଥିତ ରହିଥିବା ଏନସିସି ଛାତ୍ରଛାତ୍ରୀମାନଙ୍କୁ ରକେଟ ଲଞ୍ଚର, ମେସିନ୍ ଗନ୍, ମେଗାଜିନ୍ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ସହିତ ଏହାର ବ୍ୟବହାରକୁ ନେଇ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଶିବିରର କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରୀତି ରଞ୍ଜନ ଦାଶ, ବିଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ରୋଜେନ ସିଂ, ଏନସିସି କ୍ୟାପଟେନ ଡ. ଲକ୍ଷ୍ମଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପଛୁଆ ଅଞ୍ଚଳରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ମାଲକାନଗିରି,୨୯।୫(ସମିସ):** ମାଲକାନଗିରି ଜିଲ୍ଲାର ବିଭିନ୍ନ ପଛୁଆ ଅଞ୍ଚଳରେ ତଥା ଆଦିମ ଜନଜାତି ଅଞ୍ଚଳର ବିଭିନ୍ନ ସ୍ଥାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପାଲି ଅନ୍ତର୍ଗତ ଚାଲାଣଗୁଡ଼ା ଓ କୁଡୁମୁଲୁଗୁମ୍ମା ନିକଟସ୍ଥ ଓରିଙ୍ଗିଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ରାକେଶ କୁମାର ମୁଦୁଲି ଯୋଗଦେଇ ଆଇନସେବା ପ୍ରାଧିକରଣର ଉଦ୍ଦେଶ୍ୟ, ବିଭିନ୍ନ କାର୍ଯ୍ୟ, କ୍ଷମତା, କାର୍ଯ୍ୟ ପ୍ରଣାଳୀ, ମଧ୍ୟସ୍ଥତା ମାଧ୍ୟମରେ ମାମଲାର ଆପୋଷ ସମାଧାନ, ପକ୍ଷମାନଙ୍କୁ ନିୟମ ଅନୁଯାୟୀ ଓକିଲ ପ୍ରଦାନ,



ତହସିଲଠାରୁ ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ମାଗଣା ଆଇନସେବା ପ୍ରଦାନ, ପ୍ରତିପକ୍ଷ ଓକିଲ ବ୍ୟବସ୍ଥା-୨୦୨୨, ପୀଡ଼ିତା କ୍ଷତିପୂରଣ ବ୍ୟବସ୍ଥା, ଶିଶୁ ଓ ମହିଳା ସୁରକ୍ଷା ଆଇନ ଉପରେ ଖୁବ୍ ସରଳ ଭାବେ ବୁଝାଇ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସମାଧାନର ଉପାୟ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧିକରଣର ମୁଖ୍ୟ ଆଇନସେବା ପ୍ରତିରକ୍ଷା ଓକିଲ ତଥା ବରିଷ୍ଠ ଆଇନଜୀବୀ ଆଶୋକ ପଟ୍ଟନାୟକ, ଉପ ମୁଖ୍ୟ ଆଇନସେବା ପ୍ରତିରକ୍ଷା ଓକିଲ ରାଜେଶ ପଟ୍ଟନାୟକ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ଆଶୋକ ପଟ୍ଟନାୟକ ସମ୍ବିଧାନରେ ଥିବା ମୌଳିକ ଅଧିକାର ଓ କର୍ତ୍ତବ୍ୟ, ପୋକ୍ସୋ ଆଇନ୍, ଶିଶୁ ସୁରକ୍ଷା ସମ୍ପର୍କିତ ମନରେଗା ଆଇନ, ଖାଉଟି ସୁରକ୍ଷା ଆଇନ, ସାମାଜିକ ସୁରକ୍ଷା ସମ୍ପର୍କିତ ସରକାରୀ ଯୋଜନା, ବିଭିନ୍ନ ଶ୍ରମିକ ଆଇନ ଓ ଅନ୍ୟାନ୍ୟ ଆଇନ ଉପରେ ବୁଝାଇଥିଲେ। ଓକିଲ ରାଜେଶ ପଟ୍ଟନାୟକ ସେମାନଙ୍କ ଭାଷାରେ ସ୍ଥାନୀୟ ସମସ୍ୟା ସମ୍ପର୍କରେ ତା'ର ସମାଧାନର ବାଟ ବୁଝିଥିଲେ। ଏହା ସହ ବିଚାରପତି ସାଇ ସେବା ବୃଦ୍ଧାଶ୍ରମ ଓ ମୁକ୍ତି କିରଣ ଦିବ୍ୟାଙ୍ଗ କେନ୍ଦ୍ର ଇତ୍ୟାଦି ନିରୀକ୍ଷଣ କରି ସେମାନଙ୍କ ସୁବିଧା ଅସୁବିଧା ବୁଝି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ, ଯୁବକ, ମହିଳା, ସାମାଜିକ କର୍ମୀ, ସ୍ଥାନୀୟ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ପ୍ରମୁଖ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାଗ ନେଇଥିଲେ।

### ● ବଡ଼ ଦେବତା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ପାଡୁଆ ଟିମ୍‌କୁ ହରାଇ କୁଲାବୀର ଟିମ୍ ଚାମ୍ପିଅନ୍

**ନନ୍ଦପୁର,୨୯।୫(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆଠାରେ ବଡ଼ ଦେବତା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ରୋମାଞ୍ଚକ ଫାଇନାଲ ମ୍ୟାଚରେ ପାଡୁଆ ଟିମକୁ ହରାଇ ଚାମ୍ପିଅନ ହୋଇଛି କୁଲାବୀର କ୍ରିକେଟ ଟିମ୍। ପାଡୁଆ ଗ୍ରାମ ପଞ୍ଚାୟତର ବିଜେଡି ଯୁବ ସଭାପତି ବିଶ୍ୱନାଥ ମହାନ୍ତି ଯୋଗଦେଇ ଚାମ୍ପିଅନ୍ ଟିମକୁ ଟ୍ରଫି ପ୍ରଦାନ କରିବା ସହ ଆଗକୁ ମଧ ଏହିଭଳି ଭଲ ଖେଳ ପ୍ରଦର୍ଶନ କରିବାକୁ ପ୍ରେରଣା ଦେବା ସହ ଫାଇନାଲ ମ୍ୟାଚରେ ଭଲ ଖେଳ ପ୍ରଦର୍ଶନ କରିଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଆନନ୍ଦ କୁମାର ମହାନ୍ତି, ପାଡୁଆ ଗ୍ରାମ ପଞ୍ଚାୟତ ସମିତିସଭ୍ୟ ନୀଳକଣ୍ଠ ମାଝୀ, ଲୋକେଶ୍ୱର କାଟକମ୍, କେ. ମଣି, ଜ୍ୟୋତିରଞ୍ଜନ ମହାନ୍ତି, ହରେଶ କୁମାର ଗୁପ୍ତା, ଆନନ୍ଦ କୁମାର ମହାନ୍ତି, ନାନାଜି ବାବୁ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚରେ ଟସ୍ ଜିତି ପାଡୁଆ ଟିମ୍ ନିର୍ଦ୍ଧାରିତ ଓଭରରେ ୬୪ ରନ୍ କରିଥିବାବେଳେ ଦ୍ୱିତୀୟ ବ୍ୟାଟିଂ କରି କୁଲାବିର ଟିମ୍ ୮ ଓଭରରେ ୬୫ ରନ୍ ହାସଲ କରି ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ବୁଧବାର ପାଡୁଆ ଓ କୁଲାବିର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ରନର୍ସ ଅପ୍ ହୋଇଥିବା ପାଡୁଆ ଟିମକୁ ମନବଳ ଦୃଢ଼ କରି ଅଭ୍ୟାସ ଜାରି ରଖି ଆଗକୁ ଭଲ ପ୍ରଦର୍ଶନ କରିବାକୁ ଉପଦେଶ ଦେଇଥିଲେ ଅତିଥିମାନେ। ଫାଇନାଲ ମ୍ୟାଚରେ ଭଲ ପ୍ରଦର୍ଶନ କରି ଅନୀଲ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ସୁବାସ ଗୁଣ୍ଡା ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି। ତେବେ ଦୀର୍ଘ ସପ୍ତାହ ବ୍ୟାପୀ ବଡ଼ ଦେବତା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦର୍ଶକମାନେ ଉତ୍ତମ ଉପଭୋଗ କରାଇବା ସହ ଭାଗ ନେଇଥିବା ଟିମମାନଙ୍କ ଏକ ବନ୍ଧୁତ୍ୱ ଭାବ ସୃଷ୍ଟି ହୋଇଛି ବୋଲି କହିଛନ୍ତି ପାଡୁଆ ପଞ୍ଚାୟତ ବିଜେଡି ସଭାପତି ବିଶ୍ୱନାଥ ମହାନ୍ତି।



# ଘଟଯାତ୍ରାର ମୁଖ୍ୟ ଆକର୍ଷଣ ପାରମ୍ପରିକ ଆଦିବାସୀ ନୃତ୍ୟ

**ଗୁଣୁପୁର,୨୯।୫(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ଦୁର୍ଗମ ଭୀମପୁରଗୁଡ଼ା ଗ୍ରାମରେ ଗତ ୨୪ ତାରିଖଠାରୁ ମହାଆଡ଼ମ୍ବର ସହକାରେ ଘଟଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଘଟଯାତ୍ରା ପାଞ୍ଚଦିନ ଧରି ଜାରି ରହିଥିଲା। ପୂର୍ବ ପରମ୍ପରା ଅନୁଯାୟୀ, ପ୍ରଥମେ ଶୁଭଖୁଣ୍ଟି ସ୍ଥାପନ କରାଯାଇ ଗ୍ରାମଦେବତୀଙ୍କୁ ନିମନ୍ତ୍ରଣ କରି ଅଣାଯାଇ ଗ୍ରାମରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ଦେବୀଙ୍କୁ ସ୍ଥାପନ କରାଯାଇଥାଏ। ପର୍ବର ପ୍ରଥମ ଦିବସରେ ଗ୍ରାମ ସନ୍ଧିଠାରୁ ମା'ଙ୍କ ପାଦ ଅଣାଯାଇଥାଏ। ଦ୍ୱିତୀୟ ଦିବସଠାରୁ ଅସ୍ଥାୟୀ ମଣ୍ଡପରେ ବେଜୁଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଗ୍ରାମର ପ୍ରତ୍ୟେକ ସାହିରେ ସନ୍ଧ୍ୟା ସମୟରେ ଘଟହାଣ୍ଡି ପରିକ୍ରମା କରାଯାଇଥାଏ। ସେହି ସମୟରେ ହଳଦୀ ପାଣି ଦ୍ୱାରା ପୂଜକଙ୍କ ଗଡ଼ ଧୋଇ



ନିଜ ନିଜ ଘରକୁ ପାଛୋଟି ନେଇଥାନ୍ତି। ସେଠାରେ ପୂଜକ ପରିବାରର ମଙ୍ଗଳ ମନାସିବା ସହ ଆଶୀର୍ବାଦ ଦେଇଥାନ୍ତି। ସେହିଭଳି ଘଟହାଣ୍ଡି ଗ୍ରାମର କିଛି ଯୁବତୀ ନିଷ୍ଠାର ସହ ଉପବାସ ରହି ନିଜ ମସ୍ତକରେ ମୁଣ୍ଡେଇ ଗ୍ରାମ ପରିକ୍ରମା କରିଥାନ୍ତି। ଦେଶିଆ ବାଜାର ତାଳେ ତାଳେ ବେଜୁ ଓ ଜାନି ମିଶି ଘଟହାଣ୍ଡି ସହ ଗ୍ରାମର ପ୍ରତ୍ୟେକ ସାହିରେ ପୂଜା ପାଆନ୍ତି। ଏହାପରେ ଗ୍ରାମର ମାନସିକଧାରୀ ବ୍ୟକ୍ତି ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ମନୋରଞ୍ଜନ କରିଥାନ୍ତି। ସବୁଠୁ ଆକର୍ଷଣୀୟ ବେଜୁ ନାଚ ଓ ମାଳିଆ ବେଶଧାରୀ ଲୋକଙ୍କୁ ଆକୃଷ୍ଟ କରିଥିଲା। ଘଟ ପର୍ବର ଶେଷ ଦିବସରେ ଗ୍ରାମର ଆବାଳ ବୃଦ୍ଧ ବନିତା ମା'ଙ୍କୁ ବିଦାୟ ଦେଇଛନ୍ତି। ଦୀର୍ଘ ୧୯ ବର୍ଷ ପରେ ଚଳିତ ବର୍ଷ ଏହି ଘଟଯାତ୍ରା ପାଳନ କରାଯାଇଥିବାରୁ ଭୀମପୁରଗୁଡ଼ା ଗ୍ରାମରେ ଉତ୍ସବର ମାହୋଲ ଦେଖିବାକୁ ମିଳୁଛି। ବିଭିନ୍ନ ଆଲୋକ ରଙ୍ଗରେ ଗ୍ରାମ ଚାରିପଟେ ସଜ୍ଜିତ କରାଯାଇଥିବାବେଳେ ପାଖଆଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଆସି ମା'ଙ୍କୁ ଦର୍ଶନ କରିବା ସହ ନାଚ ଗୀତର ଆନନ୍ଦ ନେଉଛନ୍ତି। ବିଶ୍ୱାସ ରହିଛି ଯେ, ଏହି ଘଟଯାତ୍ରା ପାଳନ କରିବା ଦ୍ୱାରା ଗ୍ରାମର ମଙ୍ଗଳ ହେବା ସହ ଫସଲ ମଧ ଭଲ ହୋଇଥାଏ। ବିଶେଷ କରି ଏହି ଘଟଯାତ୍ରା ପାଇଁ ଏକ ପୂଜା କମିଟି ଗଠନ କରାଯାଇ ସମସ୍ତ କର୍ମକର୍ତ୍ତାଙ୍କୁ ଚୟନ କରି ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି। ପୂଜା କମିଟି ସଭାପତି ଭାବେ ସୁଦର୍ଶନ ଶବର, ସମ୍ପାଦକ ପଣ୍ଡୁ ସାହୁ, ସହସମ୍ପାଦକ ଭାବେ ବୁଲୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ନିମାଲପୁରୀ, କରୁଣାକର ପଣ୍ଡୁ ସାହୁ, ସୁଶାନ୍ତ ନେମାଲପୁରୀ, ସୁରେଶ ପାଢ଼ୀ, ମନୋହର ଶବର, ଶଙ୍କର ଶବର, ବସନ୍ତ ଚୌଧୁରୀ, ତୁଳସୀ ଶବର ଓ ସାମ୍ବାଦିକ ଦୁର୍ଗାପ୍ରସାଦ ପାଢ଼ୀଙ୍କ ସହ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ଚୀନ୍, ଆମେରିକାର ଚିନ୍ତା ବଢ଼ାଇଲା ରୁଷ୍

# ଭାରତରେ କରିବ ଭାସମାନ ପରମାଣୁ କେନ୍ଦ୍ର



ଭ୍ଲାଦିମିର ପୁତିନ ରୁଷର ପଞ୍ଚମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ବିଦେଶ ଯାତ୍ରା ଭାବେ ଚୀନ୍ ଗସ୍ତ କରିଥଲେ। ଏହାକୁ ପରମ ସୌଭାଗ୍ୟ ଭାବି ଚୀନ୍ ମଧ୍ୟ ପୁତିନଙ୍କ ପାଇଁ ରେଡ୍ କାର୍ପେଟ ବିଛାଇ ଭବ୍ୟ ସ୍ୱାଗତ କରିଥଲା। କିନ୍ତୁ ଚୀନ୍ ଗସ୍ତ ଶେଷ କରିବା ପରେ ପୁତିନ ଚୀନ୍‌କୁ ଯେମିତି ଝଟ୍‌କା ଦେଇଛନ୍ତି ତାହା ରେଡ୍ କାର୍ପେଟର ରଙ୍ଗ ଠାରୁ ଚୀନ୍ ମୁହଁକୁ ଆହୁରି ଅଧିକ ଲାଲ୍ କରିଦେଇଛି। କେବଳ ଚୀନ୍ ନୁହେଁ, ବିଶ୍ୱର ପ୍ରମୁଖ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଆମେରିକାର ମଧ୍ୟ ଚିନ୍ତା ବଢ଼ିଛି। ଭାରତରେ ରୁଷ ଏଭଳି ଦୁଇଟି ପ୍ରକଳ୍ପ କରିବାକୁ ବୁଝାମଣା କରିଛି ଯାହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ରୁଷ ଭାରତରେ ଭାସମାନ ପରମାଣୁ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରିଛି। ବିଶ୍ୱର କେବଳ ଏକମାତ୍ର ରାଷ୍ଟ୍ର ହେଉଛି ରୁଷିଆ ଯିଏକି ଏଭଳି ଭାସମାନ ପରମାଣୁ କେନ୍ଦ୍ର ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇପାରିଛି। ଏଭଳି ବୈଷୟିକ ବିଦ୍ୟାର ତତ୍ତ୍ୱ ନା ଆମେରିକା ପାଖରେ ଅଛି ନା ଚୀନ୍ ପାଖରେ। କିନ୍ତୁ ରୁଷ ଭାରକୁ ଏହି ବୈଷୟିକ ବିଦ୍ୟା ହସ୍ତାନ୍ତର କରି ଏଠାରେ ଆଣବିକ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ବୁଝାମଣା କରିଛି। ରୁଷିଆ ପରମାଣୁ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ଏଭଳି ଏକ ଭାସମାନ ଆଣବିକ କେନ୍ଦ୍ର ରୁଷର ଉତ୍ତର ଭାଗ ସାଇବେରିଆ ଅଞ୍ଚଳର ପେଭେଖ ସହର ନିକଟରେ ମୁତୟନ କରାଯାଇଛି। ରୁଷିଆର ପ୍ରମୁଖ ପରମାଣୁ ବୈଜ୍ଞାନିକ ମିଖେଲ ଲୋମନୋସୋଭଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ଭାସମାନ ପରମାଣୁ କେନ୍ଦ୍ର ଏକ ଜାହାଜ ଉପରେ ପ୍ରତିଷ୍ଠା କରାଯାଇଥିଲା ବେଳେ ଏହାର ନାମ ସଂପୃକ୍ତ ବୈଜ୍ଞାନିକଙ୍କ ନାମ ଅନୁସାରେ 'ଏକାଡେମିକ୍ ଲୋମନୋସୋଭ୍' ରଖାଯାଇଛି। ବିଶ୍ୱର ପ୍ରଥମ 'ଫ୍ଲୋଟିଂ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ' (ଏଫଏନପିପି) ଭାବେ ଏହି ପରମାଣୁ କେନ୍ଦ୍ରରୁ ରୁଷିଆର ବରଫାଚ୍ଛନ୍ନ ଉତ୍ତର ଭାଗକୁ ପର୍ଯ୍ୟାପ୍ତ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇପାରୁଛି। ଭାରତରେ ଏଭଳି ଏଫଏନପିପି ପ୍ରକଳ୍ପ ପ୍ରତିଷ୍ଠା ସହିତ ସ୍ଥଳଭାଗରେ ମଧ୍ୟ ଆଉ ଏକ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରିବାକୁ ରୁଷ ଆଗ୍ରହ ପ୍ରକାଶ କରିଛି। ବର୍ତ୍ତମାନ ତାମିଲନାଡୁର କୁଡାନକୁଲାମ୍‌ରେ ପ୍ରତିଷ୍ଠା କରାଯାଉଥିବା ଏକ ବୃହତ ଆଣବିକ କେନ୍ଦ୍ର ମଧ୍ୟ ରୁଷ ସହାୟତାରେ କରାଯାଉଛି। ଏହାବ୍ୟତୀତ ଏହାଠାରୁ ଆଉ ଏକ ବୃହତ ପରମାଣୁ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରିବାକୁ ରୁଷ ଭାର ସହ ବୁଝାମଣା କରିଛି। ରୁଷିଆର ପ୍ରମୁଖ ପରମାଣୁ ଶକ୍ତି କମ୍ପାନୀ ରୋସାଟମ୍ ଏଫଏନପିପି ପ୍ରକଳ୍ପ ପ୍ରତିଷ୍ଠା କରିଥିଲା ବେଳେ ଭାରତର ଆଣବିକ ଶକ୍ତି କମିସନ (ଡିଏଇ) ଅଧ୍ୟକ୍ଷ ଡ. ଅଜିତ କୁମାର ମହାନ୍ତି ରୋସାଟମ୍ କମ୍ପାନୀ ସହ ନିକଟରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ତେବେ ରୁଷ ସହାୟତାରେ ଭାରତରେ ଏଭଳି ଭାସମାନ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠାକୁ ଚୀନ୍ ଘୋର ବିରୋଧ କରିଛି। ଚୀନ୍‌କୁ ବିପଦରେ ପକାଇବା ଭଳି କୌଣସି କାର୍ଯ୍ୟ ରୁଷ କରିବା ଉଚିତ ନୁହେଁ ବୋଲି ଚୀନ୍‌ର ସରକାରୀ ମୁଖପତ୍ର 'ଦି ଗ୍ଲୋବାଲ ଟାଇମ୍ସ' ରୁଷକୁ ପରୋକ୍ଷରେ ନିଶାଣ କରି ଏକ ଅଗ୍ରଲେଖା ପ୍ରକାଶ କରିଛି। ଭାରତରେ ଏଭଳି ପ୍ରକଳ୍ପ ପ୍ରତିଷ୍ଠା ହେବା ଦ୍ୱାରା ଭାରତ ମହାସାଗରରେ ଭାରତ ବାଦ୍‌ଶାହ ହୋଇଯିବ ବୋଲି ଚୀନ୍ ଚିନ୍ତା କରୁଛି। ବିଶେଷକରି ଭାରତ ଏଭଳି ଆଣବିକ କେନ୍ଦ୍ରକୁ ଦକ୍ଷିଣ ଚୀନ୍ ସାଗରରେ ମୁତୟନ କଲେ ଏହି ଅଞ୍ଚଳରେ ଚୀନ୍‌ର ଦବଦବା ହ୍ରାସ ପାଇବା ସହିତ ଇଣ୍ଡୋନେସିଆ, ଭିଏତନାମ, କାମ୍ବୋଡିଆ ଏବଂ ଥାଇଲାଣ୍ଡ ଆଦି ରାଷ୍ଟ୍ର ଆହୁରି ଶକ୍ତିଶାଳୀ ହୋଇପଡ଼ିବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବନି। ଏହାବ୍ୟତୀତ ଭାରତ ଏହି ଭାସମାନ ପରମାଣୁ କେନ୍ଦ୍ରକୁ ଯଦି ଆଣ୍ଡାମାନ ସାଗରରେ ମୁତୟନ କରେ ତେବେ ସେଠାରେ ଭାରତୀୟ ସେନାକୁ ପର୍ଯ୍ୟାପ୍ତ ଶକ୍ତି ଉତ୍ସ ମିଳିବା ସହ ଭାରତ ଏଠାରେ ଶତ୍ରୁପକ୍ଷକୁ ମୁକାବିଲା କରିବା ଦିଗରେ ଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ସୁଯୋଗ ପାଇବ ବୋଲି ଚୀନ୍ ଚିନ୍ତାରେ ପଡିଛି।



ଓଡ଼ିଆ ବୈଜ୍ଞାନିକ ତଥା ପରମାଣୁ ଆୟୋଗ ଅଧ୍ୟକ୍ଷ ଅଜିତ୍ କୁମାର ମହାନ୍ତି

## ଚିନ୍ତାରେ ଚୀନ୍-ପାକିସ୍ତାନ

# ଭାରତ କିଣିବ ଆଉ ୨୬ଟି ରାଫେଲ

ଭାରତ ଏବଂ ଫ୍ରାନ୍ସ ସରକାରଙ୍କ ମଧ୍ୟରେ ବଡ଼ ଚୁକ୍ତି ହେବାକୁ ଯାଉଛି। ଏହି ଚୁକ୍ତି ପାକିସ୍ତାନ ଏବଂ ଚୀନ୍‌ର ଚିନ୍ତା ବଢ଼ାଇ ଦେଇଛି। ଭାରତ ନେଭି ପାଇଁ ଆଉ ୨୬ଟି ରାଫେଲ ବିମାନ କିଣିବାକୁ ଯାଉଛି। ଏଥିପାଇଁ ଫ୍ରାନ୍ସ ସହ ୫୦ ହଜାର କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର ହେବ। ଭାରତର ପ୍ରଥମ ସ୍ୱଦେଶନିର୍ମିତ ବିମାନବାହୀ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତ ପାଇଁ ୨୬ଟି ଟ୍ୱିନ୍ ଇଞ୍ଜିନ୍ ଡେକ୍-ବେସ୍‌ଡ ରାଫେଲ୍ ମେରାଇନ୍ ଫାଇଟର୍ ଏୟାର୍‌କ୍ରାଫ୍ଟ ଫ୍ରାନ୍ସଠାରୁ କିଣାଯିବା ନିମନ୍ତେ ଆପାତତଃ ସ୍ଥିର ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୱିଜିସନ୍ କାଉନ୍‌ସିଲ୍(ଡିଏସି) ଆଇଏନ୍‌ଏସ୍ ବିକ୍ରାନ୍ତ ପାଇଁ ଏହି ୨୬ ରାଫେଲ୍ ଫାଇଟର୍ ଏୟାର୍‌କ୍ରାଫ୍ଟ କ୍ରୟ ନିମନ୍ତେ ଇଣ୍ଡିଆନ୍ ନେଭିର ପ୍ରସ୍ତାବକୁ ୨୦୨୩ ଜୁଲାଇରେ ଅନୁମୋଦନ ଦେଇଥିଲା। ୨୦୨୩ ଡିସେମ୍ବରରେ ଭାରତର ଏହି ଟେଣ୍ଡର ପ୍ରତି ଫ୍ରାନସ୍ ଆଗ୍ରହ ପ୍ରକାଶ କରିଥିଲା। ତଦନୁଯାୟୀ ଫ୍ରାନ୍ସର ଏକ ପ୍ରତିନିଧି ଦଳ ଆସନ୍ତା କାଲି(୩୦ ମେ') ନୂଆଦିଲ୍ଲୀ ପହଞ୍ଚି ମୂଲଚାଲ(ନେଗୋସିଏସନ୍) ସାରି ଚୁକ୍ତି ସ୍ୱାକ୍ଷର କରି ଡିଲ୍ ଫାଇନାଲ୍ କରିବାକୁ ପ୍ରୟାସ କରିବ। ଇଣ୍ଡିଆନ୍ ନେଭିକୁ ଫ୍ରାନ୍ସ ୨୬ଟି ରାଫେଲ୍ ମେରାଇନ୍ ଫାଇଟର୍ ଏୟାର୍‌କ୍ରାଫ୍ଟ ଦେବା ସାଙ୍ଗକୁ ଏୟାରକ୍ରାଫ୍ଟଗୁଡ଼ିକ ପାଇଁ ଆବଶ୍ୟକ ଯୁଦ୍ଧାସ୍ତ୍ର, ସିମୁଲେଟର୍, ସ୍ପେୟାର୍ ପାର୍ଟସ୍, ଆନୁସଙ୍ଗିକ ଯୁଦ୍ଧ ସରଞ୍ଜାମ ଯୋଗାଇବ ଏବଂ ସେଗୁଡ଼ିକର ବ୍ୟବହାର ନେଇ ଇଣ୍ଡିଆନ୍ ନେଭି ଅଫିସରମାନଙ୍କୁ ଆବଶ୍ୟକ ତାଲିମ ଓ ଲଜିଷ୍ଟିକ୍ ସପୋର୍ଟ ଦେବ। ଭାରତ ତା'ର ନିଜସ୍ୱ ଜ୍ଞାନକୌଶଳ ଉପଯୋଗରେ ଟ୍ୱିନ୍ ଇଞ୍ଜିନ୍ ଡେକ୍-ବେସ୍‌ଡ ଫାଇଟର୍(ଟିଇଡିବିଏଫ୍) ନିର୍ମାଣ କରିବାକୁ ପ୍ରଚେଷ୍ଟା ଆରମ୍ଭ କରିସାରିଛି। ସ୍ୱଦେଶନିର୍ମିତ ପ୍ରଥମ ପ୍ରୋଟୋଟାଇପ୍ ଟିଇଡିବିଏଫ୍ ୨୦୨୬ରେ ପ୍ରଥମ ଉଡ଼ାଣ ଭରିବ ଏବଂ ୨୦୩୧ ସୁଦ୍ଧା ଭାରତ ନିଜସ୍ୱ ଟିଇଡିବିଏଫ୍ ପ୍ରଡକ୍ସନ୍ ଆରମ୍ଭ କରିବାକୁ ସକ୍ଷମ ହେବ। ତେଣୁ ୨୦୩୧ ଯାଏ ଇଣ୍ଡିଆନ୍ ନେଭିର ସମରସାମର୍ଥ୍ୟକୁ ଉଚ୍ଚା ରଖିବା ଲକ୍ଷ୍ୟରେ ଫ୍ରାନ୍ସଠାରୁ ରାଫେଲ୍ ମେରାଇନ୍ ଫାଇଟର୍ ଏୟାର୍‌କ୍ରାଫ୍ଟ ବା ରାଫେଲ- ଏମ୍ କିଣାଯାଉଛି। ଇଣ୍ଡିଆନ୍ ଏୟାରଫୋର୍ସ ପାଖରେ ଏବେ ୩୬ଟି ରାଫେଲ୍ ଯୁଦ୍ଧବିମାନ ରହିଛି। ଫ୍ରାନ୍ସଠାରୁ ନିକଟରେ ସେହି ୩୬ ରାଫେଲ ଫାଇଟର୍ ଏୟାରକ୍ରାଫ୍ଟ ୫୯ ହଜାର କୋଟି ଟଙ୍କାରେ କିଣାଯାଇଛି।

ରାଫେଲ ଚୀନ୍ ଏବଂ ପାକିସ୍ତାନ ପାଖରେ ଥିବା ବିମାନଠାରୁ ଅଧିକ ହାଲୁକା ଏବଂ ମାରାତ୍ମକ। ରାଫେଲର ଇନ୍ଧନ କ୍ଷମତା ମଧ୍ୟ ଅଧିକ। ତେଣୁ ଏହା ଅଧିକ ସମୟ ପର୍ଯ୍ୟନ୍ତ ଯୁଦ୍ଧ କରିପାରିବ। ଚୀନ୍‌ର ଜେ-୧୦ ବିମାନର ଇନ୍ଧନ କ୍ଷମତା ୮ ୯ ୫୦ ଲିଟର, ଜେ-୧୫ର ୯,୫୦୦ ଲିଟର ଏବଂ ସୁଖୋଇ-୩୦ର ୯,୪୦୦ ଲିଟର ରହିଛି। ମାତ୍ର ରାଫେଲର ଇନ୍ଧନ କ୍ଷମତା ୧୧,୨୦୨ କେଜି ରହିଛି। ଏହା ଘଣ୍ଟାପ୍ରତି ୨୨୦୫ କିମି ବେଗରେ ମଧ୍ୟ ଉଡ଼ାଣ କରିପାରିବ।





## ଦିଲ୍ଲୀରେ ଜଳ ଅପଚୟ କଲେ ୨୦୦୦ ଟଙ୍କା ଜରିମାନା

ଭୀଷଣ ଗରମ ମଧ୍ୟରେ ରାଜଧାନୀ ଦିଲ୍ଲୀରେ ଜଳ ସଙ୍କଟ ସୃଷ୍ଟି ହୋଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଜଳର ଅପଚୟ ବନ୍ଦ କରିବା ପାଇଁ ୨୦୦ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସକାଳୁ ରାତି ଯାଏ ଜଳ ନଷ୍ଟ କରୁଥିବା ଲୋକଙ୍କ ଉପରେ ନଜର ରଖିବ। କେହି ଯଦି ଜଳ ଅପଚୟ କରି ଧରା ପଡ଼ନ୍ତି ତେବେ ୨ ହଜାର ଟଙ୍କାର ଚାଲାଣ କଟାଯିବ। ଏ ନେଇ ଦିଲ୍ଲୀ ଜଳମନ୍ତ୍ରୀ ଆତିଶୀ ମର୍ଲେନା ଜଳ ବୋର୍ଡର ସିଇଓଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ଦୃଷ୍ଟି ରଖିବାକୁ ୨୦୦ ଟିମ୍ ମୁତୟନ କରିବା ପାଇଁ କହିଛନ୍ତି। ଏହି ଟିମ୍ ପାଇପରୁ କାର୍ ଧୋଉଥିବା ଲୋକ, ପାଣି ଟାଙ୍କି ଭର୍ତ୍ତି ହୋଇ ଜଳ ନଷ୍ଟ ହେଲେ ଏବଂ ନିର୍ମାଣ ତଥା ବ୍ୟାବସାୟିକ କାର୍ଯ୍ୟରେ ପାନୀୟ ଜଳ ବ୍ୟବହାର କରୁଥିବା ଲୋକଙ୍କ ଉପରେ ନଜର ରଖାଯିବ। ଗୁରୁବାର ସକାଳ ୮ ଟାରୁ ଏହି ଟିମ୍‌ଗୁଡିକୁ ମୁତୟନ କରିଦିଆଯିବ। ନିର୍ମାଣାଧୀନ କିମ୍ବା ବାଣିଜ୍ୟିକ ସାଇଟ୍‌ରେ ଲାଗିଥିବା ବେଆଇନ ପାଣି ସଂଯୋଗ କାଟିବାକୁ ଏହି ଟିମ୍‌କୁ ଅଧିକାର ମିଳିବ।

## ବାସୋପଯୋଗୀ ନୂଆ ଗ୍ରହର ସନ୍ଧାନ!

ନାସାର ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ବୈଜ୍ଞାନିକମାନେ ଏକ ନୂତନ ଗ୍ରହର ସନ୍ଧାନ କରିଛନ୍ତି। ଏହାର ଆକାର ପ୍ରାୟ ପୃଥିବୀ ପରି। ଏହା ଆମ ସୌରମଣ୍ଡଳ ନିକଟରେ ମଧ୍ୟ ରହିଛି। ଏଠାରେ ଜୀବନ ସମ୍ଭାବନା ଥାଇପାରେ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ଏହାର ନାମ ଗ୍ଲିସେ-ବି ରଖାଯାଇଛି। ଏହାକୁ ବୈଜ୍ଞାନିକ ଭାଷାରେ ଏକ୍ସଟ୍ରାସୋଲାର ଗ୍ରହ ତଥା ଏକ୍ସୋପ୍ଲାନେଟ କୁହାଯାଇଥାଏ। ଗ୍ଲିସେ-ବି ଏକ କ୍ଷୁଦ୍ର ଲାଲ ଗ୍ରହକୁ ପରିକ୍ରମା କରୁଛି। ଏହା ପୃଥିବୀଠାରୁ ପ୍ରାୟ ୪୦ ଆଲୋକ ବର୍ଷ ଦୂର ମୀନ ରାଶିରେ ରହିଛି। ନାସାର ଟ୍ରାଞ୍ଜିଟିଙ୍ଗ ଏକ୍ସୋପ୍ଲାନେଟ ସର୍ଭେ ସାଟେଲାଇଟ (ଟିଇଏସଏସ) ଏହାର ସନ୍ଧାନ କରିଛି। ଏହାର ଓସାର ପୃଥିବୀର ୧.୧ ଗୁଣ ବୋଲି ଅନୁମାନ କରାଯାଉଛି। ଏହି ଗ୍ରହରେ ୧୨.୮ ଦିନରେ ଗୋଟିଏ ବର୍ଷ ହୋଇଥାଏ। ମାତ୍ର ଏହା ସବୁବେଳେ ଶୀତଳ ରହିଥାଏ।



# ବିଶ୍ୱର ସବୁଠାରୁ ବିପଜ୍ଜନକ ବୁଡ଼ାଜାହାଜ

ବିଶ୍ୱରେ ଏବେ ୨ଟି ଯୁଦ୍ଧ ଚାଲିଛି। ରୁଷ୍-ୟୁକ୍ରେନ ଏବଂ ଇସ୍ରାଏଲ-ହମାସ୍ ମଧ୍ୟରେ ଦୀର୍ଘ ଦିନ ହେଲା ଲଢ଼େଇ ଚାଲିଛି। ଏହି ଯୁଦ୍ଧକୁ ଦେଖି ଅନ୍ୟ ଦେଶଗୁଡ଼ିକ ସତର୍କ ହୋଇଯାଇଛନ୍ତି। ଯେକୌଣସି ସମୟରେ ଶତ୍ରୁର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଅସ୍ତ୍ରଶସ୍ତ୍ର ଉତ୍ପାଦନ ବୃଦ୍ଧି କରିବାରେ ଲାଗିଛନ୍ତି। ଏବେ ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ଦେଶ ଦେଶ ମଧ୍ୟରେ ପ୍ରତିଯୋଗିତା ଲାଗିଛି। ପୁଣିଥରେ ଶୀତଳ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରେ ଆଧୁନିକ ଅସ୍ତ୍ରଶସ୍ତ୍ରକୁ ପ୍ରାଧାନ୍ୟ ଦିଆଯାଉଛି। ପାଣି ଭିତରେ ଆକ୍ରମଣକୁ ମଧ୍ୟ ଧ୍ୟାନରେ ରଖାଯାଉଛି। ତେଣୁ ବୁଡ଼ାଜାହାଜ ନିର୍ମାଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ନିର୍ମାଣରେ ରାଡ଼ାର ଧରି ପାରୁ ନ ଥିବା ଷ୍ଟିଲ୍‌ଥ ଟେକ୍ନୋଲୋଜିକୁ ପ୍ରାଧାନ୍ୟ ଦିଆଯାଉଛି। ଶତ୍ରୁର ଗଡ଼କୁ ଧ୍ୱଂସ କରିବା ପାଇଁ ଅନେକ ସମୟରେ ତାର ମୂଳଦୁଆ ଉପରେ ଆକ୍ରମଣ କରିବାକୁ ପଡ଼ିଥାଏ। ଏଭଳି ସ୍ଥିତିରେ ସମୁଦ୍ର ଅତଳ ଗର୍ଭରେ ଲୁଚି ରହିଥିବା ବୁଡ଼ାଜାହାଜ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଏପରି ସମୟରେ ବିଶ୍ୱର ବିଭିନ୍ନ ଦେଶଙ୍କ ପାଖରେ ଥିବା ଶକ୍ତିଶାଳୀ ବୁଡ଼ାଜାହାଜ ବିଷୟରେ ନିମ୍ନରେ ସୂଚନା ପ୍ରଦାନ କରାଗଲା।

### ଆମେରିକାର ସିଓଲ୍ଫ କ୍ଲାସ

ଏହା ବିଶ୍ୱର ସବୁଠାରୁ ଭଲ ଏବଂ ମହଙ୍ଗା ହଣ୍ଟର-କିଲର ବୁଡ଼ାଜାହାଜ। ଶତ୍ରୁ ନଜରରୁ ବର୍ତ୍ତି ଆକ୍ରମଣ କରିବାରେ ଆମେରିକା ସବୁଠାରୁ ଆଗରେ ରହିଛି। ଏହି ଜ୍ଞାନକୌଶଳରେ ସୋଭିଏତ ସଂଘକୁ ମଧ୍ୟ ମାତ ଦେଇ ଦେଇଛି। ସିଓଲ୍ଫ କ୍ଲାସ ବୁଡ଼ାଜାହାଜରୁ ପରମାଣୁ ଆକ୍ରମଣ ମଧ୍ୟ କରିହେବ। ଏହାର ଲମ୍ବ ୩୫୩ରୁ ୪୫୨.୮ ଫୁଟ ରହିଥାଏ। ବିମ୍ ୪୦ ଫୁଟର ଥାଏ। ଏହା ଘଣ୍ଟା ପ୍ରତି ୬୫ ବେଗରେ ଯାତ୍ରା କରିପାରେ। ଏହା ୧୬୦୦ ଫୁଟ ଗଭୀରତା ପର୍ଯ୍ୟନ୍ତ ଯାଇପାରିବ।





### ଭର୍ଜିନିଆ କ୍ଲାସ ବୁଡ଼ାଜାହାଜ

ଆମେରିକାର ଏହି ପରମାଣୁ ଇନ୍ଧନ ଚାଳିତ ବୁଡ଼ାଜାହାଜ ସିୱୁଲ୍ଫଠାରୁ କ୍ଷୁଦ୍ର ଏବଂ ଶସ୍ତା ମଧ୍ୟ। ମାତ୍ର ଏହା ଅଧିକ ଘାତକ। ଏହାର ଲମ୍ବ ୩୭୭ରୁ ୪୬୦ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ବିମ୍‌ର ଉଚ୍ଚତା ୩୪ ଫୁଟ। ଏହା ଘଣ୍ଟା ପ୍ରତି ୪୬ କିମି ବେଗରେ ଗତି କରିବାରେ ସକ୍ଷମ। ଏହା ସର୍ବାଧିକ ୮୦୦ ମିଟର ଗଭୀରତା ପର୍ଯ୍ୟନ୍ତ ଯାଇପାରିବ। ଏଥିରେ ୧୫ ଜଣ ଅଧିକାରୀ ଏବଂ ୧୨୦ ନୌସୈନିକ ରହିପାରିବେ। ଏହି ବୁଡ଼ାଜାହାଜରେ ୧୨ଟି ଟିମହକ୍ ମିସାଇଲ ଟ୍ୟୁବ୍ସ ରହିଛି।

### ଗ୍ରେନି କ୍ଲାସ୍, ରୁଷ୍

ଏହା ରୁଷ୍‌ର ଅତ୍ୟାଧୁନିକ ପରମାଣୁ କ୍ଷମତା ସମ୍ପନ୍ନ ଲଢୁଆ ବୁଡ଼ାଜାହାଜ। ଏହାର ଲମ୍ବ ୪୫୭ ଫୁଟ ଏବଂ ବିମ୍ ୪୩ ଫୁଟ। ଏହା ପାଣି ଉପରେ ଘଣ୍ଟା ପ୍ରତି ୩୭ କିମି ଏବଂ ପାଣି ଭିତରେ ୫୨ କିମି ବେଗରେ ଗତି କରିଥାଏ। ଏହା ୧୮୦୪ ଫୁଟ ଗଭୀରତାରେ ଗତି କରିପାରିବ। ସାଧାରଣତଃ ଏହା ପାଣି ଭିତରେ ୧୪୭୫ ଫୁଟରେ ଚାଲିଥାଏ। ଏଥିରେ ୬୪ରୁ ୮୫ ଜଣ ନୌସୈନିକ ରହିପାରିବେ। ଏହି ବୁଡ଼ାଜାହାଜରେ ୩୨ ଓନିକ୍ସ ଆଣ୍ଟିସିପ୍ କ୍ରୁଜ୍ ମିସାଇଲ କିମ୍ବା ୪୦ କାଲିବର ଆଣ୍ଟି ସିପ୍, ଆଣ୍ଟି-ସବ୍‌ମେରାଇନ ଏବଂ ଲ୍ୟାଣ୍ଡ ଆଟାକ କ୍ରୁଜ ମିସାଇଲ ଲଗାଯାଇପାରିବ। ଏହା ସହିତ ୧୦ ଟର୍‌ପିଡୋ ମଧ୍ୟ ରହିପାରିବ।

### ଜାପାନର ସୋରୟୁ କ୍ଲାସ୍



ଜାପାନର ମେରିଟାଇମ ସେଲ୍ ଡିଫେନ୍ସ ଫୋର୍ସେସକୁ ୨୦୦୯ରେ ସୋରୟୁ କ୍ଲାସର ପ୍ରଥମ ବୁଡ଼ାଜାହାଜ ମିଳିଥିଲା। ଏହାର ଲମ୍ବ ୨୭୫.୭ ଫୁଟ ଏବଂ ବିମ୍ ୨୯.୧୦ ଫୁଟ ରହିଛି। ଏହା ଭୂପୃଷ୍ଠରେ ଘଣ୍ଟା ପ୍ରତି ୨୪ କିମି ବେଗରେ ଏବଂ ପାଣି ଭିତରେ ୩୭ କିମି ବେଗରେ ଯାତ୍ରା କରିବାକୁ ସକ୍ଷମ। ଏହା ଥରକେ ୧୧, ୨୯୭ କିମି ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହା ଭିତରେ ୯ ଅଧିକାରୀ ଏବଂ ୫୬ ନୌସୈନିକ ରହିପାରିବେ। ଏଥିରେ ୨୧ ଇଞ୍ଚର ୬ ଟର୍‌ପିଡୋ ଟ୍ୟୁବ୍ସ ରହିଛି। ଏହା ବ୍ୟତୀତ ଟାଇପ ୮୯ ଟରପିଡୋ ଏବଂ ହାର୍ପୁନ ମିସାଇଲ ମଧ୍ୟ ଲାଗିଛି। ଏହା ସମୁଦ୍ରରେ ବାରୁଦ ସୁଡ଼ଙ୍ଗ ମଧ୍ୟ ବିଛାଇ ପାରିବ।

### ଅଷ୍ଟୁଟ କ୍ଲାସ, ବ୍ରିଟେନ

ନିକଟରେ ବ୍ରିଟେନ ରୟାଲ ନେଭିରେ ଏକ ନୂଆ ଅତ୍ୟାଧୁନିକ ଏବଂ ବିପଜ୍ଜନକ ଅଷ୍ଟୁଟ କ୍ଲାସ୍‌ର ବୁଡ଼ାଜାହାଜ ସାମିଲ ହୋଇଛି। ବ୍ରିଟେନ ପାଖରେ ଏଭଳି ୭ଟି ବୁଡ଼ାଜାହାଜ ରହିଛି। ଏହାର ଲମ୍ବ ୩୧୮.୩ ଫୁଟ ଏବଂ ବିମ୍ ୩୭.୧ ଫୁଟର। ଏଥିରେ ରୋଲ୍ସ ରୟସର ନ୍ୟୁକ୍ଲିୟର ରିଆକ୍ଟର ଇଞ୍ଜିନ ଲାଗିଛି। ୬୦୦ କିଲୋୱାଟର ଡିଜେଲ ଜେନେରେଟର ମଧ୍ୟ ରହିଛି। ଏହା ୫୬ କିମି ବେଗରେ ଯାତ୍ରା କରିପାରିବ। ତେବେ ଏହା ୯୦ ଦିନ ପର୍ଯ୍ୟନ୍ତ ପାଣି ଭିତରେ ରହିପାରିବ। ସର୍ବାଧିକ ୯୮୦ ଫୁଟ ତଳକୁ ଯାଇପାରିବ। ଏଥିରେ ୧୦୯ ଅଧିକାରୀ ଏବଂ ନୌସୈନିକ ରହିପାରିବେ। ବୁଡ଼ାଜାହାଜରେ ୨୧ ଇଞ୍ଚର ଛୋଟ ଟରପିଡୋ ଟ୍ୟୁବ୍ସ ରହିଛି। ଏହା ବ୍ୟତୀତ ୩୮ ଅସ୍ତ୍ରଶସ୍ତ୍ର ପାଇଁ ଷ୍ଟୋରେଜ ରହିଛି।



# ଚର୍ଚ୍ଚାରେ ସାଦି ଡଟ୍ କମ୍‌ର ଯୌତୁକ କାଲକୁଲେଟର୍




ଭାରତରେ ଯୌତୁକ ବା ଡାଉରି ଦିଆନିଆ ୧୯୬୧ରୁ ବ୍ୟାନ୍ ହେଲାଣି। ତେଣୁ ଜଣେ ଏକ୍ସ ୟୁଜର ଯେତେବେଳେ ଯୌତୁକ କାଲକୁଲେଟର୍ ସମ୍ପର୍କରେ ଏକ ପୋଷ୍ଟ କଲେ ତାହା ସ୍ୱାଭାବିକ ଭାବେ ବହୁସଂଖ୍ୟକ ୟୁଜର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ କାଲକୁଲେଟର୍ ଯେତେବେଳେ ଅନୁପମ ମିତ୍ତଲଙ୍କ ମାଟ୍ରିମୋନିଆଲ୍ ପୋର୍ଟାଲ୍ 'ସାଦି ଡଟ୍ କମ୍'ରେ ହୋଷ୍ଟେଡ୍ ହୋଇଛି ସେଥିରେ ଏକ ରହସ୍ୟମୟ ଭାବେ ଶକ୍ତିଶାଳୀ ଗୋପନ ବାର୍ତ୍ତା ରହିଛି ଯାହା ୟୁଜରଙ୍କ ମନକୁ ବେଶ୍ ଆନ୍ଦୋଳିତ କରିପାରୁଛି। ୟୁଜର ତାଙ୍କ ଶିକ୍ଷାଗତ ଯୋଗ୍ୟତା, ଆୟ ଆଦି ଡିଟେଲସ୍ ଭରିବାପରେ କାଲକୁଲେଟର୍ ତାଙ୍କୁ ପ୍ରଶ୍ନ କରୁଛି, କେତେ ଯୌତୁକ ପାଇବାକୁ ତୁମର ଯୋଗ୍ୟତା ଅଛି? ତା' ପରେ କାଲକୁଲେଟର୍ ଏକ ଫଟୋ ଡିସ୍‌ପ୍ଲେ କରୁଛି ଯେଉଁଥିରେ ପେସାଦାର ଭଳି ସୁଟ୍‌ବୁଟ୍‌ରେ ଥିବା ଜଣେ ଯୁବକ, ଏକ ସୁନ୍ଦର ଘରର ଛବି, ଏକ ଗ୍ଲୋବ୍, କିଛି ବହି ଏବଂ ବ୍ୟାଗ୍ ଭର୍ତ୍ତି ଟଙ୍କାର ଛବି ଦେଖିବାକୁ ମିଳୁଛି। ୟୁଜର ତା'ପରେ 'କାଲକୁଲେଟ୍ ଡାଉରି ଆମାଉଣ୍ଟ' ବଟନ୍ କ୍ଲିକ୍ କଲେ ତାହା ଏକ ପେଜ୍‌କୁ ଯାଉଛି ଯେଉଁଥିରେ ଲେଖାଅଛି, ୨୦୦୧ରୁ ୨୦୧୨ ମଧ୍ୟରେ ଭାରତରେ ୯୧ହଜାର୨୦୨ଟି ଯୌତୁକ ମୃତ୍ୟୁ ଘଟିଛି। କାଲକୁଲେଟର୍ ଏହା ପରେ ପ୍ରଶ୍ନ କରୁଛି, ଏହା ଜାଣିଲା ପରେ ବି କ'ଣ ତୁମେ ଜାଣିବାକୁ ଚାହୁଁଛ କେତେ ଯୌତୁକ ପାଇବାକୁ ତୁମର ଯୋଗ୍ୟତା ଅଛି? ଯୌତୁକ ପାଇଁ ମୃତ୍ୟୁ ଲଭିଥିବା ସେ ମହିଳାଙ୍କ ଜୀବନର ମୂଲ୍ୟ କେତେ? ଆସନ୍ତୁ, ଭାରତୀୟ ସମାଜକୁ ଯୌତୁକମୁକ୍ତ କରିବା। ଯୌତୁକ ଭାବନା ଛାଡ଼ନ୍ତୁ ଓ ପରିବର୍ତ୍ତନ ଆଣନ୍ତୁ। ଏହି ମନଛୁଆଁ ବାର୍ତ୍ତାକୁ ୟୁଜରମାନେ ବହୁତ ପସନ୍ଦ କରିଛନ୍ତି।

# ବିକାଶଙ୍କ ବାୟୋପିକ୍ ନିର୍ମାଣ କରିପାରନ୍ତି ଅମିର୍



ସର୍ବଭାରତୀୟ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଚଳାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଡ. ବିକାଶ ଦିବ୍ୟକାର୍ତ୍ତି ଏକ ଜଣାଶୁଣା ନାଁ। ସୋସିଆଲ ମିଡିଆରେ ବିକାଶଙ୍କ ମୋଟିଭେସନାଲ ଭିଡିଓଗୁଡ଼ିକ ଅନେକ ସମୟରେ ଭାଇରାଲ ହୋଇଥାଏ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ଲକ୍ଷ ଲକ୍ଷ ଅନୁଗାମୀ ଅଛନ୍ତି। ଇତିମଧ୍ୟରେ ସେ ଫିଲ୍ମରେ ମଧ୍ୟ ଡେବ୍ୟୁ କରିଛନ୍ତି। ବିକାଶ '୧୨ଥ୍ ଫେଲ୍' ଫିଲ୍ମରେ ନଜର ଆସିଥିଲେ। ଅନେକ ସମୟରେ ସେ ବଡ଼ ବଡ଼ ସେଲିବ୍ରିଟିଙ୍କ ସହ ମଧ୍ୟ ନଜର ଆସିଥାନ୍ତି। ନିକଟରେ ସେ ବଲିଉଡ଼ର ମିଷ୍ଟର ପରଫେକ୍ସନିଷ୍ଟ ଅମିର୍ ଖାନ୍‌ଙ୍କ ସହିତ କିଛି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏଥିରେ ସେ ଅମିରଙ୍କୁ ତାଙ୍କ ପ୍ରିୟ ବନ୍ଧୁ ବୋଲି ସମ୍ବୋଧନ କରିଛନ୍ତି। ବିକାଶ ଏହି ଫଟୋଗ୍ରାଫ୍ ସେୟାର୍ କରି ଲେଖିଛନ୍ତି- 'ଆଜି ଆମର ବିବାହ ବାର୍ଷିକୀ ଥିଲା। ପରିବାର ସମ୍ପର୍କୀୟ ଓ କିଛି ବନ୍ଧୁଙ୍କ ପାଇଁ ଏକ ଛୋଟ ପାର୍ଟି ରଖିଥିଲୁ। ସଂଯୋଗବଶତଃ ମୋର ପ୍ରିୟ ବନ୍ଧୁ ଅମିର୍ ଖାନ୍ ଦିଲ୍ଲୀରେ ଥିଲେ। ଆମେ ତାଙ୍କୁ ଡାକିବାରୁ ସେ ଏଠାକୁ ଆସିଥିଲେ, ସମସ୍ତଙ୍କ ହୃଦୟ ଜିଣି ନେଇଥିଲେ।' ଏବେ ଅମିର୍ ଓ ବିକାଶଙ୍କର ଏହି ଫଟୋଗୁଡ଼ିକ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ତେବେ ବିକାଶଙ୍କ ଉପରେ ଅମିର୍ ଫିଲ୍ମ ନିର୍ମାଣ କରୁଛନ୍ତି ବୋଲି ଏବେ ଦର୍ଶକେ ଅନୁମାନ ଲଗାଉଛନ୍ତି। ଏଠାରେ ପ୍ରକାଶ ଥାଉ କି, ଡ. ବିକାଶ ଦିବ୍ୟକାର୍ତ୍ତି ଦୃଷ୍ଟି ଆଇଏଏସ୍ କୋଚିଂ ସେଣ୍ଟରର ପ୍ରତିଷ୍ଠାତା। ସେ ଆଇଏଏସ୍ ଚାକିରି ଛାଡ଼ି ଏବେ ପିଲାଙ୍କୁ ପାଠ ପଢ଼ାଇ ଆଇଏଏସ୍ କରାଉଛନ୍ତି।

# ହିନ୍ଦୀ ସାମ୍ବାଦିକତା ଦିବସ



ପ୍ରତିବର୍ଷ ମେ' ୩୦ ତାରିଖକୁ ହିନ୍ଦୀ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଏ। ୧୮୨୬ ମସିହା ମେ' ୩୦ ତାରିଖରେ ହିନ୍ଦୀ ଭାଷାର ପ୍ରଥମ ଖବରକାଗଜ 'ଉଦନ୍ତ ମାର୍ତ୍ତଣ୍ଡ' ପ୍ରକାଶ ପାଇଥିଲା। ପଣ୍ଡିତ ଯୁଗଲ କିଶୋର ଶୁକ୍ଳ ଏହାକୁ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବେ ଆରମ୍ଭ କରିଥିଲେ। ସେ ଏହାର ପ୍ରକାଶକ ଓ ସମ୍ପାଦକ ଥିଲେ। ପରାଧୀନ ଭାରତବାସୀ ସେହି ସମୟରେ ନିଜ ଅଧିକାର ସ୍ୱର ଉତ୍ତୋଳନ କରିବା ଏକ ଆହ୍ୱାନ ଥିଲା। ଭାରତୀୟଙ୍କ ଅଧିକାରର ସ୍ୱର ଉତ୍ତୋଳନ କରିବା ପାଇଁ ସେ କଲିକତାରୁ ସାପ୍ତାହିକ 'ଉଦନ୍ତ ମାର୍ତ୍ତଣ୍ଡ'ର ପ୍ରକାଶନ ଆରମ୍ଭ କରିଥିଲେ। ସେହି ସମୟରେ ଇଂରାଜୀ, ଫରାସୀ, ବଙ୍ଗଳାରେ ଅନେକ ଖବରକାଗଜ ପ୍ରକାଶ ପାଉଥିଲା। କିନ୍ତୁ ହିନ୍ଦୀ ଭାଷାରେ ଗୋଟିଏ ଖବରକାଗଜ ନ ଥିଲା। ଆଠ ପୃଷ୍ଠାର ଏହି ସାପ୍ତାହିକ ଖବରକାଗଜ ପ୍ରତ୍ୟେକ ସପ୍ତାହରେ ମଙ୍ଗଳବାର ଦିନ ପାଠକମାନଙ୍କ ନିକଟରେ ପହଞ୍ଚୁଥିଲା। ଏହି ସାପ୍ତାହିକ ଖବରକାଗଜର ପ୍ରଥମ ସଂସ୍କରଣର ୫୦୦ କପି ଛପାଯାଇଥିଲା। କିନ୍ତୁ କଲିକତାରେ ହିନ୍ଦୀ ଭାଷାଭାଷୀ ପାଠକଙ୍କ ସଂଖ୍ୟା କମ୍ ଥିବାରୁ ଏହି ସମ୍ବାଦପତ୍ରକୁ ବହୁ ସଂଖ୍ୟାରେ ପାଠକ ମିଳି ନ ଥିଲେ। ସବୁଠୁ ବଡ଼ କଥା ହେଉଛି ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକୁ ଏହି ଖବରକାଗଜ ଡାକରେ ପଠାଇବା ଏକ ମହଙ୍ଗା ବ୍ୟାପାର ସାବ୍ୟସ୍ତ ହୋଇଥିଲା। ଡାକ ଦରରେ କିଛି ରିହାତି ଦେବା ପାଇଁ ଯୁଗଳ ଅନୁରୋଧ କରିଥିଲେ। ସୁଦ୍ଧା ଇଂରେଜ ସରକାର ତାଙ୍କ କଥା ଶୁଣି ନ ଥିଲେ। ଏହି ଖବରକାଗଜ ଆର୍ଥିକ ସମସ୍ୟା କାରଣରୁ ୪ ଡିସେମ୍ବର, ୧୮୨୭ରେ ବନ୍ଦ ହୋଇଯାଇଥିଲା। 'ଉଦନ୍ତ ମାର୍ତ୍ତଣ୍ଡ' ତା'ର ସ୍ୱଳ୍ପକାଳର ଅବଧି ମଧ୍ୟରେ ଏହା ସାଧାରଣ ଜନତାଙ୍କ ସ୍ୱର ହୋଇ ପାରିଥିଲା।

# ଲାଲ୍ ଜଙ୍ଗଲ
## ପ୍ରବେଶ ମନା



ପ୍ରକୃତିର ଅନବଦ୍ୟ ସୃଷ୍ଟି ଜଙ୍ଗଲ ସାଧାରଣତଃ ଚିର ସବୁଜ ହୋଇଥାଏ। କିନ୍ତୁ ଏପରି ଏକ ଜଙ୍ଗଲ ରହିଛି, ଯାହା ଦେଖିବାକୁ ସମ୍ପୂର୍ଣ୍ଣ ନାଲି। ଏହି ଜଙ୍ଗଲର ମାଟିରୁ ଆରମ୍ଭ କରି ବୃକ୍ଷଲତା ଦେଖିବାକୁ ନାଲି ରଙ୍ଗର ହୋଇଥାନ୍ତି। 'ରେଡ୍ ଫରେଷ୍ଟ' ନାମରେ ପରିଚିତ ଏହି ଜଙ୍ଗଲ ପୋଲାଣ୍ଡ, ବେଲାରୁଷ ଓ ୟୁକ୍ରେନ୍ ସୀମାବର୍ତ୍ତୀ ଅଞ୍ଚଳରେ ରହିଛି। ୧୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଜଙ୍ଗଲ ଦେବଦାରୁ ବୃକ୍ଷରେ ପୂରି ରହିଥିଲା। ଏହି ଜଙ୍ଗଲ ଏବେବି ସବୁଜ ବନାନୀ ଥିଲା। କିନ୍ତୁ, ଏକ ଦୁର୍ଘଟଣା ପରେ ଏହି ଜଙ୍ଗଲ ପୁରାପୁରି ବଦଳିଗଲା। ୨୮ ଏପ୍ରିଲ ୧୯୮୬ ମସିହାରେ ଜଙ୍ଗଲ ନିକଟରେ ଥିବା ଏକ ନ୍ୟୁକ୍ଲିୟର ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣ ହିରୋସିମା ଓ ନାଗାସାକି ବିସ୍ଫୋରଣ ଠାରୁ ୨୦ ଗୁଣା ଅଧିକ ଭୟଙ୍କର ଥିଲା। ପ୍ଲାଣ୍ଟରୁ ନିର୍ଗତ ବିପଦପୂର୍ଣ୍ଣ ରେଡିଏସନ୍ ସମ୍ପୂର୍ଣ୍ଣ ଜଙ୍ଗଲକୁ ବ୍ୟାପି ଯାଇଥିଲା। ଏହା ତତ୍‌କ୍ଷଣାତ୍ ଜଙ୍ଗଲର ମାଟି ଓ ଗଛଗୁଡ଼ିକ ସହ ମିଶି ଯାଇଥିଲା। ତେବେ ଏହି ରେଡିଏସନ୍ କାରଣରୁ ଜଙ୍ଗଲର ରଙ୍ଗ ସମ୍ପୂର୍ଣ୍ଣ ନାଲି ହୋଇଯାଇଥିଲା। ଏହି ବିଷାକ୍ତ ତତ୍ତ୍ୱ ଅଧିକ ନ ବ୍ୟାପିବା ପାଇଁ ସେଠାରେ ଥିବା ଜଙ୍ଗଲର ଗଛଗୁଡ଼ିକ କଟାଯାଇ ମାଟିତଳେ ପୋତି ଦିଆଗଲା। ଏହା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଜଙ୍ଗଲରେ ନିଆଁ ଲାଗିଲେ ସେଥିରୁ ବିଷାକ୍ତ ଧୂଆଁ ନିର୍ଗତ ହୋଇ ସ୍ଥାନୀୟ ଅଞ୍ଚଳରେ ବ୍ୟାପି ଯିବା ଆଶଙ୍କା ଥିବାରୁ ଏହାପରେ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳକୁ ଖାଲି କରି ଦିଆଗଲା। ଏଥି ସହିତ ନୂଆ ଗଛ ଜଙ୍ଗଲରେ ଲଗାଗଲା। ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବାକୁ ସାଧାରଣ ଲୋକଙ୍କୁ ନିଷେଧ କରାଯାଇଛି। ଏହି ଜଙ୍ଗଲ ବିଶ୍ୱର ସବୁଠୁ ବିଷାକ୍ତ ଜଙ୍ଗଲ ମଧ୍ୟରୁ ଗୋଟିଏ। ଏଠାରେ ନିଃଶ୍ୱାସ ନେବା ମଧ୍ୟ ମୃତ୍ୟୁକୁ ନିମନ୍ତ୍ରଣ ଦେବା ସହ ସମାନ। ରେଡିଏସନ୍ କାରଣରୁ ଏହି ଜଙ୍ଗଲର ଗଛ, ଲତା, ପତ୍ର ଆଦିକୁ ମାଟିରେ ମିଶିବାକୁ ଦୀର୍ଘ ସମୟ ଲାଗିଥାଏ। ଅବଶ୍ୟ ଜଙ୍ଗଲ ମଧ୍ୟରେ ମନୁଷ୍ୟ ପ୍ରବେଶ ନିଷେଧ ହେବାପରେ ଏଠାରେ ଜଙ୍ଗଲୀ ଜୀବଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

# ବିଶ୍ୱର ସବୁଠୁ ଛୋଟ ଜେଲ୍
## ରହିପାରିବେ ଦୁଇ କଏଦୀ

ସାଧାରଣତଃ ଜେଲ୍ କଥା ଉଠିଲେ ଏକାଧିକ କଏଦୀ ରହୁଥିବା କୋଠରିଗୁଡ଼ିକ କଥା ମନକୁ ଚାଲିଆସେ। ତେବେ ବିଶ୍ୱର ସବୁଠୁ ଛୋଟ ଜେଲ୍ ବ୍ରିଟେନ୍‌ର ଏକ ଛୋଟ ଦ୍ୱୀପରେ ରହିଛି। ସାର୍କ ଜେଲ୍ ନାମରେ ପରିଚିତ ଏହି ଜେଲ୍‌ଟି ୧୬୮ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏଠାରେ ମାତ୍ର ଦୁଇ ଜଣ କଏଦୀ ରୁହନ୍ତି। ସେବେଠାରୁ ଏଯାବତ୍ ଏହି ଜେଲ୍‌ରେ କୌଣସି ବିଶେଷ ପରିବର୍ତ୍ତନ କରାଯାଇ ନାହିଁ। ଏହି ଦ୍ୱୀପରେ ମୋଟ ୫୬୨ ଜଣ ଲୋକ ରୁହନ୍ତି। ୧୮୩୨ରେ ଅଦାଲତ ଏଠାରେ ଜେଲ୍ ନିର୍ମାଣ ପାଇଁ ଅର୍ଡର ଦେଇଥିଲେ। ତେବେ ଏହି ଜେଲ୍ ନିର୍ମାଣ ପାଇଁ ୨୪ ବର୍ଷ ଲାଗି ଯାଇଥିଲା। କାରଣ ଏହାକୁ ନିର୍ମାଣ କରିବା ପାଇଁ ଅର୍ଥ ଯୋଗାଡ଼ ହୋଇ ପାରି ନ ଥିଲା। ଏହି ଜେଲ୍‌ରେ ଦୁଇଟି କୋଠରି ଅଛି। ଗୋଟିଏ କୋଠରି ୬×୬ ଫୁଟ ହୋଇଥିବାବେଳେ ଆଉ ଗୋଟିଏ କୋଠରୀ ୬×୮ ଫୁଟ ରହିଛି। ଏହି ଜେଲ୍‌ରେ କଏଦୀଙ୍କୁ ମାତ୍ର ଦୁଇରୁ ତିନି ଦିନ ପାଇଁ ରଖାଯାଏ। ତେବେ ଏଠାରେ କୌଣସି ବଡ଼ ଧରଣର ଅପରାଧ ହେଉ ନ ଥିବାରୁ ଏଠାରେ ମାତ୍ର ଦୁଇଜଣ ପୁଲିସ୍ କର୍ମଚାରୀ ନିୟୋଜିତ ଅଛନ୍ତି। ସେଥିପାଇଁ ଏଠାରେ ମାତ୍ର ଦୁଇଟି ଜେଲ୍ କୋଠରି ରହିଛି।



# ଫ୍ୟାଶନ୍ ଶୋ'ରେ କର୍କଟ ପୀଡ଼ିତା

କର୍କଟ ଏପରି ଏକ ରୋଗ, ଯାହା ସମସ୍ତଙ୍କ ମନରେ ଛନକା ଭରିଦିଏ। ବିଶେଷକରି ଏଥିରେ ପୀଡ଼ିତ ରୋଗୀଙ୍କର ମନୋବଳ ଭାଙ୍ଗିଯିବା ସହ ଅନେକ ସମୟରେ ସେମାନେ ଅବସାଦ ଦେଇ ଗତି କରିଥାନ୍ତି। ଏହି ରୋଗ ସହ ସଂଘର୍ଷ କରୁଥିବା ବ୍ୟକ୍ତିଙ୍କ ମନୋବଳ ବୃଦ୍ଧି ପାଇଁ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମମାନ କରାଯାଏ। ଏହିକ୍ରମରେ ନିକଟରେ ଗୁଜରାଟ, ରାଜକୋଟରେ ଏପରି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯଦ୍ୱାରା କ୍ୟାନ୍ସର ରୋଗୀ ଜୀବନ ଜିଇଁବା ଦିଗରେ ଏକ ନୂଆ ଆଶା ସଂଚାର କରିଥିଲା। ରାଜକୋଟ୍‌ସ୍ଥିତ କ୍ୟାନସର କ୍ଲବ୍ ଦ୍ୱାରା କ୍ୟାନ୍ସର ଯୋଦ୍ଧାଙ୍କ ପାଇଁ ଏକ ଫ୍ୟାଶନ୍ ଶୋ'ର ଆୟୋଜନ କରାଯାଇଥିଲା। ଏହି ଶୋ'ରେ କ୍ୟାନ୍ସର୍‌କୁ ମାତ୍ ଦେଇ ନୂଆ ଜୀବନ ଆରମ୍ଭ କରିଥିବା ୮୦ ଜଣ ମହିଳା ର୍‌ୟାମ୍ପୱାକ୍ କରିଥିଲେ। ଏହି ମହିଳାମାନେ ଭାରତୀୟ ପାରମ୍ପରିକ ସହ ପାଶ୍ଚାତ୍ୟ ପୋଷାକରେ ନଜର ଆସିଥିଲେ। ଏଥିରେ ୧୯ ବର୍ଷରୁ ୭୦ ବର୍ଷ ବୟସର ମହିଳା ସାମିଲ୍ ହୋଇଥିଲେ। ଏହି ମହିଳାଙ୍କ ମଧ୍ୟରେ କିଛି ମହିଳା ଥିଲେ, ଯେଉଁମାନେ କ୍ୟାନ୍ସରର ଶେଷ ପର୍ଯ୍ୟାୟରେ ଥିଲେ ସୁଦ୍ଧା ମନୋବଳ ଭାଙ୍ଗି ନ ଥିଲେ। ଏହି ମହିଳାମାନେ ବିଭିନ୍ନ ପ୍ରକାର କର୍କଟରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ଲୋକ ଦର୍ଶକ ଗ୍ୟାଲେରୀରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ 'ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍'ରେ ସାମିଲ ହୋଇଛି ବୋଲି ଏହାର ଆୟୋଜକ ରୁପଲ କୋଟକ କହିଛନ୍ତି। ଏହାପୂର୍ବରୁ ଏଭଳି ଫେସନ୍ ଶୋ' ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଆୟୋଜିତ ହୋଇଥିଲା।



## ଆଜିର ଇତିହାସ

- ୧୩୮୧-ଇଂଲଣ୍ଡରେ କୃଷକ ବିଦ୍ରୋହ ଆରମ୍ଭ ହେଲା।
- ୧୪୯୮- କଲମ୍ବସ୍ ଆମେରିକା ଯାତ୍ରାରେ ବାହାରିଲେ।
- ୧୮୨୬- ପ୍ରଥମ ଥର ପାଇଁ ହିନ୍ଦୀ ସମ୍ବାଦପତ୍ର 'ଉଦନ୍ତ ମାର୍ତ୍ତଣ୍ଡ'ର ପ୍ରକାଶନ ଆରମ୍ଭ ହେଲା।
- ୧୯୭୫- ୟୁରୋପୀୟ ସ୍ପେସ୍ ଏଜେନ୍ସିର ପ୍ରତିଷ୍ଠା।
- ୧୯୮୭- ଗୋଆ ଭାରତର ୨୫ତମ ରାଜ୍ୟ ହେଲା।
- ୧୯୯୮- ଉତ୍ତର ଆଫଗାନିସ୍ତାନରେ ଭୂମିକମ୍ପ ଯୋଗୁଁ ୫୦୦୦ ଲୋକ ପ୍ରାଣ ହରାଇଲେ।
- ୨୦୦୮- ଆଫଗାନିସ୍ତାନର ଏକ ଜିଲ୍ଲା ଉପରେ ତାଲିବାନ କବ୍‌ଜା କଲା।
- ୨୦୧୨-ବିଶ୍ୱନାଥନ୍ ଆନନ୍ଦ ପଞ୍ଚମ ଥର ପାଇଁ ବିଶ୍ୱ ଚେସ୍ ଚାମ୍ପିୟନ୍ ହେଲେ।

# ଏହି ସ୍ୱପ୍ନ ଦେଖିବା ଶୁଭଦାୟକ

**ଆମେ ସମସ୍ତେ ସ୍ୱପ୍ନ ଦେଖିଥାଉ । ସ୍ୱପ୍ନଶାସ୍ତ୍ର ଅନୁସାରେ, ଆମେ ଦେଖୁଥିବା ସ୍ୱପ୍ନଗୁଡ଼ିକ ଭବିଷ୍ୟତ ସମ୍ପର୍କରେ ସୂଚନା ଦେଇଥାଏ। ସ୍ୱପ୍ନରେ କିଛି ଜିନିଷ ଦେଖିବା ଅତ୍ୟନ୍ତ ଶୁଭ କୁହାଯାଉଥିବାବେଳେ ଆଉ କିଛି ଅଶୁଭ ସୂଚନା ଦେଇଥାଏ। କିଛି ସ୍ୱପ୍ନ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଉଥିବା କଥା ଦର୍ଶାଉଥିବାବେଳେ ଆଉ କିଛି ସ୍ୱପ୍ନ ବିଫଳତା, ଧନହାନିର ସୂଚନା ପ୍ରଦାନ କରିଥାଏ। ତେବେ କେଉଁ ସ୍ୱପ୍ନ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ, ଆସନ୍ତୁ ଜାଣିବା...**

### ଧଳା ହାତୀ

ସ୍ୱପ୍ନରେ ଧଳା ହାତୀ ଦେଖିବା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଏହାର ଅର୍ଥ ଭବିଷ୍ୟତରେ ଧନ ପ୍ରାପ୍ତି ହେବ। ଚାକିରି ଓ ବ୍ୟବସାୟରେ ବଡ଼ ଧରଣର ସଫଳତା ମିଳିପାରେ। କେବଳ ସେତିକି ନୁହେଁ, ଉଚ୍ଚ ପଦପଦବୀ, ମାନସମ୍ମାନ ମିଳିବା ସୁଯୋଗ ରହିଥାଏ।

### ଘୋଡ଼ା ଚଢ଼ା

ସ୍ୱପ୍ନରେ ଜଣେ ଯଦି ନିଜକୁ ଘୋଡ଼ା ଉପରେ ଚଢ଼ୁଥିବାର ଦେଖନ୍ତି ତେବେ ଭବିଷ୍ୟତରେ ତାଙ୍କ କୌଣସି ବଡ଼ ଇଚ୍ଛା ପୂର୍ଣ୍ଣ ହୋଇପାରେ। ଆର୍ଥିକ ସ୍ତରରେ ଲାଭ ହେବା ସହ ବ୍ୟବସାୟ ବୃଦ୍ଧି ହୋଇପାରେ। ସେହିଭଳି ସ୍ୱପ୍ନରେ ଯଦି ଜଣେ ଘୋଡ଼ା ଉପରୁ ତଳେ ପଡ଼ିଯିବାର ଦେଖନ୍ତି, ଏହା ମାନହାନି, ଆର୍ଥିକ କ୍ଷତିକୁ ସୂଚାଇଥାଏ।

### ବର୍ଷା

ସ୍ୱପ୍ନରେ ବର୍ଷା ହେବାର ଦେଖିବା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଏହା ଜୀବନରେ ଖୁସି ଆଣିଥାଏ। ଏହାଦ୍ୱାରା ପୁରୁଣା ନିବେଶରୁ ଲାଭ ମିଳିଥାଏ। ଭଲ ଜୀବନସାଥୀ ମଧ୍ୟ ମିଳିପାରେ।

### ରକ୍ତାକ୍ତ ସଂଘର୍ଷ

ଯଦିଓ ସ୍ୱପ୍ନରେ ରକ୍ତାକ୍ତ ସଂଘର୍ଷ ଦେଖି ଡର ଲାଗିଥାଏ, କିନ୍ତୁ ଏହା ଭବିଷ୍ୟତରେ ଧନ ସମ୍ପତ୍ତି ବୃଦ୍ଧି ପାଇବାକୁ ସୂଚାଇଥାଏ। ଏହାସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଫଳ ହୋଇପାରେ।

### ଫୁଲଫଳ ଭରା ଗଛ

ଯଦି ଜଣେ ସ୍ୱପ୍ନରେ ଫୁଲଫୁଲ ପରିପୂର୍ଣ୍ଣ ଏକ ଗଛ ଉପରେ ଚଢ଼ୁଥିବାର ଦେଖନ୍ତି ତେବେ ଏହା ଅତ୍ୟନ୍ତ ଶୁଭ ହୋଇଥାଏ। ଏହା ଚାକିରିରେ ପଦୋନ୍ନତି ହେବା ସୂଚାଇବା ସହ ବ୍ୟବସାୟରେ ଉନ୍ନତିକୁ ସୂଚାଇଥାଏ।



# ଭେଣ୍ଡିଂ ମେସିନ୍‌ରେ ପୋଷା ଜୀବ



ସପିଙ୍ଗ୍‌ମଲ୍,ଦୋକାନ ଓ ଅଫିସ୍ ଆଦି ସ୍ଥାନରେ ଭେଣ୍ଡିଂ ମେସିନ୍ ସବୁ ଦେଖିବାକୁ ମିଳିଥାଏ। ଯେଉଁଥିରେ ବିଭିନ୍ନ ପ୍ରକାର ଖାଦ୍ୟ, ପାନୀୟ ସାମଗ୍ରୀ ରଖାଯାଇଥାଏ। ଏହିକ୍ରମରେ କିଛିଦିନ ପୂର୍ବରୁ ନେଦରଲାଣ୍ଡର ସନ୍‌ସ୍କ୍ରିନ୍ ଭେଣ୍ଡିଂ ମେସିନ୍ ବେଶ୍ ଚର୍ଚ୍ଚାରେ ରହିଥିଲା। କିନ୍ତୁ, ଭେଣ୍ଡିଂ ମେସିନ୍‌ରେ ବିଲେଇ, କୁକୁର ଭଳି ପୋଷା ଜୀବଜନ୍ତୁଙ୍କୁ ରଖାଯିବା ବିଷୟରେ କେହି କେବେ ଶୁଣି ନ ଥିବେ। ଚୀନ୍‌ର କିଛି ସହରରେ ଏପରି ଭେଣ୍ଡିଂ ମେସିନ୍ ଲଗାଯାଇଥିବା କଥା ପ୍ରକାଶ ପାଇବା ପରେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ଓ ଅସନ୍ତୋଷ ବୃଦ୍ଧି ପାଇଛି। ସାମାଜିକ ଗଣମାଧ୍ୟମରେ ଏପରି କିଛି ଭେଣ୍ଡିଂ ମେସିନ୍‌ର ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ କୁକୁର, ବିଲେଇ ସମେତ ଅନ୍ୟ ପୋଷା ଜୀବଜନ୍ତୁଙ୍କୁ ବନ୍ଦ କରି ରଖାଯାଇଥିବା ଦେଖାଯାଇଛି। ଯାହା ବର୍ତ୍ତମାନ ସମୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଭାଇରାଲ୍ ହୋଇଥିବା ଗୋଟିଏ ଭିଡିଓରେ ବିଲେଇଗୁଡ଼ିକ ଛୋଟ ଛୋଟ ଡବା ମଧ୍ୟରେ ଶୋଇଥିବାର ଦେଖାଯାଇଛି। କାରଣ ଏହି ମେସିନ୍ ଭିତରେ ଜୀବଗୁଡ଼ିକ ବୁଲିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ପ୍ରଥମ ଥର ପାଇଁ ଚୀନ୍‌ରେ ପୋଷା ଜୀବଜନ୍ତୁଙ୍କୁ ବିକ୍ରି କରିବା ପାଇଁ ଭେଣ୍ଡିଂ ମେସିନ୍‌କୁ ବ୍ୟବହାର କରାଯାଇଛି। ଏନେଇ କିଛି ସ୍ଥାନୀୟ ଲୋକଙ୍କ କହିବା କଥା, ଭେଣ୍ଡିଂ ମେସିନ୍‌ରେ ଥିବା ପଶୁଙ୍କ ମଧ୍ୟରୁ କିଛି ରୋଗଗ୍ରସ୍ତ ଥିଲେ। ଆଉ କିଛି ଲୋକ ମେସିନ୍‌ରେ ଥିବା କିଛି ପଶୁ ଦେଖାଶୁଣା ଅଭାବରୁ ମରି ଯାଇଥିବା ଅଭିଯୋଗ ଆଣିଛନ୍ତି। ଏହାଦ୍ୱାରା ପଶୁଙ୍କ ପ୍ରତି କ୍ରୂରତା ପ୍ରଦର୍ଶନ କରାଯାଉଛି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଜ୍ୟାକେଟ୍‌ରେ ସ୍ମାର୍ଟୱାଚ୍

ସାଧାରଣତଃ ଜ୍ୟାକେଟ୍‌ରେ ଚେନ୍ ଲାଗିଥାଏ। ଏହାକୁ ଖୋଲିଲେ ଜ୍ୟାକେଟ୍ ମଧ୍ୟ ଖୋଲିଥାଏ। କିନ୍ତୁ ଏଣିକି ଜ୍ୟାକେଟ୍‌ରେ ଚେନ୍ ପରିବର୍ତ୍ତେ ସ୍ମାର୍ଟୱାଚ୍ ଆସୁଛି। ତାହା ପୁଣି ଜ୍ୟାକେଟ୍‌ର ହାତରେ। ଏଭଳି ସମ୍ପୂର୍ଣ୍ଣ ଭିନ୍ନଧରଣର ଜ୍ୟାକେଟ୍ ଜାପାନରେ ଦେଖିବାକୁ ମିଳିଛି। ଜ୍ୟାକେଟ୍, ହାତ ମଣିବନ୍ଧରେ ହିଁ ବ୍ୟବସ୍ଥିତ ଭାବେ ସ୍ମାର୍ଟୱାଚ୍‌କୁ ଖଞ୍ଜା ଯାଇଛି। ଏଥିରେ ସ୍ୱଷ୍ଟ ଭାବେ ସ୍ମାର୍ଟୱାଚ୍‌ର ଡିସପ୍ଲେ ଦେଖିବାକୁ ମିଳୁଛି। ଏଥିରୁ ଗୋଟିଏ କଥା ବୁଝାପଡ଼ୁଛି ଯେ, ଏଣିକି ଲୋକଙ୍କୁ ସମୟ ଦେଖିବା ପାଇଁ ବାରମ୍ବାର ଜ୍ୟାକେଟ୍‌କୁ ଉଠାଇ ସ୍ମାର୍ଟୱାଚ୍ ଦେଖିବାକୁ ପଡ଼ିବ ନାହିଁ। ଜ୍ୟାକେଟ୍‌ର ଲୋଗୋରୁ ଏହାର ନାଁ 'ଗୋର ଟେକ୍ସ' ବୋଲି ସ୍ୱଷ୍ଟ ହୋଇଛି। ଏହା ହେଉଛି ଏକ ସ୍ପୋର୍ଟସ୍ ୱିୟର୍ କମ୍ପାନି। ଯାହାକି ୱାଟରପ୍ରୁଫ୍ ପୋଷାକ ପାଇଁ ଲୋକପ୍ରିୟ। ତେବେ ଜ୍ୟାକେଟ୍‌ର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ଏହାର ଶୀର୍ଷକରେ ଲେଖାଯାଇଛି, 'ଜାପାନର ଜ୍ୟାକେଟ୍ ୨୦୩୪ରେ ପହଞ୍ଚି ସାରିଛି।' ଅନ୍ୟପଟେ ଜ୍ୟାକେଟ୍‌ର ଏଭଳି ଫିଚର୍‌କୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।




## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

# ଆଉ ୨ ଦିନ
# ଟି-୨୦ ବିଶ୍ୱକପ୍‌ରେ ଭାରତ





## ୨୦୦୭-ଚାମ୍ପିଅନ

ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କ ପରି କିମ୍ବଦନ୍ତୀ ଖେଳାଳି ଭାରତୀୟ ଦଳରେ ଥିଲେ ମଧ୍ୟ ଯୁବ ଖେଳାଳି ମହେନ୍ଦ୍ର ସିଂ ଧୋନିଙ୍କୁ ପ୍ରଥମ ଟି-୨୦ ବିଶ୍ୱକପ୍‌ରେ ନେତୃତ୍ୱ ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ଭାରତ ମାତ୍ର ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଥିଲା ଓ ଭାରତରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ ଆରମ୍ଭ ହୋଇ ନ ଥିଲା। ଏହା ସତ୍ତ୍ୱେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ ରନ୍‌ରେ ହରାଇ ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଦଳ ଭାଗ ନେଇଥିଲାବେଳେ ଗ୍ରୁପ୍ ଲିଗ୍, ସୁପର-୮ ପର୍ଯ୍ୟାୟ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯାଇଥିଲା। ପାକିସ୍ତାନ ସହ ଗ୍ରୁପ୍-ଡି'ରେ ସ୍ଥାନ ପାଇଥିଲାବେଳେ ପ୍ରଥମସ୍ଥାନ ଅଧିକାର କରି ସୁପର-୮ ରେ ପ୍ରବେଶ କରିଥିଲା। ସୁପର-୮'ରେ ଦଳ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୧୦ ରନ୍‌ରେ ହାରିଯିବା ପରେ ଇଂଲଣ୍ଡକୁ ୧୮ ଓ ଦକ୍ଷିଣ ଆଫ୍ରିକାକୁ ୩୭ ରନ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୧୫ ରନ୍‌ରେ ହରାଇ ଭାରତ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଫାଇନାଲରେ ଗୌତମ ଗମ୍ଭୀରଙ୍କ ୭୫ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୧୫୭ ରନ୍ କରିଥିଲା। ପାକିସ୍ତାନ ଜୋରଦାର ଲଢ଼େଇ କରିଥିଲାବେଳେ ଶେଷ ବଲ୍‌ରେ ମ୍ୟାଚ୍ ହାରିଯାଇଥିଲା। ମାତ୍ର ୫ ରନ୍‌ରେ ଜିତି ଭାରତ ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମଥର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା।

## ୨୦୦୯: ସୁପର-୮'ରୁ ବିଦା

୨୦୦୭ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ ପରି ୨୦୦୯ ଇଂଲଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ବିଶ୍ୱକପ୍‌ରେ ସମାନ ୧୨ଟି ଦଳ ଭାଗ ନେଇ ସମାନ ଫର୍ମାଟରେ ଖେଳିଥିଲେ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ପ୍ରଥମ ସ୍ଥାନ ଅଧିକାର କରି ସୁପର-୮'କୁ ଉନ୍ନୀତ ହୋଇଥିଲା। କିନ୍ତୁ ଏଥିରେ ଦଳ ୭ ୱିକେଟରେ ୱେଷ୍ଟଇଣ୍ଡିଜ୍, ୩ ରନ୍‌ରେ ଇଂଲଣ୍ଡ ଓ ୧୨ ରନ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା।

## ୨୦୧୦: ସୁପର-୮'ରେ ଅଟକିଲା

ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ତୃତୀୟ ସଂସ୍କରଣ ବେଳକୁ ଭାରତ ଟି-୨୦ ଫର୍ମାଟରେ ଏକ ଶକ୍ତିଶାଳୀ ଦଳ ହୋଇଯାଇଥିଲେ ମଧ୍ୟ ସୁପର-୮'ରେ ଅଟକିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନକୁ ହରାଇ ଭାରତ ଗ୍ରୁପ୍‌ରେ ପ୍ରଥମସ୍ଥାନ ଅଧିକାର କରିବା ସହ ସୁପର-୮ ରେ ପ୍ରବେଶ କରିଥିଲା। ଭାରତ କ୍ରମାଗତ ଦ୍ୱିତୀୟଥର ଲାଗି ସୁପର-୮'ରେ କୌଣସି ମ୍ୟାଚ୍ ଜିତି ନ ପାରି ବିଦାୟ ନେଇଥିଲା।

## ୨୦୧୨: ସୁପର-୮'ରୁ ଆଉଟ

ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ଇଂଲଣ୍ଡ ଓ ଆଫଗାନିସ୍ତାନକୁ ହରାଇ ଶୀର୍ଷସ୍ଥାନ ଅଧିକାର କରିବା ସହ ସୁପର-୮'ରେ ଅଷ୍ଟ୍ରେଲିଆଠାରୁ ୫.୨ ଓଭରରେ ହାରିବା ଦଳ ଲାଗି ମହଙ୍ଗା ପଡ଼ିଥିଲା। ଦକ୍ଷିଣ ଆଫ୍ରିକାକୁ ୧ ରନ୍‌ରେ ଓ ପାକିସ୍ତାନକୁ ୮ ୱିକେଟରେ ହରାଇଥିଲେ ମଧ୍ୟ ନେଟରନ୍ ରେଟ୍‌ରେ ତୃତୀୟ ସ୍ଥାନରେ ରହି କ୍ରମାଗତ ତୃତୀୟ ସଂସ୍କରଣରେ ସୁପର-୮'ରୁ ବିଦାୟ ନେଇଥିଲା।

## ୨୦୧୪: ରନର୍ସ ଅପ୍



କ୍ରମାଗତ ୩ଟି ବିଶ୍ୱକପ୍‌ରେ ଦଳ ସୁପର-୮'ରୁ ବିଦା ହେବା ପରେ ବାଂଲାଦେଶରେ ଖେଳାଯାଇଥିବା ପଞ୍ଚମ ସଂସ୍କରଣରେ ଭାରତ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଏଥର ଫର୍ମାଟ ପରିବର୍ତ୍ତନ ହୋଇଥିଲାବେଳେ ଭାରତ ସିଧାସଳଖ ସୁପର-୧୦'ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସୁପର-୧୦' ଗ୍ରୁପ୍-୨ରେ ଭାରତ ଦମ୍‌ଦାର ଖେଳ ପ୍ରଦର୍ଶନ କରି ସମସ୍ତ ୪ଟି ଯାକ ଦେଶ ଯଥା ପାକିସ୍ତାନକୁ ୭ ୱିକେଟ, ୱେଷ୍ଟଇଣ୍ଡିଜ୍‌କୁ ୭ ୱିକେଟ, ବାଂଲାଦେଶକୁ ୮ ୱିକେଟ ଓ ଅଷ୍ଟ୍ରେଲିଆକୁ ୭୩ ରନ୍‌ରେ ହରାଇ ସେମିଫାଇନାଲକୁ ଯାଇଥିଲା। ସେମିରେ ଦକ୍ଷିଣ ଆଫ୍ରିକାକୁ ୬ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ଦଳ ରନ୍ ଚେଜ୍ କରି ଏହି ମ୍ୟାଚ୍‌କୁ ୬ ୱିକେଟରେ ହାରିଯାଇଥିଲା। କୋହଲି ଏହି ସଂସ୍କରଣରେ ଜବରଦସ୍ତ ଫର୍ମରେ ଥାଇ ସର୍ବାଧିକ ୩୧୯ ରନ୍ କରିଥିଲେ।

> କ୍ରିକେଟର ଟି-୨୦ ଫର୍ମାଟ ଆରମ୍ଭ ହେବା ପରେ ୨୦୦୭ରେ ପ୍ରଥମଥର ବିଶ୍ୱକପ୍ ଆୟୋଜିତ ହୋଇଥିଲା। ୨୦୦୭ରୁ ୨୦୨୨ ମଧ୍ୟରେ ୮ଥର ଏହି ଲୋକପ୍ରିୟ ମେଗା ଇଭେଣ୍ଟ ଆୟୋଜିତ ହୋଇଛି। ଏହି ସମସ୍ତ ୮ଟି ପ୍ରତିଯୋଗିତାରେ ଭାରତ ଅଂଶଗ୍ରହଣ କରିଛି। ୨୦୦୭ରେ ଅନୁଷ୍ଠିତ ପ୍ରଥମ ଟୁର୍ଣ୍ଣାମେଣ୍ଟରେ ଦଳ ଥରେମାତ୍ର ଚାମ୍ପିଅନ ଓ ୨୦୧୪ରେ ଥରେ ମାତ୍ର ରନର୍ସ ଅପ୍ ହୋଇଛି। ଭାରତ ପକ୍ଷରୁ ବିରାଟ କୋହଲି ସର୍ବାଧିକ ୧୧୪୧ ରନ୍ ଓ ରବିଚନ୍ଦ୍ରନ ଅଶ୍ୱିନ ୩୨ଟି ୱିକେଟ ଅକ୍ତିଆର କରିଛନ୍ତି। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟ ଥର ଖେଳିବ। ପୂର୍ବ ୮ଟି ମଧ୍ୟରୁ ୬ଟିରେ ମହେନ୍ଦ୍ର ସିଂ ଧୋନି, ଗୋଟିକରେ ବିରାଟ କୋହଲି ଓ ଗତଥର ରୋହିତ ଶର୍ମା ଭାରତର ନେତୃତ୍ୱ ନେଇଥିଲେ।

## ୨୦୧୬: ସେମିଫାଇନାଲ

ଭାରତରେ ଆୟୋଜିତ ହୋଇଥିଲା ୨୦୧୬ ସଂସ୍କରଣ। ଏଥିରେ ଭାରତ ନିଶ୍ଚିତ ଟାଇଟଲ ଜିତିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମିଫାଇନାଲରେ ଲେଣ୍ଡଲ ସିମନ୍ସଙ୍କ ବିସ୍ଫୋରକ ୫୧ ବଲରେ ଅପରାଜିତ ୮୨ ଓ ଆନ୍ଦ୍ରେ ରସେଲଙ୍କ ୨୦ ବଲ୍‌ରୁ ଅପରାଜିତ ୪୩ ରନ୍ କରିବା ଫଳରେ ୱେଷ୍ଟଇଣ୍ଡିଜ୍ ସର୍ବାଧିକ ରନ୍ ଚେଜ୍ କରି ଭାରତ ବିପକ୍ଷରେ ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ବିରାଟ କୋହଲି ୨୭୩ ରନ୍ କରିଥିଲେ ମଧ୍ୟ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଭାରତର ଦ୍ୱିତୀୟ ଟାଇଟଲ ଜିତିବା ଆଶା ମଉଳିଯାଇଥିଲା।

## ୨୦୨୧: ସୁପର-୧୨'ରୁ ବିଦାୟ

ବିଭିନ୍ନ କାରଣରୁ ଏହି ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହା ସଂଯୁକ୍ତ ଆରବ ଏମିରେଟ୍ସରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫର୍ମାଟରେ ୧୬ଟି ଦଳ ଭାଗ ନେଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ୮ଟି ଦଳରୁ ୪ଟି ଦଳ ସୁପର-୧୨କୁ ଯାଇଥିଲେ। ଏଥିରେ ର୍ୟାଙ୍କିଂ ଭିତ୍ତିରେ ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ଏହି ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଗ୍ରୁପ୍-୨'ରେ ସ୍ଥାନ ପାଇଥିବା ଭାରତ ୩ଟି ବିଜୟ ଓ ଦୁଇଟି ପରାଜୟ ସହ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ପଛକୁ ତୃତୀୟ ସ୍ଥାନ ଅଧିକାର କରିବା ସହ ବିଦାୟ ନେଇଥିଲା। ପ୍ରଥମଥର ଲାଗି ମହେନ୍ଦ୍ର ସିଂ ଧୋନି ଦଳର ନେତୃତ୍ୱ ନେଇଥିଲେ। ବିରାଟ କୋହଲି ପ୍ରଥମଥର ଦଳର ନେଇଥିଲେ ଓ ଯେ କୌଣସି ବିଶ୍ୱକପ୍‌ରେ ପାକିସ୍ତାନଠାରୁ ଏବଂ ୧୦ ୱିକେଟ ବ୍ୟବଧାନରେ ଭାରତ ଲଜ୍ଜାଜନକ ପରାଜୟ ବରଣ କରିଥିଲା। ସୁପର-୧୨'ରେ ଅଟକିଥିଲା ଭାରତ।

### ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ

| ବର୍ଷ | ଫଳାଫଳ | ସ୍ଥାନ | ମ୍ୟା. | ବି. | ପ. |
|---|---|---|---|---|---|
| ୨୦୦୭ | ଚାମ୍ପିଅନ | ପ୍ରଥମ | ୭* | ୫ | ୧ |
| ୨୦୦୯ | ସୁପର-୮ | ସପ୍ତମ | ୫ | ୨ | ୩ |
| ୨୦୧୦ | ସୁପର-୮ | ଅଷ୍ଟମ | ୫ | ୨ | ୩ |
| ୨୦୧୨ | ସୁପର-୮ | ପଞ୍ଚମ | ୫ | ୪ | ୧ |
| ୨୦୧୪ | ରନର୍ସଅପ୍ | ଦ୍ୱିତୀୟ | ୬ | ୫ | ୧ |
| ୨୦୧୬ | ସେମିଫାଇନାଲ | ଚତୁର୍ଥ | ୫ | ୩ | ୨ |
| ୨୦୨୧ | ସୁପର-୧୨ | ଷଷ୍ଠ | ୫ | ୩ | ୨ |
| ୨୦୨୨ | ସେମିଫାଇନାଲ | ତୃତୀୟ | ୬ | ୪ | ୨ |

ବି.ଦ୍ର.-ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ। *-ଗୋଟିଏ ମ୍ୟାଚ୍ ବାତିଲ ହୋଇଛି।

## ୨୦୨୨: ସେମିଫାଇନାଲ

ଅଷ୍ଟ୍ରେଲିଆରେ ଖେଳାଯାଇଥିବା ବିଶ୍ୱକପ୍‌ର ୮ମ ସଂସ୍କରଣରେ ଭାରତକୁ ଅନ୍ୟତମ ଫେବରାଇଟ୍ ଦଳ ଭାବେ ବିବେଚିତ କରାଯାଇଥିଲା। କିନ୍ତୁ ଦଳ ଗ୍ରୁପ୍-୨'ରେ ପ୍ରଥମସ୍ଥାନ ଅଧିକାର କରିବା ସହ ସେମିଫାଇନାଲରୁ ବିଦାୟ ନେଇଥିଲା। ଚାମ୍ପିଅନ ଇଂଲଣ୍ଡଠାରୁ ୧୦ ୱିକେଟରେ ଭାରତ ଲଜ୍ଜାଜନକ ପରାଜୟ ବରଣ କରିଥିଲା। ଭାରତ ସ୍ଥାନ ପାଇଥିବା ଗ୍ରୁପ୍‌ରେ ପାକିସ୍ତାନକୁ ୪ ୱିକେଟରେ ହରାଇବା ବିଶ୍ୱକପ୍ ଇତିହାସରେ ସବୁଠାରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଭାବେ ବିବେଚିତ ହୋଇଥିଲା। ଏହି ମ୍ୟାଚ୍‌ର ୧୯ତମ ବଲ୍‌ରେ ୨ଟି ଛକା ଓ ଶେଷ ଓଭରରେ ୧୫ ରନ୍ ଉଠାଇ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

# ଟି-୨୦ ବିଶ୍ୱକପ୍‌ରେ ଏଥର ପ୍ରଥମ

### ୧. ଦୁଇଟି ଭିନ୍ନ ଭିନ୍ନ ମିଳିତ ଆୟୋଜକ

ଏଥର ବିଶ୍ୱକପ୍‌କୁ ଦୁଇଟି ଅଲଗା ବୋର୍ଡ ଆୟୋଜନ କରୁଛନ୍ତି। ୟୁନାଇଟେଡ ଷ୍ଟେଟ୍ସ ଅଫ୍ ଆମେରିକା (ୟୁଏସ୍‌ଏ) କ୍ରିକେଟ ଆସୋସିଏସନ ଓ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ମିଳିତ ଭାବେ ଏହି ବିଶ୍ୱକପ୍‌କୁ ଆୟୋଜନ କରୁଛନ୍ତି। କ୍ରିକେଟର ଲୋକପ୍ରିୟତା ବୃଦ୍ଧିକୁ ଦୃଷ୍ଟିରେ ରଖି ଆମେରିକାରେ ବିଶ୍ୱକପ୍ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୁଣି ଏହି ଦେଶରେ କ୍ରିକେଟର ପ୍ରଚାର ଓ ପ୍ରସାର କରିବାକୁ ଏହାର ଲକ୍ଷ୍ୟ ରହିଛି। ଏହା ପୂର୍ବରୁ ବିଶ୍ୱକପ୍‌ର ସବୁ ୮ଟି ଯାକ ସଂସ୍କରଣକୁ ଗୋଟିଏ ଲେଖାଏ ବୋର୍ଡ ସଫଳତାର ସହ ଆୟୋଜନ କରିଥିଲେ।

### ୨. ଆମେରିକାରେ ଖେଳାଯିବ ବିଶ୍ୱକପ୍

ପୂର୍ବରୁ ଆମେରିକାରେ କେତୋଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ହୋଇଛି। ତେବେ ପ୍ରଥମଥର ପାଇଁ ଆମେରିକାରେ କୌଣସି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଆମେରିକାର ଲସ୍ ଏଞ୍ଜେଲ୍ସରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଛି। ସେହିପରି ଦ୍ୱିତୀୟ ଆସୋସିଏଟ ଦେଶ ଭାବେ ଆମେରିକା ଟି-୨୦ ବିଶ୍ୱକପ୍ ଆୟୋଜନ କରିବ। ଯେଉଁ ଦେଶଗୁଡିକୁ ଟେଷ୍ଟ ଖେଳିବାର ଯୋଗ୍ୟତା ହାସଲ କରି ନଥାନ୍ତି ସେହି ଦେଶଗୁଡିକୁ ଆଇସିସିର ଆସୋସିଏଟ ସଦସ୍ୟ ବୋଲି କୁହାଯାଇଥିଲା। ଆମେରିକା ପୂର୍ବରୁ ୨୦୨୧ ଟି-୨୦ ବିଶ୍ୱକପ୍‌କୁ ଆସୋସିଏଟ ଦେଶ ୟୁନାଇଟେଡ ଆରବ ଏମିରେଟ୍ (ୟୁଏଇ) ଆୟୋଜନ କରିଥିଲା। ଅବଶ୍ୟ ଏହାକୁ ଭାରତ ଆୟୋଜନ କରିଥିଲା। କାରଣ ଟୁର୍ଣ୍ଣାମେଣ୍ଟର ଆୟୋଜନ ଅଧିକାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଖରେ ରହିଥିଲା।

ପୂର୍ବରୁ ଅବଶ୍ୟ ଚାମ୍ପିଅନ୍ସ ଟ୍ରଫି, ଦିନିକିଆ ବିଶ୍ୱକପ୍ ଭଳି ଆଇସିସି ଇଭେଣ୍ଟକୁ ମଧ୍ୟ ଆସୋସିଏଟ ସଦସ୍ୟ ଆୟୋଜନ କରିଛନ୍ତି। ୧୯୯୮ ଚାମ୍ପିଅନ୍ସ ଟ୍ରଫିକୁ ସେତେବେଳେର ଆସୋସିଏଟ ସଦସ୍ୟ ବାଂଲାଦେଶ ଓ ୧୯୯୯ ଦିନିକିଆ ବିଶ୍ୱକପ୍‌କୁ ସ୍କଟ୍‌ଲାଣ୍ଡ, ଆୟର୍ଲାଣ୍ଡ, ୱେଲ୍ସ ଓ ନେଦରଲାଣ୍ଡସ ଇଂଲଣ୍ଡ ସହିତ ମିଳିତ ଭାବେ ଆୟୋଜନ କରିଥିଲା।




ଆଉ ମାତ୍ର ଦୁଇଦିନ ପରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ବିଶ୍ୱକପ୍ ଏଥର ବିଶେଷ ମହତ୍ତ୍ୱ ରଖୁଛି। ଏହି ବିଶ୍ୱକପ୍‌ରେ ପ୍ରଥମଥର ପାଇଁ କେତୋଟି କଥା ଦେଖିବାକୁ ମିଳିବ। ଏହି ଭଳି ୫ଟି କଥା ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଦେଖିବାକୁ ମିଳିବ। ଏହି ୫ଟି ରୋଚକ କଥା ନେଇ ଆଲୋଚନା କରିବା।

### ୩. ବିଦେଶର ପ୍ରଥମଥର ପିଚ୍ ବନା ଯାଇଛି

ନ୍ୟୁୟର୍କର ନାସାଉ କାଉଣ୍ଟି ଷ୍ଟାଡିୟମରେ ଡ୍ରପ୍ ଇନ୍ ପିଚ୍ ସ୍ଥାପନ କରାଯାଇଛି। ଡ୍ରପ୍ ଇନ୍ ପିଚ୍‌କୁ ଗ୍ରାଉଣ୍ଡର ବାହାରେ ନିର୍ମାଣ କରାଯାଇଥାଏ ଓ ତାହାକୁ ଗ୍ରାଉଣ୍ଡରେ ଲଗାଯାଇଥାଏ। ନାସାଉ ଷ୍ଟାଡିୟମର ପିଚ୍ ଅଷ୍ଟ୍ରେଲିଆରେ ତିଆରି ହୋଇଛି। ଚଳିତ ବର୍ଷ ୧୦ଟି ପିଚ୍ ସମୁଦ୍ର ରାସ୍ତାରେ ଅଷ୍ଟ୍ରେଲିଆରୁ ଆମେରିକାର ଫ୍ଲୋରିଡା ଅଣାଯାଇଥିଲା ଓ ଏଗୁଡିକୁ ନାସଉ ଷ୍ଟାଡିୟମରେ ସ୍ଥାପନ କରାଯାଇଛି। ୧୦ରୁ ୬ଟି ପିଚ୍ ଅଭ୍ୟାସ ପାଇଁ ଉଦ୍ଦିଷ୍ଟ। ଆଉ ବାକି ୪ଟି ପିଚ୍‌ରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ। ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଅନ୍ୟଦେଶରେ ତିଆରି ହୋଇଥିବା ପିଚ୍ ଆୟୋଜକ ଦେଶରେ ବ୍ୟବହାର କରାଯିବ।

### ୪. ମଡ୍ୟୁଲାର ଷ୍ଟାଡିୟମର ବ୍ୟବହାର

ନ୍ୟୁୟର୍କରେ ୨୦୨୩ ଡିସେମ୍ବର ପର୍ଯ୍ୟନ୍ତ କୌଣସି କ୍ରିକେଟ ଷ୍ଟାଡିୟମ ନ ଥିଲା। ଗତ ୬ ମାସ ମଧ୍ୟରେ ମଡ୍ୟୁଲାର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଅର୍ଥାତ ସମ୍ପୂର୍ଣ୍ଣ ଭାବେ ବିଭିନ୍ନ ଜିନିଷକୁ ଏକାଠି କରି ଏହି ଷ୍ଟାଡିୟମ ନିର୍ମାଣ କରାଯାଇଛି। ଅଷ୍ଟ୍ରେଲିଆରୁ ପିଚ୍ ଅଣାଯାଇଥିବା ବେଳେ ଷ୍ଟାଣ୍ଡଗୁଡିକ ଫର୍ମୁଲା-୧ କମ୍ପିଟିସନରୁ ଅଣାଯାଇଛି। ଏହି ଷ୍ଟାଡିୟମରେ ୩୪ ହଜାର ଦର୍ଶକ ବସିବାର ସୁବିଧା ରହିଛି।

### ୫. ଷ୍ଟପ୍ କ୍ଲକ୍ ନିୟମର ବ୍ୟବହାର

ଆଇସିସି ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ପାଇଁ ଷ୍ଟପ୍ କ୍ଲକ ନିୟମର ବ୍ୟବହାର କରାଯିବ। ବୋଲିଂ କରୁଥିବା ଦଳ ପାଇଁ ଦୁଇ ଓଭର ମଧ୍ୟରେ କେବଳ ୬୦ ସେକେଣ୍ଡର ସମୟ ମିଳିବ। ଗୋଟିଏ ଓଭର ପରେ ଆଉ ଗୋଟିଏ ଓଭର ଆରମ୍ଭ କରିବା ପାଇଁ ଯଦି ଫିଲ୍ଡିଂ କରୁଥିବା ଦଳ ୬୦ ସେକେଣ୍ଡରୁ ଅଧିକ ସମୟ ନିଏ ତେବେ, ବ୍ୟାଟିଂ କରୁଥିବା ଦଳର ସ୍କୋରରେ ଅଧିକ ୫ ରନ ଯୋଗ ହେବ। ଟାଇମ ମ୍ୟାନେଜମେଣ୍ଟ ପାଇଁ ଗତବର୍ଷ ଡିସେମ୍ବରରେ ପରୀକ୍ଷାମୂଳକ ଓ ଅସ୍ଥାୟୀ ଭାବେ ଏହି ନିୟମର ବ୍ୟବହାର ହୋଇଥିଲା। ଏବେ ଏହି ନିୟମକୁ ସ୍ଥାୟୀ କରାଯାଇଛି।



# ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ଜାବେଉର୍




**ପ୍ୟାରିସ, ୨୯ ।୫ (ଏଜେନ୍ସି)**

ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ୪ର୍ଥ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଛି ବଡ଼ ଓଲଟପାଲଟ ଦେଖିବାକୁ ମିଳି ନ ଥିବାବେଳେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା କାର୍ଲୋସ ଆଲକାରାଜ, ୯ମ ମାନ୍ୟତା ଷ୍ଟିଫାନୋସ ସିତ୍‌ସିପାସ ପ୍ରମୁଖ ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ସର୍ବିଆର ନୋଭାକ ଜୋକୋଭିଚ୍ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଏକକରେ ମଧ୍ୟ ଓନସ୍ ଜାବେଉର୍, ସୋଫିଆ କେନିନ ପ୍ରମୁଖ ସେମାନଙ୍କ ୨ୟ ରାଉଣ୍ଡ ମ୍ୟାଚ ଜିତିଛନ୍ତି।

ପୁରୁଷ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ସ୍ପାନିଶ ତାରକା ଆଲ୍‌କାରାଜ କ୍ୱାଲିଫାୟର ଖେଳାଳି ତଥା ବିଶ୍ୱ ମାନ୍ୟତାର ୧୭୩ତମ ସ୍ଥାନରେ ଥିବା ନେଦରଲାଣ୍ଡସର ଜେସପର୍ ଡି ଜଙ୍ଗ୍‌ଙ୍କୁ ହରାଇବାକୁ ବେଶ୍ ସଂଘର୍ଷ କରିଥିଲେ। ଶେଷରେ ଆଲ୍‌କାରାଜ ୬-୩, ୬-୪, ୨-୬, ୬-୨ ସେଟ୍‌ରେ ମ୍ୟାଚକୁ ଜିତି ୩ୟ ରାଉଣ୍ଡରେ ପହଞ୍ଚିଥିଲେ। ସେହିଭଳି ୨୦୨୨ରେ ଏଠାରେ ଉପବିଜେତା ରହିଥିବା ୯ମ ମାନ୍ୟତା ଗ୍ରୀକ୍‌ର ସିତ୍‌ସିପାସ ମଧ୍ୟ ସଂଘର୍ଷପୂର୍ଣ୍ଣ ବିଜୟ ସହ ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ୬-୩, ୬-୨, ୬-୭ (୨), ୬-୪ ସେଟ୍‌ରେ ୮୩ ନମ୍ବର ମାନ୍ୟତା ଜର୍ମାନୀର ଡାନିଏଲ୍ ଅଲଟମାୟରଙ୍କୁ ହରାଇଛନ୍ତି। ଏଥିପୂର୍ବରୁ ଖେଳାଯାଇଥିବା ଅନ୍ୟ ଏକ ପୁରୁଷ ଏକକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଜୋକୋଭିଚ୍ ବିଜୟରୁ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ୩୭ ବର୍ଷୀୟ ଜୋକୋଭିଚ୍ ୬-୪, ୭-୬ (୭/୩), ୬-୪ ସେଟ୍‌ରେ ପିଏରେ-ହ୍ୟୁଗ୍ସ ହର୍ବର୍ଟଙ୍କୁ ପ୍ରଥମ ରାଉଣ୍ଡରେ ମାତ୍ ଦେଇଛନ୍ତି।

ଅପରପକ୍ଷରେ ମହିଳା ଏକକ ୨ୟ ରାଉଣ୍ଡ ମ୍ୟାଚରେ ୮ମ ସିଡ୍ ଟ୍ୟୁନିସିଆର ଓନସ୍ ଜାବେଉର୍ ୬-୩, ୧-୬, ୬-୩ ସେଟରେ କଲମ୍ବିଆର କାମିଲା ଓସୋରିଓଙ୍କୁ, ଆମେରିକାର ସୋଫିଆ କେନିନ ୬-୩, ୬-୩ ସିଧାସଳଖ ସେଟ୍‌ରେ ଘରୋଇ ଖେଳାଳି କାରୋଲିନ ଗ୍ରାସିଆଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସ୍ପାନିଶ ତାରକା ପାଉଲ ବାଡୋସା ୪-୬, ୭-୫, ୬-୪ ସେଟ୍‌ରେ ବ୍ରିଟେନର କେଟି ବୋଲଟର୍‌ଙ୍କ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

● ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍

## ଚୟନ ଶିବିରରେ ଓଡ଼ିଶାରୁ ୭

**କଟକ,୨୯।୫(ସମିସ):** ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଦଳ ଚୟନ ଶିବିର ଜୁନ ୬ ତାରିଖରୁ ଆରମ୍ଭ ହେବ। ଖୋର୍ଦ୍ଧାର ଆଇଆଇଜି ସ୍ପୋର୍ଟସ ଏକାଡେମୀ କେ.ଟି. ଗ୍ଲୋବାଲ ସ୍କୁଲ ଗ୍ରାଉଣ୍ଡରେ ଏହି ଶିବିର ୫ଦିନ ଧରି ଚାଲିବ। ବିଗତ ଦୁଇ ବର୍ଷରେ ଜାତୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଭିନ୍ନ ରାଜ୍ୟର ୩୦ଜଣ ଖେଳାଳିଙ୍କୁ ଶିବିରରେ ସ୍ଥାନ ମିଳିଛି। ଏମାନଙ୍କ ଭିତରେ ୭ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ଏମାନେ ହେଲେ ପଦ୍ମିନୀ ଟୁଡୁ, ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା, ରଚନା ଜେନା, ଫୁଲ ସୋରେନ, ଝିଲ୍ଲୀ ବିରୁଆ ଏବଂ ମୁନି ପୂର୍ତ୍ତି। ଶିବିରରୁ ୧୭ଜଣିଆ ଜାତୀୟ ଦଳ ଗଠନ କରାଯିବ। ଏହାଛଡ଼ା ୩ଜଣ ଖେଳାଳିଙ୍କୁ ସଂରକ୍ଷିତ ଭାବେ ଜାତୀୟ ତାଲିକାରେ ସ୍ଥାନ ମିଳିବ ବୋଲି କାବି ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

● କଳାହାଣ୍ଡି କପ୍

## ଜୁନ ୫ରୁ ସୁପରଲିଗ୍ ପର୍ଯ୍ୟାୟ

**କଟକ,୨୯।୫(ସମିସ):** ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ ଦ୍ୱିଦିବସୀୟ ଫର୍ମାଟର ସୁପରଲିଗ୍ ପର୍ଯ୍ୟାୟ ଆସନ୍ତା ଜୁନ ୫ରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟରୁ ୬ଟି ଦଳ ସୁପରଲିଗକୁ ଉନ୍ନୀତ ହୋଇଛନ୍ତି। ଅବଶିଷ୍ଟ ଦଳର ଖେଳାଳିଙ୍କୁ ନେଇ ଓସିଏ ୪ଟି ଦଳ ଗଠନ କରିଛି। ମୋଟ୍ ୧୦ଟି ଦଳ ସୁପରଲିଗ୍ ପର୍ଯ୍ୟାୟରେ ଭାଗ ନେବେ। ଦଳ ଗୁଡ଼ିକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ-ଏ'ରେ ପୂର୍ବତଟ ରେଳବାଇ, କଟକ-ଏ, ନୟାଗଡ, ରେଷ୍ଟ ଅଫ ଓଡ଼ିଶା-ଏ' ଏବଂ ରେଷ୍ଟ ଅଫ ଓଡ଼ିଶା-ସି' ରହିଛନ୍ତି। ସେହିପରି ଗ୍ରୁପ-ବି'ରେ ଭୁବନେଶ୍ୱର-ଏ, ବାଲେଶ୍ୱର, ଭଦ୍ରକ, ରେଷ୍ଟ ଅଫ ଓଡ଼ିଶା-ବି' ଏବଂ ଡି' ଦଳ ସ୍ଥାନ ପାଇଛନ୍ତି। କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ, ଡ୍ରିମସ ଗ୍ରାଉଣ୍ଡ, ବାରବାଟୀ ଷ୍ଟାଡିୟମ ଏବଂ ସନସାଇନ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ଜୁନ ୨୦ରେ ଫାଇନାଲ ମୁକାବିଲା ହେବ। ତେବେ ମୌସୁମୀ ପ୍ରଭାବକୁ ନେଇ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଥିବା ବେଳେ ଏହି ସମୟରେ ଓସିଏ ପକ୍ଷରୁ ସୁପରଲିଗ୍ ଆୟୋଜନ କରାଯାଉଛି। ଏଣୁ ଅନେକ ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ରହିଛି।

# ନଂ-୧ ଦଳ ଭାବେ ଖେଳିବ ଭାରତ

**ଦୁବାଇ,୨୯ ।୫(ଏଜେନ୍ସି):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି-୨୦ ମାନ୍ୟତାରେ ଭାରତ ତା'ର ଶୀର୍ଷ ସ୍ଥାନ ବଜାୟ ରଖିଛି। ଫଳରେ ଜୁନ୍ ପହିଲାରୁ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଭାରତ ୧ ନମ୍ବର ଦଳ ଭାବେ ଅଂଶଗ୍ରହଣ କରିବ। ଭାରତ ୨୬୪ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଦୁଇଥର ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ଦଳୀୟ ମାନ୍ୟତାରେ ଦୁଇଟି ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନକୁ ଉଠିଛି। ୨୦୧୨ ଓ ୨୦୧୬ ସଂସ୍କରଣରେ ୱେଷ୍ଟଇଣ୍ଡିଜ ଚାମ୍ପିଅନ ହୋଇଥିଲା। ଏବେ ୱେଷ୍ଟଇଣ୍ଡିଜ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇଛି। କିଛିଦିନ ତଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ୩-୦ରେ ବିଜୟୀ ହେବା ପରେ ୱେଷ୍ଟଇଣ୍ଡିଜ ମାନ୍ୟତାରେ ଉନ୍ନତି କରିଛି। ୨୦୨୧ ଚାମ୍ପିଅନ ଅଷ୍ଟ୍ରେଲିଆ ୨୫୭ ପଏଣ୍ଟ ସହ ଦ୍ୱିତୀୟ, ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡ ୨୫୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ଉଭୟ ୨୪୪ ଲେଖାଏ ପଏଣ୍ଟ ପାଇଛନ୍ତି। କିନ୍ତୁ ଦଶମିକ ଅଙ୍କରେ ଆଗରେ ରହି ପାକିସ୍ତାନ ଚତୁର୍ଥ ଓ ଦକ୍ଷିଣ ଆଫ୍ରିକା ୫ମ ସ୍ଥାନରେ ରହିଛି। ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ଜୁନ୍ ୨ରେ ପାପୁଆ ନ୍ୟୁ ଗିନିକୁ ଭେଟି ଅଭିଯାନ ଆରମ୍ଭ କରିବ। ବ୍ୟାଟିଂ ତାଲିକାରେ ଭାରତର ସୂର୍ଯ୍ୟକୁମାର ଯାଦବ ଶୀର୍ଷ ଓ ଯଶସ୍ୱୀ ଜୟସ୍ୱାଲ ଷଷ୍ଠ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ଭାରତୀୟ ସ୍ପିନର ଅକ୍ଷର ପଟେଲ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟ, ରବି ବିଷ୍ଣୋଇ ୫ମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡର ଆଦିଲ ରସିଦ ଶୀର୍ଷ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ମାନ୍ୟତାରେ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗ ଶୀର୍ଷରେ, ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ସ୍ଥାନ ତଳକୁ ଖସି ୮ମ ସ୍ଥାନରେ ରହିଛନ୍ତି।

## ଭଲିବଲ୍: ଇରାନକୁ ହରାଇ ଭାରତ ୫ମ

**ଭୁବନେଶ୍ୱର,୨୯ ।୫(ସମିସ):** ଫିଲିପାଇନ୍ସ ରାଜଧାନୀ ମାନିଲାଠାରେ ଚାଲିଥିବା ୫ମ ଏଭିସି ମହିଳା ଚ୍ୟାଲେଞ୍ଜ୍ କପ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଭାରତ ୫ମ୍ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଭାରତୀୟ ବରିଷ୍ଠ ମହିଳା ଦଳ ୩-୦ (୨୫-୧୭, ୨୫-୧୬ ଓ ୨୫-୧୧)ରେ ଇରାନକୁ ହରାଇ ୫ମ ସ୍ଥାନରେ ରହିଛି। ଭାରତ ପାଇଁ ଅଧିନାୟିକା ଜିନି, ସୂର୍ୟ୍ୟା, ଅନୁଶ୍ରୀ ଓ ଶୀଲ୍ପା ନିର୍ଣ୍ଣାୟକ ପ୍ରଦର୍ଶନ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୨୨ରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣରେ ଭାରତ କାଂସ୍ୟ ପଦକ ହାସଲ କରିଥିଲା। ଭାରତୀୟ ଦଳକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି ଓ ଆଗକୁ ବିଭିନ୍ନ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ

# ସିନ୍ଧୁ, ପ୍ରଣୟଙ୍କ ବିଜୟ ଅଭିଯାନ

**ସିଙ୍ଗାପୁର,୨୯ ।୫(ଏଜେନ୍ସି)**

ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଅଭିଜ୍ଞ ମହିଳା ଖେଳାଳି ପିଭି ସିନ୍ଧୁ ଓ ପୁରୁଷ ତାରକା ଏଚ୍‌ଏସ୍ ପ୍ରଣୟ ଏକକ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ଯୁବ ତାରକା ଲକ୍ଷ୍ୟ ସେନ୍ ଓ କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ମହିଳା ଏକକ ପ୍ରତିଯୋଗିତାରେ ସିନ୍ଧୁ ୨୧-୧୨, ୨୨-୨୦ ସିଧାସଳଖ ଗେମ୍‌ରେ ବିଶ୍ୱର ୨୧ ନଂ ଖେଳାଳି ଲାଇନ୍ ହୋଜମାର୍କ ଜାଏର୍ସଫେଲ୍ଡଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଜୟୀ ହେବାକୁ ସିନ୍ଧୁଙ୍କୁ ୪୪ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ ତୃତୀୟ ସିଡ୍ ସ୍ପେନ୍‌ର କାରୋଲିନ ମାରିନଙ୍କୁ ଭେଟିବେ। ସେହିପରି ପୁରୁଷ ଏକକରେ ଅଷ୍ଟମ ସିଡ୍ ଏଚ୍‌ଏସ୍ ପ୍ରଣୟ ୨୧-୯, ୧୮-୨୧, ୨୧-୯ରେ ବେଲଜିୟମର ଜୁଲିଏନ୍ କାରାଗିଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ପ୍ରଣୟ ଏବେ ପରବର୍ତ୍ତୀ ରାଉଣ୍ଡରେ ଜାପାନର କେଣ୍ଟୋ ନିଶିମୋଟୋଙ୍କୁ ଭେଟିବେ।





### ପ୍ରଥମ ରାଉଣ୍ଡରେ ହାରିଲେ ଲକ୍ଷ୍ୟ, ଶ୍ରୀକାନ୍ତ

ପୁରଷ ଏକକରେ ଲକ୍ଷ୍ୟ ସେନ୍ ୧୩-୨୧, ୨୧-୧୬, ୧୩-୨୧ରେ ବିଶ୍ୱର ୧ ନଂ ଖେଳାଳି ଡେନ୍‌ମାର୍କର ଭିକ୍ଟର ଆକ୍ସେଲସନଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିପରି ଶ୍ରୀକାନ୍ତ ୧୪-୨୧, ୩-୨୧ରେ ୫ମ ସିଡ୍ ଜାପାନର କୋଡାଇ ନାରାଓକାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମିଶ୍ରିତ ଯୁଗଳରେ ଭାରତର ୩ଟି ଯୋଡି ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମହିଳା ଯୁଗଳରେ ଏସ୍ ସିଙ୍ଘି ଓ ଆର ଠାକେର ପ୍ରଥମ ରାଉଣ୍ଡରେ ହାରିଛନ୍ତି। ସେହିପରି ତାରକା ମହିଳା ଯୋଡି ଅଶ୍ୱିନୀ ପୋନାପ୍ପା ଓ ତନୀଷା କ୍ରାଷ୍ଟୋ ୨୧-୧୮, ୧୯-୨୧, ୧୯-୨୧ରେ ୟୁକ୍ରେନ୍ ଯୋଡି ପି ବୁହରୋଭା ଓ ୱାଇ କାଣ୍ଟେମୀରଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

● ଭାଇଙ୍କ ସ୍ମୃତିରେ ଛାଡ଼ିଲେ ଅଷ୍ଟ୍ରେଲିଆ

## ଇଟାଲୀ ପାଇଁ ଖେଳିବେ ଜୋ ବର୍ଣ୍ଣସ



**କୁଇନ୍ସଲାଣ୍ଡ, ୨୯ ।୫ (ଏଜେନ୍ସି):** ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଓପନର୍ ଜୋ ବର୍ଣ୍ଣସ ଏବେ ଇଟାଲୀ କ୍ରିକେଟ୍ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସାମାଜିକ ଗଣମାଧ୍ୟମ ଜରିଆରେ ୩୪ ବର୍ଷୀୟ ବର୍ଣ୍ଣସ ନିଜେ ଏହି ସୂଚନା ଦେଇଛନ୍ତି। ଦିବଂଗତ ଭାଇ ଡୋମିନିକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ସେ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ଗତ ଫେବୃଆରୀରେ ଡୋମିନିକଙ୍କ ଅକାଳ ବିୟୋଗ ଘଟିଥିଲା। ଡୋମିନିକ ଇଟାଲୀ କ୍ଲବ କ୍ରିକେଟ୍‌ରେ ୮୫ ନମ୍ବର ଜର୍ସି ପରିଧାନ କରି ଖେଳୁଥିଲେ। ତେଣୁ ଜୋ ବର୍ଣ୍ଣସ ମଧ୍ୟ ଇଟାଲୀ ପାଇଁ ୮୫ ନମ୍ବର ଜର୍ସି ପିନ୍ଧିବେ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ, ଜୋ ବର୍ଣ୍ଣସଙ୍କ ଜନ୍ମ ଇଟାଲୀରେ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପିତାମାତା ଅଷ୍ଟ୍ରେଲିଆ ଚାଲିଆସିଥିଲେ। ଜୋ ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡ ରାଜ୍ୟ ପକ୍ଷରୁ ୨୦୧୧ରୁ ଖେଳି ଆସୁଛନ୍ତି। ସେ ଅଷ୍ଟ୍ରେଲିଆ ପାଇଁ ମଧ୍ୟ ୨୦୧୪ରୁ ୨୦୨୦ ମଧ୍ୟରେ ୨୩ ଟେଷ୍ଟ ଓ ୯ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୧୪୪୨ ଓ ୧୪୬ ରନ କରିଥିଲେ। କୁଇନ୍ସଲାଣ୍ଡ କ୍ରିକେଟ୍ ଦଳ ମଧ୍ୟ ୨୦୨୪-୨୫ ସିଜନ ଲାଗି ଜୋ'ଙ୍କ ସହ ଚୁକ୍ତି କରିନାହିଁ।

# ଟି-୨୦ ବିଶ୍ୱକପ୍ ଭାରତୀୟ ଦଳର ଜୋରଦାର ଅଭ୍ୟାସ

**ନୂଆଦିଲ୍ଲୀ,୨୯ ।୫(ଏଜେନ୍ସି)**

ଜୁନ୍ ୨ରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ହେବ। କିନ୍ତୁ ଭାରତ ତା'ର ଏକମାତ୍ର ଅଭ୍ୟାସ ମ୍ୟାଚ୍ ନ୍ୟୁୟର୍କର ନାସାଉ କ୍ରିକେଟ ଷ୍ଟାଡିୟମରେ ଜୁନ୍ ୧ ତାରିଖରେ ବାଂଲାଦେଶକୁ ଭେଟିବ। ଏହାପୂର୍ବରୁ ଭାରତୀୟ କ୍ରିକେଟ ଦଳ ଆମେରିକାରେ ଅଭ୍ୟାସ ଆରମ୍ଭ କରିଛି। ପୂର୍ବରୁ ଦୁଇଟି ବ୍ୟାଚ୍‌ରେ ଭାରତୀୟ ଦଳ ନ୍ୟୁୟର୍କରେ ପହଞ୍ଚିଛି। ଏକମାତ୍ର ଭାରତୀୟ ଖେଳାଳି ଭାବେ ସୁପରଷ୍ଟାର ବିରାଟ କୋହଲି ଏପର୍ଯ୍ୟନ୍ତ ଆମେରିକାରେ ପହଞ୍ଚିନାହାନ୍ତି।

ଦଳର ଅଧିନାୟକ ରୋହିତ ଶର୍ମା, ଉପ- ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା, ମଧ୍ୟକ୍ରମ ବ୍ୟାଟର ସୂର୍ଯ୍ୟକୁମାର ଯାଦବ, ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ, ସଞ୍ଜୁ ସାମସନ, ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂ ଓ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଅଭ୍ୟାସ କରୁଥିବାରୁ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ସେହିପରି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଅଭ୍ୟାସର ଭିଡିଓ ମଧ୍ୟ ସେୟାର କରିଛି। ଖେଳାଳିମାନେ ମୋଟ ଉପରେ ଡ୍ରିଲ କରିଛନ୍ତି। ଖେଳାଳିମାନେ ଏହି ଭିଡିଓରେ ଜଗିଂ ଓ ଫୁଟବଲ ଖେଳୁଥିବାରୁ ଦେଖାଯାଇଛି। ଭାରତୀୟ ଦଳ ନାସାଉ କ୍ରିକେଟ ଷ୍ଟାଡିୟମର ଅନତି ଦୂରରେ ଏକ ପଞ୍ଚ ତାରକା ହୋଟେଲରେ ଅବସ୍ଥାନ କରିଛି। ନାସାଉ ଷ୍ଟାଡିୟମରେ ୩ଟି ଅଭ୍ୟାସ ମ୍ୟାଚ୍ ସହ ବିଶ୍ୱକପ୍‌ର ମଧ୍ୟ କୋଟୋଟି ମ୍ୟାଚ୍ ଆୟୋଜନ ହେବ।

ପହିଲାରେ ବାଂଲାଦେଶ ବିପକ୍ଷ ଅଭ୍ୟାସ ମ୍ୟାଚ୍



ଆମେ ଏପର୍ଯ୍ୟନ୍ତ ଏଠାରେ କ୍ରିକେଟ ଖେଳିନାହୁଁ। ଦଳୀୟ କାର୍ଯ୍ୟକ୍ରମ ପାଇଁ ଆସିଛୁ। ପାଗ ଭଲ ଅଛି ଓ ଆଗକୁ ସବୁକିଛି ଭଲ ରହିବ। ନ୍ୟୁୟର୍କକୁ ଆସି ଆମେ ବେଶ୍ ଉତ୍ସାହିତ ରହିଛୁ ବୋଲି ପାଣ୍ଡ୍ୟା କହିଛନ୍ତି। ପ୍ରଥମଥର ପାଇଁ ନ୍ୟୁୟର୍କରେ କ୍ରିକେଟ୍ ଖେଳିବାକୁ ଯାଉଛୁ। ତେଣୁ ଆମେ ସମସ୍ତେ ବେଶ୍ ଉତ୍ସାହିତ ଅଛୁ ବୋଲି ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା କହିଛନ୍ତି। ଏଠାରେ କ୍ରିକେଟର ଲୋକପ୍ରିୟତା ବଢ଼ିବାରେ ଲାଗିଛି ବୋଲି ଶୁଣିବାକୁ ପାଇଛୁ। ତେଣୁ ବିଶ୍ୱକପରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସୂର୍ଯ୍ୟକୁମାର କହିଛନ୍ତି।

### ଆୟର୍ଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ ଭାରତ

ଟି-୨୦ ବିଶ୍ୱକପ୍‌ରେ ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ନ୍ୟୁୟର୍କ ନାସାଉ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। କିନ୍ତୁ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଆମେରିକା ଓ କାନାଡା ପରସ୍ପରକୁ ଭେଟିବେ। ଜୁନ୍ ୯ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନକୁ, ୧୨ରେ ଆମେରିକାକୁ ଓ ୧୫ରେ କାନାଡାକୁ ଭେଟିବ। ପ୍ରଥମ ୩ଟି ମ୍ୟାଚ୍ ନ୍ୟୁୟର୍କରେ ଓ ଶେଷ ମ୍ୟାଚ୍ ଫ୍ଲୋରିଡାର ଲାଉଡରହିଲ୍‌ରେ ଆୟୋଜନ ହେବ।

## ଅଭ୍ୟାସ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ

**ପୋର୍ଟ ଅଫ୍ ସ୍ପେନ୍,୨୯ ।୫(ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଅଭ୍ୟାସ ମ୍ୟାଚ୍‌ରେ ବୁଧବାର ଅଷ୍ଟ୍ରେଲିଆ ୧୦ ଓଭର ବାକିଥାଇ ୭ ୱିକେଟରେ ନାମିବ୍ୟାକୁ ପରାସ୍ତ କରିଛି। ସେହିପରି ଖରାପ୍ ପାଗ କାରଣରୁ ବାଂଲାଦେଶ ଓ ଆୟୋଜକ ଆମେରିକା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ ହୋଇଛି। ଟସ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନାମିବ୍ୟା ୯ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ୧୦ ଓଭରରେ ୩ ୱିକେଟ ହରାଇ ୧୨୩ ରନକରି ବିଜୟୀ ହୋଇଥିଲା। ମାତ୍ର ୨୧ ବଲରୁ ୬ ଚୌକା ଓ ୩ ଛକା ସହ ୫୪ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଅଭିଜ୍ଞ ଅଷ୍ଟ୍ରେଲିଆ ଓପନ୍ ଡେଭିଡ୍ ୱାର୍ଣ୍ଣର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ମିଚେଲ ମାର୍ଶ ୧୮, ଜୋଶ ଇଂଲିଶ ୫, ଟିମ୍ ଡେଭିଡ୍ ୨୩ ରନକରି ଆଉଟ ହୋଇଥିବା ବେଳେ ୱିକେଟରକ୍ଷକ ବ୍ୟାଟର ମାଥ୍ୟୁ ୱେଡ୍ ୧୨ ରନକରି ଅପରାଜିତ ରହିଥିଲେ। ନାମିବ୍ୟା ତରଫରୁ ସ୍ପିନର ବର୍ଣ୍ଣାଡ୍ ମାର୍ଟିନସ ସ୍କୁଲଜ୍ ୨ଟି ୱିକେଟ ନେଇଥିଲେ। ନାମିବ୍ୟା ତରଫରୁ ଜେନ୍ ଗ୍ରୀନ୍ ୩୮, ମଲନ କ୍ରୁଗର ୧୮, ଅଧିନାୟକ ଗେରହାର୍ଡ ଏରାସମସ ୧୫, ନିକୋଲାସ ଡେଭିନ୍ ୧୪, ଜେପି କୋଜ୍ ୧୩, ଡେଭିଡ୍ ୱାଇଜ ୧୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ସ୍ପିନର ଆଡାମ ଜାମ୍ପା ୩, ଜୋଶ ହାଜେଲଉଡ ୨, ନାଥନ ଏଲିସ ଓ ଟିମ୍ ଡେଭିଡ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ଫିଲ୍ଡିଂ କଲେ ମୁଖ୍ୟ ଚୟନକର୍ତ୍ତା, ପ୍ରଶିକ୍ଷକ

୯ ଜଣ ଖେଳାଳିଙ୍କୁ ନେଇ ଅଷ୍ଟ୍ରେଲିଆ ପଡିଆକୁ ଓହ୍ଲାଇଥିଲା। ଫଳରେ ଅଷ୍ଟ୍ରେଲିଆ ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲି ଓ ପ୍ରଶିକ୍ଷକ ଆନ୍ଦ୍ରେ ବୋରୋଭେକ୍‌ଙ୍କୁ ଫିଲ୍ଡିଂ କରିବାକୁ ପଡିଥିଲା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିଥିବା ୬ ବିଶ୍ୱକପ୍ ସଦସ୍ୟ ଏପର୍ଯ୍ୟନ୍ତ ଦଳରେ ଯୋଗ ଦେଇ ନାହାନ୍ତି। ସେମାନଙ୍କୁ ଦଳକୁ ଫେରିବାକୁ କିଛି ସମୟ ଦିଆଯାଇଛି। ଏହି ୬ ଖେଳାଳିମାନେ ହେଲେ ପ୍ୟାଟ କମିନ୍ସ, ଟ୍ରାଭିସ ହେଡ, ମାର୍କସ ଷ୍ଟୋଇନିସ୍, ମିଚେଲ ଷ୍ଟାର୍କ, ଗ୍ଲେନ୍ ମ୍ୟାକ୍ସୱେଲ ଓ କାମେରନ ଗ୍ରୀନ୍।

NIIS Group Celebrating Silver Jubilee Year 2024
ADMISSION GUIDANCE
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching & +2 Commerce Including CA / CS / CMA / MGMT
(Residential, Teaching & Coaching)
NIIS INSTITUTE OF ENGINEERING & TECHNOLOGY
(Approved by AICTE, Affiliated to BPUT & SCTE&VT, Govt. of Odisha)
B.Tech (Civil, Mech., EE, EEE, ECE, CSE)
Diploma Engg. (Civil, Mechanical, Electrical)
Campus-I: Sarada Vihar, Madanpur, Bhubaneswar - 752054
Campus-II: Chhatabar, Bhubaneswar - 752054
Contact: 9778899991, 9778899990

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA